

ଭାରତ ଆସିବେ ମେସି
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 5 | ଭାଗ ୩୩ | ସଂଖ୍ୟା ୫ | Bhubaneswar | Thursday 27 March 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୭ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି



କଟକ,୨୬।୩(ସଂଚାର ବ୍ୟୁରୋ): ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ହରୀଶ ଟଣ୍ଡନ। ଆଜି କଟକସ୍ଥିତ ହାଇକୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଜଷ୍ଟିସ ଟଣ୍ଡନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶପଥ ପାଠ କରାଇଛନ୍ତି।। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ କେଏସ ଜାଭେରୀ, ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ପୁଲିସ ମହାନିର୍ଦ୍ଦେଶକ, କଟକ ଡିସିପି, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ବାର ଆସୋସିଏସନ କର୍ମକର୍ତ୍ତା ଓ ରାଜ୍ୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜଷ୍ଟିସ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ କଲେଜିୟମ ଗତ ୬ ତାରିଖରେ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରିଥିଲେ। କେନ୍ଦ୍ର ସରକାରଙ୍କ ସହମତି ପରେ ରାଷ୍ଟ୍ରପତି ଏହି ନିଯୁକ୍ତି ପ୍ରଦାନ କରିଥିଲେ। ଏହା ପୂର୍ବରୁ କଲିକତା ହାଇକୋର୍ଟରେ ବରିଷ୍ଠ ବିଚାରପତି ଦାୟିତ୍ୱରେ ଥିଲେ ଜଷ୍ଟିସ ଟଣ୍ଡନ। ଗତ ଜାନୁଆରୀ ୧୯ରୁ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓଡ଼ିଶା ହାଇକୋର୍ଟରୁ ଅବସର ଗ୍ରହଣ କରିବା ପରେ ଏହି ପଦବୀଟି ଖାଲି ପଡ଼ିଥିଲା। ସେବେଠାରୁ ଜଷ୍ଟିସ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଆସୁଥିଲେ।

୧୯୬୪ ନଭେମ୍ବର ୧୬ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ଟଣ୍ଡନ ୧୯୮୩ରେ କଲିକତା ବିଶ୍ୱବିଦ୍ୟାଳୟରୁ ➢ପୃଷ୍ଠା-୬

### ବିଧାନସଭାରେ ନିଲମ୍ବନ ଧାରା ଜାରି,ବାହାରେ ଗର୍ଜିଲା କଂଗ୍ରେସ

# ୧୨ରେ ଯୋଡ଼ିହେଲେ ଦୁଇ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ସମସ୍ତ ସଦସ୍ୟ ବିଧାନସଭାରୁ ୭ଟି କାର୍ଯ୍ୟଦିବସ ପାଇଁ ବିଦା ହୋଇଛନ୍ତି। ଗତକାଲି ୧୨ ଜଣ ସଦସ୍ୟଙ୍କୁ ବାଚସ୍ପତି ସୁରମା ପାଢ଼ୀ ଗୃହରୁ ନିଲମ୍ବନ କରିଥିବା ବେଳେ ଆଜି ଆଉ ଦୁଇ ସଦସ୍ୟ ତାରା ପ୍ରସାଦ ବାହିନୀପତି ଓ ରମେଶ ଜେନା ଏହି ତାଲିକାରେ ଯୋଡ଼ି ହୋଇଛନ୍ତି। ଫଳରେ କଂଗ୍ରେସର ସମସ୍ତ ସଦସ୍ୟ ଚଳିତ ବଜେଟ୍ ଅଧିବେଶନରେ ଅଂଶଗ୍ରହଣ କରିବା ଆଶା କ୍ଷୀଣ। ଏଥିସହ ବିଧାନସଭା ଇତିହାସରେ ଏକ ଅଲୋଡ଼ା ଅଧ୍ୟାୟ ଯୋଡ଼ି ହୋଇଛି। ଦଳର ସବୁ ବିଧାୟକ ନିଲମ୍ବିତ ହୋଇଥିବାରୁ ବିଧାନସଭା କଂଗ୍ରେସ ବିଧାୟକଶୂନ୍ୟ ହୋଇଛି। ଆସନ୍ତା ୬ଟି କାର୍ଯ୍ୟଦିବସରେ ବିଧାନସଭା ଭିତରେ କୌଣସି କଂଗ୍ରେସ ବିଧାୟକଙ୍କୁ ଦଳର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ ନାହିଁ।

ଅନ୍ୟପକ୍ଷରେ ଗତକାଲି ନିଲମ୍ବିତ ହୋଇଥିବା ୧୨ ଜଣ ବିଧାୟକ ରାତିରେ ଗୃହରେ ଧାରଣା ଦେଇଥିଲେ। ସେମାନଙ୍କୁ ମାର୍ଶଲ୍ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ହଟିବାକୁ ନିବେଦନ କରିଥିଲେ ମଧ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କିନ୍ତୁ ସେମାନଙ୍କୁ ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ମାର୍ଶଲ୍‌ମାନେ ଏକ ଗାଡ଼ିରେ ବିଧାନସଭା ବାହାରେ ଛାଡ଼ିଥିଲେ। ସେମାନେ ନିଲମ୍ବନ ଯୋଗୁଁ ଆଜି ଆଉ ଗୃହକୁ ଆସିପାରି ନଥିଲେ ହେଁ ଅନ୍ୟ ଦୁଇ ଦଳୀୟ ବିଧାୟକ ଶ୍ରୀ ବାହିନୀପତି ଓ ଶ୍ରୀ ଜେନା ଗୃହରେ ପୂର୍ବପରି ଘଣ୍ଟମାଡ଼ କରିଥିଲେ। ସେମାନଙ୍କୁ ବାଚସ୍ପତି ବାରଣ କରିଥିଲେ ମଧ ଉଭୟ ବିଧାୟକ ଏଥିପ୍ରତି ସାମାନ୍ୟତମ କର୍ଣ୍ଣପାତ କରିନଥିଲେ। ସେମାନେ ଘଣ୍ଟମାଡ଼ ଜାରି ରଖିବା ଫଳରେ ଶେଷରେ ବାଧ ହୋଇ ବାଚସ୍ପତି ସେମାନଙ୍କୁ ବି ସପ୍ତାହକ ପାଇଁ ନିଲମ୍ବନ କରିଥିଲେ। ଏଥିସହ ଚଳିତ ବଜେଟ୍ ଅଧିବେଶନରେ ତାରା ଦ୍ୱିତୀୟ ଥର ପାଇଁ ନିଲମ୍ବିତ ହୋଇଛନ୍ତି।

**ରାତିରେ ବିଧାୟକମାନଙ୍କୁ ମାଡ଼ ମରାଯାଇଛି: ତାରା**



ତେବେ ବିଧାୟକମାନଙ୍କୁ ବାହାରେ ଛଡ଼ାଯିବା ପରେ ବିଧାୟକ ଶ୍ରୀ ବାହିନୀପତି ତାଙ୍କୁ ଲବିରେ ମାଡ଼ ମରାଯିବା ସହ ତାଙ୍କ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ। ଏନେଇ ସେ ଥାନାରେ ଏଫ୍‌ଆଇଆର୍ ଦେବେ ବୋଲି ବିଧାନସଭା ବାହାରେ ଗଣମାଧମ ପ୍ରତିନିଧିମାନଙ୍କୁ ତାଙ୍କ ପ୍ରତିକ୍ରିୟା ଦେବା ସମୟରେ କହିଛନ୍ତି। ସେ ସରକାରଙ୍କ ଉପରେ ବର୍ଷିବା ସହ କହିଛନ୍ତି ଯେ ବିଧାନସଭା ଗେଟ୍‌ରେ ୩ଟି ତାଲା ପଡ଼ିଛି। ସରକାର କଂଗ୍ରେସ ବିଧାୟକମାନଙ୍କୁ ଅତି ହୀନ ଦୃଷ୍ଟିରେ ଦେଖୁଛନ୍ତି। ବିଜେପି ସରକାର ବିଧାୟକମାନଙ୍କୁ ମାଡ଼ ମାରିବାକୁ ବି ପଛାଉନାହାଁନ୍ତି। ଦଳର ପୂର୍ବତନ ବିଧାୟକଙ୍କୁ ବି ବିଧାନସଭା ଭିତରେ ➢ପୃଷ୍ଠା-୬

### ଆଲୋଚନାକୁ ଆସୁ କଂଗ୍ରେସ: ମୁଖ୍ୟମନ୍ତ୍ରୀ



ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୯ ମାସ ଭିତରେ ଅହେତୁକ ଭାବେ ମହିଳାଙ୍କ ପ୍ରତି ନିର୍ଯାତନା ମାମଲା ବଢ଼ିଛି ବୋଲି ଅଭିଯୋଗ କରି କଂଗ୍ରେସ ଚଳିତ ବିଧାନସଭାର ବଜେଟ୍ ଅଧିବେଶନରେ ଗୃହ କମିଟି ଗଠନ ନେଇ ଅଡ଼ି ବସିବା ଫଳରେ ଶେଷରେ ୧୪ ଜଣଯାକ ବିଧାୟକ ନିଲମ୍ବିତ ହୋଇଛନ୍ତି। ତେବେ କଂଗ୍ରେସର ଏପରି ଆଚରଣ ନେଇ ଦଳ ଉପରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ପ୍ରସଙ୍ଗରେ ଆଜି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ କଂଗ୍ରେସ ଆଲୋଚନାକୁ ଆସିବା ଉଚିତ। ଦଳ ବିଧାନସଭାରେ ଯେପରି ଆଚରଣ କରିଛି, ତାହା ➢ପୃଷ୍ଠା-୬

## କାହିଁକି କାର୍ଯ୍ୟାନୁଷ୍ଠାନ, ସ୍ପଷ୍ଟ କଲେ ବାଚସ୍ପତି



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଗୃହରେ ବିଶୃଙ୍ଖଳା, ଗୃହ କାର୍ଯ୍ୟରେ ବାଧା ଦେଇ କଂଗ୍ରେସର ୧୨ ସାଂସଦ ମଙ୍ଗଳବାର ନିଲମ୍ବିତ ହୋଇଥିଲେ। ଆଉ ନିଲମ୍ବନ ପରେ କଂଗ୍ରେସର ହାଇଡ୍ରାମା ସାରା ରାଜ୍ୟ ଦେଖିଲା। ତଥାପି ବୁଧବାର ଚାଲି ପାରିଲାନି ବିଧାନସଭା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କଲେ। ଶେଷରେ ଗତକାଲିର ଘଟଣା ନେଇ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାରେ ବିବୃତି ରଖିଛନ୍ତି। ଗୃହରେ ବିବୃତି ରଖି ବାଚସ୍ପତି କହିଛନ୍ତି ଯେ ୭ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭରୁ ବିରୋଧୀ ସଦସ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ କରୁଥିଲେ। ପ୍ଲାକାର୍ଡ, ପୋଷ୍ଟର, ବ୍ୟାନର ଧରି ପ୍ରତିବାଦ କରୁଥିଲେ। ମାର୍ଚ୍ଚ ୨୦ରୁ କଳା ବ୍ୟାଜ୍, କଳା ପୋଷାକ ପରିଧାନ କରି ହ୍ୱିସିଲ୍, ତୁରୀ, ଘଣ୍ଟ, ବଂଶୀ ବଜାଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ମୋଟ ୧୨ଟି କାର୍ଯ୍ୟ ଦିବସରୁ ୨ଟି କାର୍ଯ୍ୟ ଦିବସରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିଲା।

୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସମୟରୁ ୩୯ ଘଣ୍ଟା ୨ ମିନିଟ୍ ଗୃହ କାର୍ଯ୍ୟ ଚାଲି ପାରିନଥିଲା। ସେଥିପାଇଁ ମାର୍ଚ୍ଚ ୧୦ ,୧୩,୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ➢ପୃଷ୍ଠା-୬

## କଂଗ୍ରେସ ଆଚରଣରୁ ଷଡ଼ଯନ୍ତ୍ର ଦୁର୍ଗନ୍ଧ



ଦିଲ୍ଲୀରୁ ନିର୍ଦ୍ଦେଶ ଆସିଥିବା କହିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଦୁଇ ଦିନରେ ୧୪ ଜଣଯାକ କଂଗ୍ରେସ ବିଧାୟକଙ୍କୁ ବାଚସ୍ପତି ବିଧାନସଭାରୁ ସପ୍ତାହକ ପାଇଁ ନିଲମ୍ବନ କରିବା ଘଟଣା ଦିନକୁ ଦିନ ଜଟିଳ ରୂପ ନେଉଛି। ଆଜି ଦିନତମାମ୍ ରାଜଧାନୀ ରାଜରାସ୍ତାରେ କଂଗ୍ରେସ ପକ୍ଷରୁ ବିରୋଧ କରାଯିବା ସହ ନିଲମ୍ବିତ ବିଧାୟକମାନେ ମଧ ଧାରଣା ଦେଇଥିଲେ। ତେଣୁ ବିଧାନସଭାରୁ କଂଗ୍ରେସର ବିଧାୟକଙ୍କୁ ନିଲମ୍ବନ ଘଟଣା ନେଇ ରାଜନୈତିକ ଉଷ୍ମତା କ୍ରମଶଃ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଂଗ୍ରେସ ବିଧାୟକଙ୍କ ଆଚରଣ କୌଣସି ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଛନ୍ତି। ଏପରିକି ସେ କହିଛନ୍ତି ଯେ ବିଧାନସଭା ଅଚଳ କରିଦେବା ସକାଶେ କଂଗ୍ରେସ ବିଧାୟକମାନଙ୍କୁ ଦିଲ୍ଲୀରୁ ନିର୍ଦ୍ଦେଶ ଆସିଛି। ତେଣୁ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପାଳି ରାଜ୍ୟ କଂଗ୍ରେସର ବିଧାୟକମାନେ ଗୃହ କାର୍ଯ୍ୟରେ ବ୍ୟାପକ ବିଭ୍ରାଟ ସୃଷ୍ଟି କରୁଥିବା ଆଇନ ମନ୍ତ୍ରୀ କହିଛନ୍ତି।

ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କଂଗ୍ରେସ ବିଧାୟକଙ୍କ ଆକ୍ରମଣ ଅଭିଯୋଗର ଜବାବ ରଖି କହିଛନ୍ତି ଯେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ହାଇଡ୍ରାମା ଚାଲିଛି। ମାର୍ଚ୍ଚ ୭ରୁ ୧୩ ଦିନ ହେଲାଣି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକମାନେ ସେମାନଙ୍କ ଉପରେ ଆକ୍ରମଣ ହେଉଛି ବୋଲି ଯେଉଁ ଅଭିଯୋଗ କରିଛନ୍ତି, ତାହା କପୋଳକଳ୍ପିତ। କାରଣ ବିଧାନସଭାରେ ଯାହା ଘଟୁଛି, ସବୁକିଛିର ପ୍ରମାଣ ମହଜୁଦ ରହିଛି। ତେଣୁ କଂଗ୍ରେସ ବିଧାୟକମାନେ ମନଗଢ଼ା କଥା ନ କହି ସେମାନଙ୍କ ଉପରେ ଯଦି ଆକ୍ରମଣ ହୋଇଛି, ତା’ହେଲେ ସେମାନେ ପ୍ରମାଣ ଦିଅନ୍ତୁ ବୋଲି ଆଇନ୍ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଗୃହ ଚଳାଇ ନ ଦେବାକୁ ଦିଲ୍ଲୀରୁ ନିର୍ଦ୍ଦେଶ ଆସିଛି। ଦଳର ଅସ୍ତିତ୍ୱ ବିପଦରେ ପଡ଼ିଥିବାରୁ ଶେଷ ରାସ୍ତା ଭାବେ କଂଗ୍ରେସ ଏପରି ବିଶୃଙ୍ଖଳିତ ରାସ୍ତାକୁ ବାଛିଛି। କିନ୍ତୁ ରାଜ୍ୟବାସୀ ସବୁକିଛି ➢ପୃଷ୍ଠା-୬

## ଉତ୍କଳ ଦିବସ ଏବେ ‘ଓଡ଼ିଶା ଦିବସ’

### ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଉତ୍ସବ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଆସନ୍ତା ୧ ତାରିଖରେ ଉତ୍କଳ ଦିବସ ପାଳନ ହେବାକୁ ଯାଉଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାର ଏହି ଦିବସର ନାମ ପରିବର୍ତ୍ତନ କରିଛନ୍ତି। ଏଣିକି ଉତ୍କଳ ଦିବସ ‘ଓଡ଼ିଶା ଦିବସ’ ଭାବେ ପାଳିତ ହେବ ବୋଲି ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଲେଖାଯାଇଥିବା ଏକ ଚିଠିରେ ଦର୍ଶାଯାଇଛି। ଚିଠିରେ ‘ଉତ୍କଳ ଦିବସ’ ପରିବର୍ତ୍ତେ ‘ଓଡ଼ିଶା ଦିବସ’ ଲେଖାଯାଇଛି। ଏଥିସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି ସତ୍ୟଭାମାପୁରରେ ଏପ୍ରିଲ ୧ରେ ପାଳନ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍ସବ। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେବେ। ଏହାଛଡ଼ା ବିଧାନସଭାରେ ବି ଓଡ଼ିଶା ଦିବସ ପାଳିତ ହେବ, ଯେଉଁଥିରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

### ମହାଦେବ ଆପ୍ ମାମଲା

## ବଘେଲଙ୍କ ଘରେ ସିବିଆଇ ଚଢ଼ାଉ



ରାୟପୁର୨୬।୩(ସଂଚାର ବ୍ୟୁରୋ): ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ଘରେ ଆଜି ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ସିବିଆଇ ଟିମ୍ ଭୂପେଶଙ୍କ ରାୟପୁରସ୍ଥିତ ବାସଭବନ ଓ ଭିଲାଇସ୍ଥିତ ଘରେ ଏକକାଳୀନ ଚଢ଼ାଉ କରିଥିବା ଜଣାପଡ଼ିଛି। ଏହାଛଡ଼ା ଜଣେ ବରିଷ୍ଠ ପୁଲିସ ଅଧିକାରୀ ଓ ବଘେଲ୍‌ଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ମଧ ସିବିଆଇ ଯାଞ୍ଚ କରୁଥିବା ସୂଚନା ମିଳିଛି। କିଛି ଦିନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଘେଲଙ୍କ ଘରେ ଚଢ଼ାଉ କରାଯାଇଥିଲା। ମଦ ଦୁର୍ନୀତି ମାମଲାରେ ଇଡି ପକ୍ଷରୁ ବଘେଲଙ୍କ ଘରେ ଖୋଳତାଡ଼ କରାଯାଇଥିବା ବେଳେ ଆଜି ସିବିଆଇ ଚଢ଼ାଉ କରିଛି।

ମିଳିଥିବା ସୂଚନାନୁସାରେ, ମହାଦେବ ଅନଲାଇନ ବେଟିଂ ଆପ୍ ଦୁର୍ନୀତି ମାମଲାରେ ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉନେଇ ବଘେଲଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ କୁହାଯାଇଛି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବଘେଲ ଆଜି ନୂଆଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ଥିଲା। ଆସନ୍ତା ୮ ଓ ୯ ତାରିଖରେ ଗୁଜରାଟର ଅହମ୍ମଦାବାଦରେ ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି) ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ଦିଲ୍ଲୀରେ ଡ୍ରାଫଟିଂ କମିଟି ବୈଠକ ବସିବାକୁ ଥିବା ବେଳେ ➢ପୃଷ୍ଠା-୬

### ବିଦ୍ୟୁତ୍ ବିଭାଗ ଗାଡ଼ିକୁ ଚାପିଦେଲା ହାଇୱା

## ୩ କର୍ମଚାରୀ ମୃତ, ତିନି ଗୁରୁତର



ସୋନପୁର,୨୬।୩(ସଂଚାର ବ୍ୟୁରୋ): ସୋନପୁର-ସମ୍ବଲପୁର ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଛି। ମାଟୁପାଲି ନିକଟରେ ଏହି ଭୟାବହ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ ଜଣ ଗୁରୁତର ଭାବେ ଆହତ ମଧ ହୋଇଛନ୍ତି। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବୋଲେରୋଟି ବିଦ୍ୟୁତ୍ ବିଭାଗର ହୋଇଥିବା ବେଳେ ମୃତକଙ୍କ ମଧରେ ଡ୍ରାଇଭର୍ ମଧ ସାମିଲ୍ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆହତମାନଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁସାରେ, ଆଜି ସନ୍ଧ୍ୟାରେ ଉଲୁଣ୍ଡା ଥାନାଞ୍ଚଳ ଅନ୍ତର୍ଗତ ମାଟୁପାଲୀ ଛକ ନିକଟରେ ସୋନପୁର-ସମ୍ବଲପୁର ରାସ୍ତାରେ ➢ପୃଷ୍ଠା-୬

### ଗୃହ ବିଭାଗ ବଜେଟ୍ ଉପସ୍ଥାପିତ

## ମାଓବାଦୀଙ୍କ ବିରୋଧରେ ମିଳିଛି ଅପୂର୍ବ ସଫଳତା

ଭୁବନେଶ୍ୱର, ୨୬।୩ (ସଂଚାର ବ୍ୟୁରୋ): ବିଧାନସଭାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଛି। ବିଭିନ୍ନ ସମ୍ପ୍ରଦାୟ ମଧରେ ସାମ୍ପ୍ରଦାୟିକ ସଦଭାବ ବଜାୟ ରହିଛି। ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୁଲିସର ଆଗୁଆ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ରାଜ୍ୟରେ କୌଣସି ବଡ଼ ଧରଣର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନାହିଁ। ସେହିପରି ରାଜ୍ୟରେ ଅପରାଧ ନିରାକରଣ, ସାଇବର ଅପରାଧ ନିୟନ୍ତ୍ରଣ, ଅପରାଧ ଅନୁସନ୍ଧାନ କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗୀକରଣ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାର ଆଧୁନିକୀକରଣ, ଅପରାଧ ଅନୁଶୀଳନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ, ➢ପୃଷ୍ଠା-୬

**ବାଲି ଚାଲାଣ ନେଇ ୧୨୫୨ ମାମଲା**

## ମଧ୍ୟାହ୍ନଭୋଜନରେ ମିଳିବ ଚାଉଳ ଲଡୁ

ଭୁବନେଶ୍ୱର,୨୬।୩ (ସଂଚାର ବ୍ୟୁରୋ): ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ପିଲାଙ୍କୁ ଦିଆଯିବ ପୋଷଣଯୁକ୍ତ ଚାଉଳ ଲଡୁ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହା ଖାଇବେ। ଆସନ୍ତା ୧ରୁ ସପ୍ତାହରେ ପ୍ରତି ପିଲାଙ୍କୁ ୩ଟି ଲେଖାଏଁ ଲଡୁ ଦିଆଯିବ ବୋଲି ➢ପୃଷ୍ଠା-୬

SIKSHA ‘O’ ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ବାଜି ମାରିନେଲା କଂଗ୍ରେସ, ବିଜେଡି ଜଳକା

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଓଡିଶା ବିଧାନସଭାରେ ଯେଉଁ ରାଜନୈତିକ ଡ୍ରାମା ଚାଲିଛି, ସେଥିରେ କିଏ ସମ୍ବିଧାନ ଉଲ୍ଲଙ୍ଘନ କରୁଛି, କିଏ ଗଣତନ୍ତ୍ରର ସୁରକ୍ଷା କରୁଛି ତାହା ନିଶ୍ଚିତ ବିବାଦୀୟ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ବିଧାନସଭାର ଏହି ନାଟକରେ କଂଗ୍ରେସ ବାଜି ମାରିନେଇଛି। ଆଉ ବିଜେଡି ଜଳକା ହେଇ ଅନେଇଛି।

ଗତକାଲି କଂଗ୍ରେସ ବିଧାୟକଙ୍କ ଉପରେ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନ

**ପ୍ରକୃତ ବିରୋଧୀ ଦଳ କିଏ?**

ପ୍ରତିବାଦରେ ସବୁ ଦଳୀୟ ନେତା ଏକ ହୋଇ ପୂରା ଗଣମାଧମର ଧ୍ୟାନ ଆକର୍ଷଣ କରିଥିଲେ। ମିଡିଆ ଲାଇଭ ସହ ଆଜି ସବୁ ପ୍ରିଣ୍ଟ ମିଡିଆରେ କଂଗ୍ରେସ ଛାଇ ହୋଇରହିଛି।




ଏପରିକି ଆଜି ମଧ କଂଗ୍ରେସର ଆନ୍ଦୋଳନ ଦେଖି ବିଜେଡି ନେତାଙ୍କ ଅକଲ ଗୁଡୁମ ହୋଇଯାଇଛି। ବୁଦ୍ଧି ହଜିଗଲା ପରେ ଏବେ ବିଜେଡି ନେତାଙ୍କ କଥାରେ ତାଳମେଳ ମଧ ରହୁନି। ବିଧାନସଭାରେ କଂଗ୍ରେସ ସପକ୍ଷରେ କହିବେ କି ବିରୋଧରେ ଯିବେ, ସେନେଇ ବୁଦ୍ଧିବାଟ ଦିଶୁନି। ବରିଷ୍ଠ ନେତା ଅରୁଣ ସାହୁ କହୁଛନ୍ତି କଂଗ୍ରେସ ଯାହା କରୁଛି ତାହା ସରକାରୀ ଦଳକୁ ସୁହାଉଛି। କିନ୍ତୁ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁସାରେ, ବିଜେଡି ବିରୋଧୀ ଦଳର ଭୂମିକା ତୁଲାଇପାରୁନି। ଯେଉଁଥିପାଇଁ କଂଗ୍ରେସ ମାଇଲେଜ ନେଉଛି। ଭୋକରେ ତାଟିଆ କାମୁଡ଼ିବା ଭଳି ବିଜେଡି କଂଗ୍ରେସ ରଣନୀତିକୁ ଭୁଲ ଦର୍ଶାଉଛି। ସେପଟେ ବିରୋଧୀ ଦଳ ଉପନେତା ଆଉ ମୁଖ୍ୟ ସଚେତକ କଂଗ୍ରେସ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଗୃହରେ ସମାଲୋଚନା କରିଛନ୍ତି। ହେଲେ ଗତକାଲି ବିଧାନସଭାରେ ଯାହା ହେଲା ତାକୁ ଦେଖିଲେ ଆଜି ଗୃହ ଚାଲିବା ପରି ଲାଗୁନଥିଲା। ହେଲେ ➢ପୃଷ୍ଠା-୬

## ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ମହମବତୀ ଶୋଭାଯାତ୍ରା



**ରାଜକନିକା,୨୬।୩ (ସଂଚାର ବ୍ୟୁରୋ):** ଆଳିର ପୂର୍ବତନ ବିଧାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ଦକ୍ଷ କ୍ରୀଡା ସଙ୍ଗଠକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଆତ୍ମାର ସଦଗତି ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ତାରିଣୀ ଛକରୁ ଶତାଧିକ ଲୋକ ମହମବତୀ ଶୋଭାଯାତ୍ରାରେ ବାହାରି ଓଳାଭର ମାର୍କେଟ ପରିକ୍ରମା କରି ଓଳାଭର କାଳୀ ମନ୍ଦିର ନିକଟରେ ପହଁଛିଥିଲେ। ସେଠାରେ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପାର୍ଥନା କରାଯାଇଥିଲା। ସ୍ପଷ୍ଟବାଦୀ, ଗରିବ ଓ ଦୁଃଖୀଙ୍କର ନେତା ସ୍ୱର୍ଗତ ଶର୍ମା ଥିଲେ। ଅଞ୍ଚଳର ବିକାଶ ପାଇଁ ସେ ସବୁବେଳେ ଚିନ୍ତା କରୁଥିଲେ। ଏହି ମହମବତୀ ଶୋଭାଯାତ୍ରାରେ ଓଳାଭର ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ ।

## ନିମପୁର ମେଗା ରକ୍ତଦାନ ଶିବିରରେ ୧୭୨ ୟୁନିଟ ରକ୍ତ ସଂଗୃହୀତ



**ପଟ୍ଟାମୁଣ୍ଡାଇ,୨୬।୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଂଚାୟତ ନିମପୁର ଶାସନ ନୋଡାଲ ହାଇସ୍କୁଲ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାସନ ପଂଚାୟତ ନିମପୁର ଶାସନ ସତ୍ୟସାଇ ସେବା ସଂଗଠନ ଅନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କେନ୍ଦ୍ରାପଡା ସିଡିଏମଓ ଡାକ୍ତର ପ୍ରମୋଦ ପ୍ରହରାଜ ଉଦଘାଟନ କରିଥିଲେ। ଏହି ଶିବିରରେ ରାଜନଗର ମେଡିକାଲ ଅଫିସର ଡାକ୍ତର ରଶ୍ମି ରଂଜନ ମହାନ୍ତି, ପଟ୍ଟାମୁଣ୍ଡାଇ ମେଡିକାଲ ଅଫିସର ଡାକ୍ତର ନିରାକାର ପରିଡା, ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ କୁମାର ରାଉତ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ନିମପୁର ଶାସନ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ତପନ କୁମାର ରାୟ, ଗୋପବନ୍ଧୁ ନାୟକ, ସୁଷମା ମଲ୍ଲିକ, ବିଜୟ କୁମାର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ଦାସ, ନାରାୟଣ ଦାସ ପଂଚାନନ ଧଳ, ଶାସନ ସରପଂଚ ସଂଗ୍ରାମ କେଶରୀ ବାରିକ, ଡାମରପୁର ସରପଂଚ ପ୍ରତିନିଧି ବସନ୍ତ କୁମାର ନାଥ, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ବାସୁଦେବ ସେଠୀ, ଶଙ୍କରର୍ଷଣ ମହାନ୍ତି, ନାରାୟଣ ପ୍ରସାଦ ମହାନ୍ତି, ପ୍ରଶାନ୍ତ ପରିଡା, ରଂଜନ କୁମାର ରାଉତ, କେଶବ ଚନ୍ଦ୍ର ଭୂୟାଁ, ଶୁକଦେବ ଦାସ, ଭବାନୀ ଶଙ୍କର ଦାଶ ପ୍ରମୁଖ ରକ୍ତଦାନ ଶିବିରକୁ ସହଯୋଗ ଓ ପରିଚାଳନା କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରାପଡା ରେଡକ୍ରସ ପକ୍ଷରୁ ଏହି ଶିବିରରେ ୧୭୨ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା।

## ମା ଦରିଆ ରାମଚଣ୍ଡୀଙ୍କ ମେଳା,ପ୍ରସ୍ତୁତି ବୈଠକ



**ମହାକାଳପଡ଼ା,୨୬।୩ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ମା ଦରିଆ ରାମଚଣ୍ଡୀଙ୍କ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସରୋଜ କାନ୍ତ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଦିବଙ୍ଗତ ରାଜନେତା ସ୍ୱର୍ଗତଃ ଡ଼ ଦେବେନ୍ଦ୍ର ପ୍ରଧାନଙ୍କ ଦେହାନ୍ତରେ ଉପସ୍ଥିତ ଜନସାଧାରଣ ଓ ମୁରବୀ ମାନେ ଶୋକବ୍ୟକ୍ତ କରିବା ସହ ଦୁଇ ମିନିଟ ନିରବ ପର୍ଥନା କରିଥିଲେ। ଏହି ମେଳାକୁ ସରସ ସୁନ୍ଦର କରିବା ସହ ଶାନ୍ତିଶୃଙ୍ଖଳା ସହିତ ମେଳା କୁ ସମାପନ କରିବାକୁ ପ୍ରଶାସନକୁ ସହଯୋଗ କରିବାକୁ ଉପସ୍ଥିତ ନେତୃମଣ୍ଡଳୀ ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ ଚୌଧୁରୀ, ପ୍ରଶାନ୍ତ ସେଠୀ, ତରୁଣ କାନ୍ତି କାଞ୍ଜିଲାଲ, ଜିବନାନନ୍ଦ ସାହୁ, ହଳଧର ସ୍ୱାଇଁ, ହିରଣ୍ୟ ମହାପାତ୍ର, ପ୍ରଦୀପ ବେହେରା, ତ୍ରିଲୋଚନ ରାଉତ, ରବୀନ୍ଦ୍ର ରକ୍ଷିତ, ହିମାଂଶୁ ପ୍ରଧାନ, ମିଳନ ଦେବନାଥ, ପ୍ରସନ୍ନ ସାହୁ, କୁମର କାନ୍ତ ମହାନ୍ତି, ଚନ୍ଦ୍ର କାନ୍ତ ସ୍ୱାଇଁ, ବାରେଣି ଭୂୟାଁ, ଅଭିରାମ ପରିଡ଼ା, ଅଶୋକ ପରିଡ଼ା, ସଞ୍ଜୟ ଦଳାଇ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜୟଦେବ ମଣ୍ଡଳ, ପବିତ୍ର ମୋହନ ଅଧିକାରୀ, ସରୋଜ କାନ୍ତ ସ୍ୱାଇଁ, ସୁକାନ୍ତ ଦାସ, ଧନୁର୍ଜୟ ମିର୍ଦ୍ଧା, ଭବେନ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗରଦପୁର ଅଞ୍ଚଳରେ ନିୟୋଜିତ ଶିଶୁ ଶ୍ରମିକ

# ବେଆଇନ୍ ଇଟାଭାଟିରେ ଅତିଷ୍ଠ ଜନସାଧାରଣ

**କେନ୍ଦ୍ରାପଡା, ୨୬।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଇଟାଭାଟି ଚାଲିଛି। ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏନ୍‌ଜିଟିର ନିର୍ଦ୍ଦେଶନାମା ପାଳନ ହେଉନି। କିଛି ନିର୍ଦ୍ଦିଷ୍ଟ ଇଟା ଭାଟି କୁ ଛାଡ଼ିଲେ ଅଧିକାଂଶ ନାଲି ଇଟା ଭାଟି ଉପରେ ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ରାଜସ୍ୱ ହାନୀ ସହ ପରିବେଶ ପ୍ରଦୂଷିତ ହେଉଛି। ଏପରିକି ଜିଲ୍ଲାର ବିଭିନ୍ନ ନଦୀ ପଠାରେ ମଧ୍ୟ ଇଟାଭାଟି କରାଯାଉଛି। ଭାଟି ମାଲିକମାନେ ମନଇଛା ଦରରେ ଇଟା ଲୋକଙ୍କୁ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର, ମାର୍ଶାଘାଇ, ମହାକାଳପଡା, ଡେରାବିଶ, ପଟ୍ଟାମୁଣ୍ଡାଇ ସମେତ ବିଭିନ୍ନ ତହସିଲ ଅଞ୍ଚଳରେ ଏପରି ବେଆଇନ୍ ଭାବେ ଇଟାଭାଟି ଚାଲିଛି। ଏପରିକି ବାହାର ଜିଲ୍ଲାର ଶ୍ରମିକମାନଙ୍କୁ ଦଲାଲମାନଙ୍କ ଜରିଆରେ ଆଣିବା ସହ ଉକ୍ତ ଇଟାଭାଟିରେ ମଧ୍ୟ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ କହିବା ମୁତାବକ ମଜୁରି ମଧ୍ୟ ଶ୍ରମିକମାନଙ୍କୁ ମିଳୁ ନ ଥିବା ଘଟଣା ଦୃଷ୍ଟିକୁ ଆସୁଛି। ଗତ ସପ୍ତାହରେ ଗରଦପୁର ବ୍ଲକ ପାଟକୁରା, ଗରଦପୁର ଥିବା ଇଟାଭାଟି ଶ୍ରମିକମାନଙ୍କଠାରେ ଘଟିଥିବା ଘଟଣା ଏହାର ଉଦାହରଣ। ଆହୁରି ଜଣାଯାଇଛି ଇଟାଭାଟି ଗୁଡ଼ିକରେ ଅନ୍ୟ ଜିଲ୍ଲାର ଶ୍ରମିକମାନେ ନିଜ ପରିବାର ସଦସ୍ୟଙ୍କ ସହ ଆସି ଏଠାରେ କାମ କରୁଛନ୍ତି। ଏପରିକି ପରିବାରର ସଦସ୍ୟଙ୍କ ସହ ଶିଶୁମାନେ ମଧ୍ୟ ଇଟାଭାଟି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଫଳରେ ଶିଶୁମାନଙ୍କ ପାଠ ପଢ଼ା ଅଧାରୁ ବନ୍ଦ ହୋଇଯାଉଛି। ଗରଦପୁର, ମାର୍ଶାଘାଇ, ମହାକାଳପଡା, ଡେରାବିଶ, ପଟ୍ଟାମୁଣ୍ଡାଇ ସହ କେନ୍ଦ୍ରାପଡା ସହର ଉପକଣ୍ଠ ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ମଧ୍ୟ ଏପରି ବେଆଇନ ଭାବେ ଇଟାଭାଟି ଚାଲୁଥିବା ଜଣାପଡ଼ିଛି। ଅପର ପକ୍ଷରେ ଗରଦପୁର ବ୍ଲକ ପାଟକୁରା ନିକଟରେ ଥିବା ଇଟାଭାଟିରେ ନିୟୋଜିତ ଶ୍ରମିକ ପରିବାର ଲୋକଙ୍କ ସହ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିଥିବା ଦେଖାଯାଇଛି। ଏହି ସ୍ଥାନରେ ଗଢି ଉଠିଥିବା ବେଆଇନ୍ ଇଟାଭାଟି ପାଇଁ ଚିତ୍ରୋତ୍ପଳା ନଦୀ ବନ୍ଧକୁ ଜେଶିବି ମେସିନ୍ ଦ୍ୱାରା




ଇଟା ମାଫିଆ ମାନେ ତାଡି ଦେଇଥିବା ଦେଖିବାକୁ ମିଳିଛି। ଚାଲୁଥିବା ଏହି ବେଧଡ଼କ ଇଟା ଭାଟିରେ ଶିଶୁମାନଙ୍କୁ ଏଥିରେ ନିୟୋଜିତ କରୁଥିବା ନେଇ ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳ ଅବଗତ ହୋଇଛନ୍ତି। ଏହାପରେ ସବୁ ଇଟାଭାଟି ଗୁଡିକ ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉପଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋତନ୍ତ୍ର ଟିମ୍ ସହ ଖୁବ୍ ଶୀଘ୍ର ସମସ୍ତ ବେଆଇନ୍ ଇଟାଭାଟି ଉପରେ ଚଢ଼ାଉ ହେବା ଇଟା କୁ ନଷ୍ଟ କରାଯିବ ବୋଲି ଉପଜିଲ୍ଲାପାଳ ଅରୁଣ ନାୟକ ସଂଚାର କୁ ସୂଚନା ଦେଇଛନ୍ତି।

## ଚକ୍ରଧର ମେମୋରିଆଲ୍ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୨୬।୩ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନସ୍ଥ ଧଳପଡା କ୍ଲଷ୍ଟର ର ଚକ୍ରଧର ମେମୋରିଆଲ ସରକାରୀ ନୋଡାଲ ବିଦ୍ୟାଳୟ ପରିସର ରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ଙ୍କ ଅଧ୍ୟକ୍ଷକ୍ଷତାରେ ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମ ସମାପ୍ତ କରି ଉଚ୍ଚ



ବିଦ୍ୟାଳୟକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଏକ ବିଦାୟକାଳିନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବିଦାୟ କାଳୀନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ରାଉତ, ସମ୍ମାନିତ ଅତିଥିଭାବେ ଧଳପଡା କ୍ଲଷ୍ଟର ସାଧନ ସଂଯୋଜକ ନରେନ୍ଦ୍ରନାଥ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ସହକାରି ଶିକ୍ଷକ ନିମାଇ ଚରଣ ସାହୁ, ଶିକ୍ଷୟିତ୍ରୀ ନିରୁପମା ସାହୁ, ଜୟଶ୍ରୀ ଶତପଥୀ, ସସ୍ମିତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ଅଷ୍ଟମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୨୫ଜଣ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପ, ଚନ୍ଦନରେ ମଣ୍ଡିତ କରାଇ ବିଦାୟ ସମ୍ବର୍ଦ୍ଧନା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କାରିଥିଲେ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ଝୁଲୁଛି ତାଲା

**କେନ୍ଦ୍ରାପଡା,୨୬।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପରିସର ରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ କାର୍ଯ୍ୟାଳୟ ରେ ୧୫ ଦିନ ହେବ ତାଲା ଝୁଲୁଛି । ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ନିର୍ଦ୍ଦେଶରେ ଭୁବନେଶ୍ୱର ର ଲୋୟର ପିଏମଜି ଛକରେ ଧାରଣା ଚାଲୁ ଥିବାରୁ ସଂଘର ନିର୍ଦ୍ଦେଶରେ ଏହି କର୍ମଚାରୀ ମାନେ ସେଠାରେ ଯୋଗ ଦେଇ ଗଣ ଧାରଣା ରେ ସାମିଲ ହୋଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ ମାନଙ୍କର ୨ ଦଫା ଦାବିକୁ ସରକାର ମାନି ନେବା ପାଇଁ କର୍ମଚାରୀ ମାନେ ଧାରଣା ରେ ସାମିଲ ହୋଇଛନ୍ତି । ଯାହା ଫଳରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ରେ ଅଚଳ ଅବସ୍ଥା ଦେଖା ଦେଇଛି । ଏହି ଧାରଣାରେ ସଭାପତି ପ୍ରଶାନ୍ତ କୁମାର ଜେନା, ସଂପାଦକ ଅନିଲ କୁମାର ଧଳ, କୋଷାଧ୍ୟକ୍ଷ ଆଶୁତୋଷ ଜେନା, ଉପଦେଷ୍ଟା ଗୀତାଞ୍ଜଳୀ ଦାସ ଓ ସର୍ବେଶ୍ୱର ପ୍ରଧାନଙ୍କ ସହିତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି ।

## ବିଶିଷ୍ଟ ଚାଷୀ ଗଙ୍ଗାଧରଙ୍କ ବିୟୋଗରେ ବିଧାୟକଙ୍କ ଶୋକବ୍ୟକ୍ତ

**ନିଶ୍ଚିନ୍ତକୋଇଲି,୨୬।୩(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଞ୍ଚାୟତର ବିଶିଷ୍ଟ ଚାଷୀ ତଥା ସମାଜସେବୀ ଗଙ୍ଗାଧର ବସ୍ତିଆ (୬୭ ବର୍ଷ) ଗତ କାଲି ରାତ୍ରରେ ମସ୍ତିସ୍କ



ଜନିତ ଆଘାତରେ ବିୟୋଗ ଘଟିଛି। ସେ ଜଣେ ଶାନ୍ତସ୍ନିଷ୍ଟ ସରଳ ଧର୍ମ ପରାୟଣ ଓ ବିଶିଷ୍ଟ ଚାଷୀ ଶହ ପଲ୍ଲୀଶ୍ରୀ ସେବା ସମବାୟ ସମିତିର ସଭାପତି ଭାବେ କୃଷି କୃଷକର ବ୍ୟାପକ ଉନ୍ନତି କରିଥିଲେ।ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶବ ଦାହ କରାଯାଇଥିଲା। ବଡ଼ପୁଅ କିଶୋର ବସ୍ତିଆ ମୁଖାଂଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଦିଲ୍ଲିପ କୁମାର ରାଉତ, ଅଶୋକ କୁମାର ଓଝା, ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା, ସତ୍ୟ ସାରଥି ବେହେରା, ଜ୍ଞାନ ରଞ୍ଜନ ରାଉତ, ଅନନ୍ତ କିଶୋର ମଲ୍ଲ, ସମରେନ୍ଦ୍ର ରାଉତ, ଅମୀୟ କୁମାର ବିଶ୍ୱାଳ, ସତ୍ୟଜିତ ବିଶୋଇଙ୍କ ସମେତ ବହୁ ମାନ୍ୟଗନ୍ୟା ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି।

## ବ୍ଲକସ୍ତରୀୟ କ୍ଷତ୍ରୀୟ ଖଣ୍ଡାୟତ ମହାସଭା କାର୍ଯ୍ୟକ୍ରମ

**ମାର୍ଶାଘାଇ, ୨୫।୩(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକସ୍ତରୀୟ କ୍ଷତ୍ରୀୟ ଖଣ୍ଡାୟତ ମହାସଭାର ଏକ କାର୍ଯ୍ୟକ୍ରମ ମାର୍ଶାଘାଇ କୁସୁନପୁର ଆଖଣ୍ଡଳମଣି ମନ୍ଦିର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ସଭାପତି ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଡାକ୍ତର ନବଘନ ପରିଡା, କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ସଭାପତି ଶରତ ବେହୁରା, ଗଙ୍ଗାଧର ପରିଡା, ସୁଶୀଲ ସାମଲ, ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଂଜନ ରାଉତ, ଡ୍ର ଚୈତନ୍ୟ ପରିଡା, ଗୋଲେଖ ପଢିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ହିମାଂଶୁ ଶେଖର ନାୟକ, ପ୍ରଭାତ କୁମାର ଲେଙ୍କା, ହେମନ୍ତ ସ୍ୱାଇଁ, ନଗେନ୍ଦ୍ର କୁମାର ସ୍ୱାଇଁ ଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍ଶାଘାଇ ବ୍ଲକ ସଙ୍ଘ ସମ୍ପାଦକ ଧ୍ରୁନ କିଶୋର ନାୟକ, ଦୁମୁକା ସମବାୟ ସମିତି ସଭାପତି ସତ୍ୟ ନାରାୟଣ ନାୟକ, ବରିଷ୍ଠ ମୁରବୀ ତ୍ରୈଲୋକ୍ୟନାଥ ବେଉରା, ଶିକ୍ଷକ ପାର୍ଥସାରଥୀ ସାହୁ, ଅଧୀର ସାହୁ, ସନ୍ତୋଷ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ନାୟକ, ମୁରଲୀଧର ମହାନ୍ତି, କୈଳାସ ଦାସଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ ।



## ମାଆଙ୍କ ଶୁଦ୍ଧିକ୍ରିୟା କରିବାକୁ ଦୁଇ ଝିଅଙ୍କ ଧାରଣା



**ଆଳି,୨୬।୩(ସଂଚାର ବ୍ୟୁରୋ):** ମାଆ ଙ୍କ ଶୁଦ୍ଧିକ୍ରିୟା କର୍ମ ପାଇଁ ନିଜ ଘର ଆଗରେ ଧାରଣା ରେ ବସିଲେ ଦୁଇ ଝିଅ। ଶୁଣିଲାନି ଭାଇ ସାତ ଦିନ ଧରି ବସିଛନ୍ତି ଦୁଇ ଝିଅ।ଏମିତି ଏକ ଅଭାବନୀୟ ଘଟଣା ଘଟିଛି ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମରେ। କଳସପୁର ଗାଁର ସ୍ୱର୍ଗତ ରାମଚନ୍ଦ୍ର ଦାସ ଙ୍କ ଦିବ୍ୟାଙ୍ଗ ଝିଅ ଉର୍ବଶୀ ଓ ତାଙ୍କ ଭାଇ ଜିତେନ୍ଦ୍ର ଦାସଙ୍କ ଭିତରେ ଦୀର୍ଘଦିନ ହେବ ଘରବାଡ଼ି ଜମିଜମା କୁ ନେଇ ତିକ୍ତତା ଲାଗିରହିଥିବା ବେଳେ ଏନେଇ ଆଳି ଥାନାରେ ଉଭୟ ଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। କଳସପୁର ଗାଁ ର ସରପଞ୍ଚ ଓ କିଛି ନେତୃତ୍ୱ ସ୍ଥାନୀୟ ବ୍ୟକ୍ତି ମାନେ ଉଭୟ ଭାଇ ଭଉଣୀ ଙ୍କ ସମସ୍ୟା କୁ ସମାଧାନ କରିବାରେ ଅସଫଳ ହୋଇଥିଲେ। ଉର୍ବଶୀ ଙ୍କୁ ତାଙ୍କ ଭାଇ ଜିତେନ୍ଦ୍ର ଘରକୁ ନ ଛାଡି ଜୋର ଜବରଦସ୍ତି ଭାବେ ଘରକୁ ସମ୍ପୂର୍ଣ ତାଲା ପକାଇ ନିଜ ସ୍ତ୍ରୀ ପିଲା ଛୁଆ ଓ ମା ଙ୍କୁ ଧରି ସୁଦୂର ଦିଲ୍ଲୀ ରେ ବସବାସ କରୁଛନ୍ତି। ଘରେ ତାଲା ପଡ଼ିଥିବାରୁ ଦିବ୍ୟାଙ୍ଗ ଉର୍ବଶୀ ବାର ଦୁଆର ହୋଇ ନିଜ ଜୀବନ ଅତିବାହିତ କରିଆସୁଥିଲେ। ହଠାତ ଗତ ସପ୍ତାହ ରେ ଦିଲ୍ଲୀରେ ଉର୍ବଷୀଙ୍କ ମା ପ୍ରାଣତ୍ୟାଗ କରିଥିବା କୌଣସି ସୂତ୍ରରୁ ଖବର ପାଇ ମାଆଙ୍କ ନିଜ ଗାଁ ଘରେ କ୍ରିୟାକର୍ମ ପାଇଁ ଭାଇ ଭାଉଜ ଙ୍କୁ ଫୋନ କରିଥିଲା ବେଳେ କେହି ତାଙ୍କ ଫୋନ ଉଠାଇ ନଥିବା ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆଳି ଥାନା ରୁ ନିରାଶ ହେବା ପରେ ନିଜ ଘର ସାମ୍ନାରେ ଦିବ୍ୟାଙ୍ଗ ଉର୍ବଶୀ ଦାସ କିଛିଦିନ ହେବ ଧାରଣା ରେ ଉପବାସ ଅଖିଆ ଅପିଆ ରେ ପଡ଼ିରହିଥିଲେ।

ଆଜି ସକାଳେ ଉର୍ବଶୀ ଓ ତାଙ୍କ ବଡ଼ ଭଉଣୀ ପ୍ରଭାବତୀ ଦାସ କଳସ ପୁର ଗ୍ରାମର କିଛି ଭଦ୍ରବ୍ୟକ୍ତି ଙ୍କୁ ଡାକି ନିଜ ଘର ର ତାଲା ଭାଙ୍ଗି ଘରେ ପଶିବା ସହିତ ମାଆଙ୍କ କ୍ରିୟାକର୍ମ କରିବା ପାଇଁ ଗ୍ରାମବାସୀଙ୍କ ସହାୟତା ଲୋଡିଛନ୍ତି। ଅନ୍ୟ ପଟେ ଭାଇଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିବାରୁ କାହାରି ଫୋନ ଉଠାଇ ନଥିଲେ।

## ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



**ଆଳି,୨୬।୩(ସଂଚାର ବ୍ୟୁରୋ):** ଆଳି ହାରାମଣି ଭବନରେ ପୂର୍ବତନ ମନ୍ତ୍ରୀ ବିଜେପି ବରିଷ୍ଠ ନେତା ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ପ୍ରଧାନ କିପରି ଲୋକଙ୍କ ସେବା କରୁ କରୁ ଲୋକ ସଭା ଯାଇଥିଲେ ଓ ମଣ୍ଡଳ ସଭାପତି ରୁ ରାଜନୀତି ଆରମ୍ଭ କରି ରାଜ୍ୟ ବିଜେପି ସଭାପତି ଓ କେନ୍ଦ୍ର ରେ ମନ୍ତ୍ରୀ ହୋଇ ପାରିଥିଲେ। ତାହାକୁ ବକ୍ତା ମାନେ ଡକ୍ଟର ପ୍ରଧାନଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଥମେ ଡକ୍ଟର ପ୍ରଧାନଙ୍କ ଫଟୋରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସଭା କାର୍ଯ୍ୟ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭକ୍ତ ବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇ ଥିଲା। ଉପସ୍ଥିତ ବକ୍ତାମାନେ ଡକ୍ଟର ପ୍ରଧାନଙ୍କ ଜୀବନୀ ବିଷୟ ରେ କହିବା ସହ ସେ କିପରି ନିଷ୍ଠାପର ସହ ବିଜେପି ପାଇଁ କାମ କରୁଥିଲେ ତାହା ବକ୍ତବ୍ୟ ରେ କହିଥିଲେ। ଏହି ସଭାରେ ଯୋଗ ଦେଇଥିଲେ ବିଜେପି ଜିଲ୍ଲା ଉପସଭାପତି ତଥା ଆଳି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ୧ନମ୍ବର ମଣ୍ଡଳ ସଭାପତି ସରୋଜ କୁମାର କର, ୨ନମ୍ବର ମଣ୍ଡଳ ସଭାପତି କଳ୍ପତରୁ ଦାସ, ୩ନମ୍ବର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି, ୪ନମ୍ବର ମଣ୍ଡଳ ସଭାପତି ତପନ କୁମାର ପରିଡା, ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ରଥ, ପୂର୍ବତନ ମଣ୍ଡଳ ସଭାପତି ଓମ ପତି, ନିଆଳ ମଣ୍ଡଳ ପ୍ରତିନିଧି ଗିରିଜା ଶଙ୍କର ଦାସ, ବରିଷ୍ଠ ବିଜେପି ନେତା ଶରତ ଜଗଦେବ, ଶରତ ଧଳ, ବାବାଜୀ ରାଉତ, ଗଣେଶ୍ୱର ବାରିକ, କଳ୍ପତରୁ ମହାପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା ସ୍ମୃତି ଚାରଣ ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଛାତ୍ର ଆୟୁଷ୍ମାନ ମୃତ୍ୟୁଘଟଣାରେ ୨ ଅଟକ ସଦର ଥାନାରେ ଜେରା

**ଡେରାବିଶ, ୨୬।୩(ସଂଚାର ବ୍ୟୁରୋ):** ଡେରାବିଶ ଛାତ୍ର ଆୟୁଷ୍ମାନକୁ ଜୋରଜବରଦସ୍ତ ଥଣ୍ଡା ପାନୀୟରେ ମଦ ମିଶାଇ ପିଆଇ ଦେବା ପରେ ଲୁଣା ନଦୀକୁ ଠେଲି ଦିଆଯାଇଥିଲା ! ଫଳରେ ଆୟୁଷ୍ମାନଙ୍କ ମୃତ୍ୟୁ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆୟୁଷ୍ମାନ ମୃତ୍ୟୁ ଘଟଣାରେ ଜଣେ ନାବାଳକ ଓ ଜଣେ ଯୁବକଙ୍କୁ ଥାନାକୁ ଆଣି ଜେରା ପରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି, ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡ଼ା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ଓରଫ ଧନ(୧୪) କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଭରତପୁର ଗ୍ରାମକୁ ତାଙ୍କ ମାଆ ସହିତ ଆସିଥିଲେ। ମାଆ ଗତ ୧୮ ତାରିଖରେ ଘରକୁ ଫେରିଯାଇଥିବା ବେଳେ ଆୟୁଷ୍ମାନ ମାମୁଘରେ ରଙ୍ଗଖେଳିବାକୁ ରହିଯାଇଥିଲେ। ଗତ ୧୯ ତାରିଖ ପୂର୍ବାହ୍ନ ପ୍ରାୟ



ହୋଲିରେ ସନ୍ଦେହ ଜନକ ଭାବେ ଲୁଣା ନଦୀରୁ ଉଦ୍ଧାର ହୋଇଥିଲେ

୧୦ଟା ବେଳେ ଆୟୁଷ୍ମାନ ମାମୁଘରେ ଥିବା ସମୟରେ ସମ୍ପୃକ୍ତ ନାବାଳକ ତାଙ୍କୁ ଜୋର କରି ରଙ୍ଗଖେଳିବାକୁ ଡାକି ନେଇଯାଇଥିଲା। ସେଠାରୁ ସେମାନେ ଭରତପୁର ଫୋରପୋଲ ଛକକୁ ଯାଇଥିଲେ। ସେଠାରୁ ଆୟୁଷ୍ମାନ ଓ ନାବାଳକ ସହିତ ଭଗତପୁର ଗ୍ରାମ ନିଜ ମାମୁ ଘରେ ରହୁଥିବା ଅନ୍ୟ ଜଣେ ୨୬ବର୍ଷର ଯୁବକ ବାଇକ ଯୋଗେ ପ୍ରଥମେ ଶ୍ୟାମସୁନ୍ଦରପୁର ଆଡକୁ ଓ ପରେ ବଳରାମପୁର ନିକଟ ଲୁଣାନଦୀ ନିକଟକୁ ଯାଇଥିଲେ। ପୂର୍ବରୁ ସାଙ୍ଗରେ ନେଇଥିବା ମଦ ମିଶା ଥଣ୍ଡାପାନୀୟ ବୋତଲକୁ ସମ୍ପୃକ୍ତ ଯୁବକ ଆୟୁଷ୍ମାନଙ୍କୁ ଜୋରକରି ପିଆଇ ଦେଇଥିଲା। ଏଥିସହ ସମ୍ପୃକ୍ତ ନାବାଳକ ଓ ଯୁବକ ଉଭୟ ମଦ ପିଇଥିଲେ। ଏହାପରେ ଆହୁରି ଦୁଇଥର ମଦମିଶା ଥଣ୍ଡା ପାନୀୟ ଆୟୁଷ୍ମାନକୁ ସଂପୃକ୍ତ ଯୁବକ ଜୋର କରି ପିଆଇ ଦେଇଥିଲା। ଫଳରେ ଆୟୁଷ୍ମାନକୁ ନିଶା ହୋଇଯାଇଥିଲା। ଏହାପରେ ଆତ୍ମସ୍ଥାନକୁ ଲୁଣାନଦୀ ଭିତରକୁ ଠେଲି ଦିଆଯାଇଥିଲା। ତାକୁ ଉଦ୍ଧାର ଲାଗି ନାବାଳକ ଜଣକ ସଂପୃକ୍ତ ଯୁବକକୁ କହିଥିଲେ ମଧ୍ୟ ସେ ଶୁଣି ନଥିଲା। ଆୟୁଷ୍ମାନ ମରିଯାଉ ବୋଲି ଯୁବକ ଜଣକ ତାକୁ କହିଥିବା ପୁଲିସ ଜେରା ବେଳେ ଜାଣିବାକୁ ପାଇଛି ! ତେବେ କେଉଁ କାରଣ ପାଇଁ ସଂପୃକ୍ତ ଯୁବକ ଏପରି କରିଛି ସେ ବିଷୟରେ ପୁଲିସ ସୂଚନା ଦେଇ ନାହିଁ। ସୂଚନାଯୋଗ୍ୟ, ଲୁଣା ନଦୀରୁ ଆୟୁଷ୍ମାନଙ୍କ ଶବ ମିଳିବା ପରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ବାପା ଖଗେଶ୍ୱର ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୨ଜଣଙ୍କୁ ଉଠାଇ ଆଣି ଜେରା କରିଥିଲା। ଜେରା ପରେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଥିବା ପୁଲିସ କହିଛି। କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ତଦନ୍ତ ଶେଷ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ଉନ୍ମୋଚିତ ହେବ।

## ଛତୁ ଚାଷ ପାଇଁ ୩ ଦିନିଆ ତାଲିମ କର୍ମଶାଳା

**କେନ୍ଦ୍ରାପଡା,୨୬।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ଛତୁ ଚାଷ ପାଇଁ ୩ ଦିନିଆ ତାଲିମ ପ୍ରଦାନ କରାଯାଇଛି। ଭାରତୀୟ କୃଷି ଦକ୍ଷତା ପରିଷଦ ପକ୍ଷରୁ ଆୟୋଜିତ ଏହି ତାଲିମ ରେ ବୈଜ୍ଞାନିକ ଡ଼ଃ ନମିତା ମହାପାତ୍ର ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଛତୁ ଚାଷ ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ରେ ଜିଲ୍ଲାର ୯ଗୋଟି ବ୍ଲକର ପ୍ରତ୍ୟେକ ପଂଚାୟତ ରୁ ପ୍ରାୟ ସର୍ବମୋଟ୍ ୫୦ ଜଣ ଚାଷୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରାଯିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା । ଛତୁ ଚାଷ କରି କିଭଳି ମହିଳା ଓ ପୁରୁଷ ଚାଷୀମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ସଂପର୍କରେ ତାଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ସମେତ ଡ଼ଃ ତାପସ ରଂଜନ ସାହୁ, ଡ଼ଃ ପ୍ରଭଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଉତ୍ପାଦନ ଗୋଷ୍ଠୀ ସଂପର୍କରେ ଆଲୋଚନା

**କେନ୍ଦ୍ରାପଡା, ୨୬।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଉତ୍ପାଦନ ଗୋଷ୍ଠୀଙ୍କ ସହିତ ସମସ୍ୟାର ସମାଧାନ ପାଇଁ



ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହିତ ଆଲୋଚନା କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଭୁବନେଶ୍ୱର ର ଓୟୁଏଟି କ୍ଷେତ୍ର ବିଜ୍ଞାନର ପ୍ରଫେସର ଡ଼ଃ ମନୋରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା କୃଷି ବିଭାଗର ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଉତ୍ପାଦନ ଗୋଷ୍ଠୀ ମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା କୁ ପଚାରି ବୁଝିବା ସହ ସମାଧାନ କରିଥିଲେ।



ବୁଧବାର ବିଧାନସଭା ବାହାରେ କଂଗ୍ରେସ ଦଳ ପକ୍ଷରୁ ନିଲମ୍ବିତ ବିଧାୟକମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ପୁଲିସ ସହ ଧସ୍ତାଧସ୍ତି।

# କଂଗ୍ରେସ ଆନ୍ଦୋଳନକୁ ବାମପନ୍ଥୀ ନେତାଙ୍କ ସମର୍ଥନ

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** କଂଗ୍ରେସର ୧୪ ଜଣଯାକ ବିଧାୟକଙ୍କୁ ବିଶୃଙ୍ଖଳିତ ଆଚରଣ ପରିପ୍ରେକ୍ଷୀରେ ୭ ଦିନ ପାଇଁ ନିଲମ୍ବନ କରାଯାଇଥିବା ବେଳେ ଏନେଇ ଆସନ୍ତାକାଲି ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ପୂର୍ବରୁ ନାରୀ ନିର୍ଯାତନା ପ୍ରସଙ୍ଗରେ ବାରମ୍ବାର ଗୃହ କାର୍ଯ୍ୟରେ ବିଭ୍ରାଟ ସୃଷ୍ଟି କରିଥିବାରୁ ଦଳର ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତିଙ୍କୁ ଅନ୍ୟାୟୋଚିତ ଭାବେ ଗୃହରୁ ନିଲମ୍ବନ କରାଯାଇଥିବା ବେଳେ ଏହାର ପ୍ରତିବାଦରେ ପୂର୍ବରୁ କଂଗ୍ରେସ ବିଧାନସଭା ଘେରାଉ ପାଇଁ ଆହ୍ୱାନ ଦେଇଥିଲା। ଏହାର ଦିନକ ପୂର୍ବରୁ ଦଳର ସବୁ ବିଧାୟକଙ୍କୁ ଗୃହ କାର୍ଯ୍ୟରୁ ଅନ୍ତର କରିବା ଦଳୀୟ କର୍ମୀମାନଙ୍କୁ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ୍ ହେବା ସକାଶେ ଆହୁରି ଉତ୍ସାହିତ କରିଛି। ତେବେ କଂଗ୍ରେସର ଏହି ଆନ୍ଦୋଳନକୁ ବାମପନ୍ଥୀ ଦଳଗୁଡ଼ିକ ସମର୍ଥନ କରିଛନ୍ତି। ସିପିଏମ ସମେତ ଏକାଧିକ ବାମପନ୍ଥୀ ଦଳର ନେତାମାନେ ଆଜି କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସାକ୍ଷାତ କରିବା ସହ ବିଜେପି ସରକାରର ସ୍ୱେଚ୍ଛାଚାରୀ ଶାସନକୁ ନିନ୍ଦା କରିଛନ୍ତି। ଏଥିସହ କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ଗୋଟିଏ ଦିନରେ ନିଲମ୍ବନ କରାଯାଇଥିବାରୁ ଉକ୍ତ ଦିନଟକୁ ଗଣତନ୍ତ୍ର ଇତିହାସରେ କଳା ଦିବସ ଭାବେ ପାଳନ କରିବା ସକାଶେ ବାମପନ୍ଥୀ ନେତାମାନେ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ସିପିଏମ୍‌ର ବରିଷ୍ଠନେତା ସୁରେଶ ପାଣିଗ୍ରାହୀ କଂଗ୍ରେସର ଆସନ୍ତାକାଲି ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ତାଙ୍କ ଦଳ ଅଂଶଗ୍ରହଣ କରିବ ବୋଲି କହିଛନ୍ତି।

# କୋଷ୍ଟଗାର୍ଡ ଅଫିସର୍ ପ୍ରଗତିଙ୍କୁ ମିଳିଲା ସାହସିକତା ପୁରସ୍କାର

**ବ୍ରହ୍ମପୁର,୨୬।୩ (ସଂଚାର ବ୍ୟୁରୋ) :** ଆରବ ସାଗରରେ ଚାଲିଥିଲା ଭୟଙ୍କର ବାତ୍ୟା । ଆଉ ଏହି ବାତ୍ୟା ସମୟରେ ଏକ ଜାହାଜରେ ସଙ୍କଟାପନ୍ନ ଭାବେ ଫସି ରହିଥିଲେ ୧୬ ଜଣ ଯାତ୍ରୀ । ଭୟଙ୍କର ବାତ୍ୟାରେ ମଧ୍ୟ ୧୬ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଯୋଗୁଁ ତାଙ୍କୁ ମିଳିଛି ସାହାସିକତାର ସର୍ବୋଚ୍ଚ ସମ୍ମାନ । ଆମେ କହୁଛୁ ବ୍ରହ୍ମପୁର ଉପକଣ୍ଠ କମଳାପୁରର ଏ. ପ୍ରଗତି କୁମାରଙ୍କ କଥା। ପ୍ରଗତି କୁମାର ୨୦୦୮ ମସିହାରେ କୋଷ୍ଟ ଗାର୍ଡ଼ରେ ଯୋଗ ଦେଇଥିଲେ । କୋଷ୍ଟଗାର୍ଡ଼ର ଅଧିକାରୀ ଭାବେ କାମ କରୁଥିବା ବେଳେ ୨୦୨୧ ମସିହା ଜୁନ୍ ମାସ ୧୭ ତାରିଖରେ ଆରବ ସାଗରରେ ଦେଖିବାକୁ ମିଳିଥିବା ଭୟଙ୍କର ବାତ୍ୟା ।

ଆଉ ଏହି ବାତ୍ୟା ସମୟରେ ସମୁଦ୍ରର ଅତଳ ଜଳରାଶି ମଧ୍ୟରେ ଏକ ବଡ଼ ଜାହାଜ ଫସି ରହିଥିଲା । ଏହି ଜାହାଜରେ ଫସି ରହିଥିବା ମୋଟ ୧୦୩ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ କୋଷ୍ଟ ଗାର୍ଡ଼ ପକ୍ଷରୁ ହୋଇଥିଲା ଅପରେସନ୍ ଦମନ । ଏହି ଅପରେସନ ଜରିଆରେ କିଛି ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୬ ଜଣ ସଙ୍କଟାପନ୍ନ ଭାବେ ଜାହାଜ ମଧରେ ରହିଥିଲେ । ଏହି ସମୟରେ ନିଜର ସାହାସିକତାର ପ୍ରମାଣ ଦେଇ କିଭଳି ୧୬ ଜଣଙ୍କୁ ଉଦ୍ଧାର କରାଯାଇପାରିବ ସେ ନେଇ ଯୋଜନା କରିଥିଲେ ପ୍ରଗତି କୁମାର ।

ଯୋଜନା ମୁତାବକ ୧୬ ଜଣଙ୍କୁ ସମ୍ପୃକ୍ତ ଜାହାଜ ମଧରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଯାହାଫଳରେ ସେହି ୧୬ ଜଣ ଯାତ୍ରୀ ଏକ ନୂଆ ଜୀବନ ପାଇଥିଲେ । ଆଉ ଏଭଳି ସାହାସିକତା ପାଇଁ ପ୍ରଗତିଙ୍କୁ ଦେଶର ସମ୍ମାନଜନକ ତଟରକ୍ଷକ-ଗ୍ୟାଲେଣ୍ଟ୍ରି ସମ୍ମାନରେ ସମ୍ମାନିତ କରିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ଏଭଳି ସମ୍ମାନ ପାଇବା ପରେ ବେଶ ଖୁସଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ଦେଶ ସେବା ତଥା ସାହାସିକତାର ସହିତ ନିଜର କର୍ତ୍ତବ୍ୟକୁ ପାଳନ କରିବା ନିମନ୍ତେ ଉତ୍ସାହ ଆସିବ ବୋଲି କହିଛନ୍ତି ଏ.ପ୍ରଗତି କୁମାର ।



ପ୍ରଗତି ପ୍ରତିରକ୍ଷା ମନ୍ତ୍ରୀଙ୍କ ଠାରୁ ସମ୍ମାନ ପାଇବା ପରେ ନିଜ ଗାଁକୁ ଫେରିଥିଲେ । ସେ ସମ୍ମାନ ପାଇବା ଖବର ସାରା ଗାଁରେ ଚହଳ ପକାଇଥିଲା। ଯାହାକୁ ନେଇ କେବଳ ଯେ ପ୍ରଗତିଙ୍କ ପରିବାର ଲୋକେ ହିଁ ଖୁସୀ ଥିଲେ ତାହା ନୁହେଁ ବରଂ କମଳାପୁର ଗାଁରେ ଖୁସୀର ଲହରୀ ଖେଳିଯାଇଥିଲା । ନିଜ ଘରକୁ ଫେରିବା ପରେ ପରିବାର ଲୋକେ ପ୍ରଗତିଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହାପରେ ଗ୍ରାମବାସୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ମାନଙ୍କ ପକ୍ଷରୁ ଏକ କାର୍ଯ୍ୟକ୍ରମ କରାଯାଇ ସେଠାରେ ପ୍ରଗତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଗତିଙ୍କ ପିଲାଟି ଦିନରୁ ହିଁ ଦେଶ ସେବା ପ୍ରତି ତାଙ୍କ ମଧରେ ଉତ୍ସାହ ରହିଥିଲା । ଆଉ ଏଭଳି ସମ୍ମାନ ପାଇବା ପରିବାର ପ୍ରତି ଗର୍ବର କଥା ବୋଲି କହିଛନ୍ତି ପ୍ରଗତିଙ୍କ ପତ୍ନୀ । ସେପଟେ ପ୍ରଗତିଙ୍କ ତିନି ଭାଇ ମଧରେ ସେ ବଡ଼ ଥିବା ବେଳେ ବହୁ କଷ୍ଟର ସହିତ ତିନି ପୁଅକୁ ପାଠପଢ଼ାଇ ବଡ଼ କରିଥିଲି। ଆଜି ପୁଅ ଏଭଳି ସମ୍ମାନ ପାଇଥିବା ଯୋଗୁଁ ସେହି କଷ୍ଟର ଫଳ ପାଇଛି ଓ ପ୍ରଗତି ପାଇଁ ଗର୍ବରେ ଛାତି ଫାଟିପଡୁଛି ବୋଲି କହିଛନ୍ତି ପ୍ରଗତିଙ୍କ ମା ।

# ୨୯ରୁ ଓଡ଼ିଶାରେ ଅସମ୍ଭାଳ ତାତି

**୫ ଜିଲ୍ଲାକୁ ସତର୍କତା**



**ଭୁବନେଶ୍ୱର,୨୬।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ଟାଇଁ ଟାଇଁ ଖରା ସହ ଉପରମୁହାଁ ହେଉଛି ପାରଦ। ୩ ଦିନ ମଧ୍ୟରେ ୨ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ସହ ପୁଣି ରାଜ୍ୟରେ ଅସମ୍ଭାଳ ତାତି ଅନୁଭବ ହେବ। ୩ ଦିନ ପରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ବେଳେ ୨୯ ତାରିଖରୁ ପୁଣି ଫେରିବ ହିଟୱେଭ ବା ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଓଡ଼ିଶାରେ ଆଗାମୀ ୫ ଦିନ ପାଗ ଶୁଖିଲା ରହିବ । ବର୍ତ୍ତମାନ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ କମ ରହିଛି । ଯାହାକି ଆଗାମୀ ୩ ଦିନ ମଧ୍ୟରେ ଧୀରେ ଧୀରେ ବଢ଼ିବ । ଏହି ବର୍ଦ୍ଧିତ ତାପମାତ୍ରାକୁ ନେଇ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଟପିବା ସହ କିଛି ସ୍ଥାନରେ ୪୨ ଡିଗ୍ରୀ ଛୁଇଁପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ୨୯ ତାରିଖରେ ହିଟ ୱେଭ ପାଇଁ ସତର୍କତା ଜାରି କରାଯାଇଥିବା ବେଳେ ସୋନପୁର,ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ବିଧାନସଭା ଖବର

## ବର୍ଷକୁ ଆବଶ୍ୟକ ୫ ଲକ୍ଷ ଟନ୍‌ରୁ ଅଧିକ ଅରୁଆ ଚାଉଳ

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ଓଡିଶାର ଖାଉଟିମାନଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟନ୍‌ରୁ ଅଧିକ ଅରୁଆ ଚାଉଳର ଆବଶ୍ୟକତା ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଟିମାନଙ୍କୁ ବର୍ଷକୁ ୪ହଜାର କୁଇଣ୍ଟାଲରୁ ଅଧିକ ଅରୁଆ ଚାଉଳ ଯୋଗାଯାଉଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବାର୍ଷିକ ହାରାହାରି ୭୫.୫ ଲକ୍ଷ ମେଟ୍ରିକ ଟନ୍ ଚାଉଳର ଆବଶ୍ୟକତା ରହିଥିବାବେଳେ ଖାଉଟିମାନଙ୍କ ପାଇଁ ବର୍ଷକୁ ୫.୬୧୨୪୦୩ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ଆବଶ୍ୟକହେଉଛି । ରାଜ୍ୟର ବ୍ୟବସାୟୀମାନେ ସାଧାରଣତଃ ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗ, ପଞ୍ଜାବ, ହରିଆନା, ମଧ୍ୟପ୍ରଦେଶ ତଥା ଉତ୍ତରପ୍ରଦେଶରୁ ଅରୁଆଚାଉଳ ଆମଦାନୀ କରି ଖୋଲା ବଜାରର ଚାହିଦା ମେଣ୍ଟାଉଛନ୍ତି । ସେହିଭଳି ୨୦୨୪-୨୫ ବର୍ଷରେ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଓଡିଶାରୁ ଝାଡଖଣ୍ଡ, ବିହାର, ତାମିଲନାଡୁ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, କେରଳ ତଥା ଉତ୍ତର ପୂର୍ବାଞ୍ଚଳକୁ ୧,୬୪,୯୯୬ ମେଟ୍ରିକ ଟନ୍ ଚାଉଳ ରପ୍ତାନି କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେ ଖକରିଛନ୍ତି ।

## ୧୮ ମିଲ୍ ମାଲିକଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ

ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ସମୟରେ ଧାନ କିଣାରେ ଅନିୟମିତତା ଯୋଗୁଁ ୧୮ ଜଣ ମିଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମିଲ୍ ମାଲିକଙ୍କ ମଧ୍ୟରୁ ୩ ଜଣ ମାଲିକଙ୍କୁ ସାମୟିକ ଭାବେ ବାରଣ କରାଯାଇଥିଲା। ସେହିପରି ଜଣେ ମିଲ୍ ମାଲିକଙ୍କ ବିରୋଧରେ ଅତ୍ୟାବଶ୍ୟକ ଖାଦ୍ୟ ଦ୍ରବ୍ୟ ଆଇନ୍ ୧୯୫୫ ନିୟମାନୁସାରେ ମାମଲା ରୁଜୁ କରାଯାଇଛି ଏବଂ ଜଣେ ମିଲ୍ ମାଲିକଙ୍କର ଚଳିତ ଖରିଫ ଋତୁରେ ଧନ କିଣା ପାଇଁ ହୋଇଥିବା ଚୁକ୍ତିନାମାକୁ ସମାପ୍ତ କରାଯାଇଛି। ଅବଶିଷ୍ଟ ୧୩ ଜଣ ମିଲ୍ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ନୂଆପଡ଼ାର ଅନ୍ନପୂର୍ଣ୍ଣା ରାଇସ୍ ମିଲ୍ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ଥିବା ସାଲସାର ଆଗ୍ରୋ ପ୍ରଡକ୍ଟର ଚୁକ୍ତିନାମା ସମାପ୍ତ କରାଯାଇଛି। ସେହିଭଳି ସମ୍ବଲପୁର ଜିଲ୍ଲାରେ ଥିବା ଏସଆଇପି ରାଇସ୍ ଇଣ୍ଡଷ୍ଟ୍ରିଜ୍‌କୁ ଚଳିତ ଖରିଫ ଋତୁରେ ସାମୟିକ ଭାବେ ବାରଣ କରାଯାଇଛି। କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ମିଲ୍ ମଧ୍ୟରେ ନୟାଗଡ଼ ଜିଲ୍ଲାର ୫ଟି ମିଲ୍ ଥିବା ବେଳେ ପୁରୀର ଗୋଟିଏ ଓ କେନ୍ଦ୍ରାପଡାର ୯ଟି ମିଲ୍ ରହିଛି।

## 'ସୁବର୍ଣ୍ଣା' ଏବେ ଦୁବାଇ କମ୍ପାନୀ ଦ୍ୱାରା ବ୍ୟବସାୟ କରୁଛି

ରାଜ୍ୟରେ ଉତ୍ପାଦିତ ତୈଳବୀଜରୁ ତେଲ ବାହାର କରି ତାହାକୁ ବଜାରରେ ବିକ୍ରି କରିବା ପାଇଁ ଗଠନ ହୋଇଥିବା ସୁବର୍ଣ୍ଣା ନାମକ ଏକ ଘରୋଇ ଶିଳ୍ପସଂସ୍ଥା ଏବେ ଦୁବାଇ ପ୍ରତିଷ୍ଠିତ କମ୍ପାନୀ ଦ୍ୱାରା ତାହାର ବ୍ୟବସାୟ କରୁଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୧୯୮୫ରେ ପ୍ରତିଷ୍ଠା ହୋଇଥିବା ଏହି ଘରୋଇ କମ୍ପାନୀ ରାଜ୍ୟ ସରକାରଙ୍କ ଓଡ଼ିଶା ତୈଳ ନିଗମ ଜରିଆରେ ଉତ୍ପାଦିତ ତୈଳବୀଜକୁ ନେଇ ଖାଇବା ତେଲ ଉତ୍ପାଦନ କରି ଖାଉଟିମାନଙ୍କ ବିକ୍ରି କରୁଥିଲା। ଓଡ଼ିଶା ତୈଳ ନିଗମ ୨୦୦୦ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇସାରିଛି। ସୁବର୍ଣ୍ଣା ତୈଳ ଉତ୍ପାଦନକାରୀ ସଂସ୍ଥା ଦୁବାଇ ପ୍ରତିଷ୍ଠିତ ଏକେଏମ୍ ଆଗ୍ରୋ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଦ୍ୱାରା ତା'ର ବ୍ୟବସାୟ କରୁଛି। ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଚଳିତ ବର୍ଷଠାରୁ ଆସନ୍ତା ୭ ବର୍ଷ ପାଇଁ କେନ୍ଦ୍ର ସରକାର ଜାତୀୟ ତୈଳବୀଜ ମିଶନ ଗଠନ କରିଛନ୍ତି, ଯେଉଁଥିରେ କୃଷକ ଉତ୍ପାଦକ ସଂଗଠନ, ସମବାୟ ସମିତି ଓ କୃଷକ ଗୋଷ୍ଠୀ ଦ୍ୱାରା ତୈଳବୀଜ ଚାଷ ଓ ଏଥିରୁ ତୈଳ ନିର୍ଗମନ ପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି।

## ରାଜ୍ୟରେ ଦୈନିକ ୧.୧୧ କୋଟି ଅଣ୍ଡା ଉତ୍ପାଦନ

ରାଜ୍ୟରେ ୧୭୧ଟି ବ୍ୟବସାୟିକ ଓ ୫୯୨ଟି ଅର୍ଦ୍ଧବ୍ୟବସାୟିକ ଅଣ୍ଡା ଉତ୍ପାଦନ ଫାର୍ମ ରହିଛି। ଏଥିରୁ ବର୍ତ୍ତମାନ ଦୈନିକ ୧ କୋଟି ୧୧ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ଉତ୍ପାଦିତ ଅଣ୍ଡାରୁ ଦୈନିକ ପ୍ରାୟ ୮୭ ଲକ୍ଷ ଅଣ୍ଡା ରାଜ୍ୟରେ ବିନିଯୋଗ ହେଉଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ଅନ୍ୟ ରାଜ୍ୟକୁ ଦୈନିକ ୨୪.୭୮ଲକ୍ଷ ଅଣ୍ଡା ପଠାଯାଉଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୪.୬୧ ଲକ୍ଷ ଅଣ୍ଡା ଦେଶ ବାହାରକୁ ରପ୍ତାନି କରାଯାଇଛି। ଆଇସିଏମଆରର ସୁପାରିସ୍ ଅନୁଯାୟୀ ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ୧୮୦ଟି ଅଣ୍ଡାର ଆବଶ୍ୟକତା ରହିଛି। ରାଜ୍ୟରେ ଅଣ୍ଡାର ଚାହିଦା ମେଣ୍ଟାଇବାପାଇଁ ବ୍ୟବସାୟିକ ଦୃଷ୍ଟିକୋଣରୁ ବ୍ୟବସାୟୀଙ୍କ ଦ୍ୱାରା ବାର୍ଷିକ ପ୍ରାୟ ୯୦ ରୁ ୧୩୫ କୋଟି ଅଣ୍ଡା ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟରୁ ଆମଦାନୀ କରାଯାଉଛି।

# ଭଉଣୀ ପାଇଁ ଭାଇର ନେଇଥିଲେ ଜୀବନ, ୪ ଜଣଙ୍କୁ ଆଜୀବନ କାରଦଣ୍ଡ

**ଭୁବନେଶ୍ୱର,୨୬।୩ (ସଂଚାର ବ୍ୟୁରୋ):** ଦୀର୍ଘ ୮ ବର୍ଷ ପରେ ହତ୍ୟାକାଣ୍ଡ ଘଟଣାରେ ଆସିଲା ରାୟ । ଜଟଣୀ ଷଣ୍ଢପୁର ପାନ ଦୋକାନୀ ଅନୁପ ବେହେରା ହତ୍ୟାକାଣ୍ଡ ଘଟଣାରେ ଦଣ୍ଡବିଧାନ । ୪ ଜଣଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ । ପୁରୁଣା ରାଗ ଯୋଗୁଁ ଘଟିଥିଲା ହତ୍ୟାକାଣ୍ଡ । ଭଉଣୀ ସହ ହୋଇଥିବା ଅନ୍ୟାୟକୁ ପ୍ରତିବାଦ କରିବାରୁ ଭାଇକୁ ହତ୍ଯା କରାଯାଇଥିଲା । ୨୦୧୭ ମସିହା ଜଟଣୀ ଥାନା କେସ ନମ୍ବର ୩୨୪/୧୭ର ଷଣ୍ଢପୁରର ଅନୁପ ବେହେରା ହତ୍ୟାକାଣ୍ଡ ଘଟଣାରେ ସେହି ଗାଁର ୪ ଜଣ ହାଲୁ ବେହେରା, ରୁନାଲ୍ ବେହେରା, ଗୋପୀନାଥ ବେହେରା, ନାଲୁ ବେହେରାଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। ଦଫା ୩୦୨ରେ ହତ୍ୟାକାଣ୍ଡ ଧାରା ୩୪ରେ ସଂଘବଦ୍ଧ ଭାବେ ଏକାଧିକ ଲୋକ ମିଶି ହତ୍ୟା କରିବା ଘଟଣାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୧୬ ଜଣ ସାକ୍ଷୀ ଓ ୨୦ଟି ଦସ୍ତାବିଜ ଆଧାରରେ ଆଜୀବନ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ରାୟ ଶୁଣାଇଛନ୍ତି କୋର୍ଟ । ଏନେଇ ଦୋଷୀମାନଙ୍କୁ ଝାରପଡ଼ା ଜେଲରେ ସଜା କାଟିବାକୁ ପଠାଯାଇଛି ।

୨୦୧୭ ମସିହାରେ ଜଟଣୀ ଷଣ୍ଢପୁରରେ ପାନ ଦୋକାନ କରିଥିବା ଅନୁପ ବେହେରାଙ୍କ ଭଉଣୀଙ୍କୁ ସେହି ଗାଁର କିଛି ଯୁବକ ଅଶାଳୀନ ବ୍ୟବହାର କରିଥିଲେ। ଏନେଇ ଅନୁପ ଜାଣିବା ପରେ କମେଣ୍ଟ ମାରିଥିବା ଯୁବକମାନଙ୍କୁ ସେ ତାଗିଦ କରିଥିଲା । ଯାହାକୁ ନେଇ ଯୁବକମାନେ ଅନୁପଙ୍କ ଉପରେ ରାଗ ରଖିଥିଲେ । ଅନୁପ ସବୁଦିନ ପରି ଗତ ୨୦୧୭ ମସିହା ସେପ୍ଟେମ୍ବର ୨ ତାରିଖରେ ଜଟଣୀର ଭସାଣି ଚାଲୁଥିବା ସମୟରେ ବିଳମ୍ବିତ ରାତ୍ରିରେ ଘରକୁ ଫେରୁଥିଲେ । କିନ୍ତୁ ବାଟରେ ୪ ଜଣ ଯୁବକ ମରଣାସ୍ତ୍ର ଧରି ଅନୁପଙ୍କୁ ଅଟକାଇଥିଲେ। ପରେ ଯୁବକମାନେ ଅନୁପଙ୍କୁ ମରଣାନ୍ତ ଆକ୍ରମଣ କରିଥିଲେ । ସେପଟେ ଖବର ପାଇ ଅନୁପଙ୍କ ମାଆ, ଭାଇ ସୁବ୍ରତ ବେହେରା ଓ ଅନ୍ୟ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହସ୍ପିଟାଲ ନେଇଥିଲେ । ମାତ୍ର ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଏହି ଘଟଣାରେ ସୁବ୍ରତ ବେହେରା ଥାନାରେ ଦେଇଥିବା ଅଭିଯୋଗ ଆଧାରରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ଚାର୍ଜସିଟ୍ ଓ ଅନ୍ୟାନ୍ୟ ଦସ୍ତାବିଜ ଓ ସାକ୍ଷୀଙ୍କ ବୟାନ ରେକର୍ଡ ପରେ ଶେଷରେ ଦୀର୍ଘ ୭ ବର୍ଷ ପରେ ଏବେ ଦୋଷୀମାନଙ୍କୁ ସଜା ମିଳିଛି । ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ପୁରୀ–ରାଉରକେଲା ବନ୍ଦେ ଭାରତ ଟ୍ରେନ ଉପରକୁ ପଥର ମାଡ଼

**ରାଉରକେଲା,୨୬।୩(ସଂଚାର ବ୍ୟୁରୋ):** ପୁରୀ-ରାଉରକେଲା ବନ୍ଦେ ଭାରତ ଟ୍ରେନ ଉପରକୁ ପଥର ମାଡ଼ । ପୁରୀରୁ ରାଉରକେଲା ଆସୁଥିବା ବନ୍ଦେ ଭାରତ ଟ୍ରେନ ଆଜି ଅପରାହ୍ନରେ କଲୁଙ୍ଗା ଷ୍ଟେସନ ଦେଇ ଆସୁଥିବା ବେଳେ ପଥର ମାଡ଼ ହୋଇଛି। କୌଣସି ଦୁର୍ବୃତ୍ତ ପଥର ମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ପଥର ମାଡ଼ରେ ବନ୍ଦେ ଭାରତ ଟ୍ରେନର ସି-୫ କୋଚ୍ କାଚ ଭାଙ୍ଗି ଯାଇଛି । କଲୁଙ୍ଗା ଷ୍ଟେସନରେ ରେଳବାଇ କର୍ମଚାରୀ ଟ୍ରେନକୁ ଅଟକାଇ ଯାତ୍ରୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ । ଏଥିରେ କୌଣସି ଯାତ୍ରୀଙ୍କ କ୍ଷତି ହୋଇନାହିଁ । ଫାଟି ଯାଇଥିବା କାଚରେ ଟେପ୍ ଲଗାଇ ବନ୍ଦେ ଭାରତ ଟ୍ରେନକୁ ରାଉରକେଲା ଷ୍ଟେସନକୁ ଅଣାଯାଇଥିବା ରାଉରକେଲା



ରେଳବାଇ ଷ୍ଟେସନ ମ୍ୟାନେଜର ସୂଚନା ଦେଇଛନ୍ତି । ପୂର୍ବରୁ ବାହାର ରାଜ୍ୟରେ ବନ୍ଦେ ଭାରତ ଟ୍ରେନ୍ ଉପରେ ପଥରମାଡ଼ ହୋଇ ଥିଲା ବେଳେ ରାଉରକେଲା ନିକଟରେ ଏହା ପ୍ରଥମ। ତେବେ କିଏ କାହିଁକି ଏହି ପଥର ମାଡ଼ କରିଛି ତା ତଦନ୍ତ ପରେ ଜଣା ପଡ଼ିବ । ଏହି ପଥରମାଡ ଘଟଣାରେ କେହି ଯାତ୍ରୀ ଆହତ ହୋଇ ନଥିବା ରେଳବାଇ ସୂତ୍ରରୁ ଜଣାପଡ଼ିଛି ।

## ଶ୍ରୀମନ୍ଦିର ପ୍ରଶାସନ ସ୍ଥିରୀକୃତ ସମସ୍ତ ନୀତିକାନ୍ତି ପାଳନ ହେବ : ଦଇତାପତି

**ପୁରୀ :** ଅଣସରର ସମସ୍ତ ଗୁପ୍ତନୀତି ସହ ଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ଥିରୀକୃତ ସମସ୍ତ ନୀତିକାନ୍ତିକୁ ଅନୁପାଳନ କରାଯିବ ବୋଲି କହିଛନ୍ତି ନବନିର୍ବାଚିତ ଦଇତାପତି ନିଯୋଗ ସଂପାଦକ। ପହଣ୍ଡି ସମୟରେ ଯୁବ ଓ ଅଭିଜ୍ଞ ଦଇତାପତିଙ୍କ ମଧ୍ୟରେ କିଭଳି ସମନ୍ୱୟ ରକ୍ଷା ହେବ ସେ ନେଇ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଦଇତାପତିଙ୍କ ସେବା ଏକ ଗୋଷ୍ଠୀଗତ ସେବା ହୋଇଥିବାରୁ ସବୁ ଦଇତାପତିଙ୍କ ମଧ୍ୟରେ ଉଚିତ ବୁଝାମଣା ରଖି ମହାପ୍ରଭୁଙ୍କ ସେବା କରିବା ମୂଳ ପ୍ରାଥମିକତା ବୋଲି କହିଛନ୍ତି ନବନିର୍ବାଚିତ ସଂପାଦକ ରାମକୃଷ୍ଣ ଦାସ ମହାପାତ୍ର । ଏଥର ଦଇତାପତି ନିଯୋଗ କାର୍ଯ୍ୟନିର୍ବାହୀ କମିଟିକୁ ଅନେକ ଯୁବ ଦଇତାପତି ନିର୍ବାଚିତ ହୋଇଯାଇଛନ୍ତି । ନିର୍ବାଚିତ ୧୫ ସଦସ୍ୟଙ୍କ ମଧ୍ୟରୁ ପୁନର୍ବାର ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ ମନୋନିତ ହୋଇଥିବାବେଳେ ଗଣେଶ ଦାସ ମହାପାତ୍ର ସଭାପତି ହୋଇଛନ୍ତି। ନିଯୋଗର ଉପସଭାପତି ଭାବେ ଗଣପତି ଦାସ ମହାପାତ୍ର,ସହ ସମ୍ପାଦକ ଭାବେ ଜଗବନ୍ଧୁ ଦାସ ମହାପାତ୍ର ନିର୍ବାଚିତ ହୋଇଛନ୍ତି ।

## ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଦଶାହ ଅବସରରେ ଆଜି ତାଙ୍କ ତାଳଚେର ହାଣ୍ଡିଧୂଆଁସ୍ଥିତ ବାସଭବନରେ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମନ୍ତ୍ରୀ, ସାଂସଦ, ବିଧାୟକ, ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶୋକ ପ୍ରକାଶ କରିଛନ୍ତି। ଏହି ଅବସରରେ ସେମାନେ ଡା. ପ୍ରଧାନଙ୍କ ସୁପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ଏଥିସହ ସେମାନେ ଡା. ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ମନ୍ଦିର ଭିତରେ ଲୁଟୁଥିଲେ ସୁନା ଅଳଙ୍କାର, ଧରା ପଡ଼ିଲେ ମହିଳା ଗ୍ୟାଙ୍ଗ୍



**ବ୍ରହ୍ମପୁର,୨୬।୩(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ଏକ ମହିଳା ଲୁଟେରା ଗ୍ୟାଙ୍ଗକୁ ବୁଧବାର ଧରିଛି ପୋଲିସ। ବୈଦ୍ୟନାଥପୁର ଥାନା ପୋଲିସ ଦ୍ୱାରା ୬ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ବିଶେଷକରି ମନ୍ଦିର ଭିତରେ ଗହଳିକୁ ଦେଖି ଏହି ମହିଳା ଗ୍ୟାଙ୍ଗ୍ ସୁନା ଚେନ୍ ଲୁଟୁଥିଲେ। ତେବେ ଏହି ୭ ଲୁଟେରାଙ୍କୁ ପୋଲିସ ଗିରଫ ସହ ସେମାନଙ୍କଠାରୁ ୫ ଭରି ଓଜନର ସୁନା ଅଳଙ୍କାର ମଧ୍ୟ ଜବତ କରିଛି।

# ଅରାଜକତା ଆଡ଼କୁ ଅଗ୍ରସର ହେଉଛି ରାଜ୍ୟ: ବିଜେଡି

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅପାରଗତା ଲାଗି ରାଜ୍ୟ ଅରାଜକତା ଆଡକୁ ଗତି କରୁଛି ବୋଲି ଅଭିଯୋଗ କରିଛି ବିଜେଡି। ଗତ ୪୮ ଘଣ୍ଟା ଧରି ଯେଉଁସବୁ ଘଟଣା ଘଟିଯାଇଛି, ତାହାକୁ ଚାହିଁଥିଲେ ବାଚସ୍ପତି ରୋକିପାରିଥାନ୍ତେ। କିନ୍ତୁ ସେ ଶାସକ ଦଳକୁ ସମର୍ଥନ କରିବାକୁ ଯାଇ ନିଲମ୍ବନ ପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଗ୍ରହଣୀୟ ନୁହେଁ ବୋଲି ବିଜେଡି ପକ୍ଷରୁ ଆଜି ସ୍ଥାନୀୟ ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଓ ମୁଖପାତ୍ର ଡ ଲେନିନ୍ ମହାନ୍ତି କହିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଅପରାଧ ସ୍ଥିତି କ'ଣ ତାହା ଶ୍ୱେତପତ୍ରରେ ସ୍ପଷ୍ଟ ପ୍ରତିଫଳିତ। କିନ୍ତୁ ଆଲୋଚନାକୁ ଏଡ଼ାଇବା ସକାଶେ ସରକାର ଅସହିଷ୍ଣୁ ଓ ପ୍ରତିକ୍ରିୟାଶୀଳ ହେବା ନିନ୍ଦନୀୟ। ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ହିଂସାତ୍ମକ ଆଚରଣ ବିରୋଧୀମାନଙ୍କୁ ଉସକାଉଥିଲେ ହେଁ ଏଥିପ୍ରତି ବାଚସ୍ପତି ଦୃଷ୍ଟି ଦେଇନାହାନ୍ତି। ବରଂ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ କରିଛନ୍ତି। ଫଳରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ସଂରକ୍ଷଣ ସ୍ୱାର୍ଥ ସମ୍ବଳିତ ଅନେକ ବିଷୟ ଗୃହରେ ଆଲୋଚନା ହୋଇପାରିନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ଡ. ମହାନ୍ତି କହିଛନ୍ତି ଯେ ପ୍ରଥମ ଥର ପାଇଁ ବିଧାନସଭାକୁ ଆସିଥିବା ଆଇନ ମନ୍ତ୍ରୀ ଆଇନର ପାଠ ନ ପଢ଼ାଇ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୁଧାରନ୍ତୁ। ନିଜର ଦୋଷଦୁର୍ବଳତା ଲୁଚାଇବା ସକାଶେ ଗୃହକୁ ଅଚଳ କରିବା ନେଇ କଂଗ୍ରେସ ବିଧାୟକଙ୍କ ସହ ବିଜେପି ଯୋଜନା କରିଥିବା ସନ୍ଦେହ ହେଉଛି ବୋଲି ସେ କହିଛନ୍ତି। ବିଧାନସଭା ଅଚଳ କରିବା ନାଟକ ବିଜେଡି କାର୍ଯ୍ୟାଳୟରେ ଲେଖାହୋଇଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

# ଜାତୀୟ ଯକ୍ଷ୍ମା ନିରାକରଣକୁ ବେଦାନ୍ତର ସମର୍ଥନ

**ସଚେତନତା ପାଇଁ 'ନିକ୍ଷୟ ମିତ୍ର ବାହନ' ଉଦ୍‌ଘାଟିତ**

**ସୁନ୍ଦରଗଡ଼,୨୬।୩ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ସୁନ୍ଦରଗଡ ଜିଲ୍ଲାରେ ଯକ୍ଷ୍ମା (ଟିବି) ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଇତିମଧ୍ୟରେ ଏହା ୪୫୦୦ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଞ୍ଚିଛି। ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ବିଲେଇମୁଣ୍ଡା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ 'ନିକ୍ଷୟ ମିତ୍ର ବାହନ' ନାମକ ଏକ ଯକ୍ଷ୍ମା ସଚେତନତା ଯାନ ମଧ୍ୟ ଆଜି ଉଦ୍‌ଘାଟିତ ହୋଇଛି। ଏହି ସଚେତନତା ଅଭିଯାନରେ ଜାମଖାନୀ ଓ ଘୋଘରପଲ୍ଲୀ ଖଣି ଅଞ୍ଚଳ ସମେତ ହେମଗିର ବ୍ଲକର ଆଖପାଖ ଗ୍ରାମଗୁଡ଼ିକୁ ସାମିଲ କରାଯାଇଛି। ଏନେଇ ସାର୍ବଜନୀନ ଘୋଷଣା ମାଧ୍ୟମରେ ସୂଚନା ପ୍ରଚାର କରିବା ଏବଂ ଯକ୍ଷ୍ମା ଓ ଏହାର ଚିକିତ୍ସା ସଂକ୍ରାନ୍ତ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ପ୍ରସ୍ତୁତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ବଣ୍ଟନ କରାଯାଇଛି।



ଏହାଛଡ଼ା କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍ଏଚ୍‌ୟୁ) ଯକ୍ଷ୍ମା ଉପରେ ସଚେତନତା ଅଧିବେଶନ ଆୟୋଜନ କରିଥିଲା। ଏଥିରେ ରୋଗୀମାନଙ୍କ ପାଇଁ ଶୀଘ୍ର ଚିହ୍ନଟ, ନିରାକରଣ, ପୁଷ୍ଟିକର ମାର୍ଗଦର୍ଶନ ଓ ଉପଲବ୍ଧ ସରକାରୀ ସୁବିଧାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

'ଯକ୍ଷ୍ମା ମୁକ୍ତ ଭାରତ' ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁଯାୟୀ କମ୍ପାନୀ ଏହି ଅଞ୍ଚଳରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ପ୍ରତି ସମର୍ଥନ ଦେଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରୁ ଯକ୍ଷ୍ମାର ମୂଳୋତ୍ପାଟନ ପାଇଁ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ବେଦାନ୍ତ ସୁନ୍ଦରଗଡ଼ ଜିଲ୍ଲାର ୬୩ ଜଣ ଯକ୍ଷ୍ମା ରୋଗୀଙ୍କୁ ବର୍ଷସାରା ପୁଷ୍ଟିକର କିଟ୍ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛନ୍ତି ଯେ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଆମେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା ଓ ଯକ୍ଷ୍ମା ସହ ଜଡ଼ିତ କଳଙ୍କ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ। ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଲୋକଙ୍କ ଘର ନିକଟରେ ସେବା ଓ ସ୍ୱାସ୍ଥ୍ୟ ଶିବିର ପାଇଁ 'ନିକ୍ଷୟ ମିତ୍ର ବାହନ' ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଭଳି ପଦକ୍ଷେପ ନିଆଯାଇଛି।

ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ର ଚିକିତ୍ସାଧିକାରୀ ଡାକ୍ତର ଅଭିଳାଷ ସାହୁ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମର ଯକ୍ଷ୍ମା ସଚେତନତା ଅଭିଯାନ ଯକ୍ଷ୍ମାର ଶୀଘ୍ର ନିରାକରଣ ଓ ଚିକିତ୍ସା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମ୍ପାନୀର ଏହି ପଦକ୍ଷେପ ସୁନ୍ଦରଗଡ଼ ଜିଲ୍ଲାରୁ ଯକ୍ଷ୍ମା ଦୂରୀକରଣ ପାଇଁ ଚାଲିଥିବା ପ୍ରୟାସକୁ ସୁଦୃଢ଼ କରିଛି।

## କାରଖାନା ଭିତରେ ଶ୍ରମିକଙ୍କ ମୃତ୍ୟୁ

**କଟକ,୨୬।୩ (ସଂଚାର ବ୍ୟୁରୋ):** ଟାଙ୍ଗି ଓରିକ୍ଲିନ୍ ଡିଟରଜେଣ୍ଟ କମ୍ପାନି ଗେଟ୍ ସମ୍ମୁଖରେ ମୃତଦେହ ରଖି ଧାରଣା । ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ପରିବାରରୁ ଜଣଙ୍କୁ ଚାକିରି ଦାବି ହୋଇଛି । ସୂଚନା ଅନୁଯାୟୀ, କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ସମସରପୁର ଗାଁର ମକରା ବେହେରା ଦୀର୍ଘ ୨୧ ବର୍ଷ ହେଲା ଓରିକ୍ଲିନ୍ କାରଖାନାରେ କାମ କରୁଥିଲେ। ସବୁଦିନ ପରି ଆଜି ସକାଳୁ ସେ ଡ୍ୟୁଟିରେ ଯୋଗ ଦେଇଥିଲେ। ହେଲେ ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । କମ୍ପାନୀ ପକ୍ଷରୁ ତାଙ୍କ ପରିବାରକୁ ଦିନ ୨ଟା ବେଳେ ଖବର ଦିଆଯାଇଥିଲା । ସମ୍ପର୍କୀୟ କମ୍ପାନିରେ ପହଞ୍ଚି ମକରାଙ୍କ ମୃତଦେହକୁ ଦେଖିବାକୁ ପାଇଥିଲେ । ତେବେ କମ୍ପାନି କର୍ତ୍ତୃପକ୍ଷ ମକରାଙ୍କୁ କାମ ଅତ୍ୟଧିକ ଖରାରେ କାମ କରାଉଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି ।

## ଜୀବନ ଅମୃତ ଅନୁଚିନ୍ତା

ଶ୍ରେଷ୍ଠ ଯୋଗୀ-ଯେପରିକି ପଦ୍ମ ପଙ୍କରୁ ଫୁଟେ କିନ୍ତୁ ପଙ୍କଠାରୁ ନିଜକୁ ସଦା ଊର୍ଦ୍ଧ୍ୱରେ ରଖିଥାଏ , ଠିକ ସେହିପରି ପ୍ରକୃତ ଯୋଗୀ ପୁରୁଷସଂସାରରେ ରହି ମଧ୍ୟ ସଂସାର ଜଞ୍ଜାଳରୁ ନିଜକୁ ସଦା ନର୍ଲିପ୍ତ ରଖିଥାନ୍ତି।

SANCHAR
ସଂଚାର




# ମୃତ୍ୟୁଦଣ୍ଡ ଓ ମାନବାଧିକାର

କୋଲକାତାର ବହୁ ଚର୍ଚ୍ଚିତ ଆର ଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ଗତ ବର୍ଷ ଅତି ବର୍ବର ଭାବେ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ସଞ୍ଜୟ ରାୟ ମଧ ତତ୍କାଳ ଗିରଫ ହେଲା। ସିବିଆଇ ପକ୍ଷରୁ ଏହାର ତଦନ୍ତ କରାଯାଇ କୋର୍ଟରେ ଚାର୍ଜସିଟ ଦାଖଲ ହେଲା। ସବୁ ମହଲରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତକୁ ଫାଶୀ ଦେବାସପକ୍ଷର ମତ ପ୍ରକାଶ ପାଇଥିଲା। କିନ୍ତୁ ତଳକୋର୍ଟ ମାମଲାର ଶୁଣାଣୀ ପରେ ଏହାକୁ ବିରଳରୁ ବିରଳତମ ମାମଲା ଭାବେ ପରିଗଣନା କଲେ ନାହିଁ ଏବଂ ଅଭିଯୁକ୍ତକୁ ମୃତ୍ୟୁ ଦଣ୍ଡ ପରିବର୍ତ୍ତେ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ବିରୋଧରେ କୋଲକାତା ହାଇକୋର୍ଟରେ ପିଟିସନ ଦାଖଲ ହୋଇଛି। ହାଇକୋର୍ଟ ଏବେ ଏହାର ତର୍ଜମା ଆରମ୍ଭ କରିଛନ୍ତି। କହିବା ଅନାବଶ୍ୟକ ଯେ, କୋର୍ଟ ସବୁ ବେଳେ ତଥ୍ୟ ପ୍ରମାଣ ଉପରେ ବିଚାର କରନ୍ତି। ଜନମତ କୋର୍ଟଙ୍କୁ ପ୍ରଭାବିତ କରେ ନାହିଁ ବା କରିବା ଉଚିତ ନୁହେଁ। ଅବଶ୍ୟ ନିର୍ଭୟା ମାମଲାରେ ସୁପ୍ରିମକୋର୍ଟ ଜନମତ ଚାପରେ ଥିବା ଭଳି ମନେ ହୋଇଥିଲଣି। ନିର୍ଭୟା ମାମଲା ତୁଳନାରେ ଆରଜି କର କେସ ଅଧିକ ଜଘନ୍ୟ ଏବଂ ହୃଦୟ ବିଦାରକ। ଜଣେ ସାଧାରଣ ଲୋକର ଦୃଷ୍ଟିରେ ଏହା ଏକ ବିରଳରୁ ବିରଳତମ ଘଟଣା। କିନ୍ତୁ ମାନ୍ୟବର ଅଦାଲତ ଯାହା ବିଚାର କରିବେ ତାହାକୁ ଯଥାର୍ଥ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଆର ଜି କର ଘଟଣାରେ ହତ୍ୟାକାରୀ ଯେପରି ଅତି ନୃଶଂସତା ଏବଂ ଅମାନବୀୟ ଆଚରଣ ପ୍ରଦର୍ଶନ କରିଛି ତାହା ସଭ୍ୟ ସଭ୍ୟ ସମାଜରେ ବିରଳ। ସେହିପରି ବହୁ ବର୍ଷ ତଳେ ଓଡ଼ିଶାରେ ଘଟିଥିବା ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନସ ଏବଂ ତାଙ୍କ ଦୁଇ ଶିଶୁ ପୁତ୍ରଙ୍କୁ ପୋଡ଼ି ମାରିଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ ଦାରା ସିଂହ ମଧ ଆଜୀବନ ଜେଲ ଦଣ୍ଡ ଭୋଗୁଛି। ଏସବୁ ଘଟଣା ବିଚାର କରିବା ପରେ ଅନେକ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ବିଶେଷ କରି ମାନବାଧିକାର ସୁରକ୍ଷା କର୍ମୀମାନେ ଭାରତରେ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ଉଠାଇଦେବା ସପକ୍ଷରେ ମତବ୍ୟକ୍ତ କରୁଛନ୍ତି। କାରଣ ହତ୍ୟା ବା ସେହିଭଳି ଜଘନ୍ୟ ଅପରାଧର ବିଚାର ବେଳେ ଅନେକ ସମୟରେ କୋର୍ଟ ଉଚିତ ନିଷ୍ପତ୍ତି ନେଉ ନଥିବା ଅନୁଭବ କରାଯାଉଛି। ଅନେକ ସମୟରେ ତଳ କୋର୍ଟରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ବ୍ୟକ୍ତି ଉପର କୋର୍ଟରେ ଛାଡ଼ ପାଇ ଯାଉଛନ୍ତି। ଏହା ଏବେ ଏକ ବିତର୍କର ବିଷୟ ହୋଇଛି। ମୃତ୍ୟୁଦଣ୍ଡ ବା ଫାଶୀକୁ ନେଇ ଅନେକ ବର୍ଷ ହେବ ବିତର୍କ ଚାଲିଛି। ଫାଶୀ ଦଣ୍ଡ ବ୍ୟବସ୍ଥାକୁ ଉଠାଇଦେବା ପାଇଁ ଅନେକ ମାନବାଧିକାର ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଦାବି କରି ଆସୁଛନ୍ତି। ଏହା ଏକ ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ ପ୍ରତ୍ୟାହାର କରିଛନ୍ତି। ଭାରତରେ ଏହା କାଏମ ରହିଛି ସତ, ମାତ୍ର ଖୁବ କମ ଅପରାଧିଙ୍କୁ ଏହି ଦଣ୍ଡ ମିଳୁଛି। କେବଳ ବିରଳରୁ ବିରଳତମ ଅପରାଧ କ୍ଷେତ୍ରରେ ଏହି ଦଣ୍ଡାଦେଶ ଦିଆଯାଉଛି। ସବୁ ହତ୍ୟା ମାମଲାରେ ଆଇପିସିର ଦଫା ୩୦୨ ଲାଗୁଛି। କିନ୍ତୁ ସବୁ ବେଳେ ୩୦୨ ଲାଗିଲେ ଫାଶୀ ହେବ ବୋଲି କୁହାଯାଇପାରିବ ନାହିଁ। ସେଠାରେ ହତ୍ୟାକାଣ୍ଡ ଏକ ଆକସ୍ମିକ ପ୍ରତିକ୍ରିୟା ନା ସୁପରିକଳ୍ପିତ ଷଡ଼ଯନ୍ତ୍ର ବା କୋଲ୍ଡ ବ୍ଲଡେଡ ମର୍ଡର ସେ ସମ୍ପର୍କରେ କୋର୍ଟ ତର୍ଜମା କରୁଛନ୍ତି। ପୁଣି ହତ୍ୟାର ଉଦ୍ଦେଶ୍ୟ, ବର୍ବରତା ସମ୍ପର୍କରେ ମଧ ତର୍ଜମ କରାଯାଉଛି। ଯଦି ହତ୍ୟାର ପଛରେ ଦେଶବିରୋଧୀ ଷଡ଼ଯନ୍ତ୍ର ରହିଥାଏ ତେବେ ଏହାକୁ ଏକ ବିରଳ ଅପରାଧ ବୋଲି ବିବେଚନା କରାଯିବ। ଯଦି ଏକ ବା ଏକାଧିକ ଶିଶୁ, ମହିଳାଙ୍କୁ ଅତି ନିର୍ମମ ବା ବର୍ବରଭାବେ ହତ୍ୟା କରାଯାଇଥିବ ତେବେ ତାହା ମଧ ଏକ ବିରଳ ମାମଲା ବୋଲି ବିଚାର କରାଯିବ। ଜଣଙ୍କୁ ଗୁଳି କରି ହତ୍ୟା କରିବା ଏବଂ ହାତକୁ ପଛରେ ବାନ୍ଧି ଗଳାକାଟି ଛଟପଟ କରି ମାରିବା ଭିତରେ ଅନେକ ତଫାତ ରହିଛି। ଏସବୁ ବିଷୟକୁ ବିଚାର କରି କୋର୍ଟ ଅଭିଯୁକ୍ତକୁ ଫାଶୀ ନଚେତ ଆଜୀବନ କାରାଦଣ୍ଡାଦେଶ ଦିଅନ୍ତି। ଅନେକ ଅଭିଯୁକ୍ତ ତଳ କୋର୍ଟରେ ଫାଶୀ ଦଣ୍ଡାଦେଶ ପାଇଥିଲେ ମଧ ଉପରକୋର୍ଟରେ ଏଥିରୁ ମୁକ୍ତି ପାଇଯାଆନ୍ତି ବା ଦଣ୍ଡ କୋହଳ କରାଯାଇଥାଏ। ଅନେକ ଅଭିଯୁକ୍ତ ଜେଲରେ ୮/୧୦ ବର୍ଷ ରହିବା ସତ୍ତ୍ୱେ ସେମାନଙ୍କ ବିଚାର ପ୍ରକ୍ରିୟା (ସୁପ୍ରିମକୋର୍ଟ ପର୍ଯ୍ୟନ୍ତ) ଶେଷ ହୋଇନଥାଏ। ସେଭଳି କ୍ଷେତ୍ରରେ କୋର୍ଟ ଫାଶୀ ଦଣ୍ଡାଦେଶକୁ ଆଜୀବନ ଜେଲରେ ପରିବର୍ତ୍ତନ କରିବାର ନଜିର ରହିଛି। ଭାରତୀୟ ଦଣ୍ଡବିଧି ଆଇନର ମୂଳ ନୀତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ, ଜଣେ ନିର୍ଦ୍ଦୋଷ କିନ୍ତୁ ଦଣ୍ଡନପାଉ। ଏଥିପାଇଁ ଅଭିଯୁକ୍ତଙ୍କ ବିରୋଧରେ ଶତ ପ୍ରତିଶତ ପ୍ରମାଣ ନମିଳିଲେ କୋର୍ଟ ବେନିଫିଟ ଅଫ ଡାଉଟ ଆଧାରରେ ଅଭିଯୁକ୍ତଙ୍କୁ ଖଲାସ କରନ୍ତି। ମୋଟ ଉପରେ ଭାରତରେ ହତ୍ୟା ମାମଲା ସଂଖ୍ୟା ଅଧିକ ହୋଇଥିଲେ ମଧ ଫାଶୀ ବା ମୃତ୍ୟୁ ଦଣ୍ଡ ଖୁବ କମ ଦେଖିବାକୁ ମିଳିଥାଏ। ଅଭିଯୁକ୍ତ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼ନ୍ତି। ତା ପରେ ରାଜକ୍ଷମା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାର ନଜିର ମଧ ରହିଛି। ତେଣୁ ଭାରତରେ ସହଜରେ ଜଣେ ଅପରାଧିକୁ ଫାଶୀ ଦଣ୍ଡ ମିଳିନଥାଏ। ଜଣେ ଅପରାଧି ଯଦି ଜେଲରେ ରହିବା ପରେ ତାଙ୍କ ଆଚାରବିଚାରରେ ସୁଧାର ଆସେ ତେବେ କୋର୍ଟ ଏହାକୁ ବିଚାର କରି ଦଣ୍ଡ କୋହଳ କରନ୍ତି। କିନ୍ତୁ କେତେକ ଦେଶରେ ଅତି ସାଧାରଣ ଅପରାଧ ପାଇଁ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବାର ନଜିର ରହିଛି। କମ୍ୟୁନିଷ୍ଟ ଦେଶରେ ଏହା ଅଧିକ ଦେଖାଯାଇଥାଏ। ଚୀନ, ଉତ୍ତରକୋରିଆ, ଋଷିଆ ଏବଂ କେତେକ ଇସଲାମିକ ଦେଶ ବିଶେଷ କରି ସାଉଦୀ ଆରବ, ୟୁଏଇ, ଇରାନ, ଇରାକ, ସିରିଆ ଭଳି ଦେଶରେ ଅତି ସାଧାରଣ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ସର୍ବସାଧାରଣରେ ନିର୍ମମଭାବେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥାଏ। ନିକଟରେ ସିଙ୍ଗାପୁରରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ମାତ୍ର ୧ କେଜି ଗଞ୍ଜେଇ ଚୋରା କାରବାର ନିମନ୍ତେ ଫାଶୀ ଦିଆଯାଇଛି। ତାହା ପୁଣି ଗିରଫ ହେବାର ୯ ବର୍ଷ ପରେ କାର୍ଯ୍ୟକାରୀ ହୋଇଛି। ଏହାକୁ କହନ୍ତି ମାନବାଧିକାର ଉଲ୍ଲଘଂନ। ସିଙ୍ଗାପୁର ଏକ ସଭ୍ୟ, ସମୃଦ୍ଧ ଦେଶ। ଏହା ସତ୍ତ୍ୱେ ସେଠାରେ ଏଭଳି ଏକ ସାମାନ୍ୟ ଅପରାଧ ନିମନ୍ତେ ଫାଶୀ ଦଣ୍ଡ ଦିଆଯିବା ନିହାତି ନିନ୍ଦନୀୟ ଏବଂ ବିଶ୍ୱର ପ୍ରମୁଖ ମାନବାଧିକାର ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ଏଥିପାଇଁ ସିଙ୍ଗାପୁରକୁ ଭାରତ ବାସନ୍ଦ କରିବା ଉଚିତ। ସେହିପରି ଉତ୍ତରକୋରିଆର ଦୁଇ ଜଣ ସ୍କୁଲ ଛାତ୍ରଙ୍କୁ ଗୋପନରେ ଆମେରିକୀୟ ଫିଲ୍ମ ଦେଖିବା ଅଭିଯୋଗରେ ସର୍ବସାଧାରଣରେ ଫାଶୀ ଦିଆଯାଇଛି। ଆଧୁନୀକ ସଭ୍ୟ ସମାଜରେ ଏହା କଦାପି ଗ୍ରହଣୀୟ ନୁହେଁ। ଏହାକୁ ଆଇନସମ୍ମତ ହତ୍ୟା ବୋଲି କହିଲେ ଭୁଲ ହେବ ନାହିଁ। ଏହାକୁ ରୋକିବା ନିମନ୍ତେ ଜାତିସଂଘ ପକ୍ଷରୁ ପ୍ରସ୍ତାବ ପାରିତ ହେବା ଉଚିତ। ନିକଟରେ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ସଂଶୋଧନ ପ୍ରସ୍ତାବ ଉପରେ ବିଚାର ଆଲୋଚନା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ଭାରତରେ ଯେଉଁ ଉପାୟରେ ଅଭିଯୁକ୍ତକୁ ଫାଶୀ ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଉଛି ତାହା ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ମୁହଁରେ କଳାକପଡ଼ା ବାନ୍ଧି, ହାତକୁ ପଛରୁ ବାନ୍ଧି, ବେକରେ ଦଉଡ଼ି ବାନ୍ଧି ଝୁଲାଇବା ଏକ ପାଶବିକ ପ୍ରକ୍ରିୟା ଭଳି ମନେ ହୁଏ। ଏକଥା ସତ ଯେ, ଅଭିଯୁକ୍ତ ଏହାଠାରୁ ଅଧିକ ନିର୍ମମତାର ସହ ହତ୍ୟାକାଣ୍ଡ କରିଥାଇପାରେ। କିନ୍ତୁ ତା ଅର୍ଥ ନୁହେଁ ଯେ, ତାଙ୍କୁ ମଧ ସମାନ ଉପାୟରେ ହତ୍ୟା କରିବା। ଦୋଷୀକୁ ନିଜ ଅପରାଧ ପାଇଁ ପଶ୍ଚାତାପ କରିବାର ଏବଂ ନିଜକୁ ସୁଧାରିବାର ସୁଯୋଗ ଦିଆଯିବା ଉଚିତ। ଜଣେ ଅପରାଧୀକୁ ଫାଶୀ ଦେଲେ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଆଉ ଫେରିଆସିବ ନାହିଁ। ଏକଥା ସତ୍ୟ ଯେ, ଫାଶୀ ବା ମୃତ୍ୟୁଦଣ୍ଡ ବ୍ୟବସ୍ଥା ହଟିଗଲେ ଭାରତରେ ଅପରାଧ ସଂଖ୍ୟା ବଢ଼ିଯିବ ଏବଂ କେହି ଆଉ ହତ୍ୟା କରିବାକୁ ଭୟ କରିବେ ନାହିଁ। କିନ୍ତୁ ତା ଅର୍ଥ ନୁହେଁ ଯେ, ହତ୍ୟାକାରୀକୁ ଅତି ନିର୍ମମଭାବେ ବର୍ବରତାର ସହ ହତ୍ୟା କରିବା। ଏହା ଉପରେ ପୁନର୍ବିଚାରର ଆବଶ୍ୟକତା ରହିଛି। ତେଣୁ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବାକୁ ସୁପ୍ରିମକୋର୍ଟ ଯେଉଁ ମତ ଲୋଡ଼ିଛନ୍ତି ତାହା ସ୍ୱାଗତଯୋଗ୍ୟ। ଭାରତ ଏକ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର। ମାନବାଧିକାର ସୁରକ୍ଷାରେ ଏହା ସାରା ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଏବେ ମୃତ୍ୟୁଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରି ଭାରତ ଆଉ ଏକ ଉଦାହରଣ ପେଶ କରିବା ଉଚିତ। ବିଦେଶରେ ଅନେକ ସାଧାରଣ ଘଟଣାରେ ଏପରିକି ଚୋରା ନିଶା କାରବାର ପାଇଁ ମଧ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ରହିଛି। ଭାରତରେ ଏହା ଚିନ୍ତା କରାଯାଇପାରେନା। ଏ ସମ୍ପର୍କରେ ବିଶ୍ୱବ୍ୟାପୀ ଏକ ଚର୍ଚ୍ଚା ହେବା ଆବଶ୍ୟକ।

# ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ

**ଗୋପାଳ ମହାପାତ୍ର**



ଆଞ୍ଚଳିକ ଭାଷାର ବ୍ୟବହାରକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଭାରତୀୟ ମୁଦ୍ରା ଟଙ୍କାର ଚିହ୍ନ ପରିବର୍ତ୍ତନ କରିଦେଇଛନ୍ତି। ଏହା ଏବେ ରାଷ୍ଟ୍ରୀୟ ରାଜନୀତିରେ ମୁଖ୍ୟ ଚର୍ଚ୍ଚାର ବିଶୟ ପାଲଟିଛି। ଏହା ଦୁଃଖ ତଥା ଦୁର୍ଭାଗ୍ୟର ବିଶୟ ନିଶ୍ଚୟ। ରାଷ୍ଟ୍ରୀୟ ପ୍ରତୀକର ପରିବର୍ତ୍ତନ ଅବ୍ୟବହାରିକ। କହିବାକୁ ଗଲେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପ ଅନାବଶ୍ୟକ ଏବଂ ବିଭାଜନକାରୀ ଅଟେ। କଥା ବା ପ୍ରସଙ୍ଗ ହେଉଛି ତାମିଲନାଡୁ ସରକାର ରାଜ୍ୟର ବଜେଟ 'ଲୋଗୋ'ରେ ଭାରତୀୟ ଟଙ୍କା( ମୁଦ୍ରା)ର ପ୍ରତୀକ ଚିହ୍ନ ସ୍ଥାନରେ ତାମିଲ ଅକ୍ଷରର ବ୍ୟବହାର କରିଛନ୍ତି । ଏଭଳି ଘଟଣା ପୁର୍ବରୁ କେବେ ଘଟିନଥିଲା। କୌଣସି ରାଜ୍ୟର ସରକାର ରାଜ୍ୟରେ ଭାରତୀୟ ମୁଦ୍ରାର ଚିହ୍ନକୁ ପରିବର୍ତ୍ତନ କରିନଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପକୁ ନେଇ ଅନେକ ପ୍ରକାରର ପ୍ରଶ୍ନ ଉଠୁଛି। ସରକାରୀ ସ୍ତରରେ କମ୍ୟୁନିକେସନ (ସଞ୍ଚାର) ଏବଂ ଡ଼କୁମେଣ୍ଟେସନ (ଦସ୍ତାବିଜକରଣ) ରେ ଆଞ୍ଚଳିକ ଭାଷାର ବ୍ୟବହାର ଏକ ବିବାଦର ବିଷୟ ପାଲଟିଛି। ଏହାଠାରୁ ଦୁଃଖଦ ବିଶୟ କ'ଣ ହୋଇପାରେ ଡିଏମ୍ କେ (ଦ୍ରାବିଡ ମୁନେତ୍ରା କାଜାଗାମ୍) ଆଞ୍ଚଳିକ ବା ସ୍ଥାନୀୟ ଭାଷା ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯାଉଛି ବୋଲି ଅଭିଯୋଗ କରୁଛି। ତୃତୀୟ ଭାଷା ହିନ୍ଦୀକୁ ନେଇ କେନ୍ଦ୍ରୀୟ ସରକାର ଓ ତାମିଲନାଡୁ ସରକାରଙ୍କ ମଧରେ ବିବାଦ ଚାଲିଥିବା ବେଳେ ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରାଯିବା ଠିକ୍ କି? ତାମିଲନାଡୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରିବାର ଅଧିକାର ଅଛି କି? ସାରା ଦେଶରେ ମାନ୍ୟତା ପ୍ରାପ୍ତ ତଥା ପ୍ରଚଳିତ ମୁଦ୍ରାର ପ୍ରତୀକ ଚିହ୍ନ ରାଜ୍ୟ ସରକାର ବଦଳାଇ ପାରିବେ କି? ଏଭଳି ଅନେକ ପ୍ରଶ୍ନ ଉଠିବା ସହ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ତଥ୍ୟ ଅନୁସାରେ କେନ୍ଦ୍ରସରକାରଙ୍କ ପକ୍ଷରୁ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗକୁ ନେଇ କୌଣସି ସ୍ପଷ୍ଟ ଦିଶାନିର୍ଦ୍ଦେଶ ଉପଲବ୍ଧ ନାହିଁ। ଏଣୁ ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ ଯେ ତାମିଲନାଡୁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଆଇନ୍‌ର ଉଲଂଘନ। ଉପଲବ୍ଧ ସୂଚନା ଅନୁସାରେ ରାଷ୍ଟ୍ରୀୟ ଚିହ୍ନର ସୂଚୀରେ ମୁଦ୍ରା (ଟଙ୍କା)ର ଚିହ୍ନ ନାହିଁ। ରାଷ୍ଟ୍ରୀୟ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ କୁ ରୋକିବା) ଆଇନ ୨୦୨୫ ପ୍ରଣୟନ କରାଯାଇଥିଲା। ୨୦୦୭ରେ ଏହି ଆଇନ୍‌କୁ ଅପଡ଼େଟ ବା ନୂଆରୂପ ଦିଆଯାଇଥିଲା। ଆଇନର ଧାରା ୬(୨) (ଏଫ)ରେ କୁହାଯାଇଛି ଯେ ସରକାର ରାଷ୍ଟ୍ରୀୟ ପ୍ରତୀକର ଡିଜାଇନରେ ପରିବର୍ତ୍ତନ କରି ପାରିବେ। ସିଧା ଭାବରେ କୁହାଯାଇପାରିବ ଯେ ଆବଶ୍ୟକତା ପଡିଲେ କେନ୍ଦ୍ର ସରକାରଙ୍କ ପାଖରେ ରାଷ୍ଟ୍ରୀୟ ଚିହ୍ନ (ପ୍ରତୀକ)ରେ ପରିବର୍ତ୍ତନ କରିପାରିବେ। ଆଇନ୍ ଅନୁସାରେ କେବଳ ଚିହ୍ନର ଡିଜାଇନରେ ହିଁ ପରିବର୍ତ୍ତନ



କରାଯାଇ ପାରିବ କିନ୍ତୁ ଏହାର ପୁରା ଡିଜାଇନକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ବିଶେଷଜ୍ଞ ମାନଙ୍କ ମତରେ କେନ୍ଦ୍ର ସରକାର ଯଦି ଚାହିଁବେ ତେବେ ପୁରା ଚିହ୍ନ (ପ୍ରତୀକ)କୁ ପରିବର୍ତ୍ତନ କରିପାରିବେ। ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ ରୋକିବା) ଆଇନ୍ ୨୦୦୫ ରେ ଏମିତି କୌଣସି ପ୍ରାବଧାନ ନାହିଁ ଯେଉଁଥିପାଇଁ ସରକାରଙ୍କୁ ଏଭଳି ପରିବର୍ତ୍ତନ ପାଇଁ ଅଟକାଇ ପାରିବ। ଏଭଳି ସ୍ଥିତିରେ ସମ୍ବନ୍ଧିତ ଆଇନ୍‌ରେ ସଂଶୋଧନ ପରେ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ କରାଯାଇ ରାଷ୍ଟ୍ରୀୟ ପ୍ରତୀକ (ଚିହ୍ନ)କୁ ପରିବର୍ତ୍ତନ କରାଯାଇପାରିବ।

ଉଲ୍ଲେଖନୀୟ ଯେ ଭାରତୀୟ ସମ୍ବିଧାନର ୮ମ ଅନୁସୂଚୀରେ ୨୨ଟି ଭାଷାକୁ ମାନ୍ୟତା ପ୍ରଦାନ କରାଯାଇଛି ଏବଂ ଏହି ୨୨ଟି ଭାଷା ମଧରେ ତାମିଲ ଭାଷା ମଧ ରହିଛି। ଭାରତୀୟ ମୁଦ୍ରା ଟଙ୍କାରେ କେବଳ ଏକ ପ୍ରତୀକ ରହିଛି ଓ ଏହା ଦେବନାଗରୀ ଅକ୍ଷରରେ ରହିଛି ଏବଂ ରୋମାନ ଅକ୍ଷର ଅନୁସାରେ ଏହା 'ଆର୍' ଅଟେ। ବାସ୍ତବରେ ଭାରତୀୟ ମୁଦ୍ରା ଟଙ୍କାର ଏହି ପ୍ରତୀକ ଦେବନଗରୀ ଲିପିର ଏବଂ ରୋମାନ ଲିପିର ଅକ୍ଷର 'ଆର୍'କୁ ମିଶାଇ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଏକ କ୍ଷିତିଜ ରେଖା ପ୍ରସ୍ତୁତ କରାଯାଇ ପ୍ରତୀକ ରୂପରେ ସ୍ୱୀକାର କରାଯାଇଛି। ଏହି ରେଖା (ହୋରିଜେଣ୍ଟାଲ ଲାଇନ୍) ଆମ ରାଷ୍ଟ୍ରଧ୍ୱଜ ତଥା ସମାନତାକୁ ପ୍ରତୀକରେ ପ୍ରତିବିମ୍ବିତ କରିଥାଏ। ଭାରତ ସରକାର ୨୦୧୦ ମସିହା ଜୁଲାଇ ୧୫ ତାରିଖରେ ଏହି ଚିହ୍ନକୁ ସ୍ୱୀକାର କରିଥିଲେ। ଉଲ୍ଲେଖନୀୟ ଯେ ଏହି ଚିହ୍ନ ବା ପ୍ରତୀକକୁ ଭାରତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ (ଆଇଆଇଟି) ମୁମ୍ବାଇ ପୋଷ୍ଟ ଗ୍ରାଜୁଏଟ ଡିଜାଇନର ଡ଼.ଉଦୟ କୁମାର ପ୍ରସ୍ତୁତ କରିଥିଲେ। ଏବେ ତାମିଲନାଡୁ ସରକାର ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ କରାଯିବା ପରେ ଏହାକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଅନୁସାରେ ତାମିଲନାଡୁ ରାଜ୍ୟ ଯୋଜନା କମିଶନଙ୍କ କାର୍ଯ୍ୟକାରୀ ଉପାଧକ୍ଷ ତାମିଲନାଡୁ ସରକାରଙ୍କ ଦ୍ୱାରା ୨୦୨୫-୨୬ର ତାମିଲନାଡୁ ରାଜ୍ୟ ବଜେଟରେ ଟଙ୍କା (ମୁଦ୍ର)ର ପ୍ରତୀକ ଚିହ୍ନ କୁ ତାମିଲ ଭାଷାରେ ପରିବର୍ତ୍ତନ କରାଯିବା ପ୍ରସଙ୍ଗରେ କହିଛନ୍ତି ଯେ "ଆମେ ଦେବନାଗରୀର ଉପଯୋଗ କରିବା ପାଇଁ ଚାହୁଁନାହୁଁ।" ଏବେ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନ କୁ ନେଇ ଦେଖାଦେଇଥିବା ବିବାଦ କାରଣରୁ ଏହାକୁ ଭାଷାର ରାଜନୀତି ପରିବର୍ତ୍ତେ ଭାଷାକୁ ନେଇ ଘୃଣା ବୋଲି କୁହାଯାଉଛି। ଭାଷା ବିବାଦକୁ ଅଧିକ କରିବା ପାଇଁ ଡିଏମ୍‌କେ ସରକାର ରାଜ୍ୟ ବଜେଟରେ ପ୍ରତୀକ ଚିହ୍ନକୁ ପରିବର୍ତ୍ତନ କରିଦେଇଛନ୍ତି ଓ ତାମିଲ ଅକ୍ଷରର ବ୍ୟବହାର କରାଯାଇଛି। ଯଦିଓ ପୁର୍ବର ପ୍ରତୀକ ଓ ବର୍ତ୍ତମାନର ପ୍ରତୀକର ଅର୍ଥ ଏକ କିନ୍ତୁ ଏହା ଏକ ତାମିଲ ଶବ୍ଦ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ଶ୍ରୀଜୀଉଙ୍କ ବେଶ

**କବୀର କୁମାର ଜେନା**



ମହାପ୍ରଭୁ ପ୍ରତ୍ୟେହ ଷାଠିଏ ପଉଟି ଭୋଗ ଯେପରି ମଣୋହୀ କରିଥାନ୍ତି ସହଯେ ତ ତାଙ୍କର ରୀତିନୀତି ଠିକ ଆମ ମାନଙ୍କ ପରି। ତେବେ ତାଙ୍କୁ ସୌନ୍ଦର୍ଯ୍ୟରେ ଚମକାଇ ଦେଉଥିବା ଅନେକ ବେଶ ଗୁଡ଼ିକ ହେଉଛି ମୁଖ୍ୟତଃ ପରମ୍ପରା ଓ ସମ୍ପୃକ୍ତ ଦିନର ପର୍ବ ପର୍ବାଣୀର ମହାତ୍ମ୍ୟକୁ ନେଇ। ମହାପ୍ରଭୁଙ୍କ ଏହି ଚବିଶ ବେଶ ଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଶ୍ରୀରାମ ବେଶ, ଶ୍ରୀଗଣେଶ, ନୃସିଂହ, ବାମନ, ଶ୍ରୀକୃଷ୍ଣ। ମହାପ୍ରଭୁଙ୍କ ନିଜସ୍ୱ ବେଶ ରହିଛି ବାରଟି। ତେବେ ବେଶ ମଧ ତିନି ପ୍ରକାରର। ତାହା ହେଉଛି ପୁଷ୍ପ ବେଶ, ବସ୍ତ୍ର ବେଶ ଓ ଭୂଷଣ ବେଶ। ପ୍ରତ୍ୟେହ ସକାଳ ଆଠଟାରୁ ସାଢ଼େ ଆଠଟା ଭିତରେ ବେଶ ଲାଗିର ପରମ୍ପରା ସମ୍ପର୍କରେ ସ୍ୱତ୍ୱଲିପି ଓ ମାଦଳା ପାଞ୍ଜିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶ୍ରୀଜୀଉଙ୍କ ବସ୍ତ୍ର ଓ ଅଳଙ୍କାର ସେବା ଲାଗି ପୁଷ୍ପାଳକ ସେବାୟତମାନେ ରହିଛନ୍ତି। ଚୈତ୍ର କୃଷ୍ଣ ପ୍ରତିପଦା ଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଓ ମାର୍ଗଶୀର କୃଷ୍ଣ ପ୍ରତିପଦ ଠାରୁ ଓଢ଼ଣ ଷଷ୍ଠୀ ପର୍ଯ୍ୟନ୍ତ ସାଧାରଣ ବେଶ ହୋଇଥାଏ। ସ୍ନାନ ପୂର୍ଣ୍ଣିମା ଠାରୁ ରେଖା ପଞ୍ଚମୀ ପର୍ଯ୍ୟନ୍ତ ରାହୁ ଲେଖା ଲାଗି ହୁଏ ନାହିଁ।

ଆସନ୍ତୁ ମହାପ୍ରଭୁଙ୍କ ବିଭିନ୍ନ ବେଶ ସମ୍ପର୍କରେ ଜାଣିବା। ପ୍ରତିଦିନ ଅବକାଶ ବେଶ ହୋଇଥାଏ। ତେବେ ପହୁଡ଼ ବେଶ ଭାବେ ପ୍ରତିଦିନ ହୋଇଥାଏ ବଡ଼ ସିଂହାର ବେଶ। ସ୍କନ୍ଦ ପୁରାଣରେ ଚନ୍ଦନ ଲାଗି ବେଶ ସମ୍ପର୍କରେ ଉଲ୍ଲେଖ ରହିଛି। ବୈଶାଖ ମାସ ଶୁକ୍ଳ ଦଶମୀ ଦିନ ଚକ୍ରନାରାୟଣ ବେଶ ହେଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମଣୀ ହରଣ ବେଶ ହୋଇଥାଏ। ଶ୍ରୀଜୀଉଙ୍କ ସ୍ନାନ ବେଦୀରେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ଦିନ ଗଣପତି ବେଶ ବା ହାତୀ ବେଶ ହୋଇଥାଏ। ଅନବସରରୁ ଶ୍ରୀଜୀଉଙ୍କ ଯେଉଁ ପ୍ରଥମ ଦର୍ଶନଟି ଆଷାଢ଼ ଅମାବାସ୍ୟା ଦିନ ହୋଇଥାଏ ତାହା ହେଉଛି ନବ ଯୌବନ ବେଶ।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥାରୁଢ଼ ଶ୍ରୀଜୀଉଙ୍କ ସୁନାବେଶ ହୋଇଥାଏ। ଏହାକୁ ରାଜା ବେଶ ବା ତଡ଼ାଉ ବେଶ କୁହାଯାଏ। ଶ୍ରାବଣ ମାସର ଅମାବାସ୍ୟାରେ ଚିତାଲାଗି ବେଶ ହେଉଥିବାବେଳେ ଭାଦ୍ର କୃଷ୍ଣ ପଞ୍ଚମୀରେ ରେଖା ଲାଗି ବେଶ ହୋଇଥାଏ। ସଂକୀର୍ତ୍ତନ ଚେତନାର ବାର୍ତ୍ତାବହ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ବନଭୋଜି ବେଶ ଭାଦ୍ରବ କୃଷ୍ଣ ଦଶମୀ ଦିନ ହୋଇଥାଏ। ଭାଦ୍ର କୃଷ୍ଣ ଏକାଦଶୀ ତିଥିରେ ମାର୍କଣ୍ଡେୟ ପୁଷ୍କରିଣୀରେ କାଳୀୟ ଦଳନ ଲୀଳା ପରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ଅତ୍ୟନ୍ତ ଆନନ୍ଦମୟ ହୋଇଥାଏ। ଭାଦ୍ର କୃଷ୍ଣ ଦ୍ୱାଦଶୀରେ ଷୋଡ଼ଶ ଶତାବ୍ଦୀର ଭକ୍ତ ବଳରାମ ଦାଶଙ୍କ ପ୍ରବର୍ତ୍ତିତ ପ୍ରଳମ୍ବାସୁର ବଧ ବେଶ ହୋଇଥାଏ। ଭାଦ୍ର କୃଷ୍ଣ ତ୍ରୟୋଦଶୀରେ ଷୋଡ଼ଶ ଶତାବ୍ଦୀର ମହାନ ସିଦ୍ଧ ସାଧକ ଶ୍ରୀବଲ୍ଲଭାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ କୃଷ୍ଣ ବଳରାମ ବେଶ ମହାପ୍ରଭୁଙ୍କ କୃଷ୍ଣ ଚେତନାର ଭାବ ଭକ୍ତଜନଙ୍କୁ ଆଶୀର୍ବାଦ ଭାବରେ ମିଳିଥାଏ। ଏକାଦଶ ଶତକରେ କଳିଙ୍ଗ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିବା ବାମନ ଜନ୍ମ ଅବସରରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ବଳୀ ବାମନ ବେଶ ହୋଇଥାଏ। ମହାପ୍ରଭୁଙ୍କ ଭାବଚେତନା ଓ ଲୀଳା ମହାତ୍ମ୍ୟ ଉପରେ ଗବେଷଣ କରିଥିବା ପ୍ରଫେସର ଡକ୍ଟର ସୁରେନ୍ଦ୍ରନାଥ ଦାଶଙ୍କ ତଥ୍ୟ ମୁତାବକ ଆଶ୍ୱିନ ଶୁକ୍ଳ ଦଶମୀ ଦିନ ରାଜା ବେଶ ହୋଇଥାଏ। ସେହିପରି ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶ ହୋଇଥାଏ। ଏହି ବେଶ ପଞ୍ଚଦଶ ଶତକର ମହାନ ବୈଷ୍ଣବ ସମ୍ପ୍ରଦାୟର ସାଧକ ମାଧବାଚାର୍ଯ୍ୟ ପ୍ରବର୍ତ୍ତନ କରିଥିଲେ। ଦ୍ୱାଦଶ



ଶତକରେ ରାମାନୁଜଚାର୍ଯ୍ୟ ପ୍ରବର୍ତ୍ତିତ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଅନୁଷ୍ଠିତ ହୁଏ। କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିନ ବାମନ ବେଶ ବା ବାଙ୍କଚୂଡ଼ ବେଶ ହୋଇଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ ଆଡ଼କିଆ ବେଶ ବା ନୃସିଂହ ବେଶ ହୋଇଥାଏ। ତେବେ ସ୍ୱତ୍ୱଲିପିର ତଥ୍ୟ ମୁତାବକ ନେପାଳର ରାଜା ଶ୍ରୀରାମ ଦାଶ ମଠ ତଥା ବଡ଼ଛତା ମଠ ସହାୟତାରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀଜୀଉଙ୍କ ଡାଳକିଆ ବେଶ ବା ପର୍ଶୁରାମ ବେଶ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଓ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥାନ୍ତି। ଓଡ଼ିଆ ଆଧାତ୍ମିକ ଚେତନାରେ ସ୍ମରଣୀୟ ପବିତ୍ର ମାସ ପୁଣ୍ୟ କାର୍ତ୍ତିକର ପଞ୍ଚୁକ ପାଞ୍ଚ ଦିନରେ ଶ୍ରୀଜୀଉଙ୍କ ନାଗାର୍ଜ୍ଜୁନ ବେଶ ହୋଇଥାଏ। ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି ଯେ ଏହି ବେଶକୁ ହିମାଚଳ ପ୍ରଦେଶର ପର୍ଶୁରାମ ଭକ୍ତ ତଥା ସନାତନ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିଲେ।

ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଭିତରେ ଅନ୍ୟତମ ଆକର୍ଷଣ ବେଶଟି ହେଉଛି ଘୋଡ଼ଲାଗି ବେଶ। ଅନେକ ଏହାକୁ ଓଢ଼ଣ ଲାଗି ବେଶ ମଧ କହିଥାନ୍ତି। ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ଘୋଡ଼ ଲାଗି ହୋଇଥାଏ। ତେବେ ଷୋଳଶ ଶତାବ୍ଦୀ କବୀର ଓ ନାନକଙ୍କ ପ୍ରବର୍ତ୍ତିତ ଠିଆ ଘୋଡ଼ଲାଗି ବେଶ ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ସମ୍ପାଦନ ହୋଇଥାଏ। ଏହି ବେଶରେ ଘୋଡ଼ ଲାଗି ଅର୍ଥାତ୍ ଶ୍ରୀଜୀଉଙ୍କ ସମ୍ପୂର୍ଣ୍ଣ ଶରୀର ଘୋଡ଼ ବା ଘୋଡ଼ା ହୋଇନଥାଏ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ପ୍ରତିପଦ ପର୍ଯ୍ୟନ୍ତ ଶ୍ରାଦ୍ଧ ବେଶ ହୋଇଥାଏ। ଠିକ ଆମ ମାନଙ୍କ ସାମାଜିକ ଚଳଣୀ ପରି ଶ୍ରୀଜୀଉମାନେ ତିନି ଦିନ ଧରି ଶ୍ରାଦ୍ଧ ଦାନ କରିବାର ପରମ୍ପରା ରହିଛି। ଓଡ଼ିଆ ମାସର ଆରମ୍ଭ କୁହାଯାଉଥିବା ମକର ସଂକ୍ରାନ୍ତି ଦିନ ମକର ଚୂଳ ଲାଗି ବେଶ ହୋଇଥାଏ। ତେବେ ମହାପ୍ରଭୁଙ୍କ ଅନ୍ୟତମ ବଡ଼ ଓ ଆକର୍ଷଣୀୟ ଭବ୍ୟ ବେଶ ହେଉଛି ପଦ୍ମବେଶ ବା ପଦ୍ମମୁଖ ବେଶ। ମାଘ ମାସ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ବେଶଟି ଶ୍ରୀଜୀଉଙ୍କ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପୁରୀକୁ ଟାଣି ଆଣିଥାଏ। ବଡ଼ଛତା ମଠ ଦ୍ୱାରା ଆୟୋଜିତ ସପ୍ତଦଶ ଶତକର ସନ୍ଥ ରଘୁବର ଦାସ ଏହାର ପ୍ରବର୍ତ୍ତନ କରିଥିଲେ।

ମାଘ ପୂର୍ଣ୍ଣିମା ଦିନ ଦ୍ୱାଦଶ ଶତକର ସାଧକ ରାମାନୁଜାଚାର୍ଯ୍ୟ ପ୍ରବର୍ତ୍ତିତ ଗଜ ଉଦ୍ଧାରଣ ବେଶ ବା ଗଜେନ୍ଦ୍ର ମୁଖ୍ୟ ବେଶ ଶ୍ରୀଜୀଉଙ୍କର ହୋଇଥାଏ। ଦୋଳଯାତ୍ରା ଅବସରରେ ଅର୍ଥାତ୍ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଚୈତ୍ର ପ୍ରତିପଦ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚାଚେରୀ ବେଶ ପରମ୍ପରା ରହିଛି। ପୌଷ ପୂର୍ଣ୍ଣିମା କିମ୍ବା ଚୈତ୍ର ଶୁକ୍ଳ ନବମୀ ଅର୍ଥାତ୍ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ତିଥିରେ ମହାପ୍ରଭୁ ରାମ ରାଜା ବେଶରେ ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାନ୍ତି। ଏହି ବେଶରେ ଦଣ୍ଡ ଛତ୍ର ନୀତି ଅନୁଷ୍ଠିତ ହୋଇଥାଏ। ତେବେ ମାଦଳା ପାଞ୍ଜିର ତଥ୍ୟ ମୁତାବକ ଜଗନ୍ନାଥଙ୍କୁ ଦର୍ଶନ କରି ଅତି ଆନନ୍ଦରେ ଭାବମୟ ହୋଇ ସନ୍ଥ ତୁଳସୀ ଦାସଙ୍କ ସ୍ମୃତିରେ ଏହି ବେଶଟି ହେଉଥିଲେ ମଧ ଷୋଡ଼ଶ ଶତକରେ ରାମାନୁଜାଚାର୍ଯ୍ୟ ଏହାର ପ୍ରବର୍ତ୍ତନ କରିଥିଲେ ବୋଲି ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଶ୍ରୀରାମ ନବମୀ ଅର୍ଥାତ୍ ଚୈତ୍ର ଶୁକ୍ଳ ନବମୀ ଦିନ ଶ୍ରୀଜୀଉଙ୍କ ରଘୁନାଥ ବେଶ ଅତ୍ୟନ୍ତ ଭାବମୟ କରିଦିଏ। ଏହି ବେଶଟି ମହାପ୍ରଭୁଙ୍କ ଏକ ପ୍ରକାର ବ୍ୟୟ ବହୁଳ ବେଶ କହିଲେ ଅତ୍ୟୁକ୍ତି ହେବନାହିଁ। ଷୋଡ଼ଶ ଶତକର ମହାନ ଆଧାତ୍ମିକ ସାଧକ ରାମାନୁଜଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଏହି ବେଶଟି ଏବେ ଅନେକ କାରଣରୁ ନିୟମିତ ହୋଇପାରୁନାହିଁ। ତେବେ ଏହି ସମସ୍ତ ବେଶ ଗୁଡ଼ିକ ମହାପ୍ରଭୁଙ୍କ କୋଟି କୋଟି ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାଏ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ମୋବାଇଲ୍: ୮୯୧୭୩୭୭୯୮୭**


# ପିଡିଏସ ହିତାଧିକାରୀଙ୍କ ସଂଖ୍ୟା ବଢ଼ାଅ

**ସୌଭାଗ୍ୟ ରଂଜନ ମହାନ୍ତି**



ଭାରତରେ ସାଧାରଣ ବଂଟନ ବ୍ୟବସ୍ଥା (ପିଡିଏସ) ବିଶ୍ୱରେ ଅନ୍ୟତମ ସର୍ବବୃହତ ଖାଦ୍ୟ ନିରାପତା ଯୋଜନା, ଏହା ନିସନ୍ଦେହ। ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏହି ଯୋଜନାରେ ଦେଶର ୬୭ ପ୍ରତିଶତ ଗରିବ ତଥା ଅଗ୍ରାଧିକାର ପରିବାରକୁ ରିହାତି ଦରରେ ବା ମାଗଣାରେ ମୁଣ୍ଡପିଛା ମାସିକ ୫କେଜି ଖାଦ୍ୟାଶସ୍ୟ ଯୋଗାଇ ଦିଆଯାଉଥିଲେ ମଧ ଏବେ ବି କୋଟି କୋଟି ଲୋକ ଯୋଜନାର ବାହାରେ ରହିଛନ୍ତି। ନିକଟରେ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ସଂସଦୀୟ (ପାର୍ଲିଆମେଂଟାରୀ) କମିଟିକୁ ଦେଇଥିବା ତଥ୍ୟ ଅନୁଯାୟୀ ପୁରୁଣା ଲୋକସଂଖ୍ୟା ଡାଟା କାରଣରୁ ସାଧାରଣ ବଂଟନ ବ୍ୟବସ୍ଥା (ପିଡିଏସ) ବାହାରେ ୭.୯ ମିଲିଅନ ଯୋଗ୍ୟ ହିତାଧିକାରୀ ରହିଛନ୍ତି। ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି କୁହାଯାଇପାରିବ। କିନ୍ତୁ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଦେଶରେ ଆଗାମୀ ଜନଗଣନା ନହେବା ପର୍ଯ୍ୟନ୍ତ କୌଣସି ନୂତନ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନା ଯୋଗୁଁ ୨୦୨୧ରେ ଦେଶରେ ଜନଗଣନା ସ୍ଥଗିତ ରହିଛି। ତେବେ ୨୦୨୬ରେ ଦେଶରେ ପରବର୍ତୀ ଜନଗଣନା ହେବା ନେଇ ଚର୍ଚ୍ଚା ଯୋର ଧରିଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ଜନଗଣନାରେ ବିଳମ୍ବ ଯୋଗୁଁ କେବଳ ଯୋଗ୍ୟ ହିତାଧିକାରୀ ପିଡିଏସରୁ ବଂଚିତ ହୋଇନାହାଁନ୍ତି, ଦେଶରେ କ୍ଷୁଧା ଏବଂ ଅପପୁଷ୍ଟି ବଢ଼ି ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗରିବ, ଆର୍ଥୀକ ଦୁର୍ବଳ ଓ ଅସହାୟ ପରିବାରକୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦେବା ଲାଗି ୨୦୨୩ ମସିହାରେ ସ୍ୱର୍ଗତ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ୟୁପିଏ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଯେଉଁ ଆଇନରେ ଖାଦ୍ୟ ସୁରକ୍ଷାକୁ ଏକ ମୌଳିକ ଅଧିକାର। ସେହିପରି ଏହି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗ୍ରାମାଚଂଳର ୭୫ ପ୍ରତିଶତ ଓ ସହରାଚଂଳର ୫୦ ପ୍ରତିଶତ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତ କରିବା ବାଧ୍ୟତାମୂଳକ ରହିଛି। ୨୦୧୧ ଜନଗଣନା ଆଧାରରେ ଏହି ଯୋଜନାରେ ୮୧କୋଟି ୩ ନିୟୁତ ଲୋକଙ୍କୁ ସାମିଲ କରାଯାଇଥିଲା। ଇତିମଧରେ ଦେଶର ଲୋକସଂଖ୍ୟା ଆହୁରି ବୃଦ୍ଧିପାଇଛି। ଭାରତ ଚୀନକୁ ଟପି ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ରରେ ହୋଇସାରିଲାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧିକୁ ଅଗ୍ରାହ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସର୍ବୋଚ୍ଚ ଅଦାଲତ ଏହାକୁ ସରକାରଙ୍କ ଉଭୟ ନୀତି ଓ ଉଦ୍ଦେଶ୍ୟର ବିଫଳତା ବୋଲି ଦର୍ଶାଇଥିଲେ। ଉଲ୍ଲେଖ କରାଯାଇପାରେ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାଥମିକ ଅବସ୍ଥାରେ ହିତାଧିକାରୀଙ୍କୁ ମୁଣ୍ଡପିଛା ମାସିକ ୫କିଲୋ ଗହମ ଓ ଚାଉଳ ଯୋଗାଇ ଦିଆଯାଉଥିଲା। ୨୦୧୯ କୋରୋନା ମହାମାରୀ, ସମୟରେ କେନ୍ଦ୍ର ସରକାର ମୁଣ୍ଡପିଛା ଅତିରିକ୍ତ ଆଉ ୫କିଲୋ ଚାଉଳ କିମ୍ବା ଗହମ ଯୋଗାଇ ଦେଇଥିଲେ। କେନ୍ଦ୍ର ସରକାର ମାଗଣାରେ ଏହି ଅତିରିକ୍ତ ଖାଦ୍ୟାଶସ୍ୟ ଯୋଗାଇ ଦେବା ସହ ଅସ୍ଥାୟୀ ଭାବେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ପ୍ରଶ୍ନ ଉଠେ, ଯଦି ସଂକଟ ସମୟରେ ହିତାଧିକାରୀଙ୍କ ସଂଖ୍ୟା ବଢ଼ାଇ ଦିଆଯାଇପରିଲା, ତେବେ ବର୍ତ୍ତମାନ ସମ୍ଭବ ନୁହେଁ କାହିଁକି? ଓଡିଶା ଓ ଛତିଶଗଡ ସରକାର 'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା' ନାମରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରି ଗରିବ, ଅସହାୟ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଉଛନ୍ତି। କେନ୍ଦ୍ର ସରକାର ୨୦୧୯ ପର୍ଯ୍ୟନ୍ତ ମାଗଣାରେ ହିତାଧିକାରୀଙ୍କୁ ଖାଦ୍ୟ ଶସ୍ୟ ଯୋଗାଇଥିବାବେଳେ ରାଜ୍ୟ ଯୋଜନାରେ ଦୁଇ ରାଜ୍ୟ ସରକାର ମଧ ନିଜସ୍ୱ ରାଜସ୍ୱରେ ମାଗଣାରେ ଚାଉଳ ଯୋଗାଉଦେଉଛନ୍ତି। ତେବେ କେନ୍ଦ୍ର ସରକାର କାହିଁକି ହିତାଧିକାରୀଙ୍କ ସଖ୍ୟା ବୃଦ୍ଧି କରିପାରୁନାହାଁନ୍ତି, ପ୍ରଶ୍ନ ଉଠିବା ସ୍ୱାଭାବିକ। ଆହୁରି ମଧ ଓଡିଶା ସରକାର ଇତିମଧରେ ଆଉ ୬ଲକ୍ଷ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ଘୋଷଣା କରିବ ସହ ଆବେଦନ ପାଇଁ ଆପ୍ ଖୋଲିଛନ୍ତି। ଆବେଦନକାରୀଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ସେହିପରି ରାଜ୍ୟ ସରକାର ଇ-କେୱାଇସି ମାଧମରେ ହଜାର ହଜାର ଜାଲ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦେଇଥିବା କୁହାଯାଏ। ଏହା ନିସନ୍ଦେହ ଯେ, କେନ୍ଦ୍ର ସରକାର ଅର୍ଥନୈତିକ ଅଭିବୃଦ୍ଧି ତଥା ଭାରତ ୫ଟ୍ରିଲିଅନର ଅର୍ଥନୀତିରେ ପହଁଚିବା ନେଇ ଡିଡିମ ପୁଟୁଥିବାବେଳେ ନିୟୁତ ନିୟୁତ ଲୋକ ଖାଦ୍ୟପାଇଁ ସଂଗ୍ରାମ କରୁଥିବା ଚିନ୍ତାଜନକ। ଏଥିପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ। କେନ୍ଦ୍ର ସରକାର ତୁରନ୍ତ ଜନଗଣନା କରାଇ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବଢାଇବା ଆବଶ୍ୟକ। ଅନ୍ୟଥା ଏହାକୁ ସରକାରଙ୍କ ନିଷ୍କ୍ରିୟତା ଓ ଇଚ୍ଛାଶକ୍ତିର ଅଭାବ ବୋଲି କୁହାଯିବ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ବଦଳିବ ବାଂଲାଦେଶର ରାଜଧାନୀ!



ଢାକା,୨୬।୩: ବାଂଲାଦେଶର ରାଜଧାନୀ ଢାକାକୁ ପରିବର୍ତ୍ତନ କରିବା ଦାବି ଜୋର ଧରିଛି। ଏହାର ମୁଖ୍ୟ କାରଣ ହେଉଛି ସହରରେ ମୌଳିକ ସୁବିଧାର ବ୍ୟାପକ ଅଭାବ। ୩୦୬ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତୃତ ଏହି ସହରରେ ଏକ କୋଟିରୁ ଅଧିକ ଲୋକ ବାସ କରନ୍ତି, ଯେଉଁଥିରୁ ୮୦ପ୍ରତିଶତରୁ ଅଧିକ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି।

ଢାକା ନଦୀ କୂଳରେ ଅବସ୍ଥିତ, କିନ୍ତୁ ବହୁ ସଂଖ୍ୟକ ଲୋକଙ୍କ ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଯୋଜନାହୀନ ସହରୀକରଣ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। କିଛି ବଛା ବଛା ଅଞ୍ଚଳକୁ ଛାଡିଦେଲେ, ସମଗ୍ର ସହର ଅନିୟମିତ ବିକାଶ ସହିତ ସଂଘର୍ଷ କରୁଛି। ଧୂଳି, ଭଙ୍ଗା ରାସ୍ତା, ବିଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା, ଦୁର୍ବଳ ଆଇନ ଶୃଙ୍ଖଳା ଏବଂ ମୌଳିକ ସୁବିଧାର ଅଭାବ ଏଠାକାର ବାସିନ୍ଦାଙ୍କ ଜୀବନକୁ କଷ୍ଟକର କରିଦେଇଛି।

ଢାକା ଟ୍ରିବ୍ୟୁନ ରିପୋର୍ଟ ଅନୁଯାୟୀ, ଏବେ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ସହରକୁ ରହିବା ପାଇଁ ଉପଯୁକ୍ତ ବୋଲି ଭାବୁଛନ୍ତି। ରିପୋର୍ଟରେ ବ୍ୟବସାୟୀ ଜାହିଦୁର ରହମାନଙ୍କୁ ଉଦ୍ଧୃତ କରି କୁହାଯାଇଛି ଯେ ସେ ଢାକାର ପରିସ୍ଥିତି ବିଷୟରେ ଅତ୍ୟନ୍ତ ଚିନ୍ତିତ। ସେ କହିଲେ, 'ଏହି ସହର ଆଉ ରହିବା ଯୋଗ୍ୟ ନୁହେଁ।' ମୁଁ କେବଳ ମୋର କାମ ଯୋଗୁଁ ଏଠାରେ ରହେ, ନଚେତ୍ ମୁଁ ବହୁ ପୂର୍ବରୁ ଏଠାରୁ ଚାଲିଯାଇଥାନ୍ତି।

ଢାକାରେ ସବୁକିଛି କେନ୍ଦ୍ରୀକୃତ ହେବା ଯୋଗୁଁ, ନାଗରିକମାନେ ଭିଡ଼ର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି। ଯଦି କେହି ସୁରକ୍ଷିତ ଏବଂ ଭଲ ଜୀବନ ଖୋଜିବା ପାଇଁ ଏହି ସହରରୁ ବାହାରକୁ ଯିବାକୁ ଚାହାଁନ୍ତି, ତେବେ ଏହା ଏକ ସହଜ ବିକଳ୍ପ ନୁହେଁ। ଏତେସବୁ ଅସୁବିଧାର ସମ୍ମୁଖୀନ ହୋଇ ଏବେ ସାଧାରଣ ଜନତା ବାଂଲାଦେଶରେ ରହିବାକୁ ନେଇ ନିଜର ଅସନ୍ତୁଷ୍ଟି ପ୍ରକାଶ କରି ଚାଲିଛନ୍ତି। ଏଠାରେ ସଡ଼କରେ ଚାଲି ଚାଲି ଯିବା ବି କାଠିକର ପାଠ ହୋଇ ଯାଉଛି। ତେଣୁ ଜନସଂଖ୍ୟା ବୃଦ୍ଧି ସହ ସ୍ଥାନର ଅଭାବ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରୁଛି।

# ବିଜେପି ନେତାଙ୍କୁ ଗୁଳିକରି ହତ୍ୟା



ରାଞ୍ଚି,୨୬।୩: ବିଜେପି ନେତାଙ୍କୁ ଗୁଳି କରି ହତ୍ୟା କଲେ ଦୁର୍ବୃତ୍ତ । ସ୍ପଷ୍ଟ ଦିବାଲୋକରେ ବିଜେପି ନେତାଙ୍କୁ ଗୁଳି କରି ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଝାଡ଼ଖଣ୍ଡର ରାଞ୍ଚିରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏବଂ ବିଜେପି ନେତା ଅନିଲ ମାହାତୋ ଓରଫ ଅନିଲ ଟାଇଗରଙ୍କୁ ହତ୍ୟା କରାଯାଇଛି। କାଙ୍କେ ଚୌକ ନିକଟରେ ଅନିଲ ମାହାତୋ ଏକ ଚା ଦୋକାନରେ ଠିଆ ହୋଇଥିଲେ। ଏହି ସମୟରେ ତାଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ଘଟଣାସ୍ଥଳରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର ।

ରାଞ୍ଚିର କାଙ୍କେ ଚୌକରେ ବିଜେପି ନେତାଙ୍କୁ ଗୁଳି କରି ହତ୍ୟା କରିବା ଘଟଣାକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି । ତେବେ କିଏ ଓ କାହିଁକି ତାଙ୍କୁ ଗୁଳି କରି ହତ୍ୟା କଲା ସେନେଇ କୌଣସି ସୂଚନା ମିଳିପାରି ନାହିଁ । ଘଟଣା ସମ୍ପର୍କରେ ସୂଚନା ପାଇ କାଙ୍କେ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଥାପି, ଅପରାଧୀମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ।

ଗୁଳିକାଣ୍ଡ ଘଟଣା ପରେ ସ୍ଥାନୀୟ ଲୋକମାନେ କାଙ୍କେ ଚୌକକୁ ଅବରୋଧ କରିଥିଲେ। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । କାଙ୍କେ ଚୌକରେ ଏତେ ଭିଡ଼ ସତ୍ତ୍ୱେ, ଅପରାଧୀମାନେ ଏହି ଘଟଣା ଘଟାଇଥିଲେ। ତାଙ୍କୁ କାହିଁକି ହତ୍ୟା କରାଯାଇଥିଲା ତାହାର କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ।

ବିଜେପି ରାଜ୍ୟ ସଭାପତି ବାବୁଲାଲ ମାରାଣ୍ଡି ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, "ବିଜେପି ରାଞ୍ଚି ଗ୍ରାମୀଣ ଜିଲ୍ଲା ସାଧାରଣ ସମ୍ପାଦକ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅନିଲ ଟାଇଗରଙ୍କୁ ଅପରାଧୀମାନେ ଗୁଳି କରିବା ଖବର ଶୁଣି ମୁଁ ମର୍ମାହତ। ଅପରାଧୀମାନେ ନିର୍ଭୀକ ଭାବରେ ଜନପ୍ରତିନିଧିମାନଙ୍କୁ ଆକ୍ରମଣ କରୁଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଜନପ୍ରତିନିଧି ନା ସାଧାରଣ ନାଗରିକ କେହି ସୁରକ୍ଷିତ ନାହାନ୍ତି।"

ବାବୁଲାଲ ମାରାଣ୍ଡି ଆହୁରି ଲେଖିଛନ୍ତି, "ଯେଉଁଠି ପୋଲିସ ଅଧିକାରୀମାନେ ଜମି ବ୍ୟବସାୟ କରନ୍ତି ଏବଂ ଜମି ଦଲାଲମାନଙ୍କୁ ସୁରକ୍ଷା ଦିଅନ୍ତି, ସେଠାରେ ଏପରି ଘଟଣା ଘଟିବା ନିଶ୍ଚିତ। ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ତୁରନ୍ତ ଇସ୍ତଫା ଦେବା ଉଚିତ। ରାଞ୍ଚି ପୋଲିସ ତୁରନ୍ତ ଅପରାଧୀଙ୍କୁ ଗିରଫ କରିବା ଏବଂ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ଉଚିତ।"

ସେପଟେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ପ୍ରକାଶ ଲେଖିଛନ୍ତି, "ଝାଡ଼ଖଣ୍ଡରେ ଜଙ୍ଗଲ ରାଜ ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠା ହୋଇଛି। ଆଜି ବିଜେପି ନେତା ଏବଂ ରାଞ୍ଚି ଗ୍ରାମୀଣ ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ଟାଇଗରଙ୍କୁ ସ୍ପଷ୍ଟ ଦିବାଲୋକରେ ଅପରାଧୀମାନେ ଗୁଳି କରିବା ଘଟଣା ଅତ୍ୟନ୍ତ ଗମ୍ଭୀର ଏବଂ ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ଯେ ହେମନ୍ତ ସରକାର ଅପରାଧୀଙ୍କ ଆଗରେ ଆତ୍ମସମର୍ପଣ କରିଛନ୍ତି।"

## ଭୁଶୁଡିଲା ୬ ମହଲା ବିଶିଷ୍ଟ ନିର୍ମାଣାଧୀନ ବିଲ୍ଡିଂ, ୬ ଶ୍ରମିକ ମୃତ



ହାଇଦରାବାଦ, ୨୬।୩ : ଆନ୍ଧ୍ରପ୍ରଦେଶର ଭଦ୍ରାଚଳମରେ ୬ ମହଲା ନିର୍ମାଣାଧିନ ବିଲିଡିଂ ଭୁଶୁଡିଛି । ଏହାତଳେ ୬ ଶ୍ରମିକ ଦବିଥିବା ଆଶଙ୍କା କରାଯାଉଛି । ଶ୍ରମିକମାନେ କାମରେ ବ୍ୟସ୍ତ ଥିବା ବେଳେ ବିଲିଡିଂ ଭୁଶୁଡିପଡିଥିଲା । ପୋଲିସ ଏବଂ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣା ସ୍ଥଳରେ ପହଞ୍ଚିଛି । ଭଦ୍ରାଚଳମର ପଞ୍ଚାୟନ କାର୍ଯ୍ୟାଳୟ ନିକଟରେ ନିର୍ମାଣାଧିନ ବିଲିଡିଂ ଶ୍ରମିକମାନେ କାମ କରୁଥିବା ବେଳେ ଭୁଶୁଡି ପଡିଥିଲା । ତେବେ ଏହା ତଳେ ୬ ଶ୍ରମିକ ମୃତ ବୋଲି ଜଣାପଡିଛି । ତେବେ ବିଲିଡିଂର ନିର୍ମାଣ ବିନା କୌଣସି ଅନୁମତିରେ ନିର୍ମାଣ କରାଯାଉଥିଲା । ବିଲିଡିଂର ମାଲିକକ ନାମ ଶ୍ରୀନିବାସ ରାଓ । ସେ ଏବେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସକୁ ଖବର ମିଳିଛି ।

## ଭିଡିଓ ଗେମ୍‌ର କୁପ୍ରଭାବ: ୧୦ ଟଙ୍କାର ଚ୍ୟାଲେଞ୍ଜରେ ହାତ କାଟିଲେ ୪୦ ଛାତ୍ର




ଗୁଜରାଟ,୨୬।୩: ମାତ୍ର ୧୦ ଟଙ୍କା ପାଇଁ ସହପାଠୀଙ୍କ ପ୍ରରୋଚନାରେ ହାତ କାଟିଦେଲେ ୪୦ ସ୍କୁଲ ଛାତ୍ର। ଏଭଳି ଏକ ବିଚିତ୍ର କାଣ୍ଡ ଘଟିଛି ଗୁଜରାଟର ମୋଟା ମୁଞ୍ଜିଆସର ପ୍ରାଥମିକ ବିଦ୍ୟାଳୟରେ। ଏହି ଘଟଣା ଏକ ଭିଡିଓ ଗେମକୁ କେନ୍ଦ୍ରିତ କରି ହୋଇଥିବା ଜଣା ପଡିଥିବା ବେଳେ ଏହା ଅଭିଭାବକମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଘଟଣାଟି ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ବାଗାସାରାର ଜଣେ ସପ୍ତମ ଶ୍ରେଣୀର ଛାତ୍ର ତାଙ୍କ ସହପାଠୀଙ୍କୁ ପେନସିଲ ଶାର୍ପନର ବ୍ଲେଡରେ ହାତ କାଟିବା ପାଇଁ ୧୦ ଟଙ୍କା ପ୍ରସ୍ତାବ ଦେଇଥିଲେ। ଯେଉଁମାନେ ମନା କରିଥିଲେ ସେମାନେ ତାଙ୍କୁ ୫ ଟଙ୍କା ଦେବାକୁ ପଡିବ ବୋଲି କହି ସେ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଥିଲେ। ଏହା ଏକ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା, ଟଙ୍କା ରୋଜଗାର କରିବା ପାଇଁ ଡଜନ ଡଜନ ପିଲାମାନେ ନିଜକୁ କ୍ଷତି ପହଞ୍ଚାଇଥିଲେ। ବିଳମ୍ବିତ ସନ୍ଧ୍ୟାରେ ଗାଁର ସରପଞ୍ଚ ଏବଂ ଅଭିଭାବକଙ୍କ ଦ୍ୱାରା ଅଭିଯୋଗ ଦାଖଲ ହେବା ପରେ ପୋଲିସକୁ ପରିସ୍ଥିତି ବିଷୟରେ ସୂଚନା ଦିଆଯାଇଥିଲା। ବାଗସରା ପୋଲିସ ସବ-ଇନ୍ସପେକ୍ଟର କହିଛନ୍ତି ଯେ ସ୍କୁଲ ଖୋଲିବା ପରେ ତଦନ୍ତ ଆରମ୍ଭ ହେବ। ମୋଟା ମୁଞ୍ଜିଆସର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମକୱାନା ଏହି ଘଟଣା ଉପରେ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ ପିଲାମାନେ ଭିଡିଓ ଗେମ୍ ଅନୁକରଣ କରି ଏହି କାର୍ଯ୍ୟରେ ଲିପ୍ତ ହୋଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ଘଟଣା ବିଷୟରେ ଜାଣିବା ପରେ, ଚିନ୍ତାର ସମାଧାନ କରିବା ଏବଂ ଭବିଷ୍ୟତରେ ସମାନ ଘଟଣା ରୋକିବା ପାଇଁ ଅଭିଭାବକମାନଙ୍କ ସହିତ ଏକ ବୈଠକ କରାଯାଇଥିଲା। ସରପଞ୍ଚ ଏହି ଘଟଣାକୁ ଘଟାଇବା ପାଇଁ ଅବହେଳା ପାଇଁ ଦାୟୀ ଲୋକଙ୍କ ବିରୁଦ୍ଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି।

## ଗଛକଟା ପାଇଁ ୪.୫୪ କୋଟି ଟଙ୍କା ଜରିମାନା ଦେବେ

ନୂଆଦିଲ୍ଲୀ,୨୬।୩: ପରିବେଶ ସୁରକ୍ଷା ପାଇଁ ଏକ ଐତିହାସିକ ରାୟରେ ବେଆଇନ ଭାବେ ଗଛ କାଟିଥିବା ଜଣେ ବ୍ୟକ୍ତିଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଲଗାଇଛନ୍ତି। ସୁପ୍ରିମକୋର୍ଟ ସଂରକ୍ଷିତ ତାଜ ଟ୍ରାପିଜିୟମ୍ ଜୋନରେ ୪୫୪ଟି ଗଛ ବେଆଇନ ଭାବରେ କାଟିଥିବା ଜଣେ ବ୍ୟକ୍ତିଙ୍କ ଉପରେ ମୋଟ ଅଙ୍କର ଜରିମାନା ଲଗାଇଛନ୍ତି । ପ୍ରତ୍ୟେକ ଗଛ ପାଇଁ ୧ ଲକ୍ଷ ଟଙ୍କା ହିସାବରେ ମୋଟ ୪.୫୪ କୋଟି ଟଙ୍କା ଜରିମାନା ଲଗାଇଛନ୍ତି । ଶିବ ଶଙ୍କର ଅଗ୍ରୱାଲ ମଥୁରା-ବୃନ୍ଦାବନର ଡାଲମିଆ ଫାର୍ମରେ ବ୍ୟକ୍ତିଗତ ଜମିରେ ଥିବା ୪୫୪ଟି ଗଛକୁ ବେଆଇନ ଭାବରେ କାଟି ଦେଇଥିଲେ। ଏଥିରୁ ୩୨ଟି ଗଛ ରାସ୍ତା କଡ଼ରେ ସଂରକ୍ଷିତ ଜଙ୍ଗଲ ଜମିରେ ଥିଲା। ଅଗ୍ରୱାଲ ତାଙ୍କର ଭୁଲ ସ୍ୱୀକାର କରିବା ସହ ଜରିମାନା ହ୍ରାସ କରିବାକୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଏହି ମାମଲାରେ କୌଣସି ପ୍ରକାରର ଅନୁକମ୍ପା ଦେଖାଇବାକୁ ମନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଯେ ପରିବେଶକୁ କ୍ଷତି ପହଞ୍ଚାଇବା ମାନବ ଜୀବନକୁ କ୍ଷତି ପହଞ୍ଚାଇବା ପରି ଗୁରୁତର । ଖଣ୍ଡପୀଠ କହିଛନ୍ତି, "ପରିବେଶ ମାମଲାରେ କୌଣସି ଦୟା ରହିବା ଉଚିତ୍ ନୁହେଁ। ବହୁ ସଂଖ୍ୟକ ଗଛ କାଟିବା ମଣିଷକୁ ହତ୍ୟା କରିବାଠାରୁ ମଧ୍ୟ ଖରାପ "। ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏପରି ବେପରୁଆ କାର୍ଯ୍ୟ ଯୋଗୁଁ ହରାଇଥିବା ସବୁଜ ପରିବେଶକୁ ପୁନର୍ଜୀବିତ କରିବା ପାଇଁ ଏକ ଶତାବ୍ଦୀରୁ ଅଧିକ ସମୟ ଲାଗିପାରେ। ଘଟଣାର ତଦନ୍ତ କରିଥିବା କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ର ସୁପାରିଶକୁ ବିଚାର କରିବା ପରେ ପ୍ରତି ଗଛ ପାଇଁ ୧ ଲକ୍ଷ ଟଙ୍କା ଜରିମାନା ସ୍ଥିର କରାଯାଇଥିଲା । ଜରିମାନା ସହିତ, ଅଗ୍ରୱାଲଙ୍କୁ ନିକଟସ୍ଥ ସ୍ଥାନରେ ଗଛ ଲଗାଇବାକୁ ମଧ୍ୟ ଅନୁମତି ଦେଇଥିଲେ । ଅନୁମତି ବିନା ଅଞ୍ଚଳରେ ଗଛ କାଟିବା ଉପରେ କଟକଣା ସୁପ୍ରିମକୋର୍ଟଙ୍କ ୨୦୧୫ ଆଦେଶକୁ ଉଲ୍ଲଂଘନ କରିବା ପାଇଁ ତାଙ୍କ ବିରୁଦ୍ଧରେ ଅବମାନନା ମାମଲା ମଧ୍ୟ ଆରମ୍ଭ ହୋଇଥିଲା ।

## ନୂଆ ଗର୍ଭନିରୋଧକ ଇଞ୍ଜେକ୍ସନ ପ୍ରସ୍ତୁତ କଲେ ବୈଜ୍ଞାନିକ



ନୂଆଦିଲ୍ଲୀ,୨୬।୩: ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏମ୍ଆଇଟି)ର ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ଇଞ୍ଜେକ୍ସନ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ବିନା ଚିକିତ୍ସା ପ୍ରକ୍ରିୟା ଏବଂ ଔଷଧ ସହାୟତାରେ ଗର୍ଭାବସ୍ଥାରୁ ଦୀର୍ଘକାଳୀନ ସୁରକ୍ଷା ମିଳିପାରିବ। ଡିଆଇଓ୍ୱାଇ ଜ୍ୟାବରେ ମାଇକ୍ରୋସ୍କୋପିକ କ୍ରିଷ୍ଟଲ ଥାଏ, ଯାହା ଚର୍ମ ତଳେ ଏକାଠି ହୋଇ ହରମୋନ ନିର୍ଗତ କରିଥାଏ। ଏହା ମହିଳାଙ୍କୁ ଫର୍ଟିଲାଇଜେସନ ପାଇଁ ଡିମ୍ବାଣୁ ମୁକ୍ତ କରିବାରୁ ରୋକିଥାଏ।

ଗର୍ଭନିରୋଧକ ପ୍ରତିରୋପଣ ବର୍ଷ ବର୍ଷ ଧରି ଚାଲିଥାଏ କିନ୍ତୁ ଏହି ଉପକରଣକୁ ଜଣେ ତାଲିମପ୍ରାପ୍ତ ପେସାଦାର ଅସ୍ତ୍ରୋପଚାର ମାଧ୍ୟମରେ ଜଣେ ମହିଳାଙ୍କ ଭିତରେ ଲଗାଇବା ଆବଶ୍ୟକ । ସେହିଭଳି ଗର୍ଭନିରୋଧକ ଇଞ୍ଜେକ୍ସନ କେବଳ ଗର୍ଭଧାରଣକୁ ତିନି ମାସ ପାଇଁ ସ୍ଥଗିତ ରଖିଥାଏ। ଏହି ନୂତନ ଇଞ୍ଜେକ୍ସନ ଉଭୟ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି ଏବଂ ଯଦିଓ ଏହା ମଣିଷ ଉପରେ ପରୀକ୍ଷଣ ହୋଇନାହିଁ, ବୈଜ୍ଞାନିକମାନେ ଏହାର ଫଳପ୍ରଦତାକୁ ନେଇ ଆଶାବାଦୀ ଅଛନ୍ତି ।

ମୂଷାମାନଙ୍କଠାରେ ଏହି ଔଷଧ ଅତି କମରେ ୯୭ ଦିନ ପର୍ଯ୍ୟନ୍ତ ଜାରି ରହିଥିଲା ଏବଂ ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଫର୍ମୁଲେସନ ଆଡଜଷ୍ଟମେଣ୍ଟ ଉପରେ ନିର୍ଭର କରି ଅଧିକ ସମୟ ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ନେଚର କେମିକାଲ ଇଞ୍ଜିନିୟରିଂ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ଏହା କୁହାଯାଇଛି।

ଅଧ୍ୟୟନର ସହ-ଲେଖକ ଡକ୍ଟର ଜିଓଭାନି ଟ୍ରାଭର୍ସୋଙ୍କ ଅନୁସାରେ, ଏହି ଇଞ୍ଜେକ୍ସନ ପ୍ରସ୍ତୁତ କରିବାରେ ମୁଖ୍ୟ ଚ୍ୟାଲେଞ୍ଜ ଥିଲା ଏପରି ଏକ ସମାଧାନ ତିଆରି କରିବା ଯାହାକୁ ଘରେ ରୋଗୀ ଆରାମରେ ବ୍ୟବହାର କରିପାରିବେ।

## ୬ ବର୍ଷ ପାଇଁ ତଡ଼ା ଖାଇଲେ ବିଧାୟକ

ନୂଆଦିଲ୍ଲୀ,୨୬।୩: କର୍ଣ୍ଣାଟକ ବିଜେପି ଦଳର ବିଧାୟକ ବସନଗୌଡ ପାଟିଲ ଯତନାଲଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି। ଦଳ ବିପକ୍ଷି ମତ ସହ ଦଳ ମୁଖ୍ୟ ବିଏସ ୟେଦ୍ଦୁରପ୍ପାଙ୍କ ବିରୁଦ୍ଧରେ କହିବା ପାଇଁ ତାଙ୍କୁ ବିଜେପି ବାସନ୍ଦ କରିଥିବା ଜଣାପଡିଛି। ପାଟିଲ କର୍ଣ୍ଣାଟକର ବିଜାପୁର ସହରରୁ ବିଧାୟକ ପାର୍ଥି ଭାବେ ଜୟଯୁକ୍ତ ହୋଇଥିଲେ। ଦଳର କେନ୍ଦ୍ରୀୟ ଶୃଙ୍ଖଳା କମିଟି ଏନେଇ ମାର୍ଚ୍ଚ ୨୬ ତାରିଖରେ ଏକ ଚିଠି ଜାରି କରିଛି। ପାଟିଲଙ୍କୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସକୁ ଯାଞ୍ଚ କରିବା ପରେ କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି। ପାଟିଲ ଦଳର ଶୃଙ୍ଖଳାକୁ ନମାନି ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ତାଙ୍କ ନାମରେ ପୂର୍ବରୁ ମଧ୍ୟ ଅନେକ ଅଭିଯୋଗ ରହିଥିଲା। ଯାହାକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ୬ ବର୍ଷ ପାଇଁ ବହିଷ୍କାର କଲା ବୋଲି ଏହି ଚିଠିରେ ଉଲ୍ଲେଖ ରହିଛି। ଆପଣଙ୍କୁ ଜଣାଇରଖୁ କି, ପାଟିଲଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଛି। ତେବେ ନିକଟରେ ସେ କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ନେଇ ଏକ ବିବାଦୀୟ ବୟାନ ଦେଇଥିଲେ। ତାଙ୍କର ବୟାନ ଆସିବା ପରେ ଏହାକୁ ନେଇ କର୍ଣ୍ଣାଟକ ରାଜନୀତିରେ ବିବାଦ ଆରମ୍ଭ ହୋଇଯାଇଥିଲା। ଏହା ସହ ସେ ୟେଦ୍ଦୁରପ୍ପାଙ୍କୁ ମଧ୍ୟ ଟାର୍ଗେଟ କରିବାକୁ ପଛାଇ ନଥିଲେ। ୟେଦ୍ଦୁରପ୍ପା ଓ ତାଙ୍କ ପୁଅ ବିଜୟନ ମିଶି ଦଳକୁ ବୁଡାଇଦେବେ। କାରଣ ବିଜୟନଙ୍କ ସମ୍ପର୍କ କର୍ଣ୍ଣାଟକ କଂଗ୍ରେସ ମୁଖ୍ୟ ଡିକେ ଶିଭକୁମାରଙ୍କ ସହ ରହିଛି ବୋଲି ସେ କହିଥିଲେ।

## ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୩:ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ । ଆହ୍ଲାବାଦ ହାଇକୋର୍ଟର ବିଚାରପତି ଏକ ନିଷ୍ପତ୍ତି କହିଥିଲେ କି, ଜଣେ ନାବାଳିକାଙ୍କ ବକ୍ଷ ଧରିବା, ତାର ଡ୍ରେସ ଚିରିବା ଦୁଷ୍କର୍ମ କରିବା ପାଇଁ ପ୍ରୟାସ କରିବା ନୁହେଁ । ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରତିବନ୍ଧକ ଲଗାଇଛନ୍ତି। ସୁପ୍ରିମକୋର୍ଟ ଏହାକୁ ଶକିଂ ଏବଂ ଅସମ୍ବେଦନଶୀଳ କହିଛନ୍ତି ଏବଂ ଏହାକୁ ସଠିକ୍



ଭାବିବା ଆଇନ ବିରୋଧୀ। ଶୁଣାଣି ସମୟରେ ଜଷ୍ଟିସ ବିଆର ଗଓ୍ୱଇ ଏବଂ ଏଜି ମସୀହଙ୍କ ବେଞ୍ଚ କହିଛନ୍ତି, ଏହି ମାମଲାରେ ଶୁଣାଣିରେ କିଛି ଟିପ୍ପଣୀ ଦେଖି ବହୁତ ଦୁଃଖିତ । ଏହି ନିର୍ଦ୍ଦେଶକୁ ଶୁଣାଣି କରିଥିବା ହାଇକୋର୍ଟ ଜଜ ଏହି ମାମଲା ସମ୍ଭାଳିବାରେ, ସଂପୂର୍ଣ୍ଣ ଭାବେ ଅସମ୍ବେଦନଶୀଳତା ଦର୍ଶାଇଛନ୍ତି। ଏହାସହିତ ମାମଲାରେ କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି । ପୀଡିତାଙ୍କ ବକ୍ଷ ଧରିବା ଏବଂ ତାଙ୍କ ବସ୍ତ୍ର ଚିରିବା ଦୁଷ୍କର୍ମ ଏବଂ ଦୁଷ୍କର୍ମ ପ୍ରୟାସ ନୁହେଁ, ବୋଲି ଆଲାହାବାଦ ହାଇକୋର୍ଟ ଏକ ଆଦେଶରେ କହିଥିଲେ । ଯାହା ବିରୋଧରେ ମାମଲା ହାଇକୋର୍ଟରୁ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ସୂଚନାଯୋଗ୍ୟ, ପବନ ଏବଂ ଆକାଶଙ୍କ ବିରୋଧରେ ଉତ୍ତର ପ୍ରଦେଶର କାସଗଞ୍ଜରେ ଜଣେ ୧୧ ବର୍ଷୀୟ ପୀଡିତାଙ୍କ ବକ୍ଷ ଧରିବା, ତାଙ୍କ ବସ୍ତ୍ର ଚିରିବାର ଅଭିଯୋଗ ହୋଇଥିଲା। ବାଟରେ ଯାଉଥିବା ଲୋକଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ୨୦୨୧ ମସିହାର ଘଟଣା ସମୟରେ ଅଭିଯୁକ୍ତମାନେ ଶିଶୁଟିକୁ ଲିଫ୍ଟ ଦେଇଥିଲେ । କାସଗଞ୍ଜ ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶରେ ପବନ ଏବଂ ଆକାଶଙ୍କୁ ପ୍ରଥମେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬ ଏବଂ ପୋକ୍ସୋ ଆଇନର ଧାରା ୧୮ ଅନୁଯାୟୀ, ଦୁଷ୍କର୍ମ ପାଇଁ ବିଚାର କରାଯାଇଥିଲା ।

## ଜାତୀୟ ସଙ୍ଗୀତକୁ ଅପମାନ କରିବା ମାମଲାରେ ନୀତିଶଙ୍କୁ ନୋଟିସ୍



ପାଟନା,୨୬।୩: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ନୋଟିସ ଜାରି କରିଛି ବେଗୁସରାଇ କୋର୍ଟ । ଜାତୀୟ ସଙ୍ଗୀତକୁ ଅପମାନ କରିଥିବା ଅଭିଯୋଗରେ କୋର୍ଟ ଏକ ନୋଟିସ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଓକିଲ ବିକାଶ ପାସୱାନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବିରୋଧରେ ଜାତୀୟ ସଙ୍ଗୀତର ଅପମାନ କରିଥିବା ଅଭିଯୋଗ କରିଥିଲେ । ସେ ମାର୍ଚ୍ଚ ୨୨ ତାରିଖରେ କୋର୍ଟରେ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧ର ଧାରା ୩ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି ।

ଅଭିଯୋଗକାରୀ ବିକାଶ ପାସୱାନ ଅଭିଯୋଗ କରି କହିଥିଲେ, ୨୦୨୫ ମାର୍ଚ୍ଚ ୨୦ ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଏକ ଭିଡିଓ ଦେଖିବାକୁ ପାଇଥିଲି । ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ସମୟରେ ଜାତୀୟ ସଙ୍ଗୀତ ବାଜୁଥିବା ସମୟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ପାଖରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ସହ କଥା ହୋଇ ହସୁଥିଲେ। ଏଥିସହିତ ତାଙ୍କୁ ବାରମ୍ବାର ସ୍ପର୍ଶ କରି ହଇରାଣ ମଧ୍ୟ କରୁଥିଲେ । ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା।

ଏହି ଘଟଣାକୁ ନେଇ ମାର୍ଚ୍ଚ ୨୨ରେ କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ରୁଜୁ ହୋଇଥିବା ମାମଲା ଲାଗିଥିବା ଧାରା ଅନୁଯାୟୀ ଜାତୀୟ ସଂଗୀତ କୁ ଅପମାନ କଲେ ସର୍ବାଧିକ ୩ ବର୍ଷ ଯାଏଁ ଦଣ୍ଡ ଭୋଗିବାକୁ ପଡିବ । ତେଣୁ ଜାତୀୟ ସଙ୍ଗୀତକୁ ଅପମାନ କରିଥିବା ଅଭିଯୋଗରେ କୋର୍ଟ ଏକ ନୋଟିସ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ୨୦୨୫ ମାର୍ଚ୍ଚ ୨୦ ଅପରାହ୍ନ ପ୍ରାୟ ଦୁଇଟା ସମୟରେ ବିହାରରେ ଏକ କାର୍ଯ୍ୟକ୍ରମରେ ଜାତୀୟ ସଂଗୀତ ଗାନ ସମୟରେ ପାଖରେ ଠିଆ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ସଚିବ ଦୀପକ କୁମାରଙ୍କୁ ବାରମ୍ବାର କିଛି କହି ଡାକୁଥିଲେ । ଭାଇରଲ ହେଉଥିବା ଭିଡିଓରେ ନୀତିଶ କୁମାର ଦୀପକ କୁମାରଙ୍କ ବାରମ୍ବାର ହାତଠାରି ରୋକୁଥିଲେ । ଏହି ସମୟରେ ଦୀପକ କୁମାର ଅସହଜ ଅନୁଭବ କରୁଥିଲେ । ନୀତିଶ କୁମାର ସ୍ଥିର ହୋଇ ଠିଆ ହୋଇ ଜାତୀୟ ସଂଗୀତ ଗାଇବାକୁ ଚେଷ୍ଟା କରୁଥିବା ବେଳେ ନୀତିଶ କୁମାର ବାରମ୍ବାର ହଇରାଣ କରୁଥିଲେ ।

ଜାତୀୟ ସଂଗୀତ ଗାନ ସମୟରେ ନୀତିଶ କୁମାର ଏଣେତେଣେ ଦେଖୁଥିଲେ । ଜାତୀୟ ସଂଗୀତ ଶେଷ ହେବା ପୂର୍ବରୁ ହାତଯୋଡି ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ ।

## ଦିଲ୍ଲୀ ସରକାରଙ୍କ ଘୋଷଣା: ଗର୍ଭବତୀଙ୍କୁ ମିଳିବ ମିଳିବ ୨୧ ହଜାର ଟଙ୍କା



ନୂଆଦିଲ୍ଲୀ,୨୬।୩: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ସେ ବଜେଟ୍‌ରେ ଗୋଟିଏ ପରେ ଗୋଟିଏ ମହିଳାଙ୍କୁ ଅନେକ ଉପହାର ଦେଇଛନ୍ତି। ପ୍ରଥମ ଥର ପାଇଁ, ଉପସ୍ଥାପିତ ୧ ଲକ୍ଷ କୋଟି ଟଙ୍କାର ବଜେଟରେ, ମହିଳା ସମୃଦ୍ଧି ଯୋଜନା ପାଇଁ ୫,୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ଦିଲ୍ଲୀର ମହିଳାମାନଙ୍କୁ ପ୍ରତି ମାସରେ ୨,୫୦୦ ଟଙ୍କା ଦିଆଯିବ। ଏହା ସହିତ, ମାତୃତ୍ୱ ବନ୍ଦନ ଯୋଜନା ପାଇଁ ୨୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ଏହି ଯୋଜନା ଅନୁଯାୟୀ, ଗର୍ଭବତୀ ମହିଳାଙ୍କୁ ୨୧,୦୦୦ ଟଙ୍କା ଦିଆଯିବ।

ମାତୃ ବନ୍ଦନ ଯୋଜନା ଅଧୀନରେ, ଗର୍ଭାବସ୍ଥା ଏବଂ ଶିଶୁ ଜନ୍ମ ପରେ ମହିଳାମାନଙ୍କର ପୁଷ୍ଟିକର ଆବଶ୍ୟକତା ପୂରଣ କରାଯିବ। ଏହା ମାଧ୍ୟମରେ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନକାରୀ ମା'ମାନଙ୍କୁ ଡିବିଟି (ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର) ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଏ। ମୁଖ୍ୟମନ୍ତ୍ରୀ ମାତୃବନ୍ଦନା ଯୋଜନା ଅଧୀନରେ ଦିଲ୍ଲୀ ସରକାର ଗର୍ଭବତୀ ମହିଳାଙ୍କୁ ୨୧,୦୦୦ ଟଙ୍କା ଦେବେ। ନିର୍ବାଚନ ପୂର୍ବରୁ,ଭାଜପା ତାର ଘୋଷଣାପତ୍ରରେ 'ମୁଖ୍ୟମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଯୋଜନା' ଅଧୀନରେ ଗର୍ଭବତୀ ମହିଳାଙ୍କୁ ୨୧,୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହା ସହିତ, ସେମାନଙ୍କୁ ୬ଟି ପୁଷ୍ଟିସାର କିଟ ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ଏବେ ଯେତେବେଳେ ଭାଜପା ସରକାର ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଛି, ଏହା ନିଜର ପ୍ରତିଶ୍ରୁତି କାର୍ଯ୍ୟକାରୀ କରୁଛି।

ଏହି ଯୋଜନାର ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ତଥାପି, ଏହି ରାଶି କିସ୍ତିରେ ଆସିବ।

# ଆମେରିକାରେ ବଦଳିବ ଭୋଟିଂ ପଦ୍ଧତି: ଟ୍ରମ୍ପ



ୱାଶିଂଟନ, ୨୬।୩: ଆମେରିକାର ରାଷ୍ଟ୍ରପତି ହେବା ପରଠୁ ହେବାରେ ଲାଗିଛି ବଡ ବଡ ପରିବର୍ତ୍ତନ । ଏମିତିକି ଟ୍ରମ୍ପ ଅନ୍ୟ ଦେଶ ପ୍ରତି ବି କଠୋର ହେବାରେ ଲାଗିଛନ୍ତି । ଆଗକୁ ବି ସେ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତୁତ। ମଙ୍ଗଳବାର, ମାର୍ଚ୍ଚ ୨୫ ତାରିଖରେ ଏକ କାର୍ଯ୍ୟକାରୀ ଆଦେଶରେ ସ୍ୱାକ୍ଷର କରିଥିଲେ । ଯେଉଁଥିରେ ଆମେରିକାରେ ନିର୍ବାଚନରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଦାବି କରାଯାଇଥିଲା। ସେମାନେ ସେଠାକାର ସଂଘୀୟ ନିର୍ବାଚନରେ ଭୋଟ ପଞ୍ଜିକରଣ ପାଇଁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିବାକୁ ବାଧ୍ୟତାମୂଳକ କରିଛନ୍ତି ।

ଅର୍ଥାତ୍, ଯେପରି ଭାରତରେ ଆମେ ଆଧାର କାର୍ଡ କିମ୍ବା ଭୋଟର କାର୍ଡ ଭଳି ସରକାରୀ ପରିଚୟ ପତ୍ର ପ୍ରଦାନ କରୁ । ସେହିପରି ଏବେ ଆମେରିକାରେ ଯଦି କେହି ସେହି ଦେଶର ନାଗରିକ, ତେବେ ତାଙ୍କୁ ନିଜର ଡକ୍ୟୁମେଣ୍ଟ ଦେଖାଇବାକୁ ପଡିବ, ତେବେ ହିଁ ସେ ଭୋଟ ଦେବା ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ।

ଭାରତ ଏବଂ ଅନ୍ୟ କିଛି ଦେଶକୁ ଉଦାହରଣ ଦେଇ କୁହାଯାଇଛି ଯେ, ଆମେରିକା, ଏକ ପ୍ରମୁଖ ସ୍ୱ-ଶାସିତ ରାଷ୍ଟ୍ର ହେବା ସତ୍ତ୍ୱେ, ଆଧୁନିକ, ବିକଶିତ ଏବଂ ବିକାଶଶୀଳ ଦେଶମାନଙ୍କ ଦ୍ୱାରା ନିଆଯାଇଥିବା ମୌଳିକ ଏବଂ ଆବଶ୍ୟକୀୟ ନିର୍ବାଚନ ସୁରକ୍ଷା ପଦକ୍ଷେପ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହା ଅନୁଯାୟୀ, ଜର୍ମାନୀ ଏବଂ କାନାଡା ଭୋଟ୍ ଆୟୋଜନ କରିବା ସମୟରେ ବାଲଟ୍ ପେପର ଆବଶ୍ୟକ କରନ୍ତି । ଯେତେବେଳେ ଯୁକ୍ତରାଷ୍ଟ୍ରରେ ଅନେକ ପଦ୍ଧତି ଅଛି ଯେଉଁଥିରେ ପ୍ରାୟତଃ ମୌଳିକ ଶୃଙ୍ଖଳା-ରକ୍ଷାର ଅଭାବ ରହିଥାଏ । ଏହି ଆଦେଶରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଡେନମାର୍କ ଓ ସ୍ୱିଡେନ ଭଳି ଦେଶଗୁଡ଼ିକ ବ୍ୟକ୍ତିଗତ ଭାବରେ ଭୋଟ ଦେଇପାରୁନଥିବା ଲୋକଙ୍କ ପାଇଁ ମେଲ-ଇନ୍ ଭୋଟିଂକୁ ସମ୍ବେଦନଶୀଳ ଭାବେ ସୀମିତ କରନ୍ତି। ଏହାସହ ପୋଷ୍ଟମାର୍କ ତାରିଖକୁ ଖାତିର ନକରି ବିଳମ୍ବିତ ଭୋଟକୁ ଗଣନା କରନ୍ତି ନାହିଁ। କିନ୍ତୁ ଅନେକ ଆମେରିକୀୟ ନିର୍ବାଚନରେ ଏବେ ଡାକ ମାଧ୍ୟମରେ ବଡ଼ ପରିମାଣରେ ମତଦାନ କରାଯାଉଛି।

ଅନେକ ଅଧିକାରୀ ପୋଷ୍ଟମାର୍କ ବିନା କିମ୍ବା ନିର୍ବାଚନ ତାରିଖ ପରେ ଗ୍ରହଣ କରାଯାଇଥିବା ଭୋଟପତ୍ର ଗ୍ରହଣ କରନ୍ତି। ଆମେରିକୀୟ ନାଗରିକମାନଙ୍କର ଭୋଟକୁ ବେଆଇନ ଭାବରେ ମିଶ୍ରଣ ନକରି ନିରପେକ୍ଷ ଭାବରେ ଗଣନା କରିବା ସହ ତାଲିକାଭୁକ୍ତ କରିବାର ଅଧିକାର ନିର୍ବାଚନର ପ୍ରକୃତ ବିଜେତା ନିର୍ଣ୍ଣୟ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଟ୍ରମ୍ପଙ୍କ ଧମକ ପରେ ଶୁଳ୍କ ହ୍ରାସ କରିବ କି ଭାରତ!

ନୂଆଦିଲ୍ଲୀ,୨୬।୩: ଭାରତ ସରକାର ଆମେରିକା ସହିତ ଚାଲିଥିବା ବାଣିଜ୍ୟ ଆଲୋଚନା ଅଧୀନରେ ହାର୍ଲି-ଡେଭିଡସନ ମୋଟରସାଇକେଲ, ବର୍ବନ ହ୍ୱିସ୍କି ଏବଂ କାଲିଫର୍ନିଆ ମଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛନ୍ତି। ଉଭୟ ଦେଶ କିଛି ଉତ୍ପାଦ ଉପରେ ଶୁଳ୍କ ହ୍ରାସ କରିବା ସହିତ ବାଣିଜ୍ୟ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା କରୁଛନ୍ତି। ସରକାର ପୂର୍ବରୁ ହାର୍ଲି-ଡେଭିଡସନ ମୋଟରସାଇକେଲ ଉପରେ ଆମଦାନୀ ଶୁଳ୍କ ୫୦%ରୁ ୪୦ %କୁ ହ୍ରାସ କରିଥିଲେ। ଏବେ ଶୁଳ୍କକୁ ଆହୁରି ହ୍ରାସ କରିବା ପାଇଁ ଆଲୋଚନା ଚାଲିଛି, ଯାହା ଫଳରେ ଏହି ପ୍ରିମିୟମ ବାଇକଗୁଡ଼ିକ ବଜାରରେ ଆହୁରି ଶସ୍ତା ହୋଇଯିବ। ସେହିପରି, ବର୍ବନ ହ୍ୱିସ୍କି ଉପରେ ଆମଦାନୀ ଶୁଳ୍କ ସମ୍ପ୍ରତି ୧୫୦ %ରୁ ୧୦୦%କୁ ହ୍ରାସ କରାଯାଇଛି ଏବଂ ଅଧିକାରୀମାନେ ଏବେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଆହୁରି ସୁଗମ କରିବା ପାଇଁ ଆଉ ଏକ ହ୍ରାସ ବିଷୟରେ ବିଚାର କରୁଛନ୍ତି।

### କୋଚିରେରେ ଅନୁଷ୍ଠିତ ହେବ ଦୁଇଟି ମ୍ୟାଚ୍

# ଭାରତ ଆସିବେ ବିଶ୍ୱ ବିଜେତା ଲିଓନେଲ ମେସି



**ନୂଆଦିଲ୍ଲୀ,୨୬।୩:** ଭାରତର ଫୁଟବଲ୍ ପ୍ରେମୀମାନଙ୍କ ପାଇଁ ଖୁସି ଖବର। ଅକ୍ଟୋବରରେ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ କିମ୍ବଦନ୍ତୀ ଲିଓନେଲ୍ ମେସି ଏବଂ ଆର୍ଜେଣ୍ଟିନା ଦଳକୁ ଦେଖିବାର ସୁଯୋଗ ପାଇବେ। ୧୪ ବର୍ଷ ପରେ ବିଶ୍ୱକପ୍ ବିଜେତା ଅଧିନାୟକ ୨୦୧୧ ପରେ ଭାରତ ଗସ୍ତରେ ଆସିବେ। ଗତ ବର୍ଷ ନଭେମ୍ବରରେ, କେରଳର କ୍ରୀଡା ମନ୍ତ୍ରୀ ଭି ଅବଦୁରାହିମାନ ଘୋଷଣା କରିଥିଲେ ଯେ ଆର୍ଜେଣ୍ଟିନା ଦଳ କେରଳ ଗସ୍ତ କରିବ ଏବଂ କୋଚିରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ବୁଧବାର, ୨୬ ମାର୍ଚ୍ଚରେ, ଏଚ୍‌ଏସ୍‌ବିସି ଇଣ୍ଡିଆ ଆର୍ଜେଣ୍ଟିନା ଦଳର ଆଧିକାରିକ ଅଂଶୀଦାର ହୋଇ ଘୋଷଣା କରିଛି ଯେ ମ୍ୟାଚ୍ ଅକ୍ଟୋବରରେ ଅନୁଷ୍ଠିତ ହେବ, ଭାରତରେ ଫୁଟବଲ୍‌କୁ ସହଯୋଗ ଏବଂ ପ୍ରୋତ୍ସାହନ କରିବ। "ଏହି ସହଭାଗୀତା ଅଧୀନରେ, କିମ୍ବଦନ୍ତୀ ଖେଳାଳି ଲିଓନେଲ୍ ମେସିଙ୍କ ସମେତ ଆର୍ଜେଣ୍ଟିନା ଜାତୀୟ ଫୁଟବଲ୍ ଦଳ ଅକ୍ଟୋବର ୨୦୨୫ରେ ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ମ୍ୟାଚ୍ ପାଇଁ ଭାରତ ଗସ୍ତ କରିବେ ବୋଲି" ଏଚ୍‌ଏସ୍‌ବିସି ଇଣ୍ଡିଆର ଏକ ବିଜ୍ଞପ୍ତିରେ କୁହାଯାଇଛି। "ଆର୍ଜେଣ୍ଟିନା ଫୁଟବଲ୍ ଆସୋସିଏସନ୍ ଏବଂ ଏଚ୍‌ଏସ୍‌ବିସି ବୁଧବାର ଭାରତ ଏବଂ ସିଙ୍ଗାପୁର ପାଇଁ ଏକ ନୂତନ ଏକ ବର୍ଷର ସହଭାଗୀତା ସ୍ୱାକ୍ଷର ଘୋଷଣା କରିଛନ୍ତି, ଯାହା ୨୦୨୬ ବିଶ୍ୱକପ୍ ଯୋଗ୍ୟତା ଫାଇନାଲ ମ୍ୟାଚ୍ ପୂର୍ବରୁ ୨୦୨୫ରେ ପ୍ରତିଯୋଗିତାମୂଳକ ଋତୁକୁ କଭର କରିବ।" ମେସିଙ୍କ ପ୍ରଥମ ଭାରତ ଯାତ୍ରା ସେପ୍ଟେମ୍ବର ୨୦୧୧ ରେ ହୋଇଥିଲା, ଯେତେବେଳେ ସେ କୋଲକାତାରେ ଭେନେଜୁଏଲା ବିପକ୍ଷରେ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍ ଖେଳିଥିଲେ। ସଲ୍ଟ ଲେକ୍ ଷ୍ଟାଡିୟମରେ ଆର୍ଜେଣ୍ଟିନା ୧-୦ ବିଜୟ ହାସଲ କରିଥିଲା। ଇଣ୍ଟରନ୍ୟାସନାଲ୍ ୱେଲ୍ଥ ଏବଂ ପ୍ରିମିୟର ବ୍ୟାଙ୍କିଂ ଏଚ୍‌ଏସ୍‌ବିସି ଇଣ୍ଡିଆର ମୁଖ୍ୟ ସନ୍ଦୀପ ବାତ୍ରା କହିଛନ୍ତି: "ଯେତେବେଳେ ଆମେ ଫୁଟବଲ୍ ବିଶ୍ୱର ସବୁଠାରୁ ସମ୍ମାନିତ ଦଳଗୁଡ଼ିକ ମଧ୍ୟରୁ ଗୋଟିଏ ସହିତ ମିଶିଛୁ, ଆମେ ପ୍ରଶଂସକ ଏବଂ ଗ୍ରାହକମାନଙ୍କ ପାଇଁ ଅବିସ୍ମରଣୀୟ ଅଭିଜ୍ଞତା ସୃଷ୍ଟି କରିବାକୁ ଏବଂ ୨୦୨୬ ବିଶ୍ୱକପ୍ ଆଡକୁ ଆର୍ଜେଣ୍ଟିନା ଦଳକୁ ସମର୍ଥନ କରିବାକୁ ଅପେକ୍ଷା କରିଛୁ।"

## କୁଳଦୀପଙ୍କୁ ଚିଡ଼ାଇଲେ ପନ୍ତ, ଅକ୍ଷର



**ନୂଆଦିଲ୍ଲୀ, ୨୬।୩:** ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍‌ସ ସୋମବାର ରୋମାଞ୍ଚଭରା ବିଜୟ ହାସଲ କରିଥିଲା। ଦିଲ୍ଲୀ ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିଲା ବେଳେ ଉନ୍ନବିଂଶ ଓଭରରେ ଏହି ଦଳର ସ୍ପିନର୍ କୁଳଦୀପ ଯାଦବ ଏକ ଚତୁର ଚୌକା ମାରି ଉପଯୋଗୀ ଅବଦାନ ଛାଡ଼ିଥିଲେ। ନବମ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ବ୍ୟକ୍ତିଗତ ଭାବେ ସେ ୫ ବଲ୍‌ରୁ ୫ ରନ୍ କରିଥିଲେ। ଆଶୁତୋଷ ଶର୍ମାଙ୍କ ସହ ମିଶି ନବମ ୱିକେଟ୍‌ରେ ବହୁମୂଲ୍ୟ ୨୧ ରନ୍ ଯୋଡ଼ି ଦିଲ୍ଲୀ ପଶ୍ଚାତ୍‌ଧାବନକୁ ଜୀବନ୍ତ ରଖିଥିଲେ। ଆଶୁତୋଷଙ୍କ ଜବରଦସ୍ତ ବ୍ୟାଟିଂ ବଳରେ ଦିଲ୍ଲୀ ଶେଷରେ ୧ ୱିକେଟ୍‌ର ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ମ୍ୟାଚ୍ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କୁଳଦୀପଙ୍କୁ ତାଙ୍କ ନିଜ ଦଳର ଅଧିନାୟକ ଅକ୍ଷର ପଟେଲ ଓ ପ୍ରତିପକ୍ଷ ଅଧିନାୟକ ଋଷଭ ପନ୍ତ ଉକ୍ତ ଭାଗ୍ୟଶାଳୀ ଚୌକା କଥା ମନେ ପକାଇ ଦେଇଥିଲେ। ତାଙ୍କୁ କଟାକ୍ଷ କରି କହିଥିଲେ, ସିଙ୍ଗଲ ନେଉଥିଲେ, ଚୌକା ମିଳିଗଲା। କୁଳଦୀପ କିନ୍ତୁ ଏହାକୁ ମାନି ନଥିଲେ। ଏଭଳି ଟାହି ଟାପରାର ସାହସିକ ଜବାବ ରଖି ସେ କହିଥିଲେ ଯେ ମୋ କାମ ଥିଲା ସିଙ୍ଗଲ ନେବା, ହେଲେ ବୋଲର ଏକ ଦୁର୍ବଳ ବଲ୍ ପକାଇଥିଲେ। ଏଣୁ ମୁଁ ଏହାକୁ ସୀମାରେଖା ବାହାରକୁ ପଠାଇ ଦେଇଥିଲି। ଏହା ଶୁଣି ତିନିଜଣ ଯାକ ଏକାଠି ଖୁବ୍ ଜୋରରେ ହସିବାକୁ ଲାଗିଥିଲେ।

## ମୁମ୍ବାଇରେ ନୂଆ ଘର କିଣିଲେ ସୂର୍ଯ୍ୟକୁମାର ଯାଦବ

**ମୁମ୍ବାଇ, ୨୬।୩:** ମୁମ୍ବାଇରେ ନୂଆ ଘର କିଣିଲେ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବ। ଦେଓନାରର ଗୋଦରେଜ ସ୍କାଇ ଟେରେସରେ ୨ଟି ଫ୍ଲାଟ କିଣିଛନ୍ତି ବୋଲି ଶୁଣିବାକୁ ମିଳିଛି। ଏହା ପ୍ରାୟ ୪୨୨୨.୭୬ ସ୍କୋୟାର ଫୁଟର ଫ୍ଲାଟ ରହିଛି। ସୂଚନାନୁଯାୟୀ, ସୂର୍ଯ୍ୟକୁମାର ଯାଦବ ଏବଂ ତାଙ୍କ ସ୍ତ୍ରୀ ଦେବିଶା ମୁମ୍ବାଇରେ ଦୁଇଟି ନୂଆ ଘର କିଣିଛନ୍ତି। ଦେଓନାରର ଗୋଦରେଜ ସ୍କାଇ ଟେରେସରେ ୨ଟି ଫ୍ଲାଟ କିଣିଛନ୍ତି ବୋଲି ଶୁଣିବାକୁ ମିଳିଛି। ଏହା ପ୍ରାୟ ୪୨୨୨.୭୬ ସ୍କୋୟାର ଫୁଟର ଫ୍ଲାଟ ରହିଛି। ଯେଉଁ ଘରର ଦାମ କୋଟି କୋଟି ଟଙ୍କା ମୂଲ୍ୟର ବୋଲି ଜଣାପଡିଛି। ଫ୍ଲାଟର ମୂଲ୍ୟ ପ୍ରାୟ ୨୧.୧୧ କୋଟି ହୋଇଥିବା ବେଳେ ନେମ୍ ଷ୍ଟାମ୍ପର ଦାମ ୧.୨୬ କୋଟି ରହିଛି। ଏପର୍ଯ୍ୟନ୍ତ ଫ୍ଲାଟର କୌଣସି ଫଟୋ ଦେଖିବାକୁ ମିଳିନାହିଁ। ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ ଆଇପିଏଲ ୨୦୨୫ ମ୍ୟାଚ ପାଇଁ ବ୍ୟସ୍ତ ରହିଛନ୍ତି। ଆଇପିଏଲ ୨୦୨୫ ରେ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ପାଇଁ ଖେଳୁଛନ୍ତି। ଅନେକ ସମୟରେ ମୌକାରେ ଚଉକା ମାରି ତାଙ୍କ ଚମତ୍କାର ବ୍ୟାଟିଂର ପ୍ରଦର୍ଶନ କରିଥାନ୍ତି। କିନ୍ତୁ ଏଥର ଆଇପିଏଲ ୨୦୨୫ ମ୍ୟାଚରେ ସେମିତି କିଛି ବିଶେଷ ଖେଳିନାହାଁନ୍ତି ଯାଦବ। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳାଯାଇଥିଲା। ମୁମ୍ବାଇ ଦ୍ୱାରା ରଖାଯାଇଥିବା ୧୫୬ ରନର ଲକ୍ଷ୍ୟକୁ ଚେନ୍ନାଇ ୧୯.୧ ଓଭରରେ ୧୫୮ ରନ କରି ହାସଲ କରିନେଇଥିଲା। ଦଳ ପକ୍ଷରୁ ରଚିନ ରବୀନ୍ଦ୍ର ୬୫ ରନ ଓ ଋତୁରାଜ ଗାଇକ୍ୱାଡ ୫୩ ରନ କରିଥିଲେ।

### ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଖଲ୍ଲିକୋଟ ଚାମ୍ପିଅନ




ହିଞ୍ଜିଳିକାଟୁ, ୨୬।୩ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ତଥା 'ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍'ର ଫାଇନାଲ ମ୍ୟାଚରେ ରଙ୍ଗେଇଲୁଣ୍ଡାର ମା' ସୀତା କଲ୍ୟାଣୀ କ୍ରିକେଟ ଟିମକୁ ୩୪ରନରେ ପରାଜିତ କରି ଖଲ୍ଲିକୋଟର ରୟାଲ ଷ୍ଟ୍ରାଇକର ଦଳ ଚମ୍ପିୟନ ହୋଇଛି। ଖଲ୍ଲିକୋଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ୱିକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ ରଙ୍ଗେଇଲୁଣ୍ଡା ଦଳ ୧୦ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୬୬ ରନ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବିଜେପି ନେତା ସନ୍ତୋଷ ପାଣିଗ୍ରାହୀ, ମାଧବ ଗୌଡ଼, ଅନ୍ତର୍ଯ୍ୟାମୀ ପାତ୍ର, ଉଦ୍ୟୋଗପତି ନିମାଇଁ ଚରଣ ଗୌଡ଼, ନଗର ବିଜେପି ସଭାପତି ସୁଧାଂଶୁ ସାବତ, ବିଜେପି କଞ୍ଚୁରୁ ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ଯୁବ ନେତା ସନ୍ତୋଷ ପଣ୍ଡା, ସାମ୍ବାଦିକ ବିନାୟକ ପଟ୍ଟନାୟକ, ନୀଳାଞ୍ଚଳ ସାହୁ, ପବିତ୍ର ପାତ୍ର ଓ ବିଦ୍ୟାଧର ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ଖଲ୍ଲିକୋଟ ଦଳର ଲିଙ୍ଗା ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ରଙ୍ଗେଇଲୁଣ୍ଡା ଦଳର ରାମ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥି ମାନେ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଶ୍ରୀଧର ମହାରଣା ମଞ୍ଚ ପରିଚାଳନା କରିଥିଲେ।

# ଲଜ୍ଜାଜନକ ରେକର୍ଡ ହାସଲ କଲେ ଗ୍ଲେନ ମ୍ୟାକ୍ସୱେଲ




ନୂଆଦିଲ୍ଲୀ,୨୬।୩: ପଞ୍ଜାବ କିଙ୍ଗସ ୧୧ ରନରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଥିଲା। କିନ୍ତୁ ଏହା ପୂର୍ବରୁ ପଞ୍ଜାବ କିଙ୍ଗସ ବ୍ୟାଟସମ୍ୟାନ ଗ୍ଲେନ ମ୍ୟାକ୍ସୱେଲଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ରେକର୍ଡ ହୋଇଥିଲା। ମ୍ୟାକ୍ସୱେଲ ଆଇପିଏଲ ଇତିହାସରେ ସର୍ବାଧିକ ଥର ଶୂନରେ ଆଉଟ ହୋଇଥିବା ଖେଳାଳି ହୋଇଛନ୍ତି। ଏପର୍ଯ୍ୟନ୍ତ ୧୩୫ଟି ଆଇପିଏଲ୍ ମ୍ୟାଚ୍‌ରେ, ଗ୍ଲେନ ମ୍ୟାକ୍ସୱେଲ ୧୯ ଥର ଶୂନ୍ୟରେ ଆଉଟ ହୋଇଛନ୍ତି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ସାଇ କିଶୋର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଉଟ କରିଥିଲେ। ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକ ଏହି ତାଲିକାରେ ମିଳିତ ଭାବରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏପର୍ଯ୍ୟନ୍ତ ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକ ୧୮ ଥର ଶୂନ୍ୟରେ ପାଭିଲିୟନ ଫେରିଛନ୍ତି। ମ୍ୟାକ୍ସୱେଲ ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକଙ୍କୁ ପଛରେ ପକାଇ ଦେଇଛନ୍ତି। ପଞ୍ଜାବ କିଙ୍ଗ୍ସ ବ୍ୟତୀତ, ଗ୍ଲେନ ମ୍ୟାକ୍ସୱେଲ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଂଶ ରହିସାରିଛନ୍ତି। ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ପାଇଁ ଖେଳିଛନ୍ତି। ଦିନେଶ କାର୍ତ୍ତିକ ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଲାୟନ୍ସ, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳିଥିଲେ। ଆଇପିଏଲ ଇତିହାସରେ, ସୁନୀଲ ନାରିନ ହେଉଛନ୍ତି ସବୁଠାରୁ ଅଧିକ ଥର ଶୂନରେ ଆଉଟ ହୋଇଥିବା ବ୍ୟାଟସମ୍ୟାନ। କୋଲକାତା ନାଇଟ ରାଇଡର୍ସର ସୁନୀଲ ନାରିନ ୧୬ ଥର ଶୂନ୍ୟରେ ପ୍ୟାଭିଲିୟନ ଫେରିଥିଲେ। ଏହା ବ୍ୟତୀତ ପୀୟୁଷ ଚାୱଲା ପଞ୍ଚମ ସ୍ଥାନରେ ଅଛନ୍ତି। ପୀୟୁଷ ଚାୱଲା ଆଇପିଏଲ ଇତିହାସରେ ୧୬ ଥର ଡକରେ ଆଉଟ ହୋଇଥିଲେ। ଆଇପିଏଲରେ, ପୀୟୁଷ ଚାୱଲା ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ସହିତ କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ପାଇଁ ଖେଳିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଂଗ୍ରେସ...

ଜାଣିଛନ୍ତି ଓ ସେମାନେ କଦାପି କଂଗ୍ରେସ ବିଧାୟକଙ୍କ ଏପରି ଆଚରଣକୁ କଦାପି ବରଦାସ୍ତ କରିବେ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଏହି ଅବସରରେ ଶ୍ରୀ ହରିଚନ୍ଦନ ଉଭୟ କଂଗ୍ରେସ ଓ ବିଜେଡିକୁ ଟାର୍ଗେଟ୍ କରି କହିଛନ୍ତି ଯେ ପୂର୍ବ ସରକାରଗୁଡ଼ିକ ସମୟରେ ମହିଳାଙ୍କ ପ୍ରତି ଯେପରି ଅତ୍ୟାଚାର ହୋଇଛି, ତାହାକୁ ଓଡ଼ିଶାବାସୀ କଦାପି ଭୁଲିପାରିବେ ନାହିଁ। ଅତୀତର କାର୍ଯ୍ୟକୁ ଅନୁଶୀଳନ କଲେ ଭଗବାନ କ୍ଷମା କରିବେନି। ଛବିରାଣୀ, ଅନ୍ଧୁଣୀ, ଅଞ୍ଜନା ଗଣବଳାତ୍କାର ମାମଲା କିଏ କରିଥିଲା ? ଏହିସବୁ ନାରକୀୟ କାଣ୍ଡ କଂଗ୍ରେସ ସରକାର ଅମଳରେ ହୋଇଥିଲେ ହେଁ ଏହି ଦଳ ଆଜି ମହିଳା ସୁରକ୍ଷା କଥା କହିବା ହାସ୍ୟାସ୍ପଦ। ପରୀ, ଛତିଶ୍ରୀ, ବେବିନା, ସ୍ମିତାରାଣୀ ଭଳି ୨୪ ବର୍ଷରେ ଅନେକ କିଛି ବୀଭତ୍ସ ଅପରାଧ ରାଜ୍ୟରେ ଘଟିଛି। ତେଣୁ ବିଜେଡି ଆଇନଶୃଙ୍ଖଳା କଥା କହିବା 'ଲଙ୍କାରେ ହରି ଶବ୍ଦ' ସହ ସମାନ। ଗୋଟିଏ ଲୋକ କଥାରେ ଉଠବସ୍ ହେଉଥିଲା ସରକାର। ପୁଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିଲା ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସେହିପରି କଂଗ୍ରେସର ଗୃହ କମିଟି ଦାବି ଉପରେ ସେ କହିଛନ୍ତି ଯେ ଦଳର ଏପରି ଦାବିରେ କୌଣସି ଯୌକ୍ତିକତା ନାହିଁ। ବିଧାନସଭାର ରୁଲ ଆଣ୍ଡ ପ୍ରୋସିଜିଓର କହୁଛି ଯେ କୌଣସି ନିର୍ଦ୍ଦିଷ୍ଟ ଘଟଣାରେ ଗୃହ କମିଟି ଗଠନ କରାଯାଏ।

କିନ୍ତୁ ସାମଗ୍ରିକ ଘଟଣାକୁ ନେଇ ଗୃହ କମିଟି ଗଠନ କରାଯିବାର କୌଣସି ପ୍ରାବଧାନ ନାହିଁ। ଏହା କଂଗ୍ରେସ ସଦସ୍ୟମାନେ ମଧ୍ୟ ଭଲ ଭାବେ ଜାଣିଛନ୍ତି। କେବଳ ଅଛିଣ୍ଡା ଅଙ୍କ କଥା କହି ଗୃହକୁ ୱାକ୍‌ଆଉଟ କରିବାକୁ ଦଳ ଯୋଜନା କରିଛି। ବିରୋଧୀ ଉତ୍ତର ଚାହୁଁଛନ୍ତି, ଆମେ ଉତ୍ତର ଦେବାକୁ ବି ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ମଧ୍ୟ ଉତ୍ତର ଦେବାକୁ ପ୍ରସ୍ତୁତ। ବିରୋଧୀ

ଦଳର ବିଧାୟକମାନେ କେବେ ବି ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିନାହାନ୍ତି। କିନ୍ତୁ ତା'ମାନେ ନୁହେଁ ଯେ ଉତ୍ତର ବାହାରେ ମାଗିବେ ଓ ବିଧାନସଭାରେ ଗଣ୍ଡଗୋଳ କରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଆଇନ ମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରତିଦିନ ବିଧାନସଭା କାର୍ଯ୍ୟ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ବାହାର ସୁରକ୍ଷା ବ୍ୟବସ୍ଥାକୁ ମିଶାଇଲେ ଦିନକୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଗୃହରେ ବିଶୃଙ୍ଖଳା ସୃଷ୍ଟି କରି କଂଗ୍ରେସ ଗରିବ ଲୋକଙ୍କ ଟିକସ ଅର୍ଥକୁ ବରବାଦ କରୁଛି ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ହିସାବରେ ଆମ ସହ ମିଶି କାମ କରିବା ସହ ରାଜ୍ୟର ବିକାଶ ପାଇଁ ନକ୍ସା ପ୍ରସ୍ତୁତିରେ ସହଯୋଗ କରିବା ସକାଶେ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ତେବେ କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ହଟିବା ନେଇ ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଅନୁପ ସାଏ ନିଲମ୍ବିତ ହୋଇଥିଲେ ହେଁ କ୍ଷମା ପ୍ରାର୍ଥନା ପୂର୍ବକ ସେ ଗୃହକୁ ଫେରିପାରିଥିଲେ। ତେଣୁ ଏବର କଂଗ୍ରେସ ବିଧାୟକମାନେ ମଧ୍ୟ ଗୃହକୁ ଫେରିପାରିବେ, କିନ୍ତୁ ସେମାନଙ୍କୁ ନିଜର ଆଚରଣ ପାଇଁ କ୍ଷମା ପ୍ରାର୍ଥନା କିରବାକୁ ପଡ଼ିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଏଥିସହ ଗୃହକୁ ଚଳାଇବା ଦିଗରେ କଂଗ୍ରେସ ବିଧାୟକମାନଙ୍କଠାରୁ ସେ ସକାରାତ୍ମକ ଆଚରଣ ଆଶା କରୁଥିବା ମନ୍ତ୍ରୀ କହିଛନ୍ତି।

### ୧୨ରେ...

ପ୍ରବେଶ ପାଇଁ ସୁଯୋଗ ନ ଦେବା କେଉଁ ଆଇନରେ ଲେଖା ହୋଇଛି ବୋଲି ତାରା ପ୍ରଶ୍ନ କରିଛନ୍ତି।ସୂଚନାଯୋଗ୍ୟ ଯେ ଚଳିତ ବଜେଟ୍ ଅଧିବେଶନ ଆରମ୍ଭରୁ ମହିଳା ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଦାବିରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଜାରି ରହିଥିଲା। ପ୍ରଥମେ ଦେହରେ ପୋଷ୍ଟର ଗୁଡାଇ ଗୃହ ମଧ୍ୟରେ ହଙ୍ଗାମା ପ୍ରଦର୍ଶନ କରୁଥିବା କଂଗ୍ରେସ ସଦସ୍ୟମାନେ ପରବର୍ତ୍ତୀ ସମୟରେ କଳାପୋଷାକ ପିନ୍ଧି ଆସିବା ସହ ଗୃହ ମଧ୍ୟରେ ଘଣ୍ଟ, ମହୁରୀ, ସୁସୁରୀ, ବଇଂଶୀ, ଗିନି ଆଦି ବଜାଇଥିଲେ। ଏଥିଯୋଗୁଁ ପ୍ରାୟ ପ୍ରତିଦିନ ପ୍ରଶ୍ନକାଳ ଓ ଶୂନ୍ୟକାଳ ଧୋଇଯାଇଥିଲା। କଂଗ୍ରେସ ସଦସ୍ୟମାନଙ୍କୁ ଏଭଳି ବିଶୃଙ୍ଖଳିତ ଆଚରଣ ନ କରିବା ପାଇଁ ଆଜି ଉପବାଚସ୍ପତି ତାଗିଦା କରିଥିଲେ। ଏପରିକି ବାଚସ୍ପତିଙ୍କ ଉପରକୁ କାଗଜ ଫିଙ୍ଗିବା ଅଭିଯୋଗରେ ବିଧାୟକ ଶ୍ରୀ ବାହିନୀପତିଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରାଯାଇଥିଲା। ତାରାଙ୍କ ନିଲମ୍ବନ ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ଗୃହରେ ବିଭିନ୍ନ ଉପାୟରେ ହଙ୍ଗାମା ଜାରି ରଖିଥିଲେ। ଉପବାଚସ୍ପତିଙ୍କ ତାଗିଦାକୁ କଂଗ୍ରେସ ସଦସ୍ୟମାନେ ମାନିନଥିବା ବେଳେ ବାରମ୍ବାର ବସୁଥିବା ସର୍ବଦଳୀୟ ବୈଠକରେ ବି କୌଣସି ନିଷ୍କର୍ଷ ବାହାରିପାରୁନଥିଲା। ଶେଷରେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ସମସ୍ତ ୧୪ ସଦସ୍ୟଙ୍କୁ ବାଚସ୍ପତି ନିଲମ୍ବନ କରିଛନ୍ତି। ଅନ୍ୟପକ୍ଷରେ ବିଧାନସଭାରୁ ହଟିବା ପରେ କଂଗ୍ରେସ ବିଧାୟକମାନେ ଜାତୀୟ ରାଜପଥ ଉପରେ ରାତି କାଟିଥିଲେ। ସେମାନେ ରାସ୍ତାରେ ଶୋଇବା ସହ ସରକାରଙ୍କ ସ୍ୱେଚ୍ଛାଚାରିତାକୁ ନିନ୍ଦା କରିଥିଲେ। ସେମାନଙ୍କ ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଓ କଂଗ୍ରେସ କଦାପି ପଛକୁ ହଟିବ ନାହିଁ ବୋଲି ବିଧାୟକମାନେ କହିଥିଲେ। ଆଜି ସକାଳୁ ଦଳୀୟ ବିଧାୟକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଘଣ୍ଟ ବାଡ଼େଇ, ହୁଳହୁଳି ପକାଇ କଂଗ୍ରେସ ବିଧାୟକ ଓ କର୍ମୀମାନେ କଂଗ୍ରେସ ଭବନରୁ ବାହାରିଥିଲେ। ଲୋୟର ପିଏମ୍‌ଜିରେ ଗୋଟିଏ ପରେ ଗୋଟିଏ ପୁଲିସ୍ ବ୍ୟାରିକେଡ୍ ଭାଙ୍ଗି ସେମାନେ ବିଧାନସଭା ଭିତରେ ପଶିବାକୁ ଉଦ୍ୟମ କରିଥିଲେ। ଏହାପରେ ବିଧାନସଭା ମୁଖ୍ୟ ଫାଟକ ନିକଟରେ ଆରମ୍ଭ ହୋଇଥିଲା ପୁଲିସ୍ ସହ ଧସ୍ତା ଧସ୍ତି, ଠେଲାପେଲା। କଂଗ୍ରେସ ବିଧାୟକ ସାଗର ଦାସ ଏକ ଘଣ୍ଟ ସାହାଯ୍ୟରେ ବିଧାନସଭା ଗେଟ୍‌ର ତାଲା ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ତେବେ ସେଠାରେ ପୁଲିସ୍ ନିଲମ୍ବିତ ବିଧାୟକ ଓ କର୍ମୀମାନଙ୍କୁ ଅଟକ ରଖିଥିବା ବେଳେ କେବଳ ଶ୍ରୀ ବାହିନୀପତି ଓ ଶ୍ରୀ ଜେନାଙ୍କୁ ଗୃହ ଭିତରେ ପ୍ରବେଶ ସୁଯୋଗ ଦିଆଯାଇଥିଲା।

### ଆଲୋଚନାକୁ...

କଦାପି ଗ୍ରହଣୀୟ ନୁହେଁ। ପୁଲିସ୍ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ତାଙ୍କ ପାଖରେ ସେନେଇ କିଛି ବି ତଥ୍ୟ ନାହିଁ। କିନ୍ତୁ କଂଗ୍ରେସ ଗୃହରେ ଯେଉଁ ଦାବି କରୁଛି, ତାହା ଯୁକ୍ତିଯୁକ୍ତ ନୁହେଁ। ଗୃହ କମିଟି ଦାବି କରିବାର ଯୌକ୍ତିକତା କିଛି ବି ନାହିଁ। ରାଜ୍ୟରେ ଏପରି କ'ଣ ଘଟଣା ଘଟିଛି ଯେ ଗୃହ କମିଟି ଗଠନ ହେବ ? ସର୍ବଦଳୀୟ ବୈଠକରେ ମଧ୍ୟ ମୁଖ୍ୟ ବିରୋଧୀଦଳ ବିଜେଡି ବି ଗୃହ କମିଟି ଗଠନର କୌଣସି ଆବଶ୍ୟକତା ନାହିଁ ବୋଲି କହିସାରିଛି। ତେଣୁ କଂଗ୍ରେସ ରାଜ୍ୟର ସାଢ଼େ ୪ କୋଟି ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆଲୋଚନାକୁ ଆସିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ବିଧାନସଭାରେ ସେମାନଙ୍କୁ ମାଡ଼ ମରାଯାଇଥିବା ନେଇ କଂଗ୍ରେସ ବିଧାୟକମାନେ କରିଥିବା ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁମାନେ ମାଡ଼ ମାରିଛନ୍ତି ସେମାନେ କେଉଁ ସ୍ତରର କର୍ମଚାରୀ ଯେ ସେମାନେ ବିଧାୟକଙ୍କୁ ମାଡ଼ ମାରିବାର ଔଦ୍ଧତ୍ୟ କରିପାରିବେ। ମିଛ କହିବାର ଗୋଟେ ସୀମା ଥାଏ। ଗୋଟିଏ ପଟେ ବିଧାୟକମାନେ ପ୍ରଶ୍ନକାଳରେ ଅଂଶଗ୍ରହଣ କରୁନାହାନ୍ତି, ଅନ୍ୟପଟେ ସେମାନଙ୍କୁ ମାଡ଼ମରା ଯାଇଥିବା ନେଇ ମିଛ ଅଭିଯୋଗ କରୁଛନ୍ତି। ଏହାକୁ କେହି ବି ଗ୍ରହଣ କରିବେ ନାହିଁ। ତା'ଛଡ଼ା ସେମାନଙ୍କୁ ଗୃହ କାର୍ଯ୍ୟ ଦୀର୍ଘ ଦିନ ଧରି ଅଚଳ ରଖିବାର ଅଧିକାର କିଏ ଦେଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

### ବଘେଲଙ୍କ...

ଏଥିରେ ବଘେଲ୍ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ତେବେ ଠିକ ଏହା ପୂର୍ବରୁ ସିବିଆଇ ତାଙ୍କ ରାୟପୁର ଓ ଭିଲାଇ ବାସଭବନରେ ଚଢ଼ାଉ କରିଛି ବୋଲି ଦର୍ଶାଯାଇଛି। ତେବେ ଏହି ସିବିଆଇ ଚଢ଼ାଉକୁ ନେଇ ଶାସକ ବିଜେପି ଉପରେ ରାଜ୍ୟ କଂଗ୍ରେସ କମ୍ୟୁନିକେସନ ୱିଙ୍ଗ ମୁଖ୍ୟ ସୁଶୀଲ ଆନନ୍ଦ ଶୁକ୍ଲା ବର୍ଷିଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବଘେଲଙ୍କୁ ନେଇ ବିଜେପି ଭୟଭୀତ ହୋଇ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବଘେଲ୍ ପଞ୍ଜାବ କଂଗ୍ରେସର ମୁଖ୍ୟ ଦାୟିତ୍ୱ ନେବା ପରେ ବି ବିଜେପି କାହିଁକି ଭୟଭୀତ ବୋଲି ସେ ପ୍ରଶ୍ନ କରିଛନ୍ତି।

### ବାଜି ମାରିନେଲା...

ବିଜେଡି ଆଭିମୁଖ୍ୟ ବି ସରକାରୀ ଦଳକୁ ସୁହାଇଲା ଭଳି ଲାଗୁଛି। ବିଧାନସଭାରେ ବିଜେଡି ବିଧାୟକଙ୍କ ସଂଖ୍ୟା ୫୧ ଥାଇ ବି ଯେଉଁଭଳି ଆକ୍ରମଣାତ୍ମକ ହେବା କଥା, ଦଳଠାରେ ତାହା ଦେଖିବାକୁ ମିଳୁନାହିଁ। ଯେଉଁଥିପାଇଁ ଏବେ ବିଧାନସଭାରେ ପ୍ରକୃତ ବିରୋଧୀ ଦଳ କିଏ, ତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଯଦିଓ କଂଗ୍ରେସ ଯାହା କରୁଛି ତାକୁ ସମସ୍ତେ ଗ୍ରହଣ କରିପାରୁନାହାନ୍ତି, କିନ୍ତୁ ଦଳ ମାତ୍ର ୧୪ ଜଣ ବିଧାୟକରେ ଗୋଟିଏ ପ୍ରସଙ୍ଗରେ ସରକାରଙ୍କୁ ଗତ ୧୭ ଦିନ ହେଲା ଘେରିବା କିଛି ଛୋଟ କଥା ନୁହେଁ।

### ଶପଥ ନେଲେ...

ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୮୯ରେ ସେହି ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିବା ଜଷ୍ଟିସ୍ ଟଣ୍ଡନ୍ ଉକ୍ତ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ ନାମ ପଞ୍ଜିକରଣ କରି ଓକିଲାତି ଆରମ୍ଭ କରିଥିଲେ। ଦେୱାନୀ ମାମଲା ପରିଚାଳନାରେ ସେ ବେଶ୍ ସିଦ୍ଧହସ୍ତ। ୨୦୧୦ ଏପ୍ରିଲ ୧୩ ତାରିଖରେ ସେ କଲିକତା ହାଇକୋର୍ଟରେ ବିଚାରପତି ପାଇଥିଲେ। ଜଷ୍ଟିସ୍ ଟଣ୍ଡନ୍ କଲିକତା ହାଇକୋର୍ଟର ବିଚାରପତି ଭାବେ ଅନେକ ଦୃଷ୍ଟାନ୍ତମୂଳକ ରାୟ ପ୍ରଦାନ କରିଛନ୍ତି।

### କାହିଁକି କାର୍ଯ୍ୟାନୁଷ୍ଠାନ...

ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ ସଦସ୍ୟ। ୨୧ ମାର୍ଚ୍ଚରେ ଉପବାଚସ୍ପତି ରୁଲିଂ ଦେଇଥିଲେ, ବିଶୃଙ୍ଖଳିତ ଆଚରଣରୁ ନିବୃତ୍ତ ରହିବାକୁ। ଏସବୁ ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିବାରୁ କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ଗତକାଲି ନିଲମ୍ବନ କରାଯାଇଥିଲା। ଏହାପରେ ବି ସେମାନେ ଗୃହ ପରିତ୍ୟାଗ କରିନଥିଲେ। ଗୃହ ପରିତ୍ୟାଗ ନ କରି ଅହୋରାତ୍ର ଧାରଣାରେ ରହିବେ ବୋଲି ଜଣାଇବା ପରେ ସୁରକ୍ଷା ସହିତ ସବୁପ୍ରକାର ବ୍ୟବସ୍ଥା କରିବାକୁ ବିଧାନସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଥିଲି। କିନ୍ତୁ ରାତି ୯ଟାରେ କଂଗ୍ରେସ ସଦସ୍ୟ ଓ ତାଙ୍କ ସହ ଆସିଥିବା କିଛି ରାଜନୈତିକ କର୍ମୀ ମାର୍ଶଲ ଓ ସୁରକ୍ଷାକର୍ମୀଙ୍କୁ ବିଧାନସଭା ବାରଣ୍ଡାକୁ ଆସି ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ବିଧାନସଭା ପରିସରରେ ବିଶୃଙ୍ଖଳା ବଢୁଥିବାରୁ ପୁନର୍ବାର ରାତି ୨ଟାରେ କେତେକ କଂଗ୍ରେସ ବିଧାୟକଙ୍କୁ ମାର୍ଶାଲ ଗେଟ୍ ବାହାରକୁ ନେଇ ସସମ୍ମାନେ ଛାଡ଼ିଥିଲେ। ପରେ ଆଉ କିଛି ବିଧାୟକ ସ୍ୱତଃପ୍ରବୃତ୍ତ ଭାବେ ବିଧାନସଭା ବାହାରକୁ ଯାଇଥିଲେ ବୋଲି ବାଚସ୍ପତି ତାଙ୍କ ବିବୃତିରେ କହିଛନ୍ତି।

### ମାଓବାଦୀଙ୍କ...

ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ସେଣ୍ଟର୍ ଅଫ୍ ସାଇବର୍ ଏକ୍ସିଲେନ୍ସ ସ୍ଥାପନ ଆଦି ବ୍ୟବସ୍ଥାର ଉପଯୋଗ କରି ପୁଲିସ ବ୍ୟବସ୍ଥାକୁ ଆଧୁନିକ ଏବଂ ବୈଷୟିକ କୌଶଳଯୁକ୍ତ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। ଏଥିସକାଶେ ଗୃହ ବିଭାଗ ବଜେଟ୍‌ରେ ମଧ୍ୟ ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକଶିତ ଭାରତ ଓ ବିକଶିତ ଓଡିଶାର ସଂକଳ୍ପକୁ ସାକାର କରିବା ଦିଗରେ ଗୃହ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ସୁଦୃଢ଼ ଆଇନଶୃଙ୍ଖଳା ବ୍ୟବସ୍ଥା ରାଜ୍ୟର ଦ୍ରୁତ ଶିଳ୍ପାୟନ ଓ ସର୍ବବିଧ ବିକାଶ ପାଇଁ ଅପରିହାର୍ଯ୍ୟ। ଏଥିସହ ମହିଳା, ଶିଶୁ, ଦୁର୍ବଳ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଲିସର ସୁବନ୍ଦୋବସ୍ତ ଯୋଗୁଁ ୨୦୨୪ ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଏବଂ ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଐତିହାସିକ ବାଲିଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା। ସେହିପରି ଗତବର୍ଷ ନଭେମ୍ବର ମାସ ୨୯ ତାରିଖରୁ ଡିସେମ୍ବର ମାସ ୦୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ଆରକ୍ଷୀ ନିର୍ଦ୍ଦେଶକ ସମ୍ମିଳନୀ, ଡିସେମ୍ବର ୦୩ ରୁ ୦୭ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିବା ଭାରତୀୟ ନୌସେନା ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଧ୍ୟ ଶୃଙ୍ଖଳିତ ଭାବେ ଆୟୋଜନ କରାଯାଇଥିଲା।

ଚଳିତବର୍ଷ ଜାନୁଆରୀ ସ୍ଥାନୀୟ ଜନତା ମଇଦାନଠାରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀଙ୍କ ସମେତ ଅନେକ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପୃଥିବୀର କୋଣ ଅନୁକୋଣରୁ ବହୁ ସଂଖ୍ୟକ ପ୍ରବାସୀ ଭାରତୀୟ ଯୋଗଦେଇଥିଲେ। ପୁଲିସ୍‌ର ସୁବନ୍ଦୋବସ୍ତ ଯୋଗୁଁ ଏହି ପ୍ରବାସୀ ଭାରତୀୟ ଦିବସ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା। ଏହାସହ ଜାନୁଆରୀ ମାସରେ ଜନତା ମଇଦାନଠାରେ 'ଉତ୍କର୍ଷ ଓଡିଶା- ୨୦୨୫' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶ ବିଦେଶର ବହୁ ଶିଳ୍ପପତି ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ପୁଲିସର ସୁବନ୍ଦୋବସ୍ତ ଯୋଗୁ ଏହା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଫେବୃଆରୀ ୦୯ ତାରିଖରେ ବାରବାଟୀ ଷ୍ଟାଡିୟମ, କଟକ ଠାରେ ବହୁ ପ୍ରତୀକ୍ଷିତ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚର ଆୟୋଜନ ଏବଂ ସୁପରିଚାଳନାରେ ପୁଲିସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଶ୍ରମିକ ଧର୍ମଘଟ ଓ ବିଭିନ୍ନ କର୍ମଚାରୀ ସଂଗଠନ ପକ୍ଷରୁ ହେଉଥିବା ଆନ୍ଦୋଳନଗୁଡିକ ପୋଲିସର ସମୟୋଚିତ ଏବଂ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିପୂର୍ଣ୍ଣ ଭାବେ ସମାହିତ ହୋଇଛି । ଚଳିତ ବର୍ଷ ଅଦ୍ୟାବଧି ରାଜ୍ୟରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ଘଟିନାହିଁ। ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୨୪ ମସିହାରେ ୬ ଜଣ ମାଓବାଦୀଙ୍କ ପ୍ରାଣହାନୀ ଘଟିଥିବା ବେଳେ ୮ ଜଣ ଗିରଫ ହୋଇଛନ୍ତି ଏବଂ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି। ଚଳିତବର୍ଷ ଜାନୁଆରୀରେ ନୂଆପଡା ଜିଲ୍ଲା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ, ଓଡ଼ିଶା ପୁଲିସ, ଛତିଶଗଡ଼ ପୁଲିସ ଏବଂ ସିଆରପିଏଫ୍‌ର ମିଳିତ ଅଭିଯାନରେ ମାଓବାଦୀ ସଂଗଠନର ଜଣେ ବରିଷ୍ଠ କ୍ୟାଡର ସହ ୧୭ ଜଣ ମାଓବାଦୀଙ୍କୁ ନିପାତ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏହି ଅଭିଯାନରେ ଓଡ଼ିଶା ପୋଲିସର ଏସ.ଓ.ଜି (ସ୍ପେଶାଲ ଅପରେସନ ଗ୍ରୁପ) ଯବାନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତବର୍ଷ ଫେବୃଆରୀ ମାସରେ କଳାହାଣ୍ଡି ଜିଲ୍ଲା ପୋଲିସ ଆଠ ଜଣିଆ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ପ୍ରାୟ ୩ କୋଟି ୫୧ ଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଥିଲା। ୪୮ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଡକାୟତଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣରେ ଟଙ୍କା ଜବତ କରିବା ଘଟଣା ଓଡିଶା ପୁଲିସ ପାଇଁ ନିଶ୍ଚିତ ଭାବେ ଏକ ବିରଳ ସଫଳତା। ସେହିପରି ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ଚୋରା କାରବାର କରୁଥିବା ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୋଲିସର ମିଳିତ ସହଯୋଗରେ ମାର୍ଚ୍ଚ ୦୭ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ସାରା ରାଜ୍ୟରେ ବାଲି ମାଫିଆଙ୍କ ବିରୁଦ୍ଧରେ ୧୨୫୨ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୦୦ଟି ବାଲି ବୋଝେଇ ଟ୍ରକ, ଟ୍ରାକ୍ଟର, ଟିପ୍ପର ଓ ହାଇୱା ଜବତ କରାଯାଇଛି। ଏହାସହ ୬୯୧ ଜଣ ବ୍ୟକ୍ତିଙ୍କୁ ଗିରଫକରାଯାଇଥିବା ସହ ୮୧୯ ଲୋକଙ୍କୁ ନୋଟିସ ଦିଆଯାଇଛି।

### କର୍ମଚାରୀ...

ଉକ୍ତ ବୋଲେରୋଟି ଯାଉଥିବା ସମୟରେ ଏପରି ଅଘଟଣର ସମ୍ମୁଖୀନ ହୋଇଛି। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବିଲ୍ ଆଦାୟ କରି ଉଲୁଣ୍ଡାସ୍ଥିତ କାର୍ଯ୍ୟାଳୟକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ହାଇୱା ଚାଳକ ଜଣଙ୍କ ଭାରସାମ୍ୟ ହରାଇବାରୁ ଏହା ସିଧାସଳଖ ବୋଲେରୋ ଉପରେ ଚଢ଼ିଯାଇଥିଲା। ଫଳସ୍ୱରୂପ ବୋଲେରୋଟି ପୂରାପୂରି ମାଟିରେ ମିଶିଯାଇଥିଲା। ମୃତ୍ୟୁବରଣ କରିଥିବା ୩ ଜଣଙ୍କ ମଧ୍ୟରେ ଡ୍ରାଇଭର୍ ସୁଶୀଲ ନାୟକ (୨୮), ଆର୍ତ୍ତତ୍ରାଣ ପୁରୋହିତ (୪୦) ଓ ସଞ୍ଜୀବ ପାତ୍ର (୪୦) ରହିଛନ୍ତି। ଆର୍ତ୍ତତ୍ରାଣ ଓ ସଞ୍ଜୀବଙ୍କ ଘର ଉଲୁଣ୍ଡା ଥାନାଞ୍ଚଳର ଗଉଡ଼ଗାଁ ହୋଇଥିବା ବେଳେ ସୁଶୀଲ ହିକୁଡି ଥାନା ଅନ୍ତର୍ଗତ ନାୟକପଡ଼ା ବାସିନ୍ଦା ବୋଲି ଜଣାପଡ଼ିଛି। ସୁଶୀଲ ଘଟଣାସ୍ଥଳରେ ମୃତ୍ୟୁବରକରିଥିବା ବେଳେ ଆର୍ତ୍ତତ୍ରାଣ ଓ ସଞ୍ଜୀବ ହସ୍ପିଟାଲ୍‌ରେ ପହଞ୍ଚିବା ପରେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ୍ ପହଞ୍ଚିବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

### ମଧ୍ୟାହ୍ନଭୋଜନରେ...

ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଧିକାରୀ ଗିରୀଶ ଚନ୍ଦ୍ର ସିଂହ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ସୂଚନା ଦେଇଛନ୍ତି।ବିଦ୍ୟାଳୟରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀମାନେ ମାଣ୍ଡିଆ, ଗୁଡ଼, ବାଦାମ ଓ ଘିଅଯୁକ୍ତ ପୋଷଣ ଲଡୁ ଖାଇପାରିବେ। ପିଏମ୍ ପୋଷଣ ଯୋଜନା ଅଧୀନରେ ପିଲାଙ୍କୁ ଏହି ଲଡୁ ମିଳିବ। ପୂର୍ବରୁ ପିଲାଙ୍କୁ ମଧ୍ୟାହ୍ନଭୋଜନରେ କେବଳ ଭାତ, ଡାଲି, ସୋୟାବଡି ଓ ଅଣ୍ଡା ତରକାରୀ ଦିଆଯାଉଥିଲା। ଏବେ ସପ୍ତାହର ସୋମବାର, ମଙ୍ଗଳବାର ଓ ଗୁରୁବାର ସକାଳ ସମୟରେ ପିଲାଙ୍କୁ ପୋଷଣ ଲଡୁ ଦିଆଯିବା ସକାଶେ ନିଷ୍ପତ୍ତି ହୋଇଛି।

## ନାବାଳିକାକୁ ପ୍ରଲୋଭିତ କରି ନେଇଗଲା ଚାରୋଟି ପିଲାର ବାପା

**ବାଲିଚନ୍ଦ୍ରପୁର,୨୬।୩(ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଦଳେଇ ସାହିରୁ ଜନୈକା ନାବାଳିକାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରି ସାଥିରେ ନେଇ ଯାଇଛି ଚାରୋଟି ପିଲାର ବାପା। ଏ ନେଇ ସମ୍ପୃକ୍ତ ନାବାଳିକାର ମାଆ ମମତା ଦଳେଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ଶନିବାର ସନ୍ଧ୍ୟା ସମୟରେ ବରୀ ଥାନା ଅନ୍ତର୍ଗତ କାକୁଡ଼ିକୁଦ ଗ୍ରାମର ଶ୍ରୀଧର ଦଳେଇଙ୍କ ପୁଅ ଗୌରା ଦଳେଇ (୫୦) ଚାରିନଙ୍ଗଳ ଦଳେଇ ସାହିର ମମତା ଦଳେଇଙ୍କ ନାବାଳିକା ଝିଅକୁ ପ୍ରଲୋଭିତ କରି ସାଥିରେ ନେଇଯାଇଛି। ଗୌରା ଦଳେଇ ପୂର୍ବରୁ ବିବାହିତ ହୋଇଥିବା ବେଳେ ତାଙ୍କର ଚାରୋଟି ସନ୍ତାନ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ତେବେ ଉକ୍ତ ନାବାଳିକା ଜଣଙ୍କ ଜୀବନ ପ୍ରତି ବିପଦ ଥିବା ପରିବାର ଲୋକେ କହୁଥିବା ବେଳେ ଗୌରା କବଳରୁ ତାକୁ ଉଦ୍ଧାର କରିବା ପାଇଁ ପୋଲିସକୁ ନିବେଦନ କରିଛନ୍ତି। ରବିବାର ନାବାଳିକାର ମାଆ ମମତା ବାଲିଚନ୍ଦ୍ରପୁର ଥାନାରେ ରିପୋର୍ଟ କରିବା ପରେ ୮୩/୨୫ରେ ମାମଲା ରୁଜୁ କରାଯାଇଛି। ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ। ନାବାଳିକା ଜଣଙ୍କ ଗୌରା ସାଥିରେ କେଉଁ ଅବସ୍ଥାରେ ଅଛି ସେଥିନେଇ ପରିବାର ଲୋକେ ଭୟଭିତ ଅଛନ୍ତି। ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ମୁକୁନ୍ଦ ଚରଣ ମୋଦିଙ୍କୁ ପଚାରିବାରେ ଅଭିଯୁକ୍ତ ଘର ବରୀ ଥାନା ଅଞ୍ଚଳରେ ଆମେ ଦୁଇ ଥର ଚଢ଼ାଉ କରିଛୁ। ସେମାନେ ଫେରାର ଅଛନ୍ତି। ତେବେ ଖୁବ ଶିଘ୍ର ସେମାନଙ୍କୁ ଧରାଯିବ ବୋଲି ଶ୍ରୀ ମୋଦି ପ୍ରତିକ୍ରିୟା ଦେଇଛନ୍ତି।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ସମେତ କାର୍ ଓ ବାଇକ୍ ଜବତ



**ବୈଶିଙ୍ଗା,୨୬।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ବାଲକା ଓ ରଙ୍ଗାମାଟିଆ ଠାରେ ଚଢ଼ାଉ କରି ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯିବା ସହିତ ଏହି ଟ୍ରାକ୍ଟର ଗୁଡ଼ିକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଦୁଇଟି କାର ଓ ଗୋଟିଏ ବାଇକ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଉପରକୁ ଗାଡ଼ି ଚଢାଇବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଟ୍ରାକ୍ଟର ଚାଳକ ବାଲେଶ୍ୱର ଜିଲ୍ଲାର ଆମ୍ବୁଲକୁଡା ଗ୍ରାମର ସଞ୍ଜିତ ମହାଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଗଣ୍ଡର୍ଦ୍ଦା ଘାଟରେ ଚୋରା ବାଲି ଚାଲାଣ କରାଯାଉଥିବା ଖବର ପାଇ ଏସଡିପିଓ ମିନତି ବିଶ୍ୱାଳ ଏବଂ ବୈଶିଙ୍ଗା ପୁଲିସ ବୁଧବାର ଭୋର ସମୟରେ ବାଲକା ଓ ରଙ୍ଗାମାଟିଆ ଛକ ନିକଟରେ ଜଗି ବସିଥିଲା ପୋଲିସ ଟିମ। ଟ୍ରାକ୍ଟର ଗୁଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗୋଟିଏ ଟ୍ରାକ୍ଟର ଡ୍ରାଇଭର ସଞ୍ଜିତ ପୋଲିସ ଉପରକୁ ଗାଡ଼ି ଚଢାଇ ଦେବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ଜବତ କରାଯାଇଥିଲା। ଉଭୟ ଟ୍ରାକ୍ଟରକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିବା ଦୁଇଟି ମାରୁତି କାର ଓ ଏକ ମୋଟରସାଇକେଲ ଜବତ କରି ଥାନାକୁ ଅଣାଯାଇଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ୧୨୫ ଓ ୧୨୬ ନଂ ରେ ଦୁଇଟି ମୋକଦ୍ଦମା ରୁଜୁ କରାଯାଇଛି। ବୈଶିଙ୍ଗା ପୁଲିସ ସଞ୍ଜିତ କୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୭ ଜଣଙ୍କୁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି।

## ଅରବିନ୍ଦଙ୍କ ପରିବାରଙ୍କୁ ଆର୍ଥିକ ସହାୟତାର ହାତ ବଢାଇଲେ ଶ୍ରୀ ସାଇ ଇନଫ୍ରା ଗ୍ରୁପ୍‌ର ସିଇଓ



**ନାଉଗାଁ,୨୬।୩(ସଂଚାର ବ୍ୟୁରୋ):** ବଛାଲୋ ପଞ୍ଚାୟତର ପୋକାମୂଳ ଗ୍ରାମର ଅରବିନ୍ଦ ଙ୍କ ଆବର୍ତ୍ତମାନରେ ତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତାର ହାତ ବଢାଇଲେ ଶ୍ରୀ ସାଇ ଇନଫ୍ରା ଗ୍ରୁପ୍ ର ସିଇଓ ଜାନକୀ ବଲ୍ଲଭ ମହାରଣା। ସୂଚନା ଅନୁସାରେ ଏହି ଗ୍ରାମର ପାଗଲ ବେହେରା ଙ୍କ ୩୩ ବର୍ଷର ପୁଅ ଅରବିନ୍ଦ ବେହେରା ଙ୍କ ଗତ ୧୩ ତାରିଖରେ ହୃଦଘାତରେ ପରଲୋକ ହୋଇଥିଲା। ଅରବିନ୍ଦଙ୍କ ପରିବାର କହିଲେ ବିଧବା ପତ୍ନୀ ଦୁଇଟି କୁନି କୁନି ଝିଅ ଓ ବୃଦ୍ଧ ବାପା ମା। ଅରବିନ୍ଦ ଥିଲେ ପରିବାର ର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି। ସେ ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କର ତେଲ ଲୁଣର ସଂସାର ସୁରୁଖୁରୁରେ ଚାଲୁଥିଲା। ତେଣୁ ତାଙ୍କର ଏହି ଅକାଳ ବିୟୋଗରେ ପରିବାର ପୁରାପୁରି ମାତ୍ରାରେ ନିରୁପାୟ ହୋଇପଡିଛନ୍ତି।ଏହି ଦୁଃଖଦ ସମୟରେ ଅରବିନ୍ଦ ଙ୍କ ପରିବାରଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତାର ହାତ ବଢ଼ାଇ ମହାନତାର ପରିଚୟ ସୃଷ୍ଟି କରିଛନ୍ତି ଶ୍ରୀ ସାଇ ଇନଫ୍ରା ଗ୍ରୁପ୍ ର ସିଇଓ । ପୂର୍ବରୁ ମଧ୍ଯ ବିଭିନ୍ନ ପ୍ରକାର ର ସାମାଜିକ କାର୍ଯ୍ୟରେ ଏହି ଗ୍ରୁପ୍ ନିଜକୁ ସାମିଲ୍ କରି ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ସୁନା ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣା, ୫ ଦିନପରେ ବି ପୁଲିସ ହାତ ଖାଲି

**କୁଜଙ୍ଗ,୨୬।୩(ସଂଚାର ବ୍ୟୁରୋ):** କୁଜଙ୍ଗ ବଜାରର ବିଶିଷ୍ଟ ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟୀ ତଥା ଶାନ୍ତିଲତା ଜୁଏଲାରୀ ମାଲିକ ସୁଶାନ୍ତ କୁମାର ସାହୁଙ୍କୁ ଆକ୍ରମଣ କରି ୧୩ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟ ହେବା ଘଟଣା ଆଜିକୁ ୫ ଦିନ ହୋଇଯାଇଛି। ମାତ୍ର ଏପର୍ଯ୍ୟନ୍ତ ପୁଲି ଲୁଟେରାଙ୍କୁ ଗିରଫ କରିବାରେ ଅସଫଳ ରହିଥିବା ଜଣାପଡ଼ିଛି। କେବଳ କିଛି ସିସି ଟିଭି କ୍ୟାମେରା ଫୁଟେଜ ଯାଂଚ କରିବା ସହିତ ଜଣଙ୍କୁ ସନ୍ଦେହରେ ଅଟକ ରଖି ପୁଣି ଛାଡି ଦେଇଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାରେ ତଦନ୍ତକୁ କ୍ରିୟାଶୀଳ କରିବାକୁ ଲୁଟର ଶିକାର ବ୍ୟବସାୟୀ ଶ୍ରୀଯୁକ୍ତ ସାହୁ ବିନମ୍ରଭାବେ ନିବେଦନ କରିଛନ୍ତି। ପ୍ରକାଶ ଯେ ଗତ ୨୧ ତାରିଖ ରାତି ସାଢେ ନଅଟା ସମୟରେ ନିଜର ଦୋକାନ ବନ୍ଦକରି ବାଇକ ଯୋଗେ ନିଜ ଗାଁ ବାଗୋଇ ଅଭିମୁଖେ ଯାଉଥିଲେ।

# ପ୍ରଶାସନକୁ ଗ୍ରୀଷ୍ମପ୍ରବାହ ଚିନ୍ତା

**ଗୁରୁବାରରୁ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ**

**ବିଭିନ୍ନ ବିଭାଗର ବ୍ଲକ ମୁଖ୍ୟ ଅଧିକାରୀ ଅନୁପସ୍ଥିତ**




**କାକଟପୁର/ଅସ୍ତରଙ୍ଗ,୨୬।୩(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କିପରି ଏହାର ପ୍ରତିକାର ଓ ମୁକାବିଲା କରାଯାଇ ପାରିବ ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ, ପଡ଼ା ଓ ୱାର୍ଡରେ ଜଳସଙ୍କଟ ଥିବା ଅଞ୍ଚଳକୁ ଚିହ୍ନଟ କରିବା ସହ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ଅନ୍ୟାନ୍ୟ ବ୍ୟବହାର ପାଇଁ ୱାଟର ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଇ ଦେବା ସହ ବଜାରଘାଟ, ବସଷ୍ଟାଣ୍ଡ ଓ ଅନ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡିକରେ ପାନୀୟ ଜଳସେବା କେନ୍ଦ୍ର ଓ ଜଳଛତ୍ର ଖୋଲିବା ସହ ଆଗୁଆ ଅଚଳ ନଳକୂପଗୁଡିକର ମରାମତି, ପାଇପି ଜଳଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଅସ୍ତରଙ୍ଗ ବ୍ଲକରେ ଟ୍ୟାଙ୍କର ୨ ଟି ପଂଚାୟତରେ ବର୍ତ୍ତମାନ ସୁଦ୍ଧା ନିୟୋଜିତ ହୋଇଥିବା ବେଳେ ଟିୱେଲ ୭୩୫ଟି ସ୍ଥାପନ ହୋଇଛି।ମତ୍ସ୍ୟପାଳନ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ବୁଲା ପଶୁ, ଗୋରୁ ଗାଈ ମାନଙ୍କ ପିଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକ ପରିସରରେ ଥିବା ଅଚଳ ନଳକୂପଗୁଡିକ ସଜାଡ଼ିବା ସହ ପ୍ରଚୁର ପରିମାଣର ଓଆରଏସ ମହଜୁଦ ରଖିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ଖରା ସମୟରେ ବାହ୍ୟ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଛି। ଅଙ୍ଗନବାଡି କେନ୍ଦ୍ରଗୁଡିକ କେବଳ ସକାଳ ବେଳା ଖୋଲା ରଖିବା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ପରିମାଣର ଓଆରଏସ ପ୍ୟାକେଟ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ଯୋଗାଇଦେବାପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଶୁଘାତ ରୋଗୀ ମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିବା ସହ ଜୀବନ ରକ୍ଷାକାରୀ ଔଷଧ, ସାଲାଇନି ଓ ଓଆରଏସ ମହଜୁଦ ରଖିବା ଓ ଜନସାଧାରଣ ଙ୍କ ମଧ୍ୟରେ ଅଂଶୁଘାତ ଜନିତ ସଚେତନତା ପ୍ରଚାର ବ୍ୟବସ୍ଥା କରିବା ସହ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଂଶୁଘାତ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର ଗୃହ ରଖିବା। ନିର୍ମାଣ ଶ୍ରମିକ ମାନଙ୍କୁ କାର୍ଯ୍ୟ କ୍ଷେତ୍ର ସ୍ଥଳରେ ପାନୀୟ ଜଳ ସହ ଆଶ୍ରୟ ବ୍ୟବସ୍ଥା କରିବା ଓ ଖରା ସମୟରେ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି କାର୍ଯ୍ୟ ସମୟରେ ପରିବର୍ତ୍ତନ କରିବା ପାଇଁ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସଂଚାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଅଗ୍ନିକୁ ରୋକିବା ଓ ପ୍ରତିହତ କରିବା ପାଇଁ ସଚେତନ ସୃଷ୍ଟି କରିବା ସହ ବନାଗ୍ନୀ ଦାଉରୁ ବନ୍ୟପ୍ରାଣୀ, ପକ୍ଷୀମାନଙ୍କୁ ରକ୍ଷା କରିବା ପାଇଁ ଗୋଷ୍ଠୀ ଗୁଡିକୁ ଏଥିରେ ଭାଗିଦାରୀ କରିବା ସହ ବନ୍ୟପ୍ରାଣୀଙ୍କ ପାଇଁ ପିଇବା ପାଣି ଯୋଗାଇଦେବା ପାଇଁ ବନବିଭାଗ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକ ରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ଙ୍କ ସଭାପତିତ୍ୱରେ ଅତିଥି ଭାବେ ଉପସ୍ଥିତ ଥିଲେ ବ୍ଲକଉପାଧକ୍ଷ ଦୃଜୟ ମିଶ୍ର, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ବୈଠକ ରେ ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀ ଯେପରିକି ମଣ୍ଡଳଶିକ୍ଷାଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଅନୁପସ୍ଥିତ ଥିବା ବେଳେ ଜଳସେଚନ ବିଭାଗର କୌଣସି ଅଧିକାରୀ ନଥିବାରୁ କେନାଲ ଜଳ ସେଚନ ସମ୍ବନ୍ଧରେ ଆଲୋଚନା ହୋଇନଥିଲା।

## ଜାତୀୟ ନମୁନା ସର୍ବେକ୍ଷଣ ସଚେତନତା ରାଲି ଅନୁଷ୍ଠିତ




**ଖୋର୍ଦ୍ଧା,୨୬।୩ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, ଭୁବନେଶ୍ୱର ତରଫରୁ ଖୋର୍ଦ୍ଧା ଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନମୁନା ସର୍ବେକ୍ଷଣର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଉକ୍ତ କାର୍ଯ୍ୟାଳୟ ର ପ୍ରାୟ ୯୦ ଜଣ କର୍ମଚାରିଙ୍କୁ ନେଇ ଏକ ଶୋଭାଯାତ୍ରା ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ଖୋର୍ଦ୍ଧା ନୂଆ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ମାନ ଦେଇ ଯାଇଥିଲା। ଏହି ଶୋଭାଯାତ୍ରାରେ ଓଡିଶା ସରକାରଙ୍କ ଅଧୀନରେ ଥିବା ଖୋର୍ଦ୍ଧା ପରସଂଖ୍ୟାନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶଙ୍କର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ ବଜାର କମିଟି ଗୁଡିକର କର୍ମକର୍ତ୍ତାଙ୍କୁ ଖୁଚୁରା ପାଇକାରୀ ମୂଲ୍ୟର ସୂଚକାଙ୍କ ଗଢିବାରେ ସାହାଯ୍ୟ କରିଥିବାରୁ କାର୍ଯ୍ୟାଳୟର ମୁଖ୍ୟ ଅନୁପମ ଲାହିରି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତ ରେ ତାଙ୍କ ନିକଟକୁ ଆସୁଥିବା ସର୍ଭେ ଏନୁମେରେଟର ମାନଙ୍କୁ ସଠିକ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଚାଲୁଥିବା ସମସ୍ତ ସର୍ଭେ ଯଥା ରୋଜଗାର, ବେରୋଜଗାର, ସାମାଜିକ ଅର୍ଥନୈତିକ, ଅଣକୃଷିଭିତ୍ତିକ ଶିଳ୍ପ ବିଷୟରେ ଆଲୋକପାତ କରିବାକୁ ଯାଇ ଲୋକମାନଙ୍କୁ ବିଭିନ୍ନ ସର୍ଭେର ଉପାଦେୟତା ଉପରେ ବୁଝାଇବା ସହ ଆଗାମୀ ଦିନ ମାନଙ୍କରେ ଜନସାଧାରଣଙ୍କୁ ସଠିକ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସର୍ଭେ ରିପୋର୍ଟ ଗୁଡିକର ବୈଶିଷ୍ଟ ତଥା ଯୋଜନା ପ୍ରଣୟନରେ କିପରି ବ୍ୟବହୃତ ହେଉଛି, ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ସର୍ଭେ ବୈଜ୍ଞାନିକ ଶୈଳୀ ମାଧ୍ୟମରେ ନମୁନା ନିରୂପଣ ହୋଇ ପ୍ରଶିକ୍ଷିତ ସର୍ଭେ ଏନୁମରେଟରଙ୍କ ଦ୍ୱାରା ଟାବଲେଟ ମାଧ୍ୟମରେ ବିଭିନ୍ନ ଗ୍ରାମଞ୍ଚଳ ତଥା ସହରାଞ୍ଚଳରେ ଥିବା ପରିବାର ଓ ଉଦ୍ୟୋଗ ମାନଙ୍କ ଠାରୁ ତଥ୍ୟ ଗ୍ରହଣ କରାଯାଇଥାଏ।

## ପୁଲିସ ପକ୍ଷରୁ ଇଦ୍ ଓ ରାମ ନବମୀ ପାଇଁ ଶାନ୍ତି କମିଟି ବୈଠକ




**ବାଲିଆପାଳ,୨୬।୩ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅଞ୍ଚଳରେ ଉଭୟ ରାମ ନବମୀ ଓ ଇଦ୍ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଥାନା ପରିସରରେ ସ୍ଥାନୀୟ ଅଞ୍ଚଳରୁ ଉଭୟ ସମ୍ପ୍ରଦାୟର ବୁଦ୍ଧିଜୀବୀ, ମୁଖିଆ, ସମାଜସେବୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଥାନା ଆଇ ଆଇ ସି ଗୋବିନ୍ଦ ପ୍ରସାଦ ବେହେରା, ଏସ୍ ଆଇ, ବିଶ୍ୱମ୍ବର ଚକ୍ରବର୍ତ୍ତୀ, ସୂର୍ଯ୍ୟନାରାୟଣ ନାୟକ, ଏ ଏସ ଆଇ, ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଜାତି ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଭାଇଚାରାର ସହିତ ସମସ୍ତ ଧାର୍ମିକ କାର୍ଯ୍ୟକ୍ରମକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏଦିଗରେ କୌଣସି ପ୍ରକାରର ବିଶୃଙ୍ଖଳା କୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇ.ଆଇ.ସି ଶ୍ରୀ ବେହେରା କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଆଇନ୍, ସାଇବର ଅପରାଧ, ମହିଳା ଶିଶୁ ଅପରାଧ ଆଇନ୍ ବାବଦରେ ସଚେତନ କରିଥିଲେ।

## ପୁଅ ବାହାଘର ପୂର୍ବରୁ ସ୍ତ୍ରୀ'କୁ ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ,୨୬।୩ (ସଂଚାର ବ୍ୟୁରୋ):** ମହୁଲ ଗୋଟାଇବାକୁ ଯାଇଥିବା ବେଳେ ସ୍ତ୍ରୀ'କୁ ପଥରରେ ଛେଚି ହତ୍ୟା କଲେ ସ୍ୱାମୀ। ଏଭଳି ଅମାନବୀୟ କାଣ୍ଡ ଘଟିଛି ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ହୁଟୁପାନି ଗ୍ରାମରେ। ବୁଧବାର ସକାଳ ପ୍ରାୟ ୮ଟା ବେଳେ ଜଣେ ବ୍ୟକ୍ତି ସ୍ତ୍ରୀ' ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛନ୍ତି। ସୂଚନା ଅନୁସାରେ ବୁଧବାର ଭୋର ସକାଳ ୭ ଟା ସମୟରେ ଦୁର୍ଗାବତୀ ସିଂ(୪୫) ଓ ରୂପନନ୍ଦ ସିଂ(୫୦) ଜଙ୍ଗଲ ପାଖେଥିବା ନିଜ ମହୁଲ ଗଛର ମହୁଲ ଫୁଲ ଗୋଟାଇବାକୁ ଉଭୟ ଯାଇଥିଲେ। ମହୁଲ ଗୋଟାଉଥିବା ସମୟରେ ହଠାତ ରୁପନନ୍ଦ ସିଂ ପାଖରେ ଥିବା ଏକ ବଡ଼ ପଥରକୁ ଧରି ନିଜର ଦୁର୍ଗାବତୀ ସିଂ ମୁଣ୍ଡ ଛେଚି ଦେଇଥିଲେ। ସେ ଚିତ୍କାର କରୁଥିଲା ମଧ୍ୟ ନରସଙ୍ଘାର ସ୍ୱାମୀ ମୁଣ୍ଡକୁ ଛେଚି ଚାଲିଥିଲା। ଘଟଣା ସ୍ଥଳରେ ଦୁର୍ଗାବତୀଙ୍କର ମୃତ୍ୟୁ ହୋଇଯାଇଥିଲା ବେଳେ ସ୍ୱାମୀ ଘରକୁ ଯାଇ ନିଜ ବାଇକ ବାହାରକରି କୁଆଡେ ଫେରାର ହୋଇ ଯାଇଥିଲା। ଗ୍ରାମବାସୀ ଖବର ପାଇ ମୃତକଙ୍କ ପୁଅଙ୍କୁ ଖବର ଦେଇଥିଲେ ଓ ପରେ ତଳସରା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣା ସ୍ଥଳ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇଥିଲା ଓ ଆସାମୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଆଉ ତିନିଦିନ ପରେ ମୃତକଙ୍କ ନିଜ ପୁଅ ଚାନ୍ଦପ୍ରସାଦ ସିଂ(୨୨) ର ବିବାହ ଘର ହୋଇଥାନ୍ତା, ବିବାହ ନିମନ୍ତ୍ରଣ ମଧ୍ୟ ବଣ୍ଟା ସରିଥିଲା। ହେଲେ ସାଇତାନ ସ୍ୱାମୀ ଏମିତି କାଣ୍ଡ ଘଟଇଲା ଯେ, ସମଗ୍ର ଅଞ୍ଚଳ ଏହି ଘଟଣାରେ ସ୍ତବ୍ଧ ହୋଇଯାଇଛି। କିଛି ଗ୍ରାମବାସୀଙ୍କ କହିବା ଅନୁଯାଇ କିଛିବର୍ଷ ପୂର୍ବରୁ ଆସାମୀ ରୁପନନ୍ଦ ନିଜ ଭାଉଜ ଦୁର୍ଗାବତୀଙ୍କୁ ନିଜ ସ୍ତ୍ରୀ କରି ରଖିଥିଲେ ଓ ରୁପନନ୍ଦ ଦୁର୍ଗାବତୀଙ୍କୁ ନିଜ ପୁଅ ଚାନ୍ଦପ୍ରସାଦଙ୍କ ସହ ସମ୍ପର୍କ ନରଖିବାକୁ ବାରମ୍ବାର ବାରଣ କରିଆସୁଥିଲେ। ନିଜ ଗର୍ଭର ପୁଅକୁ ଗୋଟେ ମା' କିଭଳି ଭୁଲିବ, କିଛିଦିନ ପରେ ପୁଅର ବିବାହ ଥିଲା, ଏସବୁ ଦେଖି ଅହଂକାର, ଇର୍ଷାରେ ଜଳୁଥିଲା ରୁପନନ୍ଦ। ଶେଷରେ ରାଗରେ ଏମିତି ଏକ ଅଭାବନୀୟ ଘଟଣା ଘଟାଇଥିବା କୁହାଯାଉଛି।

## ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟ ପୁନରୁଦ୍ଧାର

**● ଅନୁଧ୍ୟାନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ**



**କୋଣାର୍କ,୨୬।୩ (ସଂଚାର ବ୍ୟୁରୋ):** ପର୍ଯ୍ୟଟନ ସ୍ଥଳ । କୋଣାର୍କରେ ପର୍ଯ୍ୟଟନ ବିଭାଗ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି। ଖୁବଶୀଘ୍ର କୋଣାର୍କ ଯାତ୍ରୀନିବାସ, ଗୀତାଞ୍ଜଳି ରେଷ୍ଟୁରାଣ୍ଟ ଓ ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନରେ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ମିନ୍ଦଲ କୋଣାର୍କ ଯାତ୍ରୀନିବାସ, ଗୀତାଞ୍ଜଳୀ ରେଷ୍ଟୁରାଣ୍ଟ ଓ ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟ ବୁଲି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ଯାତ୍ରୀନିବାସରେ ପହଞ୍ଚି ରେଷ୍ଟୁରାଣ୍ଟ ଓ ବିଭିନ୍ନ ରୁମ ବୁଲି ଦେଖିଥିଲେ। ପରେ ଚନ୍ଦ୍ରଭାଗାରେ ଉଡେନ ରେଷ୍ଟୁରାଣ୍ଟରେ କିଛି ସମୟ ରହି ଅଧିକାରୀଙ୍କ ସହିତ ଆଲୋଚନା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସାଧାରଣ ପରିଚାଳକ ଲଲାଟେନ୍ଦୁ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାରୀ ସେଠୀ, କୋଣାର୍କ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋ ଚାଲାଣ ଅଭିଯୋଗରେ ୬ଗିରଫ

**କେନ୍ଦୁଝର ସଦର,୨୬।୩ (ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୂଆଗାଁ ବିଲ ନିକଟରୁ ୨୪୩ଟି ଗୋରୁ ସମେତ ବ୍ୟବହୃତ (ଓଡି-୧୪-ଆର-୬୧୮୩) ବୋଲେର ଓ ୬ଜଣଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ବେଆଇନ ଗୋଚାଲାଣ ଅଭିଯୋଗରେ ଆଜି ପୋଲିସ ଏକ ମାମଲା ରଜୁ କରି ଗିରଫମାନେ ହେଲେ ଅରୁଣ କୁମାର ବେହେରା (୩୫), ପାଣୁ କିଶାନ (୨୪) କାଙ୍ଗାଳି ଗିରି (୫୦) , ସରୋଜ ମହାକୁଡ଼ (୨୫), ମେଘନାଦ ପାତ୍ର (୩୭), ସୁବ୍ରତ କୁମାର ପଲେଇ (୨୦) । ଗିରଫ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତକାଲି ବିଳମ୍ବିତ ରାତି ୩ଟାବେଳେ ନୂଆଗାଁ ଦେଇ ଗୋରୁ ମାନଙ୍କୁ ଲୋକମାନଙ୍କ ସାହାଯ୍ୟରେ ଘଉଡ଼େଇ ନେଇଥିବାବେଳେ ହିନ୍ଦୁ ଜାଗୃତିମଞ୍ଚର ସଦସ୍ୟମାନେ ଗୋରୁ ସହିତ ୬ଜଣଙ୍କୁ ଅଟକ ରଖିଥିଲେ ।

## ଝିଅକୁ ନ ପାଇ ଗାଁ ଗାଁ ବୁଲୁଛି ବୃଦ୍ଧା ମା'

**ନୀଳଗିରି,୨୬।୩ (ସଂଚାର ବ୍ୟୁରୋ):** ଗତ ଜାନୁଆରୀ ୨୬ତାରିଖ ରାତିରେ ମାଆ, ପୁଅ, ଝିଅ ବୋହୁ ସମସ୍ତେ ଖୁସିରେ ଖାଇ ପିଇ ଶୋଇଥିଲେ। ଉକ୍ତ ଦିନ ରାତି ପ୍ରାୟ ୪ଟା ସମୟରେ ଝିଅ ବୁଦୁନି (୫୩) ଘରୁ ପଳାଇଯାଇଥିଲେ। ବୃଦ୍ଧା ମାଆର କିଛି ବୁଝିପାରୁ ନ ଥିଲେ। ପରିଣତ ବୟସରେ ହାତରେ ବାଙ୍କୁଲି ବାଡି ଧରି ନିଖୋଜ ଝିଅକୁ ଖୋଜୁଥିଲା। ହେଲେ ଝିଅର ସନ୍ଧାନ ପାଇପାରୁ ନାହିଁ। ପ୍ରାପ୍ତ ସୂଚନା ଅନୁସାରେ ନିଳଗିରି ଏନ୍.ଏ.ସି ର ୬ ନମ୍ବର ୱାର୍ଡର ମଙ୍ଗଳା ସାହି ଗ୍ରାମର ପାର୍ବତୀ ମାରାଣ୍ଡି (୭୮) ଆଜକୁ ୧୮ ବର୍ଷଧରି ଉକ୍ତ ସାହିରେ ରହିଆସୁଥିବା ବେଳେ ପ୍ରକୃତ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ର ଅଁଳା ଗ୍ରାମର ଅଟେ।



ଏନେଇ ବୃଦ୍ଧା ମାଆ ଗତ ଜାନୁଆରୀ ୨୭ ତାରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ମୋ ଝିଅକୁ ବାବୁ ଖୋଜି ଆଣି ଦିଅ, ତା ବିନା ମୁଁ ବଞ୍ଚିପାରିବି ନାହିଁ, ଏହିଭଳି ବୃଦ୍ଧା ମାଆ ଜଣକ ସମସ୍ତଙ୍କୁ ଗୁହାରି କରୁଛି। ଦୀର୍ଘ ଦୁଇ ମାସ ଧରି ଝିଅକୁ ନ ପାଇଁ ବୃଦ୍ଧା ମାଆ ଆଖିରୁ ଲୁହ ଝରାଉଛି। ହାତରେ ଖଣ୍ଡେ ବଙ୍କୁଲି ବାଡି ଧରି ଗାଁ ଗାଁ ବୁଲି ଝିଅକୁ ଖୋଜୁଛି। ବାଟେ ଘାଟେ ଯାହାକୁ ଦେଖୁଛି ନିଜ ଝିଅର ଫଟୋ କୁ ଦେଖାଇ ମୋ ଝିଆକୁ ଆଣି ଦିଅ ବୋଲି କାକୁତି ମିନତି କରୁଥିବାର ଦେଖିବାକୁ ମିଳିଛି। ତେବେ ସ୍ଥାନୀୟ ପ୍ରଶାସନ ଠାରେ ଝିଅକୁ ଉଦ୍ଧାର କରିବା ପାଇଁ ବୃଦ୍ଧା ମାଆ ନିବେଦନ କରିଛନ୍ତି।

## ସିଆର୍‌ପିଏଫ୍ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ



**ରାଇଘର,୨୬।୩ (ସଂଚାର ବ୍ୟୁରୋ):** ପ୍ରତି ଥର ଭଳି ରାଇଘର ବ୍ଲକରେ ଥିବା କୁନ୍ଦେଇ ସିଆର୍‌ପିଏଫ୍ ଏଫ/୧୨ ବାଟାଲିୟାନ୍ ପକ୍ଷରୁ ଆଜି ଜନସମ୍ପର୍କ ଶିବିର ( ସିଭିକ୍ ଏକ୍ସନ୍ ପ୍ରୋଗ୍ରାମ) ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଛୋଟ ଛୋଟ ପିଲା ମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧା ଉପସ୍ଥିତ ଥିଲେ। ଆଜି କନ୍ଦେତରା ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ପିଏଫ୍ ଏଫ/୧୨ ବାଟାଲିୟାନ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ କ୍ୟାମ୍ପର କମାଣ୍ଡେଣ୍ଟ ଏନ୍.କେ.କେ. ପ୍ରସାଦ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଅଜୟ କୁମାର, କୁନ୍ଦାଇ ଥାନା ଅଧିକାରୀଦୁର୍ଗା ପ୍ରସାଦ ବ୍ରହ୍ମା, ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ଖୁଡୁକ ପଞ୍ଚାୟତ ସରପଞ୍ଚ ଦାୟାରମ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାତ ଟି ଗ୍ରୁପ କୁ ସ୍ୱାବଲମ୍ବୀ ହେବାକୁ ଖଲି ନିର୍ମାଣ ଯନ୍ତ୍ର ସହ ମହୁ ସଂଗ୍ରହ ବକ୍ସ ଏବଂ ମହମ ବର୍ତ୍ତୀ ନିର୍ମାଣ ଆଦି କରିବାକୁ ଯନ୍ତ୍ର ପ୍ରଦାନ କରାଯାଇଥିଲା।

## ବନ୍ୟଜନ୍ତୁ ସଂରକ୍ଷଣ ପିଚୁ ରାସ୍ତା ପାଲଟିଛି ଅଳିଆ ଗଦା

**ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ଇଡିସି କମିଟିର ଦାବି**

**କୋଣାର୍କ,୨୬।୩(ସଂଚାର ବ୍ୟୁରୋ):** ପୁରୀ ଜାତୀୟ ରାଜପଥ ରାସ୍ତାର ହେଲିପ୍ୟାଡ ନିକଟସ୍ଥ ବନ୍ୟଜନ୍ତୁ ସଂରକ୍ଷଣ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ କୋଣାର୍କ ଅଞ୍ଚଳର କୁକୁଡା, ମାଂସ ବ୍ୟବସାୟୀ ଅଳିଆ ଆବର୍ଜନା ଗୁଡିକ ବ୍ୟବସାୟୀ ମାନେ ଏହି ରାସ୍ତାର ଦୁଇପାର୍ଶ୍ୱରେ ବେଆଇନ ଭାବେ ପକାଇବା ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ସମାସ୍ୟା ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହିତ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ ପକାଉଛି ବୋଲି ପରିବେଶବିତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ପଡ଼ି ରହିଥିବା ଅଳିଆ ଆବର୍ଜନା ଗୁଡ଼ିକୁ ସଫେଇ କରିବା ସହ ପଡ଼ି ରହିଥିବା ଆର୍ବଜନା ଗୁଡିକ ଏକ ଗାତ ଖୋଳି ପୋତିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମା ଜାଗେଶ୍ୱରୀ ଇଡିସି କମିଟିର ସଭାପତି ସୁବାସ ଚନ୍ଦ୍ର ବେଉରା ଓ ୫ନଂ କାଉନସିଲର ନିହାର ରଞ୍ଜନ ବେଉରା ପ୍ରମୁଖ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ବନ୍ୟଜନ୍ତୁ ସଂରକ୍ଷଣ ପିଚୁ ରାସ୍ତା ଉପରେ ଆବର୍ଜନା ନ ପକାଇବା ପାଇଁ ବ୍ୟବସାୟୀ ମାନଙ୍କୁ



ନୋଟିସ୍ ଜାରି ତାଗିଦ କରିବା ମା ଜାଗେଶ୍ୱରୀ ଇକୋ ଡେଭେଲପମେଣ୍ଟ କମିଟିର ସଭାପତି ଓ ସଦସ୍ୟ ମାନେ ପକ୍ଷରୁ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## ବାଲିଚନ୍ଦ୍ରପୁର ହେବ ଶିକ୍ଷାର ହବ୍: ବିଧାୟକ



**ବାଲିଚନ୍ଦ୍ରପୁର,୨୬।୩ (ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ଅଞ୍ଚଳରେ ଅନେକ ଗୁଡ଼ିଏ ଶିକ୍ଷାନୁଷ୍ଠାନ ରହିଛି। ଗୋଟିଏ ପିଲା ତାର ଉତ୍ତମ ଭବିଷ୍ୟତ ଗଢିପାରିବ ଭଲ ଭିତିଭୂମି, ଭଲ ଶିକ୍ଷକ ଓ ଶୈକ୍ଷିକ ପରିବେଶ ଯଦି ନଥିବ ତେବେ ଶିକ୍ଷାନୁଷ୍ଠାନଟି ଭଲ ପିଲା ସମାଜକୁ ଦେଇପାରିବ ନାହିଁ। ବଡ଼ଚଣାରେ ୬୨ଟି ଉଚ୍ଚ ବିଦ୍ୟାଳୟ ଓ ୨୫୭ଟି ପ୍ରଥମିକ ଶିକ୍ଷାନୁଷ୍ଠାନ ଅଛି। ପାଖାପାଖି ୪୦ ହଜାର ପିଲା ପାଠ ପଢ଼ୁଥିବା ବେଳେ ସବୁ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତିଭୂମିର ବିକାଶ ଧାରା ଜାରି ରହିଛି। ଏକ ବିକଶିତ ବଡ଼ଚଣା ଗଢିବାକୁ ହେଲେ ଶିକ୍ଷାର ବିକାଶ ହେବା ଆବଶ୍ୟକ ଏଥିପାଇଁ ଶିକ୍ଷକ, ଅବିଭାବକ ଏବଂ ଆମମାନଙ୍କର ଦାୟିତ୍ୱ ରହିଛି ସମସ୍ତଙ୍କ ସହଯୋଗରେ ଏହାକୁ ଆଗେଇ ନେଇଯାଇପାରିବା। ବାଲିଚନ୍ଦ୍ରପୁର ଅଞ୍ଚଳ ଆଗାମୀ ଦିନରେ ଶିକ୍ଷାର ହବ୍ ହବ ଓ ସ୍ତର ବଦଳିବ। ଏଥିପାଇଁ ଶିକ୍ଷାନୁଷ୍ଠାନ ମାନଙ୍କୁ ସରକାରଙ୍କ ତରଫରୁ ପର୍ଯ୍ୟାୟ କ୍ରମେ ଆର୍ଥୀକ ଅନୁଦାନ ଦିଆଯାଉଛି। ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସଜାଡ଼ିବା ପାଇଁ ମିଶନ ମୋଡ଼ରେ କାର୍ଯ୍ୟ କରିବା ପାଇଁ ପଲିସ ଆକାରରେ ନିଅନ୍ତୁ ବୋଲି ସରକାରଙ୍କ ପାଖରେ ପ୍ରସ୍ତାବ ରଖିଛି। ଆଗାମୀ ଦିନରେ ସରକାର ଏହାକୁ ବିଚାରକୁ ନେବେ ବୋଲି ଭରସା ରଖିଛି। ଏକ ବିକଶିତ ବଡ଼ଚଣା ଗଠନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏପରି ଉକ୍ତି ରଖିଛନ୍ତି ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବରେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନୀତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ତଥା ସାହିତ୍ୟିକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିବା ବେଳେ ଅନ୍ୟତମ ମଞ୍ଚାସିନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରକାଶ ଚନ୍ଦ୍ର ସାମଲ, ଭକ୍ତ ଚରଣ ସାହୁ, ଅଶୋକ କୁମାର ସିଂହ ପ୍ରମୁଖ ମଞ୍ଚାସିନ ଥିଲେ।

# ବିଧାୟକଙ୍କ ପାଇଁ ଗୋଟିଏ ମଞ୍ଚରେ ସବୁ ବରିଷ୍ଠ

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ବିଧାନସଭାରେ ୧୨ ବିଧାୟକଙ୍କୁ ନିଲମ୍ବନ ଘଟଣା ନେଇ ବରିଷ୍ଠ କଂଗ୍ରେସ ନେତାଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ। ବିଧାନସଭାରେ ଯାହା ଘଟିଲା ତାହା ଅସମ୍ବିଧାନିକ। ପୁଲିସ ବେଆଇନ ଭାବେ ବାଧା ଦେଇଥିଲା। ଆଇନ ଅନୁଯାୟୀ ଗୃହ

- **ବିଧାୟକଙ୍କ ନିଲମ୍ବନ ଅସାମ୍ବିଧାନିକ**
- **ବିଧାନସଭାକୁ କୁରୁ ସଭା କରୁଛି ବିଜେପି**
- **ଆଜି ଶକ୍ତି ପ୍ରଦର୍ଶନ କରିବ ଦଳ**

ମଧ୍ୟଭାଗକୁ ପୂର୍ବତନ ବିଧାୟକମାନେ ଯାଇନପାରନ୍ତି, କିନ୍ତୁ ବିଧାନସଭା ଭିତରକୁ ଯାଇପାରିବେ। ବରଂ ବିଧି ବ୍ୟବସ୍ଥା ଅନୁଯାୟୀ ବାଚସ୍ପତିଙ୍କ ବିନାନୁମତିରେ ପୁଲିସ ବିଧାନସଭା ଭିତରକୁ ଯାଇପାରିବ ନାହିଁ। ପୂର୍ବତନ ବିଧାୟକମାନଙ୍କର ବିଧାନସଭାକୁ ଯିବାର ଅଧିକାର ଥିଲାଲ




କିନ୍ତୁ ସେମାନଙ୍କୁ ଯିବାକୁ ଦିଆଗଲା ନାହିଁ। କାହିଁକି ଭିତରକୁ ପୂରେଇ ଦେବେନି ତା'ର କୌଣସି କାରଣ ନାହିଁ ବୋଲି କହିଛନ୍ତି ପୂର୍ବତନ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର। ସେ ଅଭିଯୋଗ କରିଛନ୍ତି ଯେ ବିଧାନସଭା ଉପରେ ବାଚସ୍ପତିଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ପୁଲିସ ବିଧାନସଭାକୁ ନିଜ କବ୍‌ଜାକୁ ନେଇଛି। ବାଚସ୍ପତି ଫୋନ୍ ଉଠାଇଲେ ନାହିଁ। ଏହା ଜାଣିବାକୁ ଚାହୁଁଥିଲୁ, ବାଚସ୍ପତି କିଛି ନିର୍ଦ୍ଦେଶ ଦେଇଛନ୍ତି କି କାହାକୁ ନ ଛାଡ଼ିବାକୁ। ବିଧାୟକମାନଙ୍କୁ ଆକ୍ରମଣର ଖବର ଆସିଥିଲା। ଆମ୍ବୁଲାନ୍ସ ଆସିଥିଲା ଚିକିତ୍ସା ପାଇଁ। ମାନବିକ ଦୃଷ୍ଟିକୋଣରୁ ମଧ୍ୟ ସାକ୍ଷାତ ପାଇଁ ସୁଯୋଗ ଦେଲେନି। ପୁଲିସ ବରିଷ୍ଠ ନେତାମାନଙ୍କୁ ଉଠାଇ ନେଲା। ଏବେ ବିଜେଡି ବି ବୟକଟ କରିଛି। ଏକଛତ୍ରବାଦ ଶାସନ ଚାଲିଛି। ଏହା ଗଣତନ୍ତ୍ରର ହତ୍ୟା। କଂଗ୍ରେସ ଏହାକୁ ନିନ୍ଦା କରୁଛି। ଏକଛତ୍ରବାଦ ବନ୍ଦ କରି ଗଣତନ୍ତ୍ରକୁ ରକ୍ଷା ପାଇଁ ଆହ୍ୱାନ। ରାଜ୍ୟରେ ନାରୀ ନିର୍ଯାତନା ଶୀର୍ଷରେ ପହଞ୍ଚିଛି। ସରକାର ନା ଗୃହ କମିଟି କରୁଛନ୍ତି ନା ଏନେଇ ଗୃହରେ ଆଲୋଚନା କରୁଛନ୍ତି। ମହିଳାମାନେ ପଛେ ଚୂଲିକୁ ଯାଆନ୍ତୁ କିନ୍ତୁ ଆଲୋଚନା ହେଲା ନାହିଁ। ଏଭଳି ଦୃଷ୍ଟାନ୍ତ କେବେ ନ ଥିଲା। ଏମାନେ ଇତିହାସ ସୃଷ୍ଟି କଲେ। କାଲି ଲୋକେ ଜବାବ ଦେବେ। ନିଆଁରେ ଘିଅ ପକାଇବା ଭଳି ପଦକ୍ଷେପ ଇଏ। ବିଧାନସଭା ଘେରାଉ ସମୟରେ ଲୋକେ ଆହୁରି ଉତ୍ତେଜିତ ହେବେ। ଏହାର ପ୍ରମାଣ ଆସନ୍ତାକାଲି ମିଳିବ ବୋଲି ସେ କହିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଯେତେବେଳେ ମହିଳା ନିର୍ଯାତନା କଥା ଆରମ୍ଭ ହେଲା, ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ମହିଳା ନିର୍ଯାତନା ପ୍ରସଙ୍ଗରେ ଦାବି କଲେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ପାଇଁ। କିନ୍ତୁ ସରକାର ଏ କଥା ଗ୍ରହଣ କଲେନି କି ଏଯାଏ ବି କିଛି କଲେ ନାହିଁ। ଗୃହ କମିଟି ଗଠନ ପାଇଁ ବି ଦାବି ହେଲା। ଏହା ହେଲେ ଅପରାଧୀମାନଙ୍କର ଗୋଟେ ଭୟ ରହିଥାନ୍ତା। କିନ୍ତୁ କିଛି କରାଗଲା ନାହିଁ। ରାଜ୍ୟରେ ନଭେମ୍ବରରୁ ମହିଳା କମିଶନ ହୋଇନାହିଁ। ପୁରୁଣା କମିଶନଙ୍କୁ ବାହାର କଲେ। ଅନ୍ୟ ରାଜ୍ୟରେ କମିଶନ ଆକ୍ଟିଭ। କିନ୍ତୁ ୯ ମାସ ହେଲାଣି ରାଜ୍ୟରେ ମହିଳା କମିଶନ ନାହିଁ। ଏପରି ସ୍ଥିତିରେ ମହିଳା କାହା ପାଖକୁ ଅଭିଯୋଗ କରିବାକୁ ଯିବେ।

ଏହା ଏକ ଦଳୀୟ ବ୍ୟାପାର ନୁହେଁ, ଏହା ସାମାଜିକ ବ୍ୟାଧି ବୋଲି ଶ୍ରୀ ଜେନା କହିଛନ୍ତି। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଭିଯୋଗ କରିଛନ୍ତି ଯେ ବିଧାନସଭାକୁ ବିଜେପି କୁରୁ ସଭାରେ ପରିଣତ କରିବାକୁ ଚାହୁଁଛି। କୁରୁ ସଭାରେ ଯାହା ଘଟିଥିଲା, ତା'ର ପୁନରାବୃତ୍ତି କରାଯାଉଛି। ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ଚିରାଚରିତ ପରମ୍ପରାକୁ ଧର୍ଷଣ କରାଯାଉଛି। ନିନ୍ଦା ପାଇଁ ଭାଷା ନାହିଁ। ମହିଳା ନିର୍ଯାତନାରେ ରୋକ ଲଗାଇବା ସକାଶେ ଗୃହ କମିଟି ପାଇଁ ଦାବି ନେଇ କଂଗ୍ରେସ ବିଧାୟକ ଧାରଣା ଦେଇଥିଲେ। କିନ୍ତୁ ସେମାନଙ୍କୁ ଯେପରି ମାଡ଼ ମରାଗଲା ଓ ଅପମାନିତ କରାଗଲା, ତାହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ୧୯୯୫ରେ କଂଗ୍ରେସ ସରକାର ଅମଳରେ ସ୍ୱତନ୍ତ୍ର ବିଧେୟକ ଉଚ୍ଛେଦ ବିଲ ଅଣାଯାଇଥିଲା। ରାତିତମାମ ସମସ୍ତ ବିଧାୟକ ରହିଥିଲେ। କିନ୍ତୁ ଏହା ସତ୍ତ୍ୱେ ଜଣେ ବି ନିଲମ୍ବିତ ହୋଇ ନ ଥିଲେ। ସେହିପରି ୨୦୧୨ରେ ପ୍ରତୀକ ବିଧାନସଭା ଆରମ୍ଭ ହୋଇଥିଲା। ସେତେବେଳେ ବି ବିଧାନସଭାରେ ରହିଥିଲେ କଂଗ୍ରେସ ବିଧାୟକ। ଅସମ୍ବିଧାନିକ କହିଥିଲେ ବି କାର୍ଯ୍ୟ ଚାଲିଥିଲା। କିନ୍ତୁ ଆଜି କ'ଣ ହେଉଛି? ଆସନ୍ତାକାଲି ଘେରାଉ କାର୍ଯ୍ୟକ୍ରମ ହେବ। ଏହା ନିଶ୍ଚିତ ସଫଳ ହେବ। ତମାମ ଓଡ଼ିଶାରେ ଲୋକ ଉଠିଲେଣି, ଜାଗିଲେଣି। ଲୋକେ ଜବାବ ଦେବେ ଏ ସରକାରକୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ବାପା-ମା' କଳିରେ ଜଳିଗଲା ନିରୀହ ଶିଶୁ

**● ମଦ ନିଶାରେ ଘର ଜାଳିଦେଲା, ଭିତରେ ଥିବା ଝିଅ**




**ହିନ୍ଦୋଳ,୨୬।୩(ସଂଚାର ବ୍ୟୁରୋ):** ଅଭାଗା ବାପାର ଉନ୍ମତ୍ତ କାଣ୍ଡ। ଝିଅ ପାଇଁ ପିଶାଚ ସାଜିଲା ବାପା। କ୍ରୋଧାଗ୍ନିରେ ଜାଳିଦେଲା ଘର। ଜଳିଗଲା ୧୪ ମାସର ଶିଶୁ କନ୍ୟା। ବାପା-ମା କଳିରେ ନିଷ୍ପାପ ଶିଶୁର ଜୀବନ ଗଲା। ଏଭଳି ଏକ ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ବାରସିଙ୍ଗା ଗାଁରେ। ଗତକାଲି ଦିନ ବେଳା ଗାଁର ବାବୁଲି ସାହୁ ଘରେ କଳି ଝଗଡ଼ା କରିଥିବା ବେଳେ ପରେ ଏହା ଭୟଙ୍କର ରୂପ ନେଇଥିଲା। କ୍ରୋଧରେ ଅନ୍ଧ ହୋଇ ବାବୁଲି ନିଜ ସ୍ତ୍ରୀକୁ ମାରିବା ପାଇଁ ଉଦ୍ୟମ କରିଥିଲା। ଜୀବନ ବିକଳରେ ପତ୍ନୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଥିଲେ। ଏଥିରେ ବାବୁଲିର କ୍ରୋଧ ଆହୁରି ବଢ଼ିଯାଇଥିଲା। ସେ ନିଜ କ୍ରୋଧକୁ ନିୟନ୍ତ୍ରଣ ରଖିନପାରି ନିଜ ଘରେ ହିଁ ନିଆଁ ଲଗାଇଦେଇଥିଲା। ମଦ ନିଶାରେ ସେ ଏପରି କରିଥିବା ବେଳେ ଘର ଭିତରେ ଥିବା ନିଜର ୧୪ ମାସର ଶିଶୁ ବିଷୟରେ ପୂରାପୂରି ଭୁଲିଯାଇଥିଲା। ନିଆଁ ଲଗାଇଲା ପରେ ସେ ଘର ଛାଡ଼ି ପଳାଇଯାଇଥିଲା। ଧୀରେ ଧୀରେ ଘର ଜଳିବାକୁ ଲାଗିଲା। ଫଳରେ ଘରେ ଶୋଇଥିବା ବାବୁଲିର ୧୪ ମାସର ଶିଶୁକନ୍ୟା କ୍ରିତିକା ଜୀବନ ପ୍ରତି ବଢ଼ିଚାଲିଥିଲା ବିପଦର ମାତ୍ରା। ତେବେ ଘର ଜଳୁଥିବା ଦେଖି ପଡ଼ିଶା ଲୋକେ ଦୌଡ଼ି ଆସି ଦେଖିବାକୁ ପାଇଥିଲେ ଯେ ଜଳୁଥିବା ଘରେ କ୍ରିତିକା ରହିଯାଇଛି। ସମସ୍ତେ ବିକଳ ହୋଇ ନିଆଁ ଲିଭାଇବା ସହ କ୍ରିତିକାକୁ ଉଦ୍ଧାର କରିବା ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ସମସ୍ତଙ୍କ ଉଦ୍ୟମ ବିଫଳ ହୋଇଥିଲା। ଶେଷରେ ଯଦିଓ ଖଜୁରିଆକଟା ଅଗ୍ନିଶମ ବାହିନୀର ସଦସ୍ୟମାନଙ୍କ ସହଯୋଗରେ ନିଆଁ ଲିଭାଇବା ଦିଗରେ ପଡ଼ୋଶୀ ଲୋକେ ସଫଳ ହୋଇଥିଲେ, କିନ୍ତୁ ସେତେବେଳକୁ କ୍ରିତିକାର ଜୀବନ ଚାଲିଯାଇସାରିଥିଲା। ଏଥିସହ ବାପା-ମା' କଳିରେ ନିରୀହ ଶିଶୁ ସଂସାରକୁ ଦେଖିବା ପୂର୍ବରୁ ବିଦାୟ ନେଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବାଲିମୀ ପୁଲିସ ପହଞ୍ଚି କୁନି ଝିଅର ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ମଦ୍ୟପ ବାପାକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ପୁଲିସ। ତେବେ ମଦ ନିଶା କିପରି ଭାବେ ଘରସଂସାର ସବୁକିଛି ଉଚ୍ଛନ୍ନ କରିଦିଏ, ଏଠାରେ ତା'ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଏଥିସହ ଏଭଳି ଏକ ଅଭାବନୀୟ ଘଟଣା ନେଇ ଏବେ ପୂରା ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଶୁଆ ହତ୍ୟା ଅଭିଯୋଗରେ ଯୁବକ ଗିରଫ

**ଆଠମଲ୍ଲିକ,୨୬।୩(ସଂଚାର ବ୍ୟୁରୋ):** ମହଙ୍ଗା ପଡ଼ିଲା ଶୁଆକୁ ଫାଶୀ ଦେଇ ରିଲ୍ସ କରିବା। ଆଠମଲ୍ଲିକ ନାକଟିଦେଉଳରୁ ଏନେଇ ଜନୈକ ଯୁବକଙ୍କୁ ଗିରଫ

**ଫାଶୀ ଲଗାଇ କରୁଥିଲେ ରିଲ୍ସ**

କରାଯାଇଛି। ବିରି ଖାଇଥିବା କାରଣରୁ ଯୁବକ ଜଣଙ୍କ ଶୁଆକୁ ଫାଶୀ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଶୁଆଟି ବେକରେ ଫାଶୀ ଲାଗିଯାଇଥିବାରୁ ସେ ମରିଯାଇଥିବା ବେଳେ ୨୫ ବର୍ଷୀୟ ବାଇଗା ପିତଲିଙ୍କୁ ଶୁଆ ହତ୍ୟା ନେଇ ଗିରଫ କରାଯାଇଛି। ଉକ୍ତ ରିଲ୍ସ ସୋସିଆଲ୍ ମିଡିଆରେ ଅପଲୋଡ୍ କରିବା ପରେ ତାଙ୍କ ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଗିରଫ କରାଯାଇଥିବା ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଉକ୍ତ ଶୁଆଟିର ମୃତ୍ୟୁ ହୋଇଯାଇଥିବାରୁ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ। ନାକଟିଦେଉଳ ଅଞ୍ଚଳରେ ଏହି ଭିଡିଓଟି



ଶୁଟିଂ କରାଯାଇଛି। ଆଜି ସକାଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆହୁରି କେତେକ ବ୍ୟକ୍ତି ସାମିଲ ଥିବା ବନ ବିଭାଗ ଜେରା ସମୟରେ ଜାଣିବାକୁ ପାଇଛି। ତେବେ ପଚରାଉଚରା ସମୟରେ ବାଇଗା ଉକ୍ତ ଶୁଆଟିକୁ ମାରିନାହିଁ, ବରଂ ଅନ୍ୟ ଜଣେ ତାକୁ ହତ୍ୟା କରିଥିବା ପ୍ରକାଶ କରିଛି। ସେ ଶୁଆକୁ ହତ୍ୟା କରିନାହିଁ, ବରଂ କେବଳ ରିଲ୍ସ କରିଥିବା ବାଇଗା କହିଛନ୍ତି। ଏହି ମାମଲା ସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ସନ୍ଧାନ ଜାରି ରହିଛି ବୋଲି ଶ୍ରୀ ସନ୍ତୋଷ କହିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ୱାଇଲ୍ଡ ଲାଇଫ ଆକ୍ଟର ଧାରା ୯ ଅନୁସାରେ ମାମଲା ରୁଜୁ କରାଯାଇଛି। ରୋଜ ରିଙ୍ଗ ପାରାକିଟ (ଶୁଆ) ଏକ ସେଡ୍ୟୁଲ ଟୁ ଆନିମଲ ହୋଇଥିବା ବେଳେ ଏହାକୁ ହତ୍ୟା କରିଥିବା ଅଭିଯୋଗରେ ବାଇଗାଙ୍କୁ କୋର୍ଟ ଚାଲାଣ କରାଯିବ। ବିଲରୁ ବିରି ଖାଇଥିବା କାରଣରୁ ଶୁଆକୁ ଧରି ବାଇଗା ଓ ଅନ୍ୟ ଜଣେ ଅଭିଯୁକ୍ତ ହତ୍ୟା କରିଥିଲେ। ଏପରିକି ହତ୍ୟା କରିବାର ଭିଡିଓ ମଧ୍ୟ ସେମାନେ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। କିନ୍ତୁ ଏହି ରିଲ୍ସ ଏବେ ସେମାନଙ୍କ ଜେଲ୍ ଯିବାର କାରଣ ହେବାକୁ ଯାଉଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କେହି ବି ରିଲ୍ସ ନିଶାରେ ବନ୍ୟଜନ୍ତୁଙ୍କୁ ନିର୍ଯାତନା ଦେବା ଗ୍ରହଣୀୟ ନୁହେଁ ବୋଲି ଲୋକେ କହିଛନ୍ତି।

# ଗିରଫ ହେଲେ କୋଟିପତି କାର୍ଯ୍ୟନିର୍ବାହୀ ଅଧିକାରୀ

**ଜବତ ହୋଇଛି ୧୭ ଲକ୍ଷ ଟଙ୍କା ସହ ୪୭୫ ଗ୍ରାମ ସୁନା**



**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ଶେଷରେ କୋଟିପତି ବାବୁ ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଜଟଣୀ ପୌରପାଳିକାର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢ଼ଯୋଶୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଥିବା ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ଯୋଶୀ ବ୍ୟାପକ ମାତ୍ରାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିବା ପରେ ଗତକାଲି ସକାଳୁ ତାଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟର ୯ଟି ଭିନ୍ନ ଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ଆଖି ଖୋସିହେବା ଭଳି ସମ୍ପତ୍ତି ପଦାକୁ ଆସିଥିଲା। ତାଙ୍କ ଘରୁ ନଗଦ ୧୭ ଲକ୍ଷ ଟଙ୍କା ମିଳିଥିବା ବେଳେ ବାବୁଙ୍କ ନାମରେ ଭୁବନେଶ୍ୱର ୪ଟି ଫ୍ଲାଟ୍ ରହିଥିବା ବେଳେ ବ୍ରହ୍ମପୁରରେ ୨ଟି ବହୁତଳ ପ୍ରାସାଦ ରହିଛି। ଏଥିସହ ତାଙ୍କ ନାମରେ ବିଭିନ୍ନ ସ୍ଥାନରେ ୧୧ଟି ଦାମୀ ପ୍ଲଟ୍ ମଧ୍ୟ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଗତକାଲି ଏହି ଚଢ଼ାଉ ଜାରି ରହିବା ସହ ଆସି ଶେଷ ହୋଇଥିବା ବେଳେ ତାଙ୍କଘେରୁ ମୋଟ ୪୭୫ ଗ୍ରାମ୍ ଓଜନର ସୁନାଗହଣା ଠାବ କରାଯାଇଛି। ଏହାଛଡ଼ା ତାଙ୍କର ବିଭିନ୍ନ ବ୍ୟାଙ୍କରେ ୯୦ ଲକ୍ଷ ଟଙ୍କାର ଜମା ରହିଥିବା ବେଳେ ଚଢ଼ାଉ ସମୟରେ ଗୋଟିଏ କାର ଓ ୩ଟି ମୋଟର ସାଇକେଲ୍ ଥିବା ମଧ୍ୟ ଭିଜିଲାନ୍ସ ଜାଣିବାକୁ ପାଇଛି। ଏନେଇ ଭିଜିଲାନ୍ସ ୩/୨୫ରେ ଏକ ମାମଲା ରୁଜୁ କରିବା ସହ ପାଢ଼ଯୋଶୀଙ୍କୁ ଭିଜିଲାନ୍ସ କୋର୍ଟକୁ ପଠାଇଦେଇଥିବା ଜଣାପଡ଼ିଛି।

# କାବୁହେଲେ ୩ ଆପାର୍ଟମେଣ୍ଟ୍ ଲୁଟେରା

**କଟକ,୨୬।୩(ସଂଚାର ବ୍ୟୁରୋ):** ୪୮ ଘଣ୍ଟା ଭିତରେ ଧରାପଡ଼ିଛନ୍ତି ଆପାର୍ଟମେଣ୍ଟ୍ ଲୁଟେରା। ଏଥିସହ ବାଦାମବାଡ଼ି ବିକାଶନଗର ଅଞ୍ଚଳର ଏକ ଆପାର୍ଟମେଣ୍ଟ ପରିସରରୁ ୫ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି। ୩ ଜଣ ଲୁଟେରାଙ୍କୁ ଆଜି ବାଦାମବାଡ଼ି ଥାନା ପୁଲିସ ଗିରଫ କରିଛି। ଗତ ଗତ ସୋମବାର ରାତି ପ୍ରାୟ ୮ଟା ସମୟରେ ଏହି ଲୁଟ୍ ହୋଇଥିଲା। ମାଲଗୋଦାମର ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ସେମାନେ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ଛଡ଼ାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କିଛି ମାସ ପୂର୍ବରୁ ରାଜଧାନୀରେ ଆପାର୍ଟମେଣ୍ଟ ଲୁଟେରା ମାତିଥିଲେ। ସେମାନେ କେହି ରହୁନଥିବା ସୁଯୋଗ ନେଇ ଫ୍ଲାଟ୍‌ରେ ପଶି କଳାକନା ବୁଲାଇ ଦେଉଥିଲେ। ପାହାଳ ଥାନା ଅନ୍ତର୍ଗତ ସନରାଇଜ୍ ସରୋବର୍ ଆପାର୍ଟମେଣ୍ଟରୁ ୨ ଜଣଙ୍କ ଘରୁ ଲୁଟ ହୋଇଥିଲା। ଘରର ଦରଜା କାଟି ଲୁଟେରାମାନେ ନଗଦ ଟଙ୍କା ସହ ସୁନା ଗହଣା ଆଦି ଲୁଟି ନେଇ ଫେରାର ହୋଇଯାଇଥିଲେ।

**● ଅଟୋ ସହ ସ୍କୁଟି ଧକ୍କା**

# ଦମ୍ପତି ମୃତ, ବର୍ତ୍ତିଗଲା ୩ ବର୍ଷର କୁନି ଝିଅ

**ବ୍ରହ୍ମପୁର,୨୬।୩(ସଂଚାର ବ୍ୟୁରୋ):** ଅଟୋ ସହ ସ୍କୁଟି ଧକ୍କା ହେବା ଫଳରେ ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଦୁଇ ଯାତ୍ରୀ ସ୍ୱାମୀ-ସ୍ତ୍ରୀ ବୋଲି ଜଣାପଡ଼ିଛି। ତେବେ ସୌଭାଗ୍ୟବଶତଃ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରୁ ସେମାନଙ୍କର ୩ ବର୍ଷର କୁନି ଝିଅଟି ବର୍ତ୍ତିଯାଇଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ବୁଢ଼ାମ୍ବ ଗ୍ରାମ ହରିଜନ ସାହି ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତ୍ୟୁବରଣ କରିଥିବା ଦମ୍ପତି ହେଉଛନ୍ତି ସ୍ଥାନୀୟ ଶାଳବଣ ଗାଁର କାହ୍ନୁ ବାରିକ ଓ ତାଙ୍କ ପତ୍ନୀ ସ୍ୱପ୍ନା। ତେବେ ସେମାନଙ୍କ କୁନିଝିଅଟି ସାମାନ୍ୟ ଆହତ ହୋଇଛି। କାହ୍ନୁ ଓ ସ୍ୱପ୍ନା ସେମାନଙ୍କ କୁନି ଝିଅ ସହ ସ୍କୁଟିରେ ଗାଁକୁ ଯାଉଥିବା ସମୟରେ ବୁଢ଼ାମ୍ବ ହରିଜନ ସାହି ନିକଟରେ ସେମାନଙ୍କୁ ଏକ ଅଟୋ ଧକ୍କା ଦେଇଥିଲା। ଏଥିରେ ଦୁର୍ଘଟଣାସ୍ଥଳରେ ହିଁ ସ୍ୱପ୍ନାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଭୀଷଣ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ୍ ପହଞ୍ଚି ତନାଘଡ଼ା ଚଳାଇଛି।

# ଚନ୍ଦକା-ଡମପଡ଼ା ଜଙ୍ଗଲରେ ଆହତ ହାତୀର ମୃତ୍ୟୁ

**ଭୁବନେଶ୍ୱର,୨୬।୩ (ସଂଚାର ବ୍ୟୁରୋ):** ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ହାତୀ ମୃତ୍ୟୁ। ବସ୍ତମୁଣ୍ଡା ସାହି ନିକଟସ୍ଥ କାଜୁ ଜଙ୍ଗଲରେ ହାତୀର ମୃତଦେହ ପଡ଼ିଛି । ଏକ ଦନ୍ତା ହାତୀ ଆକ୍ରମଣରେ ହାତୀଟି ଆହତ ହୋଇଥିଲା। ଚନ୍ଦକା ବନ ବିଭାଗ ହାତୀର ଚିକିତ୍ସା କରୁଥିଲେ । ହେଲେ ଆଜି ହାତୀର ମୃତ୍ୟୁ ହୋଇଥିବା ନେଇ ସୂଚନା ଦେଇଛନ୍ତି ଚନ୍ଦକା ଅଭୟାରଣ୍ୟର ଡିଏଫ୍‌ଓ ଶରତ ବେହେରା । ସୂଚନା ଅନୁଯାୟୀ, ଗତ ୧୬ ତାରିଖରୁ ହାତୀଟି ଆହତ ଅବସ୍ଥାରେ ବନ ବିଭାଗ ନଜରକୁ ଆସିଥିଲା । ପରେ ସ୍ୱତନ୍ତ୍ର ଡାକ୍ତରୀଦଳ ତା'ର ଚିକିତ୍ସା କରୁଥିଲେ । ତେବେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଚନ୍ଦକା ଅଭୟାରଣ୍ୟ ଡିଏଫ୍‌ଓ, ଏସିଏଫ୍ ଓ ରେଞ୍ଜରଙ୍କ ସହିତ ଅନ୍ୟ ଅଧିକାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଗୁରୁବାର ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯିବ ।

# ଲାଞ୍ଚ ନେଇ ଧରାପଡ଼ିଲେ ଅମିନ



**ସୁନ୍ଦରଗଡ଼,୨୬।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ତହସିଲ କାର୍ଯ୍ୟାଳୟର ଜଣେ ଅମିନ ଶିଶିର କୁମାର ନାଏକ ଆଜି ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ଏହି ଲାଞ୍ଚ ଟଙ୍କା ମଧ୍ୟ ଅଭିଯୁକ୍ତ ଶ୍ରୀ ନାଏକଙ୍କଠାରୁ ଜବତ କରିବା ସହ ତାଙ୍କ କାର୍ଯ୍ୟାଳୟ ଓ ବନ୍ଧବାହାଲସ୍ଥିତ ବାସଭବନରେ ଚଢ଼ାଉ ଜାରି ରଖିଛି। ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ପଚରାଉଚରା ପରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତ ଅମିନ ଜଣେ ବ୍ୟକ୍ତିଙ୍କ ଜମି ଭାଗ ପାଇଁ ଜମିପଟ୍ଟାର ସ୍କେଚ୍ ମ୍ୟାପ ତିଆରି ସକାଶେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଏହି ଟଙ୍କା ନ ଦେବାରୁ ଅମିନ ଜଣଙ୍କ ତାଙ୍କୁ ହଇରାଣ ହରକତ କରିଆସୁଥିଲେ। ପରେ ଅଭିଯୋଗକାରୀ ଜଣଙ୍କ କାକୁତିମିନତି ହେବାରୁ ଶ୍ରୀ ନାଏକ ତାଙ୍କ ଲାଞ୍ଚ ଟଙ୍କା ପରିମାଣକୁ ୬ ହଜାରକୁ କମାଇଥିଲେ। କିନ୍ତୁ ଜଣେ ଗରିବ ଲୋକ ହୋଇଥିବାରୁ ଏହା ତାଙ୍କ ପକ୍ଷେ ଦେବା ସମ୍ଭବପର ନଥିବାରୁ ଶେଷରେ ଉକ୍ତ ଅଭିଯୋଗକାରୀ ଜଣଙ୍କ ଅନ୍ୟ ଉପାୟ ନ ପାଇ ଏସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ। ତାଙ୍କ ଅଭିଯୋଗ କ୍ରମେ ରାଉରକେଲା ଭିଜିଲାନ୍ସ ଥାନାରେ ୬/୨୦୨୫ ନମ୍ବରରେ ଗତକାଲି ଏକ ମାମଲା ରୁଜୁ ହୋଇଥିଲା। ଯୋଜନା ମୁତାବକ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଶ୍ରୀ ନାଏକଙ୍କୁ କାବୁ କରିବା ସହ ତାଙ୍କଠାରୁ ରାସାୟନିକ ବୋଳା ଟଙ୍କା ମଧ୍ୟ ଜବତ କରିଛି।

# ଗଞ୍ଜେଇ ବେପାରରେ ମାତିଥିଲେ ଯବାନ

**ବୌଦ୍ଧ,୨୬।୩ (ସଂଚାର ବ୍ୟୁରୋ):** ଶୁଣିଲେ ବିଶ୍ୱାସ ଲାଗିନପାରେ। ଯଦିବା ବିଶ୍ୱାସ ହୁଏ, ତା'ହେଲେ ଆପଣ ଆଶ୍ଚର୍ଯ୍ୟ ହେବା ନିଶ୍ଚିତ। କାରଣ ସୁରକ୍ଷା ଦାୟିତ୍ୱରେ ଥିବା ଯବାନ ଗଞ୍ଜେଇ ଚାଲାଣ କରୁଥିଲେ। ବୌଦ୍ଧ ଜିଲ୍ଲାରୁ ଏପରି ଖବର ପହଞ୍ଚିଛି। ପୁଲିସ୍ ବାରାକ୍‌ରେ ଏସ୍‌ପି ଅଚାନକ ଚଢ଼ାଉ କରିବାରୁ ଏହି ଯବାନମାନଙ୍କ ଅସଲ ମୁଖା ଖୋଲିଯାଇଛି। ବାରାକ୍‌ରେ ରହୁଥିବା ୩ ଜଣ ଯବାନଙ୍କ ପାଖରୁ ପୁଳା ପୁଳା ଗଞ୍ଜେଇ ଜବତ୍ତ ହୋଇଛି। ଆଇନ ଆଖିରେ ସମସ୍ତେ ସମାନ ହୋଇଥିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏହି ତିନି ଯବାନଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ଏହି ତିନି ଜଣ ଯବାନ ଆଇଆରବିରେ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ଏପରି କାରନାମାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା।

କୌଣସି ସୂତ୍ରରୁ ଖବର ପାଇ ବୌଦ୍ଧ ଏସ୍‌ପି ରାହୁଲ ଗୋୟଲ ଗତକାଲି ସନ୍ଧ୍ୟାରେ ମନମୁଣ୍ଡା ପୁଲିସ ବ୍ୟାରେକରେ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ସେଠାରେ ଛାନଭିନ ସମୟରେ ଯାହା ଦେଖିବାକୁ ପାଇଲେ, ଏସ୍‌ପି ସାହେବ ତାକୁ ସହଜରେ ବିଶ୍ୱାସ କରିପାରିନଥିଲେ। । ବାରାକ୍ ଭିତରେ ବ୍ୟାପକ ମାତ୍ରାରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା। ଏପରିକି ଜଣେ ଜଣେ ଯବାନଙ୍କ ପାଖରେ ତିନିରୁ ୪ କିଲୋରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଗିରଫ ୩ ଯବାନଙ୍କ ନିକଟରୁ ପାଖାପାଖି ୧୬ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗିରଫ ୩ ଯବାନଙ୍କୁ ବୌଦ୍ଧ ପୁଲିସ୍ ପକ୍ଷରୁ ପଚରାଉଚରା କରାଯାଇଛି।

ଥାନାରେ ଏହି ୩ ଯବାନ ମୁହଁ ଢାଙ୍କି ଛିଡ଼ା ହୋଇଥିଲେ। କାରଣ ସେମାନେ ଅପରାଧ ରୋକିବା ଦାୟିତ୍ୱରେ ଥିଲେ ମଧ୍ୟ ବାଟ ହୁଡ଼ି ନିଜେ ଅପରାଧି ହୋଇଯାଇଛନ୍ତି। ଗିରଫ ହୋଇଥିବା ୩ ଯବାନ



ହେଲେ କୁନାର ସିଂ, ତ୍ରିଲୋଚନ ରଣା ଓ ନୀଳମ ବାର୍ଲା। ଗିରଫ ପରେ ସେମାନଙ୍କୁ କଣ୍ଟାମାଳ ଏଡିଜେ କୋର୍ଟକୁ ମନମୁଣ୍ଡା ପୁଲିସ୍ ଚାଲାଣ କରିବା ପରେ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ୩ ଯବାନ ଜେଲ୍ ଯାଇଛନ୍ତି। ଅନ୍ୟପକ୍ଷରେ ବୌଦ୍ଧ ପୁଲିସକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ ୫ ଦିନ ତଳେ ବୌଦ୍ଧର ଜଣେ ପୁଲିସ କର୍ମଚାରୀ ଗଞ୍ଜେଇ ବେପାରୀଙ୍କ ସହ ଡିଲ କରୁଥିବା ନେଇ ଏକ ଅଡିଓ ଏକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏହି ଅଭିଯୁକ୍ତ ଜଣଙ୍କ ବୌଦ୍ଧ ପୁଲିସର ଗଞ୍ଜେଇ ଚାଷର ମଳୋତ୍ପାଟନ କରିବା ସକାଶେ ଗଠିତ ସ୍ପେଶାଲ ସ୍କ୍ୱାଡ଼ର ଡିଭିଏଫ ଯବାନ ହରିଶ୍ଚନ୍ଦ୍ର ସାହୁ। ହରିଶ୍ଚନ୍ଦ୍ର ଗଞ୍ଜେଇ ବେପାରୀଙ୍କ ସହ ଡିଲ କରୁଥିବା ସମୟର ଅଡିଓ ଭାଇରାଲ ହୋଇଛି। ପୂର୍ବରୁ ଗଞ୍ଜେଇ ବେପାରୀଙ୍କଠାରୁ ଟଙ୍କା ଆଣୁଥିବା ସମୟରେ ହରିଶ୍ଚନ୍ଦ୍ର ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତେବେ କେବଳ ହରିଶ୍ଚନ୍ଦ୍ର ନୁହଁନ୍ତି, ଆହୁରି ଅନେକ ପୁଲିସ କର୍ମଚାରୀ ମଧ୍ୟ ଗଞ୍ଜେଇଇ ବେପାରରେ ସମ୍ପୃକ୍ତ ଥିବା ନେଇ ଅଡିଓ ଭାଇରାଲ ହେବାରେ ଲାଗିଛି। ତେବେ ୩ ଜଣ ଯବାନଙ୍କୁ ଧରି ଏସ୍‌ପି ଜେଲ ପଠାଇବା ପରେ ଏବେ ଅନ୍ୟମାନଙ୍କ ଛାତିରେ ଛନକା ପଶିଲାଣି

# ଗିରଫ ହେଲେ ଏଏନ୍ଏମ୍

**ପଦ୍ମପୁର,୨୬।୩(ସଂଚାର ବ୍ୟୁରୋ):** ଗୁଲୁଗୁଡ଼ା ଏଏନଏମ ଏଏନ୍ଏମ୍ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କ ଘରୁ ପାଖାପାଖି ଅଢ଼େଇ କିଲୋ ଓଜନର ଗଞ୍ଜେଇ ଜବତ ହୋଇଥିବା ବେଳେ ଏହି ଅପରାଧରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ପୁଲିସ୍ ତାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ମଧ୍ୟ ପଦ୍ମପୁର ପୁଲିସ୍ ଜବତ କରିଛି। ମିଳିଥିବା ସୂଚନାନୁସାରେ, ଗୁଲୁଗୁଡ଼ା ଏଏନଏମଙ୍କ ଘରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ରହିଥିବା ନେଇ ପଦ୍ମପୁର ପୁଲିସ୍ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ତୁରନ୍ତ ତାଙ୍କ ଘରେ ଚଢ଼ାଉ କରି ପୁଲିସ୍ ସେଠାରୁ ୨ କିଲୋ ୪୪୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ତେବେ ଜଣେ ସରକାରୀ କର୍ମଚାରୀଙ୍କ ଘରୁ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହା ସ୍ଥାନୀୟ ଲୋକଙ୍କୁ ତାଜୁବ୍ କରିଛି।

# ଦୁଇ ପୁଅଙ୍କୁ ହତ୍ୟା ମାମଲା | ସିନ୍ ରିକ୍ରିଏସନ୍ କଲା କ୍ରାଇମବ୍ରାଞ୍ଚ

**ନୟାଗଡ଼,୨୬।୩(ସଂଚାର ବ୍ୟୁରୋ):** ଗତ ୧୦ ତାରିଖ ବିଳମ୍ବିତ ରାତିରେ ନୃଶଂସ ବାପା ପ୍ରଥମେ ସାନ ପୁଅ ବିକାଶକୁ ଟେକି ନେଇ ପାଇଖାନା ଘରେ ଶୁଆଇ ଦେଇଥିଲେ। ପରେ ବଡ଼ ପୁଅ ଆକାଶର ତଣ୍ଟି ଚିପି ହତ୍ୟା କରିଥିଲେ। ଆକାଶ ଚିତ୍କାର କରିବାରୁ ଜେଜେମା' ସୌରି ଲୁଗା ପୂରେଇ ତୋ'ର ପାଟି ବନ୍ଦ କରିଦେଇଥିଲେ। ଫଳରେ ବାହାରକୁ ଆକାଶର ଚିତ୍କାର ଶୁଭି ନଥିଲା। ବହୁଚର୍ଚ୍ଚିତ ଫତେଗଡ଼ ଥାନା ଅଧୀନସ୍ଥ ଧାନଚାଙ୍ଗଡ଼ା ଗାଁର ଡବଲ ମର୍ଡର ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିବା ବେଳେ ଆଜି ହତ୍ୟାକାରୀ ପ୍ରକାଶ ମହାନ୍ତିଙ୍କୁ ନେଇ ସିନ ରିକ୍ରିଏସନ କରାଯାଇଛି। ଏନେଇ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖରେ ଫତେଗଡ଼ ଥାନା ଧାନଚେଙ୍ଗଡ଼ା ଗାଁରେ ଘଟିଥିଲା ଏହି ଅଭାବନୀୟ ଘଟଣା। ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ପ୍ରକାଶ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ହତ୍ୟା କରିଥିଲେ। ଦୁଇ ପୁଅଙ୍କ ମୃତଦେହ ମିଳିବା ପରେ ପ୍ରକାଶ ଏପରି ନାରକୀୟ କାଣ୍ଡ ଘଟାଇଥିବା ନେଇ ତାଙ୍କ ଶଶୁର ଘର ଲୋକେ ଅଭିଯୋଗ ଆଣିଥିଲେ। ପ୍ରକାଶ ଓ ତାଙ୍କ ମା' ସୌରୀ ଘଟଣା ଦିନ ରାତିରେ ଦୁଇ ଭାଇଙ୍କୁ ହତ୍ୟା କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ହତ୍ୟାକାଣ୍ଡର ୭ ଦିନ ପୂର୍ବରୁ ସୌରି ଓ ପ୍ରକାଶ ଉଭୟ ବିକାଶ ଓ ଆକାଶକୁ ହତ୍ୟା ସକାଶେ ଯୋଜନା କରିଥିଲେ ହେଁ ବାରମ୍ବାର ବିଫଳ ହୋଇଆସିଥିଲେ। କିନ୍ତୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ ସେମାନେ ନିଜର ଅଭିସନ୍ଧି ପୂରଣ କରିବାରେ ସକ୍ଷମ ହୋଇଥିଲେ। ଯୋଜନାନୁଯାୟୀ, ପ୍ରଥମେ ପ୍ରକାଶ ବିକାଶକୁ ଟେକି ନେଇ ପାଇଖାନାରେ ଶୁଆଇ ଦେଇଥିଲେ ଓ ପରେ ବଡ଼ ପୁଅ ଆକାଶର ତଣ୍ଟି ଚିପି ହତ୍ୟା କରିଥିଲେ। ଆକାଶକୁ ହତ୍ୟା କରିବା ପରେ ପ୍ରକାଶନ ବିକାଶକୁ ତଣ୍ଟି ଚିପି ହତ୍ୟା କରିବା ସହ ତା'ର ହାତକୁ ବାନ୍ଧି ଦୁଇ ଭାଇଙ୍କୁ ଗୋଟିଏ ରଶିରେ ଓହଳାଇ ଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରକାଶ ଉଦ୍ୟମ କରିଥିଲେ। ପୁଲିସ୍ ଏହି ଘଟଣାର ତଦନ୍ତ କରିବା ପରେ ସବୁ ସତ ସାମ୍ନାକୁ ଆସିଛି। ପୁଲିସ ଆଗରେ ସବୁ ସତ ନିଜେ ପ୍ରକାଶ ସ୍ୱୀକାର କରିଛି। ପ୍ରକାଶ ଓ ସୌରୀଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିଲା। ପରେ ଅଧିକ ତଦନ୍ତ ପାଇଁ ମାମଲାଟିକୁ କ୍ରାଇମବ୍ରାଞ୍ଚ ନିଜ ହାତକୁ ନେଇଥିଲା।

# ଆଜି କଂଗ୍ରେସର ବିଧାନସଭା ଘେରାଉ

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ଆସନ୍ତାକାଲି କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବାକୁ ଥିବାରୁ ଏହି ସମୟରେ ରାଜଧାନୀର ବିଭିନ୍ନ ରାସ୍ତାରେ ଭୀଷଣ ଟ୍ରାଫିକ୍ ସମସ୍ୟା ହେବାର ସମ୍ଭାବନା ରହିଛି। ବିଶେଷକରି ବିଧାନସଭା ସଂଲଗ୍ନ ରାସ୍ତାଗୁଡ଼ିକ ଉପରେ ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯିବ। ଏହି ସମୟରେ ଜନସାଧାରଣ ଯେପରି ହଇରାଣ ହରକତର ସମ୍ମୁଖୀନ ସମ୍ମୁଖୀନ ନ ହେବେ, ସେଥିସକାଶେ ପୁଲିସ୍ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଛି। ଏହି ଅନୁସାରେ ଆସନ୍ତାକାଲି ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ମଧ୍ୟରେ ରୂପାଲି ଛକରୁ ରାଜମହଲ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ କୌଣସି ଜନସାଧାରଣ ନ ଯିବା ସକାଶେ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଆଜି କମିଶନରେଟ୍ ପୁଲିସ୍ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଉପରୋକ୍ତ ରାସ୍ତା ବ୍ୟବହାର ନ କରି ଜନସାଧାରଣ ବିକଳ୍ପ ରାସ୍ତାରେ ଯିବାଆସିବା କରିବା ସକାଶେ କୁହାଯାଇଛି।

# ସୀମା ଟପିଲେ କଂଗ୍ରେସ କର୍ମୀ, ଏସିପିଙ୍କୁ ଆକ୍ରମଣ

**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** କଂଗ୍ରେସର ୧୪ ଜଣ ବିଧାୟକଙ୍କୁ ନିଲମ୍ବନ ପ୍ରତିବାଦରେ ଆଜି ବିଧାନସଭା ସମ୍ମୁଖରେ କଂଗ୍ରେସ କର୍ମୀମାନେ ପୁଲିସ୍ ସହ ଧସ୍ତାଧସ୍ତି କରିବା ସହ ସୁରକ୍ଷାକର୍ମୀମାନଙ୍କୁ ଆକ୍ରମଣ କରିବାକୁ ପଛାଇନାହାନ୍ତି। ବିଧାନସଭା ଭିତରକୁ ଧସେଇ ପଶିବା ସକାଶେ ଉଦ୍ୟମ କରୁଥିବା ସମୟରେ କଂଗ୍ରେସ କର୍ମୀମାନଙ୍କୁ ପୁଲିସ୍ ରୋକିଥିଲା। ତେବେ ଏହି ସମୟରେ ଧସ୍ତାଧସ୍ତି ହୋଇଥିବା ବେଳେ କଂଗ୍ରେସ କର୍ମୀମାନେ ଅତିରିକ୍ତ ପୁଲିସ୍ କମିଶନର୍ (ଏସିପି) ନରସିଂହ ଭୋଳଙ୍କୁ ଆକ୍ରମଣ କରିଥିଲେ। ଏପରିକି ସେମାନେ ଶ୍ରୀ ଭୋଳଙ୍କ କଲର ଭିଡ଼ି ଧରିବା ସହ ତାଙ୍କ ମୁଣ୍ଡରୁ ଟୋପି ଖସାଇ ଦେଇଥିବା ଜଣାପଡ଼ିଛି। କଂଗ୍ରେସ କର୍ମୀମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ ଶ୍ରୀ ଭୋଳ। ଏହି ସମୟରେ ବିଧାୟକ ରମେଶ ଜେନା ଧସେଇ ପଶିବାକୁ ଉଦ୍ୟମ କରୁଥିବା ସମୟରେ ତାଙ୍କୁ ମଧ୍ୟ ସେ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ସମୟରେ ଜଣେ କଂଗ୍ରେସ କର୍ମୀ ଶ୍ରୀ ଭୋଳଙ୍କ ପଛ ପଟରୁ ତାଙ୍କ କଲର ଭିଡ଼ି ଧରିଥିଲେ। ଏଥିସହ ସେ ତାଙ୍କ ଟୋପିକୁ ମଧ୍ୟ ଖସାଇ ଦେଇଥିଲେ ସମ୍ପୃକ୍ତ କର୍ମୀ। ଆହୁରି ମଧ୍ୟ ସେ ଶ୍ରୀ ଭୋଳଙ୍କ ଖାକି ପୋଷାକରେ ଲାଗିଥିବା ଷ୍ଟାରକୁ ବି ଟାଣିଆଣିଥିଲେ।

ଅନ୍ୟପକ୍ଷରେ ଆଜି ବିଧାନସଭା ବାହାରେ କଂଗ୍ରେସର ସାଂସଦ ସପ୍ତଗିରି ଉଲାକା ପହଞ୍ଚିଥିଲେ। ସେ ବିଧାନସଭା ଭିତରକୁ ଯିବା ସକାଶେ ଉଦ୍ୟମ କରିବା ସମୟରେ ତାଙ୍କୁ ପୁଲିସ୍ ରୋକିଥିଲା। କିନ୍ତୁ ସେ ଜଣେ ସାଂସଦ ଭାବେ ବିଧାନସଭା ଭିତରେ ପ୍ରବେଶ କରିବାର ଅଧିକାର ରଖନ୍ତି ବୋଲି ସପ୍ତଗିରି କହିବା ସହ ଏନେଇ ସୁରକ୍ଷା କର୍ମୀଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷାକର୍ମୀମାନେ ତାଙ୍କୁ ଭିତରକୁ ନ ଛାଡ଼ିବାରୁ ଶେଷରେ ସପ୍ତଗିରି ସେଠାରେ ଧାରଣାରେ ବସିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୧ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୪୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୧, ୯୫୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୧,୯୫୦ ଟଙ୍କା ଓ ୮୯,୪୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୧୦୦ ଟଙ୍କା ଓ ୮୯, ୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୧,୯୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୪୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୧,୯୫୦ ଓ ୮୯,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଯୁପିଆଇ ମାଧମରେ ଲକ୍ଷେ ପର୍ଯ୍ୟନ୍ତ ଇପିଏଫ ଟଙ୍କା ଉଠାଣ

**ନୂଆବର୍ଷ,୨୬।୩:** ଆର୍ଥିକ କ୍ଷେତ୍ରରେ ସରକାର ଦ୍ରୁତ ଗତିରେ ଡିଜିଟାଲ ଆଡ଼କୁ ଗତି କରୁଛନ୍ତି। ଯୁପିଆଇ ଏହାର ଏକ ଜୀବନ୍ତ ଉଦାହରଣ। ଯାହା କେବଳ ଭାରତରେ ସଫଳ ହୋଇଛି ତାହା ନୁହେଁ, ବରଂ ବିଶ୍ୱର ଅନେକ ଦେଶ ଏହାକୁ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଏହାକୁ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଯୋଜନା ଚାଲିଛି। ଏକ ଖବର ରହିଛି ଯେ ଆସନ୍ତା କିଛି ମାସ ମଧ୍ୟରେ ଆପଣ ଯୁପିଆଇ ମାଧମରେ ଇପିଏଫ୍‌ଓ ଟଙ୍କା ମଧ ଉଠାଇ ପାରିବେ। ଏହା ଉପରେ ଦ୍ରୁତ ଗତିରେ କାମ ଚାଲିଛି। ଅନୁମାନ କରାଯାଉଛି ଯେ ଏହି ବ୍ୟବସ୍ଥା ଜୁନ୍ ମାସରେ ଆରମ୍ଭ ହେବ। କେଉଁ ପ୍ରକାରର ଯୋଜନା ସାମ୍ନାକୁ ଆସିଛି ସେ ବିଶୟରେ ଆସନ୍ତୁ ଜାଣିବା।

ଡିଜିଟାଲ୍ ସେକ୍ଟରରେ ଏକ ପଦକ୍ଷେପ ନେଇ କର୍ମଚାରୀଙ୍କ ଭବିଷ୍ୟ ନିଧିପାଣ୍ଠି ସଂଗଠନ ବା ଇପିଏଫ୍‌ଓ, ଯୁପିଆଇ ଆଧାରିତ କ୍ଲେମ୍ ପ୍ରୋସେସ୍ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏଥି ସହିତ ଇପିଏଫ୍‌ଓ ସଦସ୍ୟମାନେ ତୁରନ୍ତ ସେମାନଙ୍କର ପ୍ରୋଭିଡେଣ୍ଟ ପାଣ୍ଠି ଉଠାଇବାକୁ ସମର୍ଥ ହେବେ। ସୂଚନା ପ୍ରଦାନ କରି ଶ୍ରମ ଏବଂ ନିଯୁକ୍ତି




ସଚିବ ସୁମିତା ଡାୱ୍ରା କହିଛନ୍ତି ଯେ ଦକ୍ଷତା ବୃଦ୍ଧି ଏବଂ କାରବାର ସମୟ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଉଛି। ଏଏନ୍‌ଆଇକୁ ଦେଇଥିବା ଏକ ସାକ୍ଷାତକାରରେ ଡାୱ୍ରା ନିଶ୍ଚିତ କରିଛନ୍ତି ଯେ ଏହି ବୈଶିଷ୍ଟ୍ୟ ମେ କିମ୍ବା ଜୁନ୍ ଶେଷ ସୁଦ୍ଧା ଲାଇଭ୍ ହେବ, ଯାହା ମାଧମରେ ଇପିଏଫ୍‌ଓ ସଦସ୍ୟମାନେ ସେମାନଙ୍କ ସଞ୍ଚିତ ଅର୍ଥର ସମସ୍ତ ବିବରଣୀ ଚୁଟ୍‌କିରେ ପାଇପାରିବେ।

ସେ କହିଛନ୍ତି ଯେ ଆବଶ୍ୟକୀୟ ପରୀକ୍ଷଣ ପରେ ଆମେ ମେ ମାସ ଶେଷ ସୁଦ୍ଧା ଇପିଏଫଓ କ୍ଲେମ୍ ପାଇଁ ଯୁପିଆଇ ଫ୍ରଣ୍ଟେଣ୍ଡ ଲଞ୍ଚ କରିବାକୁ ଆଶା କରୁଛୁ। ଏହା ସମସ୍ତ ସଦସ୍ୟଙ୍କୁ ଉପକୃତ କରିବ କାରଣ ସେମାନେ ସେମାନଙ୍କର ଇପିଏଫ୍‌ଓ ଆକାଉଣ୍ଟକୁ ସିଧାସଳଖ ଯୁପିଆଇ ଇଣ୍ଟରଫେସରେ ଦେଖିପାରିବେ ଏବଂ ଅଟୋ-କ୍ଲେମ କରିପାରିବେ। ଯଦି ଗ୍ରାହକ ଯୋଗ୍ୟ ତେବେ ଅନୁମୋଦନ ପ୍ରକ୍ରିୟା ତତକ୍ଷଣାତ୍ ହେବ, ଯେଉଁଥିପାଇଁ ତୁରନ୍ତ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଯିବ। ଡାୱ୍ରା ଏଏନ୍‌ଆଇକୁ କହିଛନ୍ତି ଯେ ସଦସ୍ୟମାନେ ଅଟୋ ସିଷ୍ଟମ ଜରିଆରେ ତୁରନ୍ତ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ ଏବଂ ସ୍ଥାନାନ୍ତର ପାଇଁ ସେମାନଙ୍କ ପସନ୍ଦିତ ବ୍ୟାଙ୍କ ଆକାଉଣ୍ଟ ବାଛି ପାରିବେ।

ବର୍ତ୍ତମାନ ଇପିଏଫ୍‌ଓ ସଦସ୍ୟମାନଙ୍କୁ କ୍ଲେମ ପ୍ରୋସେସ ଅତିକ୍ରମ କରିବାକୁ ପଡୁଛି, ଯେଉଁଥିପାଇଁ ଦୁଇ ତିନିଦିନ ସମୟ ଲାଗୁଛି। ଥରେ ଯୁପିଆଇ ଇଣ୍ଟିଗ୍ରେସନ ଆରମ୍ଭ ହୋଇଗଲେ, କିଛି ଘଣ୍ଟା କିମ୍ବା କିଛି ମିନିଟ୍ ମଧ୍ୟରେ ଉଠାଣ ସମ୍ଭବ ହେବ ବୋଲି ଆଶା କରାଯାଉଛି। ଏହି ସୁବିଧା ପ୍ରୋଭିଡେଣ୍ଟ ପାଣ୍ଠି ପ୍ରକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି, ଯେପରି ଯୁପିଆଇ ଭାରତରେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିଲା। ଦ୍ରୁତ ଉଠାଣ ବ୍ୟତୀତ, ଇପିଏଫ୍‌ଓ ପାଣ୍ଠିର ବ୍ୟବହାର ପରିସରକୁ ବିସ୍ତାର କରିଛି ବୋଲି ଡାୱ୍ରା କହିଛନ୍ତି। କ୍ଲେମ ପ୍ରୋସେସ ଶୃଙ୍ଖଳିତ କରିବା ପାଇଁ ୧୨୦ ରୁ ଅଧିକ ଡାଟାବେସ୍ ଏକୀକୃତ ହୋଇଛି ଏବଂ ୯୫ ପ୍ରତିଶତ କ୍ଲେମ ଅଟୋମେଟିକ ହୋଇସାରିଛି। ଏହାର ଉଦ୍ଦେଶ୍ୟ ହେଉଛି ପ୍ରକ୍ରିୟାକୁ ଆହୁରି ସରଳ କରିବା, ଯାହାଦ୍ୱାରା କାଗଜପତ୍ର ଏବଂ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼େନାହିଁ।

## ମେ’ ପହିଲାରୁ ଏଟିଏମରୁ ଟଙ୍କା ଉଠାଣ ହେବ ମହଙ୍ଗା



**ନୂଆଦିଲ୍ଲୀ, ୨୬।୩:** ୧ ମଇ ୨୦୨୫ରୁ ଏଟିଏମ୍‌ରୁ ଟଙ୍କା ଉଠାଇବା ଆପଣଙ୍କ ପାଇଁ ମହଙ୍ଗା ହୋଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଟିଏମ ବିନିମୟ ଶୁଳ୍କ ବୃଦ୍ଧିକୁ ଅନୁମୋଦନ କରିଛି। ଏହି କାରଣରୁ, ଘରୋଇ ବ୍ୟାଙ୍କ ନେଟୱାର୍କ ବାହାରେ ଏଟିଏମ୍ ବ୍ୟବହାର କରୁଥିବା ଗ୍ରାହକମାନଙ୍କ ପାଇଁ ଟଙ୍କା ଉଠାଇବା କିମ୍ବା ବାଲାନ୍ସ ଯାଞ୍ଚ କରିବା ଏବେ ଟିକେ ମହଙ୍ଗା ହୋଇଯିବ। ଯେତେବେଳେ ଆପଣ ଗୋଟିଏ ମାସରେ ମାଗଣା କାରବାରର ସୀମା ଅତିକ୍ରମ କରିବେ, ସେତେବେଳେ ଏହି ଶୁଳ୍କଗୁଡ଼ିକ ଆପଣଙ୍କଠାରୁ ଲାଗୁ ହେବ। ମେଟ୍ରୋ ସହରଗୁଡ଼ିକରେ, ଘରୋଇ ବ୍ୟାଙ୍କ ବ୍ୟତୀତ ଅନ୍ୟ ବ୍ୟାଙ୍କର ଏଟିଏମରୁ ମାଗଣା କାରବାରର ସୀମା ପାଞ୍ଚଥର ଥିବାବେଳେ, ଅଣ-ମେଟ୍ରୋ ସହରଗୁଡ଼ିକରେ ମାଗଣା କାରବାରର ସୀମା ତିନିଥର ଧାର୍ଯ୍ୟ କରାଯାଇଛି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ)ର ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ସବୁଜ ସଙ୍କେତ ଦେଇଛି। ପ୍ରକୃତରେ, ହ୍ୱାଇଟ୍ ଲେବଲ ଏଟିଏମ୍ ଅପରେଟରମାନେ ଶୁଳ୍କ ବୃଦ୍ଧି କରିବା ଦାବି ରଖିଥିଲେ। ସେମାନେ ଯୁକ୍ତି ଦେଇଥିଲେ ଯେ ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ଦୃଷ୍ଟିରେ ରଖି ପୁରୁଣା ଫି ଯଥେଷ୍ଟ ନୁହେଁ। ଅନ୍ୟପଟେ ଏଟିଏମ୍ ବିନିମୟ ଶୁଳ୍କ ବୃଦ୍ଧିର ଚାପ ଛୋଟ ବ୍ୟାଙ୍କଗୁଡ଼ିକ ଉପରେ ପଡ଼ିବ କାରଣ ସୀମିତ ଭିତ୍ତିଭୂମି ଯୋଗୁଁ ଏମାନଙ୍କ ପାଖରେ ସାଧାରଣତଃ କମ୍ ଏଟିଏମ୍ ଥାଏ। ଏଗୁଡ଼ିକ ଅନ୍ୟ ବ୍ୟାଙ୍କର ଏଟିଏମ ନେଟୱାର୍କ ଉପରେ ଅଧିକ ନିର୍ଭର କରନ୍ତି। ଆପଣଙ୍କୁ କହିରଖୁଛୁ ଯେ ଇଣ୍ଟରଚେଞ୍ଜ ଫି ହେଉଛି ସେହି ପରିମାଣ ଯାହା ଗୋଟିଏ ବ୍ୟାଙ୍କ ଅନ୍ୟ ଏକ ବ୍ୟାଙ୍କର ଏଟିଏମ ବ୍ୟବହାର କରିବା ସମୟରେ ଅନ୍ୟ ଏକ ବ୍ୟାଙ୍କକୁ ଦେଇଥାଏ।

## ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ପୂର୍ବତନ ଇଡି ମୁଖ୍ୟ

**ନୂଆଦିଲ୍ଲୀ, ୨୬।୩:** ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପୂର୍ବତନ ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ସାମିଲ୍ କରାଯାଇଛି। ଉତ୍ତର ପ୍ରଦେଶର ୧୯୮୪ ମସିହା ବ୍ୟାଚର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ମିଶ୍ରଙ୍କୁ ସଚିବ ପଦବୀରେ ନିଯୁକ୍ତ କରାଯାଇଥିଲା। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଇଏସି-ପିଏମ୍ ହେଉଛି ଏକ ସ୍ୱାଧୀନ ସଂସ୍ଥା। ଯାହା ପ୍ରଧାନମନ୍ତ୍ରୀଙ୍କୁ ଅର୍ଥନୈତିକ ପ୍ରସଙ୍ଗରେ ପରାମର୍ଶ ଦେବାର ଦାୟିତ୍ୱ ବହନ କରେ। ୨୦୧୮ରେ ପ୍ରଥମେ ଇଡି ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିବା ମିଶ୍ରଙ୍କୁ ଏଜେନ୍ସି ନେତୃତ୍ୱ ନେବା ସମୟରେ କେନ୍ଦ୍ର ପକ୍ଷରୁ ଅନେକ ଥର କାର୍ଯ୍ୟକାଳ



ବୃଦ୍ଧି କରାଯାଇଥିଲା। ପରେ ସୁପ୍ରିମକୋର୍ଟ ତୃତୀୟ ଏବଂ ଶେଷ କାର୍ଯ୍ୟକାଳ ବୃଦ୍ଧିକୁ "ଅବୈଧ" ଘୋଷଣା କରିଥିଲେ। ମିଶ୍ର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଶରଦ ପାୱାର, ପୂର୍ବତନ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ବର୍ତ୍ତମାନର ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ପୂର୍ବତନ ପଶ୍ଚିମବଙ୍ଗ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ବିରୋଧରେ ତଦନ୍ତ ସମେତ ଅନେକ ହାଇ-ପ୍ରୋଫାଇଲ୍ ମାମଲାର ତଦାରଖ କରିଥିଲେ। ୨୦୨୪ ମସିହା ନଭେମ୍ବର ୧ ତାରିଖରେ ପରିଷଦର ପୂର୍ବତନ ଅଧକ୍ଷ ବିବେକ ଦେବରୟଙ୍କ ମୃତ୍ୟୁ ହେବା ପରେ ଏହି ନିଯୁକ୍ତି ଦିଆଯାଇଛି।

## ଏଣିକି ହ୍ୱାଟସଆପ୍‌ରୁ ଡାଉନଲୋଡ କରିପାରିବେ ଆଧାରକାର୍ଡ

**ନୂଆଦିଲ୍ଲୀ, ୨୬।୩:** ସାଧାରଣ ଲୋକଙ୍କ ସୁବିଧା ପାଇଁ ମେଇଟି କିଛି ବର୍ଷ ପୂର୍ବରୁ ଡିଜି ଲକର ସେବା ଆରମ୍ଭ କରିଥିଲା। ଡିଜିଲକରରେ ଡକ୍ୟୁମେଣ୍ଟଗୁଡ଼ିକୁ ଡିଜିଟାଲ ଫର୍ମାଟରେ ରଖାଯାଇପାରିବ। ଆପଣ ଆପଣଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ରଖିପାରିବେ। ଆପଣ ହ୍ୱାଟ୍ସଆପରେ ମଧ ସମାନ ସୁବିଧା ପାଇପାରିବେ। ଯାହା ମାଧମରେ ଆପଣ ଯେକୌଣସି ସମୟରେ ଆପଣଙ୍କର ଆଧାର କାର୍ଡ ଡାଉନଲୋଡ କରିପାରିବେ। ଏଣିକି ଆପଣ ହ୍ୱାଟ୍ସଆପରେ ଏକ ନମ୍ବର ସେଭ କରି ଆପଣଙ୍କର ଆଧାର କାର୍ଡ ଡାଉନଲୋଡ କରିପାରିବେ। ସର୍ବପ୍ରଥମେ ଆପଣଙ୍କ ଫୋନରେ MyGov HelpDeskର ଯୋଗାଯୋଗ ନମ୍ବର +୯୧-୯୦୧୩୧୫୧୫୧୫ ସେଭ କରନ୍ତୁ। ଏବେ MyGov HelpDesk ସହିତ ଆପଣଙ୍କର ଚାଟ ଆରମ୍ଭ କରନ୍ତୁ। ଏଥିରେ ଆପଣ ନମସ୍ତେ କିମ୍ବା ହାଏ ମେସେଜ ଲେଖି ପଠାଇ ପାରିବେ। ଏହା ପରେ ଚାଟବକ୍ସ ଆପଣଙ୍କୁ ଡିଜିଲକର ଏବଂ କାଉଇନ ସେବା ମଧ୍ୟରେ ଏକ ବିକଳ୍ପ ଚୟନ କରିବାକୁ କହିବ। ଏଥିରେ ଆପଣ ଡିଜିଲକର ସେବା ଚୟନ କରନ୍ତୁ। ଆପଣଙ୍କୁ ପଚରାଯିବ ଯେ ଆପଣଙ୍କର ଏକ ଡିଜିଲକର ଆକାଉଣ୍ଟ ଅଛି କି ନାହିଁ, ଯଦି ଆପଣଙ୍କର ଏକ ଆକାଉଣ୍ଟ ଅଛି ତେବେ ଏଗ୍ରି ଉପରେ କ୍ଲିକ କରନ୍ତୁ। ଯଦି ଆପଣଙ୍କର ଆକାଉଣ୍ଟ ନାହିଁ, ତେବେ ଡିଜିଲକର ଆପ କିମ୍ବା ଅଫିସିଆଲ ୱେବସାଇଟକୁ ଯାଇ ଆପଣଙ୍କର ଆକାଉଣ୍ଟ ଖୋଲନ୍ତୁ। ଏହାପରେ ୧୨ ଅଙ୍କ ବିଶିଷ୍ଟ ଆଧାର କାର୍ଡ ନମ୍ବର ପ୍ରବେଶ କରନ୍ତୁ। ନମ୍ବର ଯାଞ୍ଚ କରିବା ପାଇଁ ଆପଣଙ୍କ ମୋବାଇଲକୁ ଓଟିପି ପଠାଯିବ। ଓଟିପି ପ୍ରବେଶ କରିବା ପରେ, ଆପଣ ଆପଣଙ୍କର ଡିଜିଲକର୍ ସହିତ ସଂଯୁକ୍ତ ସମସ୍ତ ଡକ୍ୟୁମେଣ୍ଟ ଦେଖିବା ଆରମ୍ଭ କରିବେ। ଆଧାର କାର୍ଡ ବିକଳ୍ପ ଚୟନ କରିବାକୁ, ୧ ଲେଖି ପଠାନ୍ତୁ। ଏହା ପରେ ଆପଣଙ୍କର ଆଧାର କାର୍ଡ ପିଡିଏଫ ଫର୍ମାଟରେ ଆସିବ। ଏହି ପ୍ରକ୍ରିୟା ଅନୁସରଣ କରିବା ପରେ ଆପଣଙ୍କୁ ଆଧାର କାର୍ଡ ମିଳିବ। ଆପଣ ପିଡିଏଫକୁ ସେଭ କରି ନିଜ ପାଖରେ ରଖିପାରିବେ। କିନ୍ତୁ ଗୋଟିଏ କଥା ମନେରଖନ୍ତୁ ଯେ ଆପଣ ଗୋଟିଏ ସମୟରେ କେବଳ ଗୋଟିଏ ଡକ୍ୟୁମେଣ୍ଟ ଡାଉନଲୋଡ କରିପାରିବେ। ଏହା ବ୍ୟତୀତ, ଏହି ପ୍ରକ୍ରିୟା ସାହାଯ୍ୟରେ, ଆପଣ କେବଳ ଡିଜିଲକର ସହିତ ସଂଯୁକ୍ତ ଡକ୍ୟୁମେଣ୍ଟଗୁଡ଼ିକୁ ଡାଉନଲୋଡ କରିପାରିବେ।

## ଦାବିଦାର ନଥିବା ଜମା ୭୮ହଜାର କୋଟି ଟଙ୍କା

### ଏପ୍ରିଲ୍ ୧ରୁ ବ୍ୟାଙ୍କ ପୋର୍ଟାଲ୍‌ରୁ ଖୋଜିହେବ

**ନୂଆଦିଲ୍ଲୀ, ୨୬।୩:** ଦେଶର ବିଭିନ୍ନ ବ୍ୟାଙ୍କରେ ୭୮,୨୧୩ କୋଟି ଟଙ୍କାର ଜମାରାଶି ରହିଛି, ଯାହାର କେହି ଦାବିଦାର ନାହାନ୍ତି। ତେବେ ସେହି ଟଙ୍କା ଯେଭଳି ପ୍ରକୃତ ହିତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚିପାରିବ, ସେଥିପାଇଁ ବ୍ୟାଙ୍କଗୁଡ଼ିକ ଏପ୍ରିଲ୍ ୧ରୁ ରିଜର୍ଭ ବ୍ୟାଙ୍କର ନୂଆ ମାର୍ଗଦର୍ଶିକା ଲାଗୁ କରିବେ। ଦାବିଦାର ନଥିବା ଜମା ଖାତା ସମ୍ପର୍କିତ ବିବରଣୀକୁ ସେମାନେ ନିଜ ୱେବସାଇଟ୍‌ରେ ଉପଲବ୍ଧ କରିବେ ଏବଂ ସେଥିରେ ଖାତାର ବିଶଦ୍ ବିବରଣୀ ପ୍ରଦାନ କରିବେ। ଖାତାକୁ ଖୋଜିବା ଲାଗି ମଧ ସେଥିରେ ସହଜ ଅନୁସନ୍ଧାନ ସୁବିଧା ରହିବ। ଦାବିଦାର ନଥିବା ଖାତାର ଜମା ରାଶି ପାଇବା ଲାଗି ଆବେଦନ ଓ ଘୋଷଣାପତ୍ର ମଧ ରହିବ। ଆବେଦନକାରୀଙ୍କୁ ନାମ, ମୋବାଇଲ୍ ନମ୍ବର ଓ ଠିକଣା ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାକୁ ପଡ଼ିବ। ବ୍ୟାଙ୍କର ଶାଖା ସେହି ଆବେଦନକୁ ଯାଞ୍ଚ କରି ତାହାର ପ୍ରକ୍ରିୟାକରଣ କରିବେ। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଉଦ୍‌ଗମ୍ ପୋର୍ଟାଲ୍‌ରେ ଦାବିଦାର ନଥିବା ଜମା ସମ୍ପର୍କରେ ଯାଞ୍ଚ କରାଯାଇପାରୁଛି। ୧୦ ବର୍ଷରୁ ଅଧିକ ସମୟ ଧରି ଅଚଳ ରହୁଥିବା ବ୍ୟାଙ୍କ ଖାତାରେ ଥିବା ଜମାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ପାଣ୍ଠିରେ ଜମା କରାଯାଉଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଏହି ପାଣ୍ଠିରେ ୭୮,୨୧୩ କୋଟି ଟଙ୍କା ରହିଛି, ଯାହା ପୂର୍ବବର୍ଷ ତୁଳନାରେ ୨୬ ପ୍ରତିଶତ ଅଧିକ।



# ୧୦୦ ବିଲିୟନ ଡଲାରରେ ପହଞ୍ଚିପାରିବେ ବେଦାନ୍ତର ଡିମର୍ଜର କମ୍ପାନୀ

**ଭୁବନେଶ୍ୱର, ୨୬।୩ (ସଂଚାର ବ୍ୟୁରୋ):** ବେଦାନ୍ତ ଲିମିଟେଡର ଅଧକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି ଯେ ପ୍ରତ୍ୟେକ ଡିମର୍ଜଡ଼ (ପୃଥକ ହୋଇଥିବା) କମ୍ପାନି ୧୦୦ ବିଲିୟନ ଡଲାରର କମ୍ପାନୀରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଅଂଶୀଦାରମାନଙ୍କୁ ଲେଖିଥିବା ଏକ ଚିଠିରେ ଅଗ୍ରୱାଲ ମୂଲ୍ୟ ବାହାର କରିବା ଏବଂ ଭାରତର ପ୍ରାକୃତିକ ସମ୍ପଦ କ୍ଷେତ୍ରକୁ ଆଗକୁ ବଢ଼ାଇବା ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ବେଦାନ୍ତର ପ୍ରସ୍ତାବିତ ବିଭାଜନ ପରିଚାଳନା ଢ଼ଂଚା, ପୁଞ୍ଜି ଢାଂଚା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ସହିତ ଚାରିଟି ସ୍ୱାଧୀନ ପ୍ରାକୃତିକ ସମ୍ବଳ କୈନ୍ଦ୍ରୀକ ସଂସ୍ଥା ସୃଷ୍ଟି କରିବ।

ଅଗ୍ରୱାଲ ବ୍ୟବସାୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ପ୍ରସ୍ତାବିତ ଡିମର୍ଜର କିପରି ବେଦାନ୍ତକୁ ଏହା ହାସଲ କରିବାରେ ସାହାଯ୍ୟ କରିବ ସେ ବିଷୟରେ କହିଥିଲେ। କମ୍ପାନିର ପ୍ରସ୍ତାବିତ ପଦକ୍ଷେପରୁ ଅଂଶୀଦାରମାନେ ସିଧାସଳଖ ଉପକୃତ ହେବେ ଏବଂ ବେଦାନ୍ତର ଅନନ୍ୟ କ୍ଷେତ୍ର ଅଗ୍ରଣୀ ସ୍ଥିତି ଏବଂ ଆର୍ଠଥକ ଶୃଙ୍ଖଳା ଏକ ଦୃଢ଼ ଅଭିବୃଦ୍ଧି ପଥ ଏବଂ ଉଚ୍ଚ ରିଟର୍ଣ୍ଣ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି। "ମୁଁ କଳ୍ପନା କରୁଛି ଯେ ପ୍ରତ୍ୟେକ ଡିମର୍ଜଡ଼ କମ୍ପାନି ୧୦୦ ବିଲିୟନ ଡଲାର କମ୍ପାନିରେ ପରିଣତ ହେବାର ସମ୍ଭାବନା ଅଛି। ଯଦି ଆପଣ ବିଶ୍ୱ ଅର୍ଥନୀତି ଭାବେ ଆମେ କେଉଁ ଆଡ଼କୁ ଯାଉଛୁ ଓ ଏହାର ଉତ୍ପାଦ ଚାହିଦା ଦେଖିବେ, ତେବେ ଏହି କମ୍ପାନି ଏବଂ ସେମାନଙ୍କ ଉତ୍ପାଦ ସମୟର ଆବଶ୍ୟକତା ବୋଲି ଅଗ୍ରୱାଲ କହିଛନ୍ତି।" ବର୍ତ୍ତମାନର ତାଲିକାଭୁକ୍ତ ବେଦାନ୍ତ ଲିମିଟେଡ୍ ସଂସ୍ଥା ମଧ ନିଜେ ଏକ ଶକ୍ତିଶାଳୀ ସଂସ୍ଥା



ହୋଇରହିବ। ଏହା ବ୍ୟତୀତ ଜିଙ୍କ୍‌ର ଦ୍ୱିତୀୟ ବୃହତମ ସମନ୍ୱିତ ଉତ୍ପାଦନକାରୀ ତଥା ବିଶ୍ୱର ତୃତୀୟ ବୃହତମ ଉତ୍ପାଦନକାରୀ ହିନ୍ଦୁସ୍ତାନ ଜିଙ୍କ୍ ଏବଂ ଆଫ୍ରିକୀୟ ମହାଦେଶରେ ଆମର ସଂସ୍ଥା ଜିଙ୍କ୍ ଇଂଟରନ୍ୟାସନାଲ୍‌ର ୬୩.୪% ରୁ ଅଧିକ ଖଣିଜ ସମ୍ପଦ ରହିଛି। ଏହା ବ୍ୟତୀତ ବେଦାନ୍ତ ଲିମିଟେଡ୍ ଆମର ବଢୁଥିବା ପ୍ରଯୁକ୍ତି ବ୍ୟବସାୟକୁ ସମର୍ଥନ କରିବ ଏବଂ ଗ୍ରୁପ୍ ପାଇଁ ଏକ ଇନକ୍ୟୁବେଟର ଭାବରେ କାର୍ଯ୍ୟ ଜାରି ରଖିବ।

ଅଗ୍ରୱାଲ ଏହି ପଦକ୍ଷେପକୁ ଏକ ବରଗଛ ସହିତ ତୁଳନା କରିଛନ୍ତି ଯାହା ନୂତନ ଅଭିବୃଦ୍ଧି ପାଇଁ ସ୍ଥାନ ପ୍ରଦାନ କରୁଛି। "ମୁଁ ସବୁବେଳେ ଦେଖିଆସିଛି ଯେ ଏକ ବିଶାଳ ବରଗଛର ଛାୟା ତଳେ ବଢୁଥିବା ଗଛଗୁଡିକ ପ୍ରାୟତଃ ବଢ଼ିବା କଷ୍ଟକର ହୋଇଥାଏ। କିନ୍ତୁ ଥରେ ଆପଣ ସେମାନଙ୍କୁ ବାହାର କରି ଖରାରେ ବଢ଼ିବାକୁ ଅନୁମତି ଦେବା ପରେ, ସେମାନେ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପ୍ରଗତି ଦେଖାଇଥାନ୍ତି। ବେଦାନ୍ତ ସେହି ବଟ ଗଛ ପରି। ଆଜିର ଦୁନିଆ ଶୁଦ୍ଧ ଖେଳ ବ୍ୟବସାୟ ବିଷୟରେ ଏବଂ ବେଦାନ୍ତର ବିଭାଜନ ଆମକୁ ଏହା ହାସଲ କରିବାରେ ସାହାଯ୍ୟ କରିବ। ଆମର ପ୍ରତ୍ୟେକ ଡିମର୍ଜର ସଂସ୍ଥା ନିଜେ ବେଦାନ୍ତରେ ପରିଣତ ହେବାର ସାମର୍ଥ୍ୟ ରଖିଛନ୍ତି। ଏବେ ପଦକ୍ଷେପ ନେବାର ସମୟ ଆସିଛି" ବୋଲି ସେ କହିଛନ୍ତି।

ବେଦାନ୍ତ ଅଧକ୍ଷ ଶ୍ରୀ ଅଗ୍ରୱାଲ୍ କହିଛନ୍ତି ଯେ କମ୍ପାନିର ପ୍ରସ୍ତାବିତ ଡିମର୍ଜରକୁ ଅଂଶୀଦାରଙ୍କଠାରୁ ପ୍ରବଳ ସମର୍ଥନ ମିଳିଛି ଏବଂ ୯୯.୫% ଅଂଶଧନଧାରୀ ଏବଂ ଋଣଦାତା ଏହି ଯୋଜନା ସପକ୍ଷରେ ମତ ଦେଇଛନ୍ତି। କମ୍ପାନି ଏହି ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ଅଗ୍ରୱାଲ କହିଛନ୍ତି ଯେ ଗତ ପାଂଚ ବର୍ଷ ର ଅବଧି ଆରମ୍ଭରେ ବେଦାନ୍ତରେ ନିବେଶ କରୁଥିବା କୌଣସି ନିବେଶକ ଉଭୟ ପୁଞ୍ଜି ବୃଦ୍ଧି ଏବଂ ନଗଦ ଲାଭାଂଶ ଫେରସ୍ତ ମାଧମରେ ବର୍ତ୍ତମାନ ସୁଦ୍ଧା ୪.୭ ଗୁଣରୁ ଅଧିକ ପୁଞ୍ଜି ନିବେଶ କରିଥାନ୍ତେ। ଏହି ସମୟ ମଧ୍ୟରେ ବେଦାନ୍ତ ୮୧% ଲାଭାଂଶ ପ୍ରଦାନ କରିଛି ଯାହା ଏହାର ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ସର୍ବାଧିକ ବୋଲି ସେ କହିଛନ୍ତି। ବିଶ୍ୱ ଅର୍ଥନୀତିର ବିକାଶରେ ପ୍ରାକୃତିକ ସମ୍ପଦ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ଅଗ୍ରୱାଲ ଅର୍ଥନୈତିକ ଏବଂ ସାମଗ୍ରିକ ଅଭିବୃଦ୍ଧିରେ ଏହି କ୍ଷେତ୍ରର ଅବଦାନ ଏବଂ ଭାରତରେ ଏହା କ'ଣ ଭୂମିକା ଗ୍ରହଣ କରିପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱର ଅଧିକାଂଶ ପ୍ରମୁଖ ଅର୍ଥନୀତି ଯଥା ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ୟୁରୋପ, ମଧପ୍ରାଚ୍ୟ, ରୁଷ, ଚୀନ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ସେମାନଙ୍କୁ "ମାଟି ତଳେ" ଥିବା ସମ୍ପତ୍ତିକୁ ସଫଳତାର ସହ ଅମଳ କରିଛନ୍ତି। ଉଦାହରଣ ସ୍ୱରୂପ, ଗୁୟାନାରେ ପ୍ରଥମ ତୈଳ ଉତ୍ପାଦନ ପରେ ୨୦୧୯ରେ ମୁଣ୍ଡପିଛା ଆୟ ପ୍ରାୟ ୬୦ ଡଲାର ଥିବା ବେଳେ ୨୦୨୨ରେ ଏହା ୧୮,୦୦୦ ଡଲାରକୁ ବୃଦ୍ଧି ପାଇଛି ଏବଂ ବାର୍ଷିକ ୪୦% ରୁ ଅଧିକ ଅଭିବୃଦ୍ଧି ହାର ସହିତ ଏହା ଆଜି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ତୁଳନାତ୍ମକ ଭାବେ ଭାରତରେ ଜିଡିପିରେ ଏହି କ୍ଷେତ୍ରର ଯୋଗଦାନ ପ୍ରାୟ ୩% ରହିଥିବା ବେଳେ ଦେଶର ପ୍ରାକୃତିକ ସମ୍ପଦ ସମ୍ଭାବନାର ୨୦% ରୁ କମ୍ ଅନୁସନ୍ଧାନ ସତ୍ତ୍ୱେ ଉପଭୋକ୍ତା ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରେକର୍ଡ କରିଛି। ତେଣୁ ଆଗକୁ ବଢ଼ିବାର ସୁଯୋଗ ପ୍ରଚୁର ରହିଛି ବୋଲି ସେ କହିଛନ୍ତି।

ଭାରତର ଦ୍ରୁତ ଅର୍ଥନୈତିକ ସମ୍ପ୍ରସାରଣ ଏବଂ ଲୋ କାର୍ବନ ଭବିଷ୍ୟତ ଆଡକୁ ବିଶ୍ୱସ୍ତରୀୟ ପରିବର୍ତନ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ପରିବର୍ତିତ ଧାତୁର ଚାହିଦା ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଗ୍ରୱାଲ ଆଶା ବ୍ୟକ୍ତ କରିଛନ୍ତି। ଆଲୁମିନିୟମ ୧୨%, କପର ୧୫% ଏବଂ ଜିଙ୍କ୍ ହାରାହାରି ୧୦% ହାରରେ ବୃଦ୍ଧି ପାଉଛି। ଭାରତ ଏବଂ ବିଶ୍ୱ ଅର୍ଥନୀତି ଏକ ଲୋ କାର୍ବନ ଭବିଷ୍ୟତ ଗ୍ରହଣ କରିବା ଦିଗରେ ଅଗ୍ରସର ହେଉଥିବାରୁ ଏବଂ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ପରିବର୍ତିତ ଧାତୁ ଯୋଗାଣ ଶୃଙ୍ଖଳାର ସ୍ଥିରତା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରୁଥିବାରୁ ଏହି ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

### ବିଏସଏନଏଲ ଆଣିଲା ଧମାକେଦାର ଅଫର୍

## ଗୋଟିଏ ରିଚାର୍ଜରେ ଚାଲିବ ୩ ଫୋନ୍

**ନୂଆଦିଲ୍ଲୀ, ୨୬।୩:** ବିଏସଏନଏଲ ଆଣିଲା ଧମାକେଦାର ଅଫର୍। ଏବେ ମାତ୍ର ଗୋଟିଏ ରିଜାର୍ଜରେ ଚାଲିବ ତିନି ତିନୋଟି ଫୋନ୍। ମିଳିବ ଅନଲିମିଟେଡ୍ ଇଣ୍ଟରନେଟ୍ ଓ ଭଏସକଲ୍। ଆପଣ ବିଏସଏନଏଲ ସିମ୍ ବ୍ୟବହାର କରୁଛନ୍ତି କି ? ତେବେ ଆପଣଙ୍କ ପାଇଁ ଅଛି ଗୁଡନ୍ୟୁଜ୍। କାରଣ ବିଏସଏନଏଲର ନୂଆ ଅଫରରେ ଆପଣ ମାତ୍ର ଗୋଟିଏ ରିଚାର୍ଜ କରିବେ ଆଉ ୩ଟି ଫୋନରେ ଅନଲିମିଟେଡ୍ ଡାଟା ଓ କଲ୍‌ର ମଜା ଉଠାଇ ପାରିବେ। ଜିଓ, ଏୟାରଟେଲ୍ ଓ ଭିଆଇ ଭଳି ଘରୋଇ କମ୍ପାନୀ ସହିତ ପ୍ରତିଯୋଗିତା କରିବା ପାଇଁ, ଏବେ ସରକାରୀ ଟେଲିକମ୍ କମ୍ପାନୀ ବିଏସଏନଏଲ ଆଣିଛି ଏହି ବିସ୍ଫୋରକ ଫ୍ୟାମିଲି ପ୍ଲାନ ଅଫର। ବିଏସଏନଏଲର ପୋଷ୍ଟପେଡ୍ ଉପଭୋକ୍ତା ମାନେ ଏହି ଅଫରର ଆନନ୍ଦ ଉଠାଇପାରିବେ। ଯଦି ଆପଣଙ୍କ ପରିବାରରେ ୩ଜଣ ସଦସ୍ୟ ଅଛନ୍ତି। ତେବେ ଆପଣଙ୍କୁ ୯୯୯ ଟଙ୍କାର ଗୋଟିଏ ରିଚାର୍ଜ କରିବାକୁ ପଡ଼ିବ। ଆଉ ଏଥିରେ ପରିବାରର ୩ ଜଣଙ୍କ ନମ୍ବର ଯୋଡା ଯାଇପାରିବ। ଅର୍ଥାତ୍, ଜଣେ ବ୍ୟକ୍ତିଙ୍କ ଖର୍ଚ୍ଚରେ ତିନି ଜଣ ଡାଟା ଓ ଭଏସକଲ ବ୍ୟବହାର କରିପାରିବେ। ଆଉ ପରିବାରର ବିଭିନ୍ନ ସଦସ୍ୟଙ୍କ ପାଇଁ ବ୍ୟକ୍ତିଗତ ରିଚାର୍ଜ କରିବାର ଆବଶ୍ୟକତା ପଡିବ ନାହିଁ। ବିଏସଏନଏଲର ଏହି ପ୍ଲାନରେ ଗ୍ରାହକମାନଙ୍କୁ ମୋଟ୍ ୩୦୦ ଜିବି ଡାଟା ମିଳିବ। ଅର୍ଥାତ ପ୍ରତି ଉପଭୋକ୍ତା ୭୫ଜିବି ଲେଖାଏଁ ଡାଟା ପାଇବେ। ଏହା ବ୍ୟତୀତ, ସମସ୍ତ ଉପଭୋକ୍ତାଙ୍କ ପାଇଁ ଫ୍ରୀ କଲିଂ ଓ ପ୍ରତିଦିନ ୧୦୦ଟି ମାଗଣା ଏସଏମଏସ କରିବାର ମଧ ସୁବିଧା ପ୍ରଦାନ କରିବ କମ୍ପାନୀ। ଏହି ଅଫର ସମ୍ପର୍କରେ ବିଏସଏନଏଲ ଏହାର ଅଫିସିଆଲ୍ X ଆକାଉଣ୍ଟରୁ ଏକ ପୋଷ୍ଟ ମାଧମରେ ସୂଚନା ଦେଇଛି। ଆପଣ ଏହି ଯୋଜନାର ଲାଭ କମ୍ପାନୀର ଅଫିସିଆଲ୍ ୱେବସାଇଟ୍ କିମ୍ବା ବିଏସଏନଏଲ ସେଲ୍ଫ କେୟାର ଆପ୍ ମାଧମରେ ନେଇପାରିବେ।



## ପିସି ମାଗି ଚାକିରି ହରାଇଲେ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ

**ଖପ୍ରାଖୋଲ,୨୬।୩(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ରେଙ୍ଗାଲଜୁରି ଗ୍ରାମର କିଛି ଚାଷୀ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଫାର୍ମ ପଣ୍ଡ ଓ ଆମ୍ବ ବଗିଚା କରିବା ପାଇ ସରକାରୀ ଯୋଜନାରେ କାମ ଆରମ୍ଭ କରିଥିଲେ। ଯୋଜନାରେ କାମ ଆରମ୍ଭ ମଧ୍ୟ କଲେ ହେଲେ ବିଭାଗ ର କର୍ମଚାରୀ ଚାଷୀ ମାନଙ୍କ ଫାଇନାଲ ବିଲ ପାସ କରିବା ପାଇଁ ଚାଷୀ ମାନଙ୍କ ଠାରୁ ପିଶି ମାଗିଥିବା ଅଡିଓ ସହ ଉପମୁଖ୍ୟମନ୍ତ୍ରୀଙ୍କୁ ପାଟଣାଗଡ଼ ବାସଭବ ନରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉପ-ମୁଖ୍ୟମନ୍ତ୍ରୀ ବିଭାଗ କୁ ତଦନ୍ତ କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ମୃତ୍ତିକା ସଂରକ୍ଷଣ ବିଭାଗ ର ଅସ୍ଥାୟୀ କର୍ମଚାରୀ ପ୍ରଶାନ୍ତ ସେଠ ଙ୍କ ସହ ଓଭର୍ ସିଅର ପ୍ରଶାନ୍ତ ଦଲାଇ ଓ ଶେଷଦେବ ମେହେରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଥାନା ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଲାଞ୍ଚୁଆ ଅଧିକାରୀ ଙ୍କୁ ନିଲମ୍ବିତ ପରେ ଚାଷୀ ମାନେ ଖୁସି ବ୍ୟକ୍ତ କରିଥିବା ବେଳେ ଚାଷୀ ଙ୍କ ଦୁଃଖ ବୁଝିଥିବାରୁ ପାଟଣାଗଡ଼ ବିଧାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଭଳି ଲାଞ୍ଚୁଆ ଅଧିକାରୀ ଙ୍କୁ କଡା ପଦକ୍ଷେପ ନେଇ ଥିବାରୁ ପାଟଣାଗଡ଼ ଅଞ୍ଚଳରେ ଅନ୍ୟ ଲାଞ୍ଚୁଆ ଅଧିକାରୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ୩୦ରୁ ପରବାଙ୍ଗିରେ ମହିମା ମେଳା



**ନର୍ଲା,୨୬।୩(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ସତ୍ୟ ମହିମା ଆଶ୍ରମ ପରବାଙ୍ଗି ଠାରେ ଆସନ୍ତା ମାର୍ଚ୍ଚ ୩୦ରୁ ଅପ୍ରେଲ ୧ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ଆଶ୍ରମର ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଚଳିତ ବର୍ଷ ଏହି ବ୍ରହ୍ମଯଜ୍ଞରେ ବ୍ରହ୍ମ ଅବଧୂତ ଭଗବାନ ଦାସଙ୍କ ସମେତ ମହିମା ଧର୍ମାବଲମ୍ବୀ ସିଦ୍ଧ, ସାଧୁ, ବୈରାଗୀ ଓ ଭକ୍ତବୃନ୍ଦ ଯୋଗଦେବେ। ମାର୍ଚ୍ଚ ୩୦ ରବିବାର ଦିନ ସକାଳ ୮ ଘଣ୍ଟା କଳସ ଯାତ୍ରା, ସନ୍ଧ୍ୟା ୬ ଘଣ୍ଟା ବ୍ରହ୍ମଧୂନି ସ୍ଥାପନ ଓ ଯଜ୍ଞାରମ୍ଭ, ରାତ୍ର ୮.୩୦ ପ୍ରବଚନ, ଅହୋରାତ୍ର ନାମ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହାପରେ ମାର୍ଚ୍ଚ ୩୧ ସୋମବାର ଦିନ ବ୍ରାହ୍ମ ମୂହୁର୍ତ୍ତରେ ମହାପ୍ରସାଦ ଅର୍ପଣ, ଦିବା ୮ଘଣ୍ଟା ଭଜନ ଓ ପ୍ରବଚନ ଅନୁଷ୍ଠିତ ହେବ। ଏହି ମେଳାର ଅନ୍ୟତମ ଆକର୍ଷଣ ଭାବେ ବରଗଡ଼ ଜିଲ୍ଲାର କଳାକାରମାନେ ରାତ୍ର ୮ଘଣ୍ଟାରୁ ଖଞ୍ଜଣୀ ବୈଠକି ପରିବେଷଣ କରିବେ। ଅପ୍ରେଲ ୧ ମଙ୍ଗଳବାର ସକାଳ ୮ ଘଣ୍ଟା ପୂର୍ଣ୍ଣାହୁତି ସହ ୨୦୨୫ ମହିମା ମେଳା କାର୍ଯ୍ୟକ୍ରମର ସମାପନ ହେବ। ସତ୍ୟ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ସାଧୁ ପ୍ରଭାକର ଦାସ କାର୍ଯ୍ୟକ୍ରମର ସବିଶେଷ ସୂଚନା ଦେବାସହ ଏହି ଧାର୍ମିକ କାର୍ଯ୍ୟରେ ସମସ୍ତଙ୍କ ଉପସ୍ଥିତି କାମନା କରିଛନ୍ତି।

## ୱାର୍ଲ୍ଡକପ ସିପକଟାକ୍ରୋ ପ୍ରତିଯୋଗିତାରେ ଜିଲ୍ଲା ସମ୍ପାଦକଙ୍କ ଯୋଗଦାନ




**ସୁନ୍ଦରଗଡ଼,୨୬।୩(ସଂଚାର ବ୍ୟୁରୋ):** ମାର୍ଚ୍ଚ ୨୦ ରୁ ୨୫ ତାରିଖ ପର୍ଯ୍ୟନ୍ତ ବିହାର ରାଜ୍ୟ ପାଟଣା ପାଟଳୀପୁତ୍ର ଇଣ୍ଡୋର ଷ୍ଟାଡିୟମ ପରିସରରେ ୱାର୍ଲ୍ଡକପ ସିପକଟାକ୍ରୋ ପ୍ରତିଯୋଗିତା ଚାଲିଥିଲା। ଏହି ପରିପେକ୍ଷିରେ ଓଡିଶା ରାଜ୍ୟ ସିପକଟାକ୍ରୋ ସଂଘର ସଧାରଣ ସମ୍ପାଦକ ପୃଥିରାଜ ସାହୁଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡଙ୍ଗୀ ୨୪ ତାରିଖ ଦିନ ପ୍ରତିଯୋଗିତା ସ୍ଥଳକୁ ପହଞ୍ଚି ଥିଲେ। ସେଠାରେ ସିପକଟାକ୍ରୋ ଫେଡେରେସନ ଅଫ ଇଣ୍ଡିଆର ସଭାପତି ଯୋଗେନ୍ଦର ସିଂ ଦହିୟା ଙ୍କ ସହିତ ସାକ୍ଷାତ କରି ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଇଣ୍ଡିଆ ପୁରୁଷ ଦଳ ରେଗୁ ଇଭେଣ୍ଟରେ ଜାପାନ ଦଳକୁ ୨/୧ ରେ ହରାଇ ୱାର୍ଲ୍ଡ ଚମ୍ପିୟାନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମହିଳା ଦଳ ରେଗୁ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ବିହାର ମୁଖ୍ୟମନ୍ତ୍ରୀ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପ ମୁଖ୍ୟ ମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ମହୋଦୟ, କ୍ରୀଡ଼ା ବିଭାଗର ଉଚ୍ଚ ପଦାଧିକାରୀ ଏବଂ ବିଭିନ୍ନ ଦେଶର ସିପକଟାକ୍ରୋ ଫେଡେରେସନର ଉଚ୍ଚ ପଦାଧିକାରୀ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଜାପାନ, ସିଙ୍ଗାପୁର, ଇରାନ, ନେପାଳ, ଥାଇଲାଣ୍ଡ, ଭିଏତନାମ, ସିଙ୍ଗାପୁର, ମାଲେସିଆ, ପୋଲାଣ୍ଡ, ଶ୍ରୀଲଙ୍କା, ଫ୍ରାନ୍ସ, ଇଣ୍ଡୋନେସିଆ, ଇଟାଲୀ, ସୁଇଜଲ୍ୟାଣ୍ଡ,

## ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ନୀଳଗିରି,୨୬।୩(ସଂଚାର ବ୍ୟୁରୋ):** ଈଶ୍ୱରପୁର ସମବାୟସମିତି ସଭାପତି ଭାଗବତ ଖିଲାରଙ୍କ ସଭାପତିତ୍ୱରେ ୨୦୨୪- ୨୫ବାର୍ଷିକଉତ୍ସବ ଓ ସାଧାରଣସଭା ବୁଧବାର ସମିତି ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିବା ବେଳେ, ଭଦ୍ରକ ବାଲେଶ୍ୱର କେନ୍ଦ୍ରସମବାୟ ନୀଳଗିରି ଶାଖା ପରିଚାଳକ ସାଗର ମହାନ୍ତି ମୁଖ୍ୟଅତିଥି ଭାବେ ଉଦବୋଧନ ଦେବାସହିତ ଚାଷୀମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ।ସମ୍ମାନିତଅତିଥି ଭାବେ ଈଶ୍ୱରପୁର ସରପଞ୍ଚ ସାଧନା ମଲିକ ଅଭିଭାଷଣ ରଖିଥିବା ବେଳେ ବରିଷ୍ଠ ସଦସ୍ୟ ଭାଗିରଥି ବେହେରା, ସମ୍ପାଦକ ଅଶୋକ କୁମାର ଜେନାପ୍ରମୁଖ ସମବାୟର ସମସ୍ତ ନିର୍ଦ୍ଦେଶକ ନିର୍ଦ୍ଦେଶିକା ମଞ୍ଚାସିନ ଥିଲେ । ସଭାପତି ଖିଲାର ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ବାର୍ଷିକ ବିବରଣୀପାଠ କରିଥିଲେ ସମବାୟ ସମିତିର ସମ୍ପାଦକ ଅଶୋକ ଜେନା। ସଫଳଚାଷୀ ଭାବେ ପୁରସ୍କୃତ ହୋଇଥିଲେ ଅଣ୍ଡର । ଗ୍ରାମର ପ୍ରଦୀପ କୁମାର ମହାନ୍ତି ଏବଂ ବାହାବଳପୁର ଗ୍ରାମର ଧନୁ ମଲିକ।ନିର୍ଦ୍ଦେଶକ ଅଚ୍ୟୁତା ନନ୍ଦ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକଉତ୍ସବରେ ସମବାୟ କର୍ମଚାରୀ ଗୌତମ ମଲିକ ଓ କୈଳାସ ନାୟକ ସହଯୋଗ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁଧାକର ମଲିକ, ପୂର୍ବତନ ସରପଞ୍ଚ ସନାତନ ଜେନା, ଶଚିନ୍ଦ୍ର ସାହୁ, ରମାକାନ୍ତ ଧଳ, ଗଣେଷ ନାୟକ ପ୍ରମୁଖ ଶତାଧିକଚାଷୀ ତଥା ପଞ୍ଚାୟତବାସୀ ଏହି ସାଧାରଣସଭାରେ ଉପସ୍ଥିତ ରହିଥିଲେ।

## ଜଗତସିଂହପୁର ଜିଲ୍ଲାରେ ସଠିକ୍ ସେବା ପାଉନାହାନ୍ତି ରୋଗୀ

# ଖାଲିପଡ଼ିଛି ନର୍ସ ଓ ଡାକ୍ତର ପଦବୀ



**ଜଗତସିଂହପୁର,୨୬।୩(ସଂଚାର ବ୍ୟୁରୋ):** ଡାକ୍ତରଖାନାରେ ରୋଗୀ ଓ ରୋଗୀ ସଂପର୍କୀୟଙ୍କ ଲମ୍ବା ଧାଡ଼ି । ଟିକେଟ୍ କରିବେ, ଡାକ୍ତର ଦେଖାଇବେ। ରୋଗ ଯନ୍ତ୍ରଣାରୁ ଉପଶମ ମିଳିବ। ହେଲେ ଯେଉଁଠି ୬୦ ପ୍ରତିଶତରୁ ଅଧିକ ଡାକ୍ତର ଓ ନର୍ସ ପଦବୀ ଖାଲି ପଡ଼ିଛି ସେଠି କେମିତି ମିଳିବ ସ୍ୱାସ୍ଥ୍ୟସେବା । ଜଗତସିଂହପୁରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ମରୁଡ଼ି ପଡ଼ିଛି । ମୋଟ ୩୮୫ ଡାକ୍ତର ପଦବୀ ରୁ ୨୩୪ଟି ଖାଲି ପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଧ୍ୟ ନାହାନ୍ତି । ଯକ୍ଷ୍ମା, କୁଷ୍ଠ ଓ ଭିଭିଡି ଅଫିସର ପଦବୀ ବି ଖାଲି ପଡ଼ିଛି । ୭୧୮ ନର୍ସିଂ ଅଫିସରଙ୍କ ମଧ୍ୟରୁ ୪୭୨ଟି ପଦବୀ ପୂରଣ ହୋଇନାହିଁ । ୨୫ଟି ଫାର୍ମାସିଷ୍ଟ ପଦବୀ ଖାଲି ରହିଛି । ଜିଲ୍ଲାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ କାରଣରୁ କାର୍ଯ୍ୟରତ ଡାକ୍ତରଙ୍କୁ ଅଧିକ ସମୟ ପରିଶ୍ରମ କରିବାକୁ ପଡୁଛି। ଫଳରେ ବ୍ୟାପକ ଅସୁବିଧା ହେଉଥିବା କହିଛନ୍ତି ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ । ଲୋକଙ୍କ ଆବଶ୍ୟକତା ଏବଂ ସ୍ୱାର୍ଥକୁ ଦୃଷ୍ଟିରୁ ତୁରନ୍ତ ଡାକ୍ତର ପଦବୀ ପୂରଣ ପାଇଁ ଦାବି ହୋଇଛି ।

## ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ



**ଯୋଡା,୨୬।୩(ସଂଚାର ବ୍ୟୁରୋ):** ଯୋଡା ମହିଳା ମହାବିଦ୍ୟାଳୟରେ ଯୁକ୍ତ୩ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୦୭ ତାରିଖରେ ଆରମ୍ଭ ହୋଇ ମାର୍ଚ୍ଚ ୨୬ ତାରିଖରେ ଶେଷ ହେଲା। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଇଥିଲେ। ଏହି ଉଦଯାପନ ଉତ୍ସବରେ ଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହିତ ପ୍ରମାଣପତ୍ର ବାଣ୍ଟିଥିଲେ ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଓ ବରିଷ୍ଠ ଅଧ୍ୟାପିକା ଗୀତା ମିଶ୍ର। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡଃ ଲିତା ପାତ୍ର ପ୍ରମାଣ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନେ କାର୍ଯ୍ୟକ୍ରମ ଶେଷରେ ଶିକ୍ଷା ଗ୍ରହଣ କରିଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

## ପ୍ରଶାସନିକ ଅଧିକାରୀଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

● ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ଉପରେ ଗୁରୁତ୍ୱାରୋପ



**ବୋରିଗୁମ୍ମା,୨୬।୩(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ ଓ ତହସିଲଦାର ଶୋଭନ କୁମାର ବେହେରା ବୁଧବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏବଂ ଡାକ୍ତରଖାନାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିବାସହିତ ତୁରନ୍ତ ଆବଶ୍ୟକ ସମସ୍ୟାର ସମାଧାନ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ପରେ ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଗୃହ ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଗତି ଦେଖି ପ୍ରଶଂସା କରିଥିଲେ । ଏବଂ ଅଂଶୁଘାତର ମୁକାବିଲା ପାଇଁ ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ଏବଂ ଆବଶ୍ୟକ ମେଡ଼ିସିନ ମହଜୁଦ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀକାନ୍ତ କୁମାର ଶତପଥୀ କହିଥିଲେ । ଏବଂ ଅଂଶୁଘାତ ଓ ଜରୁରୀକାଳୀନ ସୂଚନା ପାଇଁ ଡାକ୍ତରଖାନା ମଧ୍ୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ସହ ବ୍ଲକଅଧୀନରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଓ ଉପ -ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଗୃହ ଖୋଲାଯାଇଥିବା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ସ୍ତ୍ରୀ,ପ୍ରସୂତି ବିଭାଗ ମୁଖ୍ୟ ଡାକ୍ତର ପ୍ରବୀଣ କୁମାର ଦାସ ଉପସ୍ଥିତ ଥିଲେ ।

## ବିଜେପି ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା




**ନବରଙ୍ଗପୁର,୨୬।୩(ସଂଚାର ବ୍ୟୁରୋ):** ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀ କୁ ନେଇ ଏକ ଜିଲ୍ଲା ସ୍ତରୀୟ ଶ୍ରଦ୍ଧାଞ୍ଜଳୀ ସଭା ର ଆୟୋଜନ କରାଯାଇଥିଲା। ଏହି ଶୋକ ସଭା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡଃ ଦେବେନ୍ଦ୍ର ପ୍ରଧାନ ଙ୍କ ଅମର ଆତ୍ମାର ସଦ୍ଗତି କାମନା କରି କରାଯାଇଥିଲା।ସ୍ମରଣ ଥାଉକି ଗତ ୧୭ ମାର୍ଚ୍ଚ ଦିନ ଡଃ ଦେବେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀ ଠାରେ ୮୩ ବର୍ଷ ବୟସରେ ଇହଲୋକ ତ୍ୟାଗ କରିଥିଲେ। ଡଃ ପ୍ରଧାନ ହେଉଛନ୍ତି ବର୍ତ୍ତମାନର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପିତା ଡଃ ପ୍ରଧାନ ଙ୍କ ଜନ୍ମ ୧୬ ଜୁଲାଇ ୧୯୪୧ ଢେଙ୍କାନାଳ ଜିଲ୍ଲାରେ ହୋଇଥିଲା, ସେ କଟକ ଏସ୍ ସି ବି ମେଡିକାଲ ର ଜଣେ ଡକ୍ଟର ଥିଲେ ଏବଂ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓ ଭାଜପାର ଜଣେ ସଦସ୍ୟ ମଧ୍ୟ ଥିଲେ। ତାଙ୍କରି ରାଜନୀତି ଜୀବନ ଆରମ୍ଭ ପ୍ରଥମ ଓଡିଶା ତାଳଚେର ମଣ୍ଡଳ ର ମଣ୍ଡଳ ସଭାପତି ରୁ ଆରମ୍ଭ କରିଥିଲେ।୧୯୮୦ ରୁ ୧୯୮୩ ପର୍ଯ୍ୟନ୍ତ।୧୯୮୩-୧୯୮୫ ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ସଭାପତି ଦ୍ୱିତୀୟ ଥର ପୁଣି ୧୯୮୫-୮୮ ଜିଲ୍ଲା ସଭାପତି।୧୯୮୮-୧୯୯୦ ଓଡିଶା ରାଜ୍ୟ ସଭାପତି ୧୯୯୦-୯୩ ଦ୍ୱିତୀୟ ଥର ରାଜ୍ୟ ସଭାପତି, ୧୯୯୩-୯୫ ରାଜ୍ୟ ମହାସଚିବ, ୧୯୯୫-୯୭ ପୁନଃ ରାଜ୍ୟ ସଭାପତି, ୧୯୯୭-୯୮ ରାଷ୍ଟ୍ରୀୟ କାର୍ଯ୍ୟକାରେଣି ସଦସ୍ୟ, ୧୯୯୮ ରେ ଦ୍ୱାଦଶତମ ଲୋକସଭା ପାଇଁ ଦେବଗଡ଼ ଜିଲ୍ଲା ରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।ସେହି ସମୟରେ କେନ୍ଦ୍ରୀୟ ପରିବହନ ମନ୍ତ୍ରୀ ଥିଲେ ୧୯୯୯-୨୦୦୪ ତ୍ରୟୋଦଶ ଲୋକସଭା ପାଇଁ ଦ୍ୱିତୀୟ ଥର ନିର୍ବାଚିତ ହେଲେ ସେତେବେଳେ ପରିବହନ ମନ୍ତ୍ରୀ ରହିବା ସହ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଥିଲେ ୨୦୦୧-୨୦୦୨ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରହି ଏଭଳି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ନିଘୋଡ଼ ନିଦ୍ରାରେ ଖାଦ୍ୟ ସୁରକ୍ଷା ଅଧିକାରୀ

## ଗ୍ରାମାଞ୍ଚଳରେ ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ

**ବାଲିଆପାଳ,୨୬।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ର ବିଭିନ୍ନ ଗ୍ରାମାଞ୍ଚଳରେ ବଢିବାରେ ଲାଗିଛି ମୃଦୁ ପାନୀୟ ବିକ୍ରି। ନାମିଦାମୀ କମ୍ପାନୀ ଶହ ୩୦ରୁ ଊର୍ଦ୍ଧ୍ୱ ନନବ୍ରାଣ୍ଡକମ୍ପାନୀର ମୃତ୍ୟୁ ପାନୀୟ ମିଳୁଛି। ପୂର୍ବଅପେକ୍ଷା ନନବ୍ରାଣ୍ଡ ମୃଦୂ ପାନୀୟ ଅଧିକ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ ବାଲିଆପାଳ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି ହେଉଛି। ବାଲିଆପାଳ ବ୍ଲକ ଅଞ୍ଚଳର କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନ ଗୁଡିକରେ ଅଧିକ ଲାଭ ଆଶା ଦେଖାଇ ଦୋକାନରେ ନନବ୍ରାଣ୍ଡର ମୃଦୂ ପାନୀୟ ବିକ୍ରି କରୁଛନ୍ତି।କିନ୍ତୁ ଥଣ୍ଡା ପାନୀୟ ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ବାଲିଆପାଳ ବ୍ଲକ ରେ ଯାଞ୍ଚହେଉନାହିଁ। ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୂ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ। ଖୁଚୁରା ବ୍ୟବସାୟୀ ଗୋଟିଏ ବୋତଲ ପିଛା ୧୦ଟଙ୍କାରେ ବିକ୍ରି କରୁଛନ୍ତି। ନାମୀ ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟଏହା ପିଇବାଦୋକାନରେ ଯୋଗ୍ୟ କି ନାହିଁ, ତାହାର ଯାଞ୍ଚ କରାଯାଉନିଜ୍ଜୁ ଆଜି ପର୍ଯ୍ୟନ୍ତ ଗୋଟିଏ ଚଢ଼ାଉ ହୋଇନାହିଁ। କେବଳ ମୃଦୁପାନୀୟନୁହେଁ, ନିମ୍ନମାନର ପାଣି ବିକ୍ରି ହେଉଛି। ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁପାନୀୟମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି। ଦାମୀ କମ୍ପାନୀ ଦର ରହୁଛି ୨୦ରୁ ୨୫ଟଙ୍କା। ଶସ୍ତାରେ ବିକ୍ରି ହେଉଥିବାରୁ ଦିନକୁ ଦିନ ନନବ୍ରାଣ୍ଡ ଚାହିଦା ବଢିବାରେ ଲାଗିଛି। ଏହାର ସୁଯୋଗ ନେଉଛନ୍ତି ବାଲିଆପାଳ ବଜାର ଶହ ଗ୍ରାମାଞ୍ଚଳର କିଛି ମୁନଫା ଖୋର ବ୍ୟବସାୟୀ। ଅଳ୍ପ ଟଙ୍କା ବିନିଯୋଗରେ ଘରେ ମୃଦୁ ପାନୀୟ ପ୍ରସ୍ତୁତ କରୁଛନ୍ତି। ବଜାରରେ ମେସିନ, ଷ୍ଟିକର ସହ ଅନ୍ୟାନ୍ୟ ସୁବିଧାରେ ମିଳିଯାଉଛି। ତେଣୁ ପ୍ରସ୍ତୁତକର୍ତ୍ତାଙ୍କୁ ସମସ୍ୟା ହେଉନି। ଘରେ ପ୍ରସ୍ତୁତ କରି ଲୋଗୋ ଲଗାଇ ମୃଦୁ ପାନୀୟ ବଜାରକୁ ଛାଡୁଛନ୍ତି। କମ୍ ଦରରେ ମିଳୁଥିବାରୁ ବାଲିଆପାଳ ବ୍ଲକର ବିଭିନ୍ନ ଗାଁ ଗହଳିରେ ଅଧିକ ବିକ୍ରି ହେଉଛି। ଏହା ପିଇବା ଦୋକାନରେ ଯୋଗ୍ୟ କି ନାହିଁ, ତାହାର ଯାଞ୍ଚକରାଯାଉନିଜ୍ଜୁ ଆଜି ପର୍ଯ୍ୟନ୍ତ ଗୋଟିଏ ଚଢ଼ାଉ ହୋଇନାହିଁ। କେବଳ ମୃଦୂ ପାନୀୟ ନୁହେଁ, ନିମ୍ନମାନର ପାଣି ମଧ୍ୟ ବିକ୍ରି ହେଉଛି। ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୂ ପାନୀୟ ମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

## ସମଗ୍ର ଶିକ୍ଷା ଅଭିଯାନର ବିଦ୍ୟାଳୟସ୍ତରୀୟ ସଭା



**ବାଲିଆପାଳ,୨୬।୩(ସଂଚାର ବ୍ୟୁରୋ):** ବିଦ୍ୟାଳୟ ର ସର୍ବାଙ୍ଗୀନ ଉନ୍ନତି ପାଇଁ ଆସୁଥିବା ଅର୍ଥ ର ସଠିକ୍ ବିନିଯୋଗ ହେବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ସମଗ୍ର ଶିକ୍ଷା ଅଭିଯାନ (ସୋସିଆଲ ଅଡିଟ) କାର୍ଯ୍ୟକ୍ରମ ରାଜ୍ୟ ବ୍ୟାପୀ ସମସ୍ତ ବ୍ଲକ ରେ ଅନୁଷ୍ଠିତ ହେଉଛି। ଏହି ସୋସିଆଲ ଅଡିଟ ପାଇଁ ବାଲିଆପାଳ ବ୍ଲକ ରେ ମୋଟ ୧୭ ଟି କ୍ଲଷ୍ଟର ରେ ୬୧ ଟି ବିଦ୍ୟାଳୟ କୁ ଚୟନ କରାଯାଇଛି। କୁଞ୍ଜବିହାରୀ କୃପାସିନ୍ଧୁ ତାପୁଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନ ୧୧ ଟା ସମୟରେ ତିନି ଦିନ ଧରି ଚାଲିଥିବା ଅଡିଟ କାର୍ଯ୍ୟରେ ସମୀକ୍ଷା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ପ୍ରଧାନ ଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ଶିକ୍ଷାବିତ ଭଗୀରଥ ଗିରି, ଶିକ୍ଷକ ପରାମାନନ୍ଦ ଦେ ଯୋଗଦେଇ ଥିଲେ।ବ୍ଲକ ସୋସିଆଲ ଅଡିଟର ସଞ୍ଜିବ କୁମାର ଜେନା ବିଦ୍ୟାଳୟ ର ପାନୀୟ ଜଳର ଗୁଣାବତା, ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା, ବିଦ୍ୟୁତ ସଂଯୋଗ ଖେଳ ପଡ଼ିଆ, ପାଠାଗାର ଉପଲବ୍ଧ ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କ୍ଲଷ୍ଟର ସ୍ତରୀୟ ଅଡିଟର ରାମେଶ୍ୱରୀ ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ତିନି ଧରି ଏହି ଅଡିଟ ର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ରାଜେଶ ଅଣ୍ଡିଆ, ଚିତ୍ତରଞ୍ଜନ ପଣ୍ଡା, ଜୟନାରାୟଣ ମହାପାତ୍ର, ଙ୍କ ସମେତ ପରିଚାଳନା କମିଟି ଓ ଆଲୁମିନୀ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାର-ବାଇକ ମୁହାଁମୁହିଁ, ପାଣିରେ ବୁଡି ଦୁଇ ମୃତ



**ଭବାନୀପାଟଣା,୨୬।୩(ସଂଚାର ବ୍ୟୁରୋ):** ଝିଅ ଦେଖିବା ପାଇଁ ଯାଇ ଫେରିବା ବେଳେ ଘଟିଗଲା ଅଘଟଣ।କେନାଲ ପାଣିରେ ଚାପି ହୋଇ ଏକ ୫ ବର୍ଷୀୟ ଶିଶୁ ପୁତ୍ର ସହ ଜଣେ ୮୨ ବର୍ଷୀୟଙ୍କ ବୃଦ୍ଧ ଲାଳଧର ରାଉତ ଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳେ କଳମପୁର ବ୍ଲକ ନୂଆଗାଁ ଗ୍ରାମ କୁ ଜୟପାଟଣା ରେଙ୍ଗାଲପାଳି ଗାଁ ଉକ୍ତ ପରିବାରର ୧୧ ଜଣ ଏକ କାର ଯୋଗେ ଝିଅ ଦେଖିବାକୁ ଆସିଥିଲେ। ଭୋଜିଭାତ ଖାଇ ଫେରୁଥିବା ସମୟରେ ଠେଲକୋମୁଣ୍ଡା ଗାଁ ଦେଇ ଯାଇଥିବା ଇନ୍ଦ୍ରାବତୀ କେନାଲ ରାସ୍ତା ନିକଟରେ ଏକ ଲାଲ ରଙ୍ଗର ଆପାଚି ସହ ମୁହାଁମୁହିଁ ଧକ୍କା ହୋଇଥିଲା।ଏଥିରେ କାର ଭାରସାମ୍ୟ ହରାଇ କେନାଲ ଭିତରକୁ ପଶି ଯାଇଥିବା ବେଳେ ବଡ଼ଟେମରି ଗାଁ ର ବାଇକ ଆରୋହି ଛିଟିକି ପଡ଼ିଥିଲେ।ଖବର ପାଇ ଗାଁ ଲୋକେ ଦୌଡ଼ି ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଉଦ୍ଧାର ବେଳକୁ ଲାଲଧର ଙ୍କ ମୃତ୍ୟୁ ହୋଇଥିବା ବେଳେ ଓ ୫ ବର୍ଷର ପୁଅ ନିଖୋଜ ହୋଇଯାଇଥିଲା। ଏ ନେଇ ଅଗ୍ନିଶମ ବିଭାଗ କୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ମାନେ କାର ସହ କେନାଲ ର ଏକ କିମି ଦୂର କୁ ପଶି ଖୋଜାଖୋଜି କରିଥିଲେ।ତେବେ କାର ର ୫ମିଟର ଦୁର ରେ ନିଖୋଜ ପୁଅ ର ମୃତ ଦେହ ମିଳିଥିଲା। ସମସ୍ତ ଆହତ ଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଛି।ବାଇକ ଆରୋହି ଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ତାଙ୍କ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ମୃତକଙ୍କ ଶବ କୁ ପୋଲସ ଜବତ କରିଥିବା ବେଳେ କାଲି ଶବ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି।

## ରାତିରେ ତିନି ଘରୁ ଚୋରି ଅଭିଯୋଗ

**ବାଲିଚନ୍ଦ୍ରପୁର,୨୬।୩(ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ଥାନା ଅଧିନ ଗୋପାଳପୁର ପଞ୍ଚାୟତସ୍ଥିତ ଗଜେନ୍ଦ୍ରପୁର ଗ୍ରାମରେ ଗତ କାଲି ରାତିରେ ତିନି ଜଣଙ୍କ ଘରେ ଚୋର ପସି ଦୁଇ ଜଣଙ୍କ ଘରୁ ଲୁଟ କରିଥିବା ବେଳେ ଜଣଙ୍କ ଘରୁ କିଛି ନେଇପାରିନାହାଁନ୍ତି। ସୂଚନା ମୁତାବକ ଏହି ଗାଁର ସରୋଜ କୁମାର ଭୂୟାଁ, ଗୟାଧର ଜେନା ଓ ଅଭିରାମ ସେନାପତିଙ୍କ ଘରେ ଗତ କାଲି ବିଳମ୍ବିତ ରାତିରେ ଚୋରମାନେ ପସି କଳାକନା ବୁଲାଇଛନ୍ତି। ସରୋଜ କୁମାର ଭୂୟାଁଙ୍କ ଘର ପଛପଟ କବାଟ ଭାଙ୍ଗି ଘରେ ପସି ଆଲମିରା ଭାଙ୍ଗି ନଗଦ ୨୫ ହଜାର ଟଙ୍କା ସହ ଗୋଟିଏ ସୁନା ହାର, ଚେନ, କାନଫୁଲ, ଦୁଇଟି ମୁଦି, ଏକ ହଳ ଶାଙ୍ଖି ଓ ଗୋଟିଏ ମଙ୍ଗଳସୂତ୍ର ଆଦି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି। ଗୟାଧର ଜେନାଙ୍କ ଘରୁ ଦୁର୍ବୃତ୍ତମାନେ କିଛି ସୁନା ଗହଣା ଚୋରି କରିନେଇଥିବା ବେଳେ ଅଭିରାମଙ୍କ ଘରୁ କିଛି ନେଇପାରିନଥିବା ଜଣାପଡ଼ିଛି।

# ପାହାଡ଼ ଉପରେ ଚାଲିଛି ରାସନ କାର୍ଡ ଇକେୱାଇସି



**ନବରଙ୍ଗପୁର/ଝରିଗାଁ,୨୬।୩(ସଂଚାର ବ୍ୟୁରୋ):** ପାହାଡ଼ ଉପରେ ଚାଲିଛି ଇକେୱାଇସି ଯଦି ରାସନ କାର୍ଡ ହିତାଧିକାରୀ ୩୧ମାର୍ଚ୍ଚ ସୁଦ୍ଧା ଇକେୱାଇସି କରିବେ ନାହିଁ ରାସନ କାର୍ଡ ରୁ ନାମ କଟିଯିବ ତେଣୁ ଯୁଦ୍ଧ କାଳୀନ ଭିତ୍ତି ରେ କରାଯାଉଛି ଇକେୱାଇସି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚାରୋଟି ଆଧାର ଅପଡେଟସନ କୀଟ ସହ ପାହାଡ଼ ଉପରେ ଡେରା ପକାଇଛନ୍ତି ନିଜେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସ୍ଥିତି ପରଖି ଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବୋଧନ ରେ ଇକେୱାଇସି ଅପଡେଟସନ ଚାଲିଛି, ଜିଲ୍ଲାର ଉପାନ୍ତ ଅଂଚଳ ଚକଲାପଦର ପଞ୍ଚାୟତ ରେ ନେଟୱାର୍କ ନଥିବା ଯୋଗୁଁ ପ୍ରାୟ ୧୬୦୦ ହିତାଧିକାରୀ ଇକେୱାଇସି ଅପଡେଟସନ କରି ପାରି ନଥିଲେ।ସରକାରୀ ତଥ୍ୟ ଅନୁଯାୟୀ ବର୍ତ୍ତମାନ ପର୍ଯ୍ୟନ୍ତ ୧ଲକ୍ଷ ୫୨ ହଜାର ହିତାଧିକାରୀ ରାସନ କାର୍ଡ ଇକେୱାଇସି କରି ନାହାନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଚକଲାପଦର ପଞ୍ଚାୟତ ବାସୀଙ୍କ ନେଟୱର୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୪ଟି ବିଏସଏନଏଲ ଓ ଗୋଟିଏ ଜିଓ ଟାୱାର ସ୍ଥାପନ ହୋଇଛି।ତେବେ ବିଏସଏନଏଲ ଟାୱାର ପ୍ରାୟ ୬ମାସ ହେବ ଅଚଳ ଥିବା ବେଳେ ଜିଓ ଟାୱାର କାର୍ଯ୍ୟକ୍ଷମ ହୋଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଚକଲାପଦର ପଞ୍ଚାୟତରେ ନେଟୱର୍କ ସୁବିଧା ନଥିବା ଯୋଗୁଁ ଚାଉଳ ନେଉ ଥିବା ହିତାଧିକାରୀଙ୍କ ଇକେୱାଇସି ହୋଇ ପାରୁନାହିଁ। ଆସନ୍ତା ୩୧ ତାରିଖ ସୁଦ୍ଧା ଇକେୱାଇସି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେଇଥିବା ବେଳେ ନେଟୱର୍କ ନଥିବା ଯୋଗୁଁ ଇକେୱାଇସି କରିବାରେ ସମସ୍ୟା ଦେଖାଦେଇଛି। ଆଜି ଜିଲ୍ଲାପାଳ ଡ଼ ଶୁଭଙ୍କର ମହାପାତ୍ର ନିଜେ ଚକଲାପଦର ଗସ୍ତ କରି ସମସ୍ୟା ଦେଖିବା ସହ ତଦାରଖ କରିଥିଲେ। ଏଠାରେ ପ୍ରକାଶ ଯେ ଚକଲାପଦର ପଞ୍ଚାୟତରେ ମୋଟ ୪୬୯୫ ଜଣ ହିତାଧିକାରୀ ଥିବା ବେଳେ ନେଟୱର୍କ ସୁବିଧା ନଥିବା ଯୋଗୁଁ ମାତ୍ର ୩୦୬୨ ଜଣ ହିତାଧିକାରୀଙ୍କ ଇକେୱାଇସି ହୋଇ ପାରିଛି।ସେହିପରି ଚକଲାପଦର ପଞ୍ଚାୟତରେ ବହୁ ଲୋକଙ୍କ ଆଧାର ଭୁଲ ଥିବା ଦେଖିବାକୁ ମିଳିଛି।ତେଣୁ ପ୍ରଶାସନ ପକ୍ଷରୁ ଆଧାର ସଂଶୋଧନ ଏବଂ ଇକେୱାଇସି କାମ ଚାଲିଛି।ଚକଲାପଦର ପଞ୍ଚାୟତ ଯିବା ପୂର୍ବରୁ ପାହାଡ଼ ତଳେ ଥିବା ଏକ ନିର୍ଦ୍ଦିଷ୍ଟ ରାସ୍ତା କଡରେ ନେଟୱର୍କ ଆସୁଥିବା ବେଳେ ସେଠାରେ କିଛି ଯୋଗାଣ ସହାୟକ ମାନଙ୍କୁ ନେଇ ଇକେୱାଇସି କାମ ହେଉଥିବା ବେଳେ ଅଫ ଲାଇନରେ ଆଧାର ସଂଶୋଧନ କରାଯାଉଛି। ଜିଲ୍ଲାପାଳ ମହାପାତ୍ର ଚକଲାପଦର ଗସ୍ତ କରି ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ସିଏସଓ ଅଜୟ କୁମାର ମଲ୍ଲିକ,ଏସିଏସଓ ମିଳନ ମାଝୀ ସହ ଜିଲ୍ଲାର କିଛି ଅଧିକାରୀ ଉପସ୍ଥିତ ଥିଲେ।ଝରିଗାଁ ବ୍ଲକ ପ୍ରସସନ ପକ୍ଷରୁ ବିଡ଼ିଓ ମଧୁସୂଦନ ମାଝୀ, ଯୋଗାଣ ନିରୀକ୍ଷକ ସଚିନମୟ ରଥ ଏବଂ କର୍ମଚାରୀ ଯୁଦ୍ଧ କାଳୀନ ଭିତ୍ତିରେ ଇକେୱାଇସି ଜାରି ରଖିଛନ୍ତି ୩୧ମାର୍ଚ୍ଚ ପୂର୍ବରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ ପଡିବେ ନାହିଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚେଷ୍ଟା ଚାଲିଛି।

## ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ବରିଷ୍ଠ ନାଗରିକ ସଂଗଠନର ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୨୬।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ପର୍ବ ସହିତ ସାଇବର କ୍ରାଇମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ ମଞ୍ଚାସୀନ ଥିଲେ। ପ୍ରଥମେ ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ଆନୁଷ୍ଠାନିକ ଭାବରେ ସମସ୍ତ ଙ୍କୁ ସ୍ୱାଗତ କରିବା ସହିତ ପୁଲିସ ଓ ବରିଷ୍ଠ ନାଗରିକ ଙ୍କ ସଂପର୍କ ଏବଂ ତହିଁରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠାନ ତରଫରୁ ସଭାପତି ଡ.ରଥ ମୁଖ୍ୟ ଅତିଥି ଶ୍ରୀ ରାଓଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ପୂର୍ବରୁ ବୀରମହାରାଜପୁର ଥାନାରେ ଭାରପ୍ରାପ୍ତ ଅଧିକାରୀ ଥିଲେ ଏବଂ ଏଠାରେ ଅବସ୍ଥାନ କାଳର ଲୋକ ସଂପର୍କ ବଖାଣିଥିଲେ। ବରିଷ୍ଠ ନାଗରିକ ଙ୍କ ସହଯୋଗ ପାଇଁ ସଦା ସର୍ବଦା ତାଙ୍କ ଦ୍ୱାର ଖୋଲା ରହିବ ବୋଲି ମତବ୍ୟକ୍ତ କରିଥିଲେ।ଏଥି ସହିତ ସମାଜ ରେ ସାଇବର କ୍ରାଇମ ର ଶିକାର ହେଉଥିବା ଅନେକ ଦୃଷ୍ଟାନ୍ତ ମୂଳକ ଉଦାହରଣ ଦେଇ କଣ କରିବାକୁ ହେବ, କଣ ନ କରିବାକୁ ହେବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୌମିତ୍ରୀ ମେହେର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦୀନବନ୍ଧୁ ମେହେର, ଗୋବର୍ଦ୍ଧନ ମିର୍ଦ୍ଧା, ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ସଦସ୍ୟ ଭୂଷଣ କୁମାର ପାତ୍ର, ବାସୁଦେବ ରଥ, ଚମରା ମହାକୁର, ସୁରୁ ସାହୁ, ଶ୍ୟାମସୁନ୍ଦର ସେଠୀ, ଅକ୍ରୁର ଦନ୍ତା, ବାସୁଦେବ ପଣ୍ଡା, ଗୋପି ମହାକୁର, ଧ୍ରୁବ ଦାଶ, ବଳରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।




## ପ୍ରତିକୂଳ ପାଗ ବଢ଼ାଉଛି କଫି ଦର

ଗତ ୨୦୨୪ ମସିହାରେ ହାରାହାରି କଫି ଦର ପୂର୍ବ ବର୍ଷ ତୁଳନାରେ ୩୮.୮% ବୃଦ୍ଧି ପାଇଥିଲା ବୋଲି ଫୁଡ୍ ଆଣ୍ଡ୍ ଏଗ୍ରିକଲ୍ଚର୍ ଆସୋସିଏସନ୍ (ଏଫ୍ଏଓ)ର ଏକ ରିପୋର୍ଟରୁ ପ୍ରକାଶ ପାଇଛି। ୨୦୨୪ ମସିହାରେ କଫି ଦର ବହୁ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଯଦି କଫି ଉତ୍ପାଦନ ଓ ଯୋଗାଣରେ ବାଧା ଉପୁଜେ, ତେବେ ୨୦୨୫ରେ କଫି ମୂଲ୍ୟ ନୂଆ ରେକର୍ଡ କରିବ ବୋଲି ଏଫ୍ଏଓ ଦର୍ଶାଇଛି। ଗତ ଡିସେମ୍ବରରେ କଫି ବଜାରରେ ସର୍ବାଧିକ ପସନ୍ଦଯୋଗ୍ୟ 'ଆରବିକା' ନାମକ କଫିର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୮% ବୃଦ୍ଧି ପାଇଥିଲା। ସେହିପରି 'ରୋବଷ୍ଟା' କଫିର ମୂଲ୍ୟରେ ୭୦% ବୃଦ୍ଧି ଘଟିଥିଲା। ପ୍ରମୁଖ କଫି ଉତ୍ପାଦନକାରୀ ଅଞ୍ଚଳ ମଧ୍ୟରେ ଇଥିଓପିଆରେ କଫି ମଞ୍ଜି ଉତ୍ପାଦନ ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ସର୍ବାଧିକ ୧୭.୮% ବୃଦ୍ଧି ପାଇଥିଲା। ସେହିପରି ଇଣ୍ଡୋନେସିଆରେ ୧୫.୯%, ବ୍ରାଜିଲରେ ୧୩.୭%, କେନିଆରେ ୧୨.୩%, କଲମ୍ବିଆରେ ୧୧.୭% ଓ ଭିଏତ୍‌ନାମରେ ୫.୮% ଦର ବୃଦ୍ଧି ପାଇଥିଲା। ବ୍ରାଜିଲ ଓ ଭିଏତ୍‌ନାମ ମିଳିତ ଭାବରେ ବିଶ୍ୱର ପ୍ରାୟ ୫୦% କଫି ଉତ୍ପାଦନ କରୁଥିବା ବେଳେ ସାମ୍ପ୍ରତିକ ମୂଲ୍ୟ ବୃଦ୍ଧି ପଛରେ ଭିଏତ୍‌ନାମରୁ ସୀମିତ ପରିମାଣ ରପ୍ତାନି, ଇଣ୍ଡୋନେସିଆରେ ଉତ୍ପାଦନ ହ୍ରାସ ଏବଂ ବ୍ରାଜିଲରେ କଫି ଉତ୍ପାଦନକୁ ପ୍ରଭାବିତ କରୁଥିବା ପ୍ରତିକୂଳ ପାଗ ଆଦିର ମୁଖ୍ୟ ଭୂମିକା ରହିଛି। ଭିଏତ୍‌ନାମରେ ଦୀର୍ଘକାଳୀନ ଶୁଷ୍କ ପାଗ ଯୋଗୁଁ ୨୦୨୩-୨୪ରେ କଫି ଉତ୍ପାଦନ ୨୦% କମିଥିଲା। ସେହିପରି ୨୦୨୩ ଏପ୍ରିଲ-ମେ'ରେ ପ୍ରବଳ ବର୍ଷା ଯୋଗୁଁ ଇଣ୍ଡୋନେସିଆରେ ବାର୍ଷିକ କଫି ଉତ୍ପାଦନ ୧୬.୫% କମିଥିଲା। ବ୍ରାଜିଲରେ ମଧ୍ୟ ବାର୍ଷିକ ଉତ୍ପାଦନରେ ୫.୫% ବୃଦ୍ଧିର ସରକାରୀ ଆକଳନ କରାଯାଇଥିବା ବେଳେ ଶୁଷ୍କ ଓ ଗରମ ପାଗ ଯୋଗୁଁ ଉତ୍ପାଦନ ୧.୬% କମିଥିଲା।



# ପୁନର୍ବ୍ୟବହାର ଅପେକ୍ଷାରେ ୭୫ କୋଟି ଟନ୍ ଶିଳ୍ପ ବର୍ଜ୍ୟ



**ବିଜ୍ଞାନ ଓ ପରିବେଶ କେନ୍ଦ୍ର(ସିଏସ୍ଇ)ର ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି ଯେ ଇସ୍ପାତ୍ ଖଦ ଓ ଫ୍ଲାଇ ଆସ୍ ପରି ଶିଳ୍ପ ବର୍ଜ୍ୟର ପୁନର୍ବ୍ୟବହାର କରି ଭାରତ ବର୍ଷକୁ ୫୦ରୁ ୯୦ ମିଲିଅନ୍ ଟନ୍ ଯାଏ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିବ**

ଭାରତର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ବର୍ଜ୍ୟ ସମସ୍ୟାର ଉତ୍କୃଷ୍ଟ ସମାଧାନ ହେଉଛି ତାହାକୁ ପୁନଃଚକ୍ରଣ କରିବା। ପୁନଃଚକ୍ରଣ କହିଲେ ସାଧାରଣତଃ ଶିଳ୍ପ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟ ସାମଗ୍ରୀର ସ୍ଥାୟୀ ବ୍ୟବହାରକୁ ବୁଝାଯାଏ। ଏହା ବର୍ଜ୍ୟ ଉତ୍ପାଦନକୁ ସୀମିତ କରିଥାଏ। ତେବେ ୨୦୩୦ ମସିହା ସୁଦ୍ଧା ଦେଶ ୭୫୦ ନିୟୁତ ଟନ୍ ଓଜନର ଇସ୍ପାତ ଖଦ ଓ ଫ୍ଲାଇ ଆସ୍ ପରି ଶିଳ୍ପବର୍ଜ୍ୟର ପୁନର୍ବ୍ୟବହାର କରିପାରିବ ବୋଲି ବିଜ୍ଞାନ ଓ ପରିବେଶ କେନ୍ଦ୍ର(ସିଏସ୍ଇ)ର ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି। ଏହା ୫୦ରୁ ୯୦ ମିଲିଅନ୍ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ କରିପାରିବ।



ସମ୍ପ୍ରତି ଜାତୀୟ ଓ ବିଶ୍ୱସ୍ତରରେ ବର୍ଜ୍ୟର ପୁନର୍ବ୍ୟବହାରଶୀଳତା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ ଉଭା ହୋଇଛି। ଶିଳ୍ପବର୍ଜ୍ୟ ଅପଚୟ ନୁହେଁ, ବରଂ ଏକ ମୂଲ୍ୟବାନ ସମ୍ବଳ ବୋଲି ସିଏସ୍ଇର ମହାନିର୍ଦ୍ଦେଶିକା ସୁନୀତା ନାରାୟଣ କହିଛନ୍ତି। ଭାରତରେ ପୁନଃଚକ୍ରଣ ଉପରେ ଧ୍ୟାନ ଦିଆଯାଇଛି, ଯାହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫ ବଜେଟ ଭାଷଣରେ ଉଲ୍ଲେଖ କରିଥିଲେ। ସିଏସ୍ଇ ରିପୋର୍ଟ ଅନୁଯାୟୀ, ଭାରତରେ ପାର୍ଥିବ ଶିଳ୍ପ ବ୍ୟବହାର ୨୦୧୫ ମସିହାରେ ୭୦୦ କୋଟି ଟନ୍ ଥିଲା ବେଳେ ୨୦୩୦ ବେଳକୁ ତାହା ଦ୍ୱିଗୁଣିତ ହୋଇ ୧୪୨୦ କୋଟି ଟନ୍‌ରେ ପହଞ୍ଚିଯିବ। ୟୁରୋପରେ ୭୦ ପ୍ରତିଶତ ସାମଗ୍ରୀ ପୁନଃପ୍ରକ୍ରିୟାକୃତ ହେଉଥିବା ବେଳେ ଭାରତରେ ପୁନର୍ବ୍ୟବହାରକ୍ଷମ ସାମଗ୍ରୀର ପରିମାଣ ହେଉଛି ମାତ୍ର ୨୦ ପ୍ରତିଶତ। ଶିଳ୍ପରୁ ବାହାରୁଥିବା ବିପଦପୂର୍ଣ୍ଣ ଆବର୍ଜନାର ଅନୁପଯୁକ୍ତ ପରିଚାଳନା ଯୋଗୁଁ ୧୯୮୪ର ଭୋପାଳ ଗ୍ୟାସ ଦୁର୍ଘଟଣା ପରି ଦୁଃଖଦ ପରିସ୍ଥିତିର ଆଶଙ୍କା ରହିଛି। ଏହି ଆବର୍ଜନା ସ୍ଥାନୀୟ ସମ୍ପ୍ରଦାୟ, ବନ୍ୟପ୍ରାଣୀ ଏବଂ ଉଦ୍ଭିଦ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ପୁନଃଚକ୍ରଣ ଉପରେ ସିଏସ୍ଇ ଗୁରୁତ୍ୱାରୋପ କରିଛି, ଯାହା ସମ୍ବଳର ସଂରକ୍ଷଣ କରିପାରିବ। ଉଦାହରଣ ସ୍ୱରୂପ, ବାୟୋମାସ ଭଳି ଶିଳ୍ପବର୍ଜ୍ୟରୁ ପ୍ରାପ୍ତ ବିକଳ୍ପ ଇନ୍ଧନ ଓ କଞ୍ଚାମାଲ ଭାରତରେ କୋଇଲା ବ୍ୟବହାରକୁ ହ୍ରାସ କରିପାରିବ। ସେହିପରି ସିମେଣ୍ଟ ଶିଳ୍ପର ବିଦ୍ୟୁତ୍ କ୍ଷେତ୍ରରୁ ଫ୍ଲାଇ ଆସ୍‌ର ବ୍ୟବହାର ଏବଂ ରାସ୍ତା ଓ କୋଠାବାଡ଼ି ନିର୍ମାଣରେ ଲୁହା ଓ ଇସ୍ପାତ ଶିଳ୍ପରୁ ଉତ୍ପନ୍ନ ଖାଦର ପୁନର୍ବ୍ୟବହାର ହୋଇପାରିବ। ଯଦିଓ ଗୁଜରାଟ, ଗୋଆ ଓ କର୍ଣ୍ଣାଟକ ପରି ରାଜ୍ୟରେ ପୁନଃଚକ୍ରଣ ଦିଗରେ ଉଲ୍ଲେଖନୀୟ ପଦକ୍ଷେପମାନ ନିଆଯାଇଛି, ତେବେ ଦେଶର ଅନ୍ୟ ରାଜ୍ୟମାନେ ମଧ୍ୟ ତାହା ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ସିଏସ୍ଇ ପରାମର୍ଶ କରିଛି।

## ଗହମ ପାଇଁ କାଳ ଫେବ୍ରୁଆରି ପାଣିପାଗ !



ଚଳିତ ଫେବ୍ରୁଆରି ମାସ ବର୍ଷାବିହୀନ ତଥା ଉଷ୍ମ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ବିଶେଷ କରି ଫୁଲ ଓ ଫଳ ଧରୁଥିବା ଗହମ ଶସ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଏପରିକି ସେଥିଯୋଗୁଁ ଉଦ୍ୟାନକୃଷିରେ ସେଓ ଏବଂ ଅନ୍ୟାନ୍ୟ ଟାଣ ମଞ୍ଜିଯୁକ୍ତ ଫଳ (ଷ୍ଟୋନ୍ ଫ୍ରୁଟ୍)ର କଷିଗୁଡ଼ିକ ଡେମ୍ଫରୁ ବିଚ୍ୟୁତ ହେବାର ଆଶଙ୍କା ରହିଛି।

୧୯୦୧ ମସିହା ପରଠାରୁ ୨୦୨୫ ଜାନୁଆରି ମାସ ଥିଲା ତୃତୀୟ ଉଷ୍ମତମ ତଥା ଚତୁର୍ଥ ସର୍ବନିମ୍ନ ବୃଷ୍ଟିପାତ ଦେଖିଥିବା ଜାନୁଆରି ମାସ। ଚଳିତ ମାସରେ ଉତ୍ତର ଭାରତରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ଠାରୁ ଯଥେଷ୍ଟ ତଳେ ରହିବ ଏବଂ ସମଗ୍ର ଦେଶରେ ମାସିକ ବୃଷ୍ଟିପାତ ମଧ୍ୟ ଯଥେଷ୍ଟ କମ୍ ରହିବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେହିପରି ଦେଶର ଅଧିକାଂଶ ଅଞ୍ଚଳରେ ଚଳିତ ମାସର ହାରାହାରି ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ରହିବ। ଗତ ଜାନୁଆରି ମାସର ହାରାହାରି ତାପମାତ୍ରା ୧୮.୯୮ ଡିଗ୍ରି ସେଲିସିଅସ୍ ରହିଥିଲ। ଯାହା ୧୯୦୧ ପରଠାରୁ ୧୯୫୮ ଓ ୧୯୯୦ ପରେ ତୃତୀୟ ସ୍ଥାନରେ ଥିଲା। ଦେଶର ଉତ୍ତରପଶ୍ଚିମ ଭାଗରେ ସ୍ୱାଭାବିକ ଠାରୁ କମ୍ ବୃଷ୍ଟିପାତ ସାଙ୍ଗକୁ ଉଚ୍ଚ ତାପମାତ୍ରା ଯୋଗୁଁ ଖାଦ୍ୟ ଶସ୍ୟ ଓ ଉଦ୍ୟାନକୃଷି ଉପରେ ଉଲ୍ଲେଖନୀୟ ପ୍ରତିକୂଳ ପ୍ରଭାବ ପଡ଼ିବ। ଉଚ୍ଚ ତାପମାତ୍ରା ଯୋଗୁଁ ସୋରିଷ ଓ ବୁଟ ଆଦି ଶସ୍ୟରେ ଅପରିପକ୍ୱତା ଦେଖାଦେବା ସହ ସେଓ ଓ ବିଭିନ୍ନ କୋଳିର ଆଗୁଆ ଫୁଲ ଧରି ଅପରିପକ୍ୱ କଷି ଛିଣ୍ଡିପଡ଼ିବାର ଆଶଙ୍କା ରହିଛି। ଫଳରେ ଶସ୍ୟ ଉତ୍ପାଦନରେ ହ୍ରାସ ଘଟିବ। ତେବେ ମାସ ତମାମ ଉଷ୍ମତା ଓ ଶୁଷ୍କତା ପରିଲକ୍ଷିତ ହେବାକୁ ଥିବାରୁ ଚାଷୀମାନେ ତାହାର କୁପ୍ରଭାବର ମୁକାବିଲା ପାଇଁ କିଛି ମଧ୍ୟବର୍ତ୍ତୀକାଳୀନ ଜଳସେଚନ କରାଇବାକୁ ପରାମର୍ଶ କରାଯାଇଛି। ଅପରପକ୍ଷେ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ବା ତା'ଠାରୁ କମ୍ ରହିବା ସତ୍ତ୍ୱେ କ୍ଷେତଶସ୍ୟ ଉପରେ ଶୀତ ଲହରୀର କୁପ୍ରଭାବ ସୀମିତ ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଜାନୁଆରିରେ ଦେଶର ଉତ୍ତରପଶ୍ଚିମ ଭାଗ, କେନ୍ଦ୍ରାଞ୍ଚଳ ଓ ଦିଲ୍ଲୀ ଆଦି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ବାୟୁମଣ୍ଡଳ ଯଥେଷ୍ଟ ଜଳକଣା ବହନ କରିନଥିବାରୁ ଉଲ୍ଲେଖନୀୟ ବର୍ଷା କି ତୁଷାରପାତ ହୋଇନଥିଲା ବୋଲି ସେ କହିଛନ୍ତି।

## ଅମଳ କମାଉଛି କୋଇଲା ଧୂଆଁ

ଧାନ ଓ ଗହମ ହେଉଛି ଆମ ଦେଶର ମୁଖ୍ୟ ଖାଦ୍ୟଶସ୍ୟ, ଯାହା ଆମ ଖାଦ୍ୟ ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହି ଶସ୍ୟ ଦୁଇଟି ମଧ୍ୟ ଖାଦ୍ୟ-ଶର୍କରାର ପ୍ରାଥମିକ ଉତ୍ସ ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଅତ୍ୟାବଶ୍ୟକ ଶକ୍ତି ଯୋଗାଇଥାଏ। ତେବେ ଦେଶରେ ବାୟୁ ପ୍ରଦୂଷଣ ଓ ଫସଲ ଉତ୍ପାଦନ ମଧ୍ୟରେ ଏକ ଦୁଃଖଦ ସମ୍ପର୍କ ରହିଥିବା ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆବିଷ୍କାର କରିଛନ୍ତି। ବିଶେଷ କରି କୋଇଲା ଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ନାଇଟ୍ରୋଜେନ ଡାଇ ଅକ୍ସାଇଡ୍ (ଏନ୍ଓ୨) ହିଁ ଧାନ ଓ ଗହମ ଉତ୍ପାଦନରେ କ୍ଷତି ପହଞ୍ଚାଉଥିବା ଜଣାଯାଇଛି। ବିଦ୍ୟୁତ୍ କେନ୍ଦ୍ରରେ କୋଇଲା ଜାଳିବା ଦ୍ୱାରା ସୃଷ୍ଟ ପ୍ରାଥମିକ ଉତ୍ପାଦ ମଧ୍ୟରୁ ଏନ୍ଓ୨ ହେଉଛି ଗୋଟିଏ। ଏହି ଗ୍ୟାସ, ଉତ୍ସ ଠାରୁ ୧୦୦ କି.ମି. ଦୂରତା ଯାଏ ଥିବା ଅଞ୍ଚଳକୁ ପ୍ରଭାବିତ କରିପାରେ। ବିଭିନ୍ନ ଦୃଷ୍ଟିରୁ ଏହା ଉଦ୍ଭିଦ ପାଇଁ କ୍ଷତିକାରକ। ଏହା ଉଦ୍ଭିଦର କୋଷୀୟ ତଥା ଏଞ୍ଜାଇମ୍ କାର୍ଯ୍ୟକଳାପରେ ବାଧା ଉପୁଜାଇବା ସହ ଓଜୋନ୍ ଓ କଣିକା ପଦାର୍ଥ ସୃଷ୍ଟି କରିଥାଏ ଯାହା ଶସ୍ୟକୁ ନଷ୍ଟ କରିଦିଏ। ଏହି ଅନୁଧ୍ୟାନରେ ବିଦ୍ୟୁତ୍ କେନ୍ଦ୍ରରୁ ଏନ୍ଓ୨ ନିର୍ଗମନ ଯୋଗୁଁ ଧାନ ଓ ଗହମ ଫସଲ ଅମଳରେ ଉଲ୍ଲେଖନୀୟ କ୍ଷତି ହୋଇଥିବା ଅଞ୍ଚଳ ଚିହ୍ନଟ କରାଯାଇଥିଲା। ବିଶେଷ କରି ଅତ୍ୟଧିକ ଉନ୍ମୁକ୍ତ ଥିବା ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର କିଛି ଅଂଶରେ ବାର୍ଷିକ ଅମଳ କ୍ଷତି ୧୦ ପ୍ରତିଶତ ଡେଇଁଥିଲା। ଏହି କ୍ଷତି ଭାରତରେ ୨୦୧୧ରୁ ୨୦୨୦ ମଧ୍ୟରେ ହାରାହାରି ଅମଳର ପ୍ରାୟ ଛଅ ବର୍ଷର ବୃଦ୍ଧି ସହ ସମାନ। ଗବେଷକମାନେ ଅନୁଧ୍ୟାନ କରିଥିବା ୧୪୪ଟି ତାପଜ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରୁ ୫୮ଟିର ପ୍ରଭାବ ଧାନ ଫସଲ ଉପରେ ବେଶୀ ପଡ଼ିଥିଲା। ସେହିପରି ୩୫ଟି କେନ୍ଦ୍ରର ପ୍ରଭାବ ଗହମ ଫସଲ ଉପରେ ପଡ଼ିଥିବା ନିରୀକ୍ଷଣ କରାଯାଇଥିଲା। ଏନ୍ଓ୨ ନିର୍ଗମନ ସମସ୍ୟାର ସମାଧାନ କରାଯାଇପାରିଲେ ଖାଦ୍ୟ ସୁରକ୍ଷା ଓ କୃଷିକୁ ଉଲ୍ଲେଖନୀୟ ଲାଭ ମିଳିପାରିବ, ଜନସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ ଏବଂ ସ୍ୱଚ୍ଛ ତଥା ସବୁଜ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିପାରିବ ବୋଲି ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି।



## ଦୀର୍ଘସ୍ଥାୟୀ କୃଷି ଓ ପରିବେଶ ସଂରକ୍ଷଣରେ ସଂଯୋଗ

**ପରିବେଶ ଯୋଦ୍ଧା**

ଉପକୂଳ ଓଡ଼ିଶାସ୍ଥିତ ଚିଲିକା ବ୍ଲକ୍‌ର ହାଟବରଡ଼ି ଗାଁରେ ବଡ଼ ହୋଇଛନ୍ତି ସଂଯୋଗ ସାହୁ। ପିଲାଦିନୁ ହିଁ ସେ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଓ ପରିବେଶ ଭିତରେ ଦିନ କାଟିଛନ୍ତି। ତାଙ୍କ ଜେଜେବାପାଙ୍କର ମଧ୍ୟ ଗଛ ଲଗାଇବା, ଯତ୍ନ ନେବା ତଥା ବିଭିନ୍ନ ଗଛ ସମ୍ପର୍କରେ ଜାଣିବାରେ ଆଗ୍ରହ ଥିଲା। ତେଣୁ ପିଲା ଦିନେ ସେ ଜେଜେଙ୍କ ସହ ବୁଲି ପରିବେଶ ଓ ଉଦ୍ଭିଦ ସମ୍ପର୍କରେ ଅନେକ କିଛି ଜାଣିବାର ସୁଯୋଗ ପାଇଛନ୍ତି। ତେବେ ଛୋଟରୁ ବଡ଼ ହେବା ଭିତରେ ଚିଲିକାର ବଦଳୁଥିବା ପରିବେଶ ତାଙ୍କୁ ଚିନ୍ତିତ କରିଛି। ଫଳରେ ପରିବେଶ ଓ ଜୀବଜଗତର ସୁରକ୍ଷା ଓ ସଂରକ୍ଷଣ ଦିଗରେ ତାଙ୍କ ମନ ବଳିଛି। ପରିବେଶକୁ ସୁରକ୍ଷା ଦେବାର ଅନ୍ୟ ଏକ ଉପାୟ ହେଉଛି କଠୋର ଆଇନ ଆଣିବା। ଏଣୁ ସେ ଆଇନ ଓ ପରେ ପରିବେଶ ମାନବବିଜ୍ଞାନ ଅଧ୍ୟୟନ କରିଥିଲେ। ଏବେ ସେ ଦୀର୍ଘସ୍ଥାୟୀ ଚାଷ ଜରିଆରେ ପରିବେଶକୁ ସୁରକ୍ଷା ଦେବା ଦିଗରେ କାର୍ଯ୍ୟରତ।



ଶ୍ରୀ ସଂଯୋଗ କହିଛନ୍ତି, '୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ ଆସିଥିଲା। ଆଦିବାସୀ, ପାରମ୍ପରିକ ବନବାସୀ ପ୍ରମୁଖଙ୍କୁ ସେତେବେଳେ ଜଙ୍ଗଲ ଉପରେ ଅଧିକାର ଓ ଜଙ୍ଗଲ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବାର ଏକ ସାମାଜିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହି ସମୟରେ ଲୋକମାନଙ୍କୁ ଜଙ୍ଗଲର କିଭଳି ସଂରକ୍ଷଣ କରିଯିବ; ସେ ନେଇ ସଚେତନ କରାଇବା ସହ କିଭଳି ପଟ୍ଟା ବଣ୍ଟନ ହେବ ସେ ଉପରେ ଦୁଇଟି ଏନ୍‌ଜିଓ ଅଧୀନରେ ରହି ମୁଁ କାମ କରିବା ଆରମ୍ଭ କରିଥିଲି। ଏହି କାମ କରିବା ଭିତରେ ପରିବେଶ ଆଇନ ଉପରେ ମୋର ଜ୍ଞାନ ବଢ଼ିଥିଲା। ବଲାଙ୍ଗୀର, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ କାମ କରିବା ସମୟରେ ମୁଁ ଜାଣିବାକୁ ପାଇଥିଲି ଯେ ପରିବେଶ ଏକ ଜଟିଳ ବ୍ୟବସ୍ଥା ଏବଂ ପରିସ୍ଥିତି ଅନୁସାରେ ପରିବେଶର ବ୍ୟାବହାରିକତା ମଧ୍ୟ ବଦଳିଥାଏ। ତେବେ ପରିବେଶର ଜଟିଳତାକୁ ବୁଝିବା ତଥା ପରିବେଶ ଉପରେ ମଣିଷର ପ୍ରଭାବ ସମ୍ପର୍କରେ ଭଲଭାବେ ଜାଣିବାକୁ ମୁଁ ଆରିଜୋନା ବିଶ୍ୱବିଦ୍ୟାଳୟରେ ଇକୋଲୋଜିକାଲ ଆନ୍ଥ୍ରୋପୋଲୋଜିରେ ପିଏଚ୍‌ଡି କରିଥିଲି।'

ସଂଯୋଗ ଯେତେବେଳେ ପିଏଚ୍‌ଡି କରି ଫେରିଥିଲେ, ସେ ଦେଖିଥିଲେ ଯେ ଚାଷୀମାନେ ଅଧିକ ଉତ୍ପାଦନ ପାଇଁ କୀଟନାଶକ ଓ ରାସାୟନିକ ସାରର ଅଧିକ ବ୍ୟବହାର କରୁଥିଲେ, ଯାହାକି ବାୟୁମଣ୍ଡଳ ଓ ମାଟି ପାଇଁ ଅତ୍ୟନ୍ତ ହାନିକାରକ। ଏଥିସହ ଯେଉଁମାନେ ଏସବୁ ବ୍ୟବହାର କରୁନଥିଲେ, ସେମାନେ ଜଙ୍ଗଲ କାଟି ଚାଷ କରୁଥିଲେ। ଫଳରେ ଜଙ୍ଗଲ ନଷ୍ଟ ହେଉଥିଲା। ଏଣୁ ଚାଷ ଯୋଗୁଁ ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ନିୟନ୍ତ୍ରିତ କରିବାକୁ ସେ ୨୦୧୭-୧୮ ମସିହାରେ 'ମାଟି-ଫାର୍ମ' ଖୋଲିଥିଲେ। ଚିଲିକାର ନିଜ ଜାଗାରେ ସେ ବିଭିନ୍ନ ବୈଜ୍ଞାନିକ ଉପାୟରେ ପରୀକ୍ଷଣ ଭିତ୍ତିରେ 'ମଡେଲ୍ ଫାର୍ମିଂ' ଆରମ୍ଭ କରିଥିଲେ। 'ମଡେଲ ଫାର୍ମିଂ'ର ପରୀକ୍ଷଣ ସଫଳ ହୋଇଥିଲା ଏବଂ ବିଭିନ୍ନ ଅଞ୍ଚଳର କୃଷକମାନଙ୍କୁ ନେଇ ସେ ଏକ ଦୀର୍ଘସ୍ଥାୟୀ ଚାଷ ପ୍ରଣାଳୀ ଶିଖାଇବା ସହ କଣ୍ଟ୍ରାକ୍ଟ ଫାର୍ମିଂ ଜରିଆରେ କୃଷକମାନଙ୍କୁ ସେମାନଙ୍କ ଅମଳର ଭଲ ମୂଲ୍ୟ ମଧ୍ୟ ଦେଇଥିଲେ। ଦୀର୍ଘକାଳୀନ ଚାଷ ଓ ସାମାଜିକ ନ୍ୟାୟଯୁକ୍ତ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହିତ କରିବାରେ ସଂଯୋଗଙ୍କର ମାଟି-ଫାର୍ମ ପୂର୍ବ-ଭାରତର କ୍ଷୁଦ୍ର ଚାଷୀମାନଙ୍କ ସହ ଘନିଷ୍ଠ ଭାବରେ ଯୋଡ଼ି ହୋଇ କାର୍ଯ୍ୟ କରୁଛି।

ଏଥିସହ ପ୍ରତିମାସରେ ସେ ୨ରୁ ୩ ଥର ଭୁବନେଶ୍ୱରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବୁଲି ଦୀର୍ଘସ୍ଥାୟୀ କୃଷିପ୍ରଣାଳୀ, ପରିବେଶ ସଂରକ୍ଷଣ ଉପରେ କର୍ମଶାଳା କରିବା ସହ କଟକ, ଭୁବନେଶ୍ୱର ନିକଟବର୍ତ୍ତୀ ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସ୍ଥାନକୁ ଯାଇ ଏହାର ସଂରକ୍ଷଣ ଓ ଗୁରୁତ୍ୱ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଉଛନ୍ତି।

## ସବୁଜ ବାହିନୀ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ

● ଗଛ ଲଗାଇ ପରିବେଶକୁ ସୁରକ୍ଷା ଦିଅନ୍ତୁ :ଗଛସାର୍




ନୟାଗଡ଼, ୨୬।୩(ସଂଚାର ବ୍ୟୁରୋ):ନୟାଗଡ଼ ସଦର ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ତଥା ସବୁଜ ବାହିନୀ କ୍ଲବ୍ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ସୁରକ୍ଷା, ଗଛର ଉପକାରିତା ଓ ପରିବେଶ ଉପରେ ଅନୁଷ୍ଠିତ ପୋଷ୍ଟର , ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ବାର ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଓଡ଼ଗାଁ ଅଞ୍ଚଳର ବିଶିଷ୍ଟ ପରିବେଶବିତ୍, ପ୍ରକୃତି ମିତ୍ର, ଅବସରପ୍ରାପ୍ତ ଶିକ୍ଷକ ବନ୍ଧୁ ତଥା ଶିକ୍ଷାବିତ୍ ସୁକାନ୍ତ କୁମାର୍ ଚୌଧୁରୀ, ବିଦ୍ୟାଳୟର ଆଲୁମିନି ସଭାପତି ଭଗବାନ୍ ଜେନା ଯଥାକ୍ରମେ ମୁଖ୍ୟ ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଉତ୍ସବରେ ପ୍ରକୃତି ମିତ୍ର ସୁକାନ୍ତ ଚୌଧୁରୀ ପରିବେଶ ସନ୍ତୁଳନ ପାଇଁ ଜଙ୍ଗଲ ସୃଷ୍ଟି, ଜୀବଜନ୍ତୁଙ୍କ ସୁରକ୍ଷା, ଜଳ ସଂରକ୍ଷଣକୁ ଗୁରୁତ୍ୱଦେବା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହିତ ବିଶ୍ୱ ଉତ୍ତାପିକରଣର କାରଣ ଓ ପ୍ରଭାବ ଉପରେ ଉପାଦେୟ ବାର୍ତ୍ତା ଦେଇଥିଲେ । ଏଥି ସହିତ ପଲିଥିନ୍ ର ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ ସହକାରୀ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ ପୂର୍ବକ ସଭିଁଏ ନିଜ ନିଜ ଜନ୍ମଦିନରେ ଗଛଟିଏ ଲଗାଇବା ପାଇଁ ଶପଥ ପାଠ କରାଇଥିଲେ । ପରେ ପରେ ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ କୁନିକୁନି ପିଲାମାନେ ଗଛଲଗାଇବା ଓ ତା'କୁ ସୁରକ୍ଷାଦେବା ଉପରେ ଏକ ସଚେତନଧର୍ମୀ ନୃତ୍ୟ ପ୍ରଦର୍ଶନ କରିଥିଲେ ଯାହାକି ଖୁବ୍ ଚିତ୍ତାକର୍ଷକ ହୋଇଥିଲା ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା



**ଦଶରଥପୁର, ୨୬।୩ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେପିର ପିତାମହ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ବିଜେପିର ପୂର୍ବତନ ସଭାପତି ସ୍ୱର୍ଗତ ଡଃ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା ଦଶରଥପୁର ବ୍ଲକ ଡାହାଣହଟା ପଞ୍ଚାୟତ କୁଆଁସ ମଙ୍ଗଳାପୀଠରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୬ନମ୍ବର ଜୋନର ମଣ୍ଡଳ ସଭାପତି ପତିତପାବନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଯାଜପୁର ଜିଲ୍ଲାର ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ ଯୋଗଦେଇଥିଲାବେଳେ ବରିଷ୍ଠ ବିଜେପି ନେତା ତଥା ଦଶରଥପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ବରିଷ୍ଠ ବିଜେପି ନେତା ତଥା କୋରେଇ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁବାଷ ଚନ୍ଦ୍ର ମହାନ୍ତି, ୫ନମ୍ବର ଜୋନ ମଣ୍ଡଳ ସଭାପତି ସୁନୀଲ ରାଉତ, ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ମଙ୍ଗଳପୁର ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ କୁମାର ପଣ୍ଡା, ତରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ।ସ୍ୱର୍ଗତ ଆତ୍ମାଙ୍କ ଫଟୋଚିତ୍ରରେ ଅତିଥି ଓ ଉପସ୍ଥିତ ବିଜେପି କର୍ମୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ଦୁର୍ଦ୍ଦିନ ସମୟରେ ବିଜେପି ପ୍ରତି ସ୍ୱର୍ଗତ ପ୍ରଧାନଙ୍କ ଅବଦାନ କଣ ଥିଲା ତାହା ବରିଷ୍ଠ ନେତା ଗୌତମ ରାୟ ମତବ୍ୟକ୍ତ କରିଥିଲେ। ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗ ରାଜ୍ୟ ବିଜେପି ପାଇଁ ଏକ ବିରାଟ କ୍ଷତି ବୋଲି ଶ୍ରୀଯୁକ୍ତ ରାୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୫ନମ୍ବର, ୬ନମ୍ବର ଜୋନର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଶାଖା ଉଦଘାଟିତ



**ଦଶରଥପୁର,୨୬।୩(ସଂଚାର ବ୍ୟୁରୋ):** ଦିନକୁ ଦିନ ବ୍ୟାଙ୍କ ମାନଙ୍କର ମନମୁଖୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସମୟରେ ସରକାର ମଧ୍ୟ ଡିବିଟି ମାଧ୍ୟମରେ ସମସ୍ତ ସରକାରୀ ଯୋଜନାରେ ଅର୍ଥ ପ୍ରଦାନ କରୁଛନ୍ତି।ଏମିତି ପରିସ୍ଥିତିରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଆଣିଛି ଏକ ବଡ଼ ପରିବର୍ତ୍ତନ।ସମସ୍ତ ସୁବିଧା ଯୋଗାଇ ଦେବା ସହ ଉତ୍ତମ ସେବା ଯୋଗାଇ ଦେବା ପାଇଁ ବଧପରୀକର ହୋଇଛି ଏୟାରଟେଲ।ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ମଧୁପୁର ଠାରେ ଏକ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଶାଖା କାର୍ଯ୍ୟାଳୟ ଖୋଲାଯାଇଛି। ରାଜ୍ୟ ମୁଖ୍ୟ ବିଶ୍ୱଜିତ ମହାପାତ୍ର ଆଜି ଆନୁଷ୍ଠାନିକ ଭାବେ ଫିତା କାଟି ମଧୁପୁର ଶାଖାଟିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆୟୋଜିତ ସଭାରେ ପୂର୍ଣ୍ଣଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ କନିକାପଡା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ଯେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଉଦଘାଟନ କରିଥିଲେ।ସଂମ୍ମାନିତ ଅତିଥି ରୂପେ ଦଶରଥପୁର ବ୍ଲକ ବିଜେପି ୬ନମ୍ବର ଜୋନ ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ଏୟାରଟେଲ ଡିଷ୍ଟ୍ରିବୁଟର ମୁଖ୍ୟ ତୋଫାନ ସେନାପତି, ଜୋନାଲ ମ୍ୟାନେଜର ଅଜୟ କୁମାର ମୁଦୁଲି, ସିଜିଓ ଅମୂଲ୍ୟ କୁମାର ସାହୁ, ଜେଡଟିଏମ ଅରବିନ୍ଦ ବିଶ୍ୱାଳ, କନିକାପଡା ମହାସଂଘର ସଭାନେତ୍ରୀ ରଞ୍ଜୁଲତା ଦାସ, ସମ୍ପାଦିକା ଚୁମୁକିଲତା ମଲ୍ଲିକ, ସିଆରପି ପିଙ୍କିଲତା ଜେନା, ସଂଘମିତ୍ରା ସାମଲ ଯୋଗଦେଇଥିବା ବେଳେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ମଧୁପୁର ଶାଖା ମୁଖ୍ୟ ପ୍ରସନ୍ନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ବେତନଟୀ, ୨୬।୩(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆନନ୍ଦବଜାର ହନୁମାନ ମନ୍ଦିର ପରିସରରେ ଆସନ୍ତା ନବରାତ୍ରି, ରାମନବମୀ, ହନୁମାନ ଜୟନ୍ତୀ ଓ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ତପନ କୁମାର ପରିଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ପ୍ରଥମେ ଗତ ବର୍ଷ ଆୟ ବ୍ୟୟର ହିସାବର ବିବରଣୀ ପ୍ରଦାନ କରାଯାଇଥିଲା। ତତସହିତ ଚଳିତବର୍ଷ କିପରି ଏହି ସବୁ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହିତ ସୁଚାରୁ ରୂପେ ପାଳନ ହୋଇପାରିବ ସେଦିଗରେ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୭ତାରିଖରୁ ମା ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହେଉ ଥିବା ବେଳେ ଏପ୍ରିଲ ୬ତାରିଖରେ ରାମନବମୀ ଉତ୍ସବ ପାଳନ ହେବ। ଏଥିସହିତ ମନ୍ଦିର ବାର୍ଷିକ ଉତ୍ସବ ତଥା ପଣାସଂକ୍ରାନ୍ତି ଏପ୍ରିଲ ୧୪ରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଆରମ୍ଭ ହେବା ସହ ଏପ୍ରିଲ ୧୫ ରେ କାର୍ଯ୍ୟକ୍ରମ ସଂକୀର୍ତ୍ତନ ସମାପନ ହେବା ସହିତ ବାବା ହନୁମାନଙ୍କୁ ନେଇ ବେତନଟୀ ବଜାର ପରିକ୍ରମା କରାଯିବା ନେଇ ନିଷ୍ପତି ନିଆଯାଇଥିଲା।

## ଖୁଲମଖୁଲ୍ଲା ଚାଲିଛି ପଲିଥିନ ବ୍ୟବହାର

# ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଯୋଜନା ବାଟବଣା

**ସୁବର୍ଣ୍ଣପୁର,୨୬।୩(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ପ୍ଲାଷ୍ଟିକ କ୍ୟାରି ବ୍ୟାଗ ଓ ପଲିଥିନ ଭଳି ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ରାଜ୍ୟ ସରକାର କିଛି ବର୍ଷ ତଳେ ଘୋଷଣା କରିଥିଲେ। ରାଜ୍ୟର ସମସ୍ତ ସହର ବଜାରରେ ଏହି ନିୟମ ଲାଗୁ କରାଯାଇଥିଲା। ନିୟମ ଖିଲାପକାରୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲ୍ଲାପାଳ, ବିଭିନ୍ନ ପ୍ରଶାସନିକ ଅଧିକାରୀ ପଲିଥିନ ବନ୍ଦ ପାଇଁ ଦାୟିତ୍ୱ ଗ୍ରହଣ କଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର କିଛି ଦିନ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ସୁବର୍ଣ୍ଣପୁର ପୌରପରିଷଦ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସ୍ଥାନରେ ଯଥା ହାଟ, ବଜାରରେ ପଲିଥିନ ବ୍ୟବହାର ନିଷେଧ ହେଲା। ବ୍ୟବସାୟୀ ପଲିଥିନ ବ୍ୟବହାର ଏକ ପ୍ରକାର ବନ୍ଦ କରି ଆସିଥିଲେ। କିଛି ଦିନ ମଧ୍ୟରେ ସବୁ କିଛି ବନ୍ଦ ହୋଇଗଲା। ସବୁ ଯୋଜନା ପରି ଏହି ଯୋଜନା ମଧ୍ୟ ତା ବାଟରେ ରହିଗଲା। ଏବେ ମନଇଛା ଓ ଖୁଲମଖୁଲ୍ଲା ନିଷେଧ ହୋଇଥିବା ପଲିଥିନ କୁ ବ୍ୟବହାର କରାଯାଉଛି।ନା ଅଛି ଚଢ଼ାଉ, ନା ଆଦାୟ ହେଉଛି ଜରିମାନା।ଜିଲ୍ଲାପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ, ବ୍ୟବସାୟୀ ଏହାର ଫାଇଦା ଉଠାଇ ଚାଲିଛନ୍ତି। ୨୦୧୯ଅକ୍ଟୋବର ୨ରୁ ରାଜ୍ୟ ସରକାର ଓଡିଶା ରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର କୁ ନିଷେଧ କଲେ। ପ୍ରଦୂଷଣ ପ୍ଲାଷ୍ଟିକ ବ୍ୟବହାରରେ ରୋକ ଲାଗିବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଗଲା। କପଡା କିମ୍ବା କାଗଜ ବ୍ୟାଗ ବ୍ୟବହାର କରିବାକୁ ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟି କରାଗଲା। ସୁବର୍ଣ୍ଣପୁର ଜିଲ୍ଲାର ସଦରମହକୁମା ସାଙ୍ଗକୁ ବ୍ଲକର ବିଭିନ୍ନ ପଂଚାୟତରେ ମଧ୍ୟ ନିୟମ କଡାକଡି କରାଗଲା। କିଛି ଦିନ ଠିକ ଠାକ ଚାଲିଲା। ପରେ ବ୍ୟବସାୟୀ, ଦୋକାନୀ, ଗ୍ରାହକ ସମସ୍ତେ ଏହି ନିୟମକୁ ଫୁ କରିଦେଲେ। ଏବେ ସୋନପୁର ବଜାରରେ ବହୁଳ ମାତ୍ରାରେ ପଲିଥିନ ବ୍ୟବହାର କରାଯାଉଛି। ପାଉଚ ପାଣି ମଧ୍ୟ ଉପଲବ୍ଧ ହେଉଛି। କାହାରି ଭିତରେ ଏଥି ପ୍ରତି ସାମାନ୍ୟ ସଚେତନତା ଦେଖିବାକୁ ମିଳୁନାହିଁ। ନିୟମ ମୁତାବକ ୫୦ମାଇକ୍ରୋନ ତଳକୁ ପଲିଥିନ ବ୍ୟବହାର କ୍ଷତି କାରକ। ଏହା ପରିବେଶ ଉପରେ ସାଙ୍ଘାତିକ ପ୍ରଭାବ ପକାଏ। ହେଲେ ସୋନପୁର ବଜାରରେ ୨୦ରୁ୩୦ମାଇକ୍ରୋନ ମୋଟେଇର ପଲିଥିନ ବ୍ୟବହାର କରାଯାଉଛି। ଏହା ସୋନପୁର ମୁଖ୍ୟ ବଜାର ଓ ସାପ୍ତାହିକ ହାଟ ସମେତ ବଜାରରେ ଥିବା ଆମିଷ, ପରିବା ବଜାର ସମେତ ତେଜରାତି, ଜଳଖିଆ ଦୋକାନରେ ନିଷେଧ ହୋଇଥିବା ପଲିଥିନ ଖୁଲମ ଖୁଲ୍ଲା ବ୍ୟବହାର କରାଯାଉଛି। ବହୁ ଗ୍ରାହକ ମଧ୍ୟ କଳା ପଲିଥିନରେ ଗରମ ଖାଦ୍ୟ ପଦାର୍ଥ ନେଉଥିବା ଦେଖିବାକୁ ମିଳୁଛି। ବର୍ଜ୍ୟବସ୍ତୁ କୁ ପୁନଃ ପଦ୍ଧତିରେ କଳା ପଲିଥିନ ତିଆରି କରାଯାଏ। ଏହି ପଲିଥିନରେ ଖାଦ୍ୟ ପଦାର୍ଥ ନେଇ ଖାଇଲେ ତାହା ଦେହ ପାଇଁ ବହୁ କ୍ଷତିକାରକ ବୋଲି ଡାକ୍ତର ଙ୍କ ମତ। ହେଲେ ସୁବର୍ଣ୍ଣପୁର ଜିଲ୍ଲା ବିଭିନ୍ନ ସ୍ଥାନରେ ଏହି ପଲିଥିନ ବହୁଳ ଭାବେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଏହା ବାଦ ଫିଙ୍ଗା ଯାଉଥିବା ପଲିଥିନ କୁ ଗାଈ ଗୋରୁ ଗିଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାରମ୍ବାର ପରିବେଶବିତ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ତରଫରୁ ଚଢ଼ାଉ ନାହିଁ। ନିୟମିତ ଯାଞ୍ଚ କରାଗଲେ ବ୍ୟବସାୟୀ ଙ୍କ ସମେତ ଗ୍ରାହକ ମାନେ ସଚେତନ ହୋଇ ପାରନ୍ତେ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ନିୟମିତ ଯାଞ୍ଚ କରି ପଲିଥିନ ବ୍ୟବହାରକାରୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇ।




## ଘରୋଇ ହସ୍ପିଟାଲରେ ନବଜାତ ଶିଶୁକନ୍ୟାର ମୃତ୍ୟୁ

● ଥାନାରେ ଅଭିଯୋଗ ଚିକିତ୍ସା ଅବହେଳା ରୁ ନବଜାତ ଶିଶୁ ମୃତ୍ୟୁ



**କାକଟପୁର/ଅସ୍ତରଙ୍ଗ,୨୬।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଅଞ୍ଚଳ ରେ ଏକ ଘରୋଇ ହସ୍ପିଟାଲ ରେ ନବଜାତ ଶିଶୁକନ୍ୟାର ମୃତ୍ୟୁ ନେଇ ଥାନାରେ ଅଭିଯୋଗ। ଗତ ଶନିବାର ଦିନ ପୂର୍ବାହ୍ନ ୧୧ଘଟିକା ସମୟରେ ଅସ୍ତରଙ୍ଗ ବେଗୁନିଆବସ୍ତ ଗ୍ରାମର ରଞ୍ଜନ ସ୍ୱାଇଁ ପତ୍ନୀ ପ୍ରସୂତି ଥିବା ବେଳେ ଶ୍ରୀସାଇ ହସ୍ପିଟାଲ ରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡକ୍ଟର ସିଜରିଙ୍କ ମାଧ୍ୟମରେ ଅପରେସନ କରାଇଥିଲେ। କିନ୍ତୁ ନବଜାତ ଶିଶୁ କନ୍ୟା ହୋଇଥିବା ବେଳେ ଚିକିତ୍ସା ରେ ଅସୁବିଧା ହେତୁ ମଙ୍ଗଳବାର ଦିନ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଛି ବୋଲି କାକଟପୁର ଥାନାରେ ଅଭିଯୋଗ ହୋଇଛି।କିନ୍ତୁ କାର୍ଡ ମାଧ୍ୟମରେ ଗରିବ ଲୋକ ଚିକିତ୍ସା ହୋଇଥିବା ବେଳେ କିନ୍ତୁ ଘରୋଇ ହସ୍ପିଟାଲ ରେ ବିଭିନ୍ନ ଆଳ ଦେଖାଇ ଗରିବ ଲୋକଙ୍କୁ ଶୋଷଣ କରି ଟଙ୍କା ସରିଯାଇଛି କହି ସଫେଇ ଦେଇଥିଲେ। କିନ୍ତୁ ସରକାର ସ୍ୱାସ୍ଥ୍ୟ ସେବା ଗୁରୁତ୍ୱ ଦେଉଥିବା ବେଳେ ଅନୁସାଙ୍ଗିକ ସୁବିଧା ନ ଥାଇ କାହିଁକି ମାଳ ମାଳ ଘରୋଇ ହସ୍ପିଟାଲ ଖୋଲା ଯାଉଛି ଜିଲ୍ଲାବିଭାଗୀୟ ଅଧିକାରି କାହିଁକି ଦୃଷ୍ଟି ଗୋଚର କରୁନାହାନ୍ତି। ଏ ନେଇ ସିଡ଼ିଏମଓ ରୂପଭାନୁ ମିଶ୍ର କହିଛନ୍ତି ଅଭିଯୋଗ ଆସିଲେ ଖୁବ ଶୀଘ୍ର ତଦନ୍ତ କାରୀ ଅଧିକାରୀ ପଠାଇ ତଦନ୍ତ କରାଯିବ। ଅନ୍ୟ ପଟେ ନବଜାତ ଶିଶୁ ମୃତ୍ୟୁ ନ୍ୟାୟ ଦାବୀ ରେ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକ।

## ମିଳୁନି ବର୍ଦ୍ଧିତ ଭତ୍ତା, ବ୍ଲକ୍ ଦୌଡ଼ି ଦୌଡ଼ି ହିତାଧିକାରୀ ହତାଶ



**ବିଞ୍ଝାରପୁର,୨୬।୩(ସଂଚାର ବ୍ୟୁରୋ):** ନିର୍ବାଚନ ପୂର୍ବରୁ ଭତ୍ତା ଟଙ୍କା ୩୫୦୦ ମିଳିବ ବୋଲି ବିଜେପି ଘୋଷଣା କରିଥିଲା କିନ୍ତୁ ସରକାର କୁ ଆସିଲା ପରେ ଏ ଘୋଷଣା କାଗଜ କଲମ ରେ ଅଟକି ଯାଇଛି। ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତ ରୁ ଅଧିକ ଭିନ୍ନକ୍ଷମ ମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କେବଳ କାଗଜ କଲମ ରେ ରହିଯାଇଥିବା ବେଳେ ବର୍ଦ୍ଧିତ ଭତ୍ତା ପାଇବାରୁ ହିତାଧିକାରୀ ମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।ହାତ ଗଣତି କେତେ ଜଣ ହିତାଧିକାରୀ ଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ଦେଇ ସରକାର ଚୁପ୍ ବସିଥିବା ବେଳେ ବ୍ଲକ୍ ଦୌଡ଼ି ହିତାଧିକାରୀ ହତାଶ ହେବା ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ଆଉଁରି ପଞ୍ଚାୟତ ର ଶ୍ରୀକ୍ଷେତ୍ର ସାହୁ, କାହ୍ନା ସେଠୀ, ସୁରେଶ ପାତ୍ରୀ ୮୦ ପ୍ରତିଶତ ରୁ ଅଧିକ ଭିନ୍ନକ୍ଷମ ହୋଇଥିଲେ ମଧ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେ ବାରମ୍ବାର ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କୁ ଆବଶ୍ୟକୀୟ କାଗଜ ପ୍ରଦାନ କରୁଥିଲେ ହେଁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ଆଣି ବିଞ୍ଝାରପୁର ବିଡିଓ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟ ପଟେ ୮୦ ପ୍ରତିଶତ ଭିନ୍ନକ୍ଷମ ମାନଙ୍କ ତାଲିକା ବିଭାଗୀୟ ଅଧିକାରୀ ଙ୍କ ନିକଟ କୁ ପଠା ଯାଇଛି। ମଞ୍ଜୁର ହେଲେ ପ୍ରଦାନ କରାଯିବ ବୋଲି କହିଛନ୍ତି ବିଞ୍ଝାରପୁର ବିଡ଼ିଓ। ତେବେ ସରକାର ଘୋଷଣା କରୁଛନ୍ତି କିନ୍ତୁ ହିତାଧିକାରୀ ଏ ଯୋଜନା ର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ କେବେ ହିତାଧିକାରୀ ମାନଙ୍କୁ ୩୫୦୦ ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ତାହା ଦେଖିବାକୁ ବାକି ରହିଲା।

## ସୋଆ ଭେଟେରିନାରି କଲେଜରେ ତାଲିମ ଶିବିର ଉଦ୍‌ଘାଟିତ



**ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଅଧିନସ୍ଥ ଭଟେରିନାରୀ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଭୋଟି), ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରି ସାଇନସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍)ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଦିନ ଆଇଭିଏସ୍‌ଏଏଚ୍ ପରିସରରେ ଏକ ୫ ଦିନିଆ ଏକ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୨ ଜଣ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞମାନଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ଏଥିରେ ପଶୁପକ୍ଷୀମାନଙ୍କ ମଧ୍ୟରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗ ନିରାକରଣ ଓ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଭିଏସ୍‌ଏଏଚ୍‌ର ଡିନ୍ ୍ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ତାଲିମ ଶିବିରର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭେଟେରିନାରି ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଭୋଟି)ର ଡେପୁଟି ଡାଇରେକ୍ଟର ଡାକ୍ତର ରାଜୀବ ଶର୍ମା ଯୋଗ ଦେଇ କହିଥିଲେ ଯେ ଆସିଷ୍ଟାନ୍‌ସ ଟୁ ଷ୍ଟେଟ୍ସ ଫର କଂଟ୍ରୋଲ ଅଫ୍ ଆନିମଲ୍ ଡିଜିଜେସ୍ (ଆସ୍କାଡ୍) ଅଧୀନରେ ଆଧୁନିକ ପଦ୍ଧତିରେ ପ୍ରାଣୀ ରୋଗର ସଠିକ୍ ଚିକିତ୍ସା ଏହି ଉଦ୍ୟମର ମୂଳ ଉଦ୍ଦେଶ୍ୟ। ସୋଆ ଆଇଭିଏସ୍‌ଏଏଚ୍‌ରେ ଥିବା ଅତ୍ୟାଧୁନିକ ଲାବୋରେଟୋରୀ, ପରୀକ୍ଷଣ କେନ୍ଦ୍ର, ଟେଷ୍ଟିଂ ଲାବୋରେଟୋରି ତାଲିମ ନିମନ୍ତେ ସାହାଯ୍ୟ କରିବ ବୋଲି ଡାକ୍ତର ଶର୍ମା କହିଥିଲେ।

## କୃଷି ସମବାୟ ସମିତି ସ୍ଥାନାନ୍ତର ବିବାଦର ସମାଧାନ ପାଇଁ ବୈଠକ



**ସୁବର୍ଣ୍ଣପୁର, ୨୬।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା କୃଷି ସମବାୟ ସମିତି ସ୍ଥାନ ସ୍ଥାନାନ୍ତର ବିବାଦ ର ସମାଧାନ ପାଇଁ ଆଜି ଅପରାହ୍ନ ୫ ଟା ସମୟ ରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ମାଝୀ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ବୈଠକ ଚାଷୀ ପ୍ରତିନିଧି ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଠାରେ ହେଇଥିବା ଜିଲ୍ଲାପାଳ ଅଭିଯୋଗ ପ୍ରକୋଷ୍ଠ ର ଏହି ଅଭିଯୋଗ ଉପରେ ଉପ ଜିଲ୍ଲାପାଳ ବୀରମହାରାଜପୁର ଏ ଡି ଏମ ମହୋଦୟ ଙ୍କୁ ଅବଗତ କରାଇଥିଲେ। ତା ପରେ ତହସିଲଦାର, ଉଲୁଣ୍ଡା, ଏ ଆର୍ ସି ଏସ ବୀରମହାରାଜପୁର, ଆର୍ ଏମ ସି ସେକ୍ରେଟାରୀ ଉଲୁଣ୍ଡା, ଆର୍ ଡି ବିଭାଗ ଯନ୍ତ୍ରୀ ଆଦି ଚାଷୀ ଙ୍କ ସମର୍ଥିତ ସ୍ଥାନ ରେ ପ୍ୟାକ୍ସ ନିର୍ମାଣ ର ଯଥାର୍ଥତା ଆଲୋଚନା କରିଥିଲେ। ଚାଷୀ ପ୍ରତିନିଧି ମାନେ ଏଠାରେ କାହିଁକି ପ୍ୟାକ୍ସ ହେବା ଦରକାର ସବୁ ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନ କରିଥିଲେ। ବ୍ଲକ୍ ହେଡ କ୍ୱାର୍ଟର ପଞ୍ଚାୟତ ଭିତରେ ହିଁ ୨ ଏକର ପରିମିତ ଜାଗା ରେ ଏହା ନିର୍ମାଣ ହେବା କଥା ବୋଲି ସମସ୍ତେ ସମ୍ମତି ପ୍ରକାଶ କରିଥିଲେ। ପ୍ୟାକ୍ସ ସଭାପତି ଓ ସଂପାଦକ ମଧ୍ୟ ଏଥିରେ ଆମର ଆପତ୍ତି ନାହିଁ ବୋଲି ପ୍ରକାଶ କରିଥିଲେ। ୨ ଦିନ ମଧ୍ୟରେ ଏହି ଜାଗା ଯୋଗାଇ ଦିଆଯାଇ ପେକ୍ସ ପାଇଁ ପ୍ରସ୍ତାବ ଶୀଘ୍ର ମଞ୍ଜୁର ହେବ ବୋଲି ଅଧିକାରୀ ମାନେ କହିଥିଲେ। ଏହାର ଖିଲାପୀ ହେଲେ ଚାଷୀ ନିଜ ସ୍ୱାର୍ଥ ରକ୍ଷା ପାଇଁ ଚରମ ପଦକ୍ଷେପ ନେବେ ବୋଲି ସବୁ ଚାଷୀ ପ୍ରତିନିଧି ଅଧିକାରୀ ମାନଙ୍କୁ ରୋକ୍ ଠୋକ୍ ଶୁଣାଇ ଦେଇଥିଲେ।

## ବିନା ପଞ୍ଜିକରଣରେ ସୁଧ କାରବାର କରୁଛନ୍ତି ସାହୁକାର

**କଳାହାଣ୍ଡି,୨୬।୩(ସଂଚାର ବ୍ୟୁରୋ):** ଗତ ଦୁଇ ବର୍ଷ ଧରି କରୋନା ମହାମାରୀ ଯୋଗୁଁ ଅନେକ ଗରିବ ଓ ମଧ୍ୟବିତ ପରିବାର ନିଜର ଜୀବିକା ହରାଇ ଘୋର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି।ଏହାର ସୁଯୋଗ ନେଇ କିଛି ଗ୍ରାମ୍ୟ ସାହୁକାର ଲକ୍ଷ ଲକ୍ଷ ଟଙ୍କାର ଅଗ୍ରିମ ଋଣ ପ୍ରଦାନ କରି ମୋଟା ଅଙ୍କର ସୁଧ କାରବାର କରୁଥିବା ର ଦେଖାଯାଉଛି।ଟଙ୍କା ଋଣ ଆବଶ୍ୟକ ଥିବା ବ୍ୟକ୍ତିଙ୍କୁ ସୁଧ ଆକାରରେ ଟଙ୍କା ଦେଉଥିବା ସାହୁକାର, ବିଭାଗୀୟ କର୍ତୃପକ୍ଷଙ୍କ ଠାରେ ପଞ୍ଜିକରଣ କରି ଆବଶ୍ୟକ ଅନୁମତି ନେବା ବାଧ୍ୟତାମୂଳକ।କିନ୍ତୁ କଳାହାଣ୍ଡି ଅଞ୍ଚଳର ୯୦%ରୁ ଉର୍ଦ୍ଧ୍ୱ ସାହୁକାର ପଞ୍ଜିକରଣ ନ କରି ନିଜର ବାହୁବଳ ପ୍ରୟୋଗ କରି ମନ ଇଛା ଋଣୀ ଙ୍କ ଠାରୁ ସୁଧ ଟଙ୍କା ଅସୁଲି କରୁଥିବା ଅଭିଯୋଗ ହେଉଛି।ଏପରିକି ମୂଳ ସୁଧ ଟଙ୍କା ଫେରାଇ ନ ପାରି ଅନେକ ଗରିବ ଓ ମଧ୍ୟବିତ ଶେଷରେ ତଳିତଳାନ୍ତ ହୋଇ ନିଜର ଭିଟା ମାଟିକୁ ବି ବିକ୍ରି କରି ଦେବାକୁ ବାଧ୍ୟ ହେଉଛନ୍ତି।ଏହାକୁ ନେଇ କଳାହାଣ୍ଡି ଜିଲ୍ଲା ର ସଚେତନ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଛି।ସୂଚନା ରୁ ପ୍ରକାଶ ଯେ, ଆଇନ ସିଦ୍ଧ କୌଣସି ବ୍ୟବସାୟିକ ବ୍ୟାଙ୍କ କିମ୍ବା ପଞ୍ଜିକୃତ ଅର୍ଥ ଲଗାଣ କାରି ସଂସ୍ଥା କୁ ଛାଡି ଅନ୍ୟ କୌଣସି ବ୍ୟକ୍ତି ଟଙ୍କା ନେଣ ଦେଣ କଲେ ସରକାରୀ ବିଦ୍ଧି ଆଇନ ବ୍ୟବସ୍ଥା ରହିଛି।ଏପରିକି ବ୍ୟକ୍ତି ଗତ ସ୍ତରରେ ଟଙ୍କା ନେଣଦେଣ ତଥା ସୁଧ ଟଙ୍କା ଗ୍ରହଣ ପାଇଁ (ଓଡିଶା ମନି ଲେଣ୍ଡର୍ସ)ଆକ୍ଟ ୧୯୩୯ ବିଧ ବଦ୍ଧ ଭାବେ କାର୍ଯ୍ୟକାରୀ କରାଯାଉଛି।ଏହି ଆଇନ ଅଧୀନରେ ୨୨ ନଭେମ୍ବର ୧୯୭୫ ଠାରୁ ଋଣ ଟଙ୍କା ଦେଉଥିବା ବ୍ୟକ୍ତି ବିଧବଦ୍ଧ ଭାବେ ପଞ୍ଜିକରଣ କରିବା ବାଧ୍ୟତା ମୂଳକ କରାଯାଇ ଉପ ନିବନ୍ଧକ ଙ୍କୁ ପଞ୍ଜିକରଣ ପ୍ରମାଣ ପତ୍ର ପ୍ରଦାନ ଅଧିକାରୀ ଭାବେ ସରକାର କ୍ଷମତା ପ୍ରଦାନ କରିଛନ୍ତି।ଏଥିପାଇଁ ଆବେଦନ କାରି ନିଜର ବିସ୍ତୃତ ସୂଚନା ଲିଖିତ ଭାବେ ଆବେଦନ କରିବା ସହ ଆବଶ୍ୟକ ସରକାରୀ ଦେୟ ବା ଫି ଦାଖଲ କରିବା ବ୍ୟବସ୍ଥା ରହିଛି।ପୂର୍ବରୁ ପଞ୍ଜିକରଣ ଅବଧି ଗୋଟିଏ ବର୍ଷ ଥିବା ବେଳେ ନୂତନ ସଂଶୋଧନ ଆଇନ ଓଡିଶା 'ମନି ଲେଣ୍ଡର୍ସ (ସଂଶୋଧନ )ଆକ୍ଟ ୧୯୮୦ ଅନୁଯାଇ ଏହି ଅବଧି ୫ ବର୍ଷକୁ ବୃଦ୍ଧି କରାଯାଇଛି।ଟଙ୍କା ଋଣ ଦେଉଥିବା ସାହୁକାର ସୁରକ୍ଷିତ ଋଣ ପାଇଁ ବାର୍ଷିକ ୯ %ଓ ଅସୁରକ୍ଷିତ ଋଣ ପାଇଁ ୧୨%ସୁଧ ଧାର୍ଯ୍ୟ କରାଯାଇଛି।ବିନା ପଞ୍ଜିକରଣ ରେ ଋଣ ଟଙ୍କା ଦେଉଥିବା ବ୍ୟକ୍ତି ଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି।କିନ୍ତୁ କଳାହାଣ୍ଡି ଜିଲ୍ଲା ରେ ଏହି ଆଇନର ଘୋର ବ୍ୟତିକ୍ରମ ହେଉଥିବା ଦେଖା ଯାଇଛି।ଫଳରେ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ର ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ର ତଥାକଥିତ ସାହୁକାର ବିନା ପଞ୍ଜିକରଣରେ ଲୋକଙ୍କୁ ବିବାହ, ଡାକ୍ତରୀ ଚିକିତ୍ସା ଖର୍ଚ୍ଚ ଭଳି ଜରୁରୀ କାଳିନ ସମୟରେ ଲକ୍ଷ ଲକ୍ଷ ଟଙ୍କା ଦେଇ ପରବର୍ତ୍ତୀ ସମୟରେ ମୂଳସୁଧ ଅସୁଲି କରି ସେମାନଂକୁ ତଳିତଳାନ୍ତ କରି ଦେଉଛନ୍ତି। ଏପରିକି ସୁଧ ବାର୍ଷିକ ଦେବାର ବ୍ୟବସ୍ଥା ରହି ଥିଲେ ମଧ୍ୟ ସାହୁକାର ମାସିକ ୧୦% ସୁଧ ଅସୁଲ କରୁଥିବା ଦେଖାଯାଉଛି।

## ମହିଳାଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୨୬।୩(ସଂଚାର ବ୍ୟୁରୋ):** ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚୌଧୁରୀ ଟିକରପଡ଼ା ଗ୍ରାମରେ ୨୦୨୩ ଜାନୁଆରୀ ୮ରେ ଜଣେ ଭିନ୍ନକ୍ଷମ ଯୁବତୀ ବିଷ୍ଣୁପ୍ରିୟା ସାହୁ(୩୮)ଙ୍କୁ ହତ୍ୟା କରାଯାଇଥିଲା। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଉକ୍ତ ହତ୍ୟା ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଥିବା ଚୌଧୁରୀ ଟିକରପଡ଼ା ଗ୍ରାମର ବିନୋଦ ଅଧିକାରୀଙ୍କ ସ୍ତ୍ରୀ ରୁବିତା(୪୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ଦେବାକୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ରାୟ ପ୍ରକାଶ ପରେ ରୁବିତା ଅଧିକାରୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉକ୍ତ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରୁବିତାଙ୍କ ସହଯୋଗୀ ତଥା ତାଙ୍କ ପ୍ରେମିକ ପଦ୍ମନ ସାହୁ(୪୨ )ଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏଡ଼ସ୍ ସଚେତନତା




**କଟକ,୨୬।୩(ସଂଚାର ବ୍ୟୁରୋ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ଏଡ଼ସ୍ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ଃ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଡ଼ସ୍ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ଯୁବ ରେଡ଼କ୍ରସ କାଉନ୍‌ସେଲର ସୁମିତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନେ ବକ୍ତୃତା, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ସ୍ୱେଚ୍ଛାସେବୀମାନଙ୍କୁ ମୁଖ୍ୟ ଅତିଥି ଡାକ୍ତର ସାହୁ ପୁରସ୍କାର ପ୍ରଦାନ କରିଥିଲେ। କାଉନ୍‌ସେଲର ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ ଅଶାନ୍ତିରୁ ଶିକ୍ଷକଙ୍କ ଆତ୍ମହତ୍ୟା ସନ୍ଦେହ

**ବୈଶିଙ୍ଗା,୨୬।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଡେଙ୍କୁଳିଗାଁ ଗ୍ରାମର ହାଡିବନ୍ଧୁ ସୋରେନଙ୍କ ଝୁଲନ୍ତା ମୃତଦେହ ବୁଧବାର ସକାଳ ୯ ଟା ସମୟରେ ଉଦ୍ଧାର କରାଯାଇଛି। ପୋଲିସ ସୂଚନା ମୁତାବକ ସିଙ୍ଗଡ଼ିହା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଚାକିରୀ କରୁଥିବା ହାଡିବନ୍ଧୁଙ୍କ ପାରିବାରିକ ଅଶାନ୍ତି ଯୋଗୁଁ ତାଙ୍କ ସ୍ତ୍ରୀ ଦେଢ଼ ବର୍ଷ ହେବ ନିଜ ବାପଘରକୁ ଚାଲିଯିବା ପରେ ହାଡିବନ୍ଧୁ ମାନସିକ ଚାପ ଗ୍ରସ୍ତ ହୋଇପଡ଼ିଥିଲେ। ମଙ୍ଗଳବାର ବିଳମ୍ବିତ ରାତି ସମୟରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ ଆରମ୍ଭ କରିଥିଲେ। ପରିବାର ଲୋକେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଲୁଗାପଟା ଫିଙ୍ଗି ଦେଇ ଉଲଗ୍ନ ଅବସ୍ଥାରେ ରାତି ଅଧରେ ଦୌଡି ପଳାଇଥିଲେ। ତେବେ ଆଜି ସକାଳ ନଅଟା ସମୟରେ ଘରଠାରୁ ତିନି କିଲୋମିଟର ଦୂରରେ ଥିବା ନିମଡିହା ଜଙ୍ଗଲରେ ଏକ ଗଛରେ ବେକରେ ଫାଶୀ ଲଗାଇ ଝୁଲି ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ ଗ୍ରାମବାସୀ। ଏ ସଂକ୍ରାନ୍ତରେ ମୃତକଙ୍କ ବାପା ଫାଗୁ ହାଁସଦାଙ୍କ ଏତଲା ମୂଳେ ବୈଶିଙ୍ଗା ଥାନାରେ ୧୩ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।